


# ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ
# ଓ ନୃସିଂହ ଗୁରୁଙ୍କ ଭୂମିକା

# ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ
# ଓ
# ନୃସିଂହ ଗୁରୁଙ୍କ ଭୂମିକା



"ପଶ୍ଚିମ ଓଡିଶାର ଗାନ୍ଧୀ" ନୃସିଂହ ଗୁରୁ



ଆବିର୍ଭାବ - ଫାଲ୍ଗୁନ ପୂର୍ଣ୍ଣିମା ୧୯୦୨

ତିରୋଧାନ - ବକୁଳ ଅମାବାସ୍ୟା ୧୯୮୪

ପ୍ରକାଶକ
**ନୃସିଂହ ଗୁରୁ ସ୍ମୃତି ସମିତି**
ମୁଡିପଡ଼ା, ସମ୍ବଲପୁର

N.G. TOWN HIGH SCHOOL
(GOVT.) SAMBALPUR

ପ୍ରକାଶକ
ନୃସିଂହ ଗୁରୁ ସ୍ମୃତି ସମିତି,ସମ୍ବଲପୁର
ପ୍ରଥମ ସଂସ୍କରଣ
ନଭେମ୍ବର ୨୦୦୩
ଡି.ଟି.ପି.
ପ୍ରଜ୍ଞା ସିଷ୍ଟମ ଏଣ୍ଡ ସଫଟ୍‌ୱେର,ସମ୍ବଲପୁର
ମୁଦ୍ରଣ
ଇମ୍ପ୍ରେସନ,ସମ୍ବଲପୁର
ମୂଲ୍ୟ - ଟ ୮୦/
(ଅଶୀ ଟଙ୍କା ମାତ୍ର)

**Publisher:**
Nrusingha Guru Smruti Samiti,Sambalpur
**First Edition:**
November ,2003
**D.T.P.**
Pragnya Systems and Software
**Printing**
Impression, Sambalpur
**Price:**Rs 80/-
(Rupees Eighty Only)

# ଅଗ୍ରଲେଖ

ଏହି ଛୋଟ ପୁସ୍ତକଟି ଦୁଇଟି ଉଦ୍ଦେଶ୍ୟ ନେଇ ଲେଖା ଯାଇଛି । ପ୍ରଥମତଃ ପଶ୍ଚିମ ଓଡ଼ିଶାର ଗାନ୍ଧିଜୀ ନାମରେ ପରିଚିତ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ବୃଦ୍ଧମନା ସମାଜ ସେବୀ, ଓ ନିରପେକ୍ଷ ସାମ୍ବାଦିକ ସ୍ୱର୍ଗତଃ ନୃସିଂହ ଗୁରୁଙ୍କ ଉଦ୍ଦେଶ୍ୟରେ ଏହା ଏକ ଶ୍ରଦ୍ଧା ଏବଂ ଭକ୍ତିର ଅର୍ଘ୍ୟରୂପେ ପରିକଳ୍ପିତ ହୋଇଛି । ଦ୍ୱିତୀୟତଃ ଏହି ଅବସରରେ ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମର ସ୍ୱରୂପ ସଂପର୍କରେ ସାଧାରଣ ପାଠକଙ୍କୁ ଏକ ସାଧାରଣ ଧାରଣା ଦେବା ପାଇଁ ଏଥିରେ ଉଦ୍ୟମ କରାଯାଇଛି । ଏହା ଗବେଷଣା ଗ୍ରନ୍ଥ ନୁହେଁ ବା ଗବେଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ।

କୌଣସି ସ୍ୱାଧୀନତା ସଂଗ୍ରାମୀର ଜୀବନୀର ଆଲୋଚନା ତିନୋଟି ପର୍ଯ୍ୟାୟରେ କରାଯାଇଥାଏ - ଆଦିପର୍ବ ବା ପ୍ରସ୍ତୁତି ପର୍ବ, ମଧ୍ୟମ ପର୍ବ ବା ସାଧନା ପର୍ବ ଏବଂ ଅନ୍ତିମ ପର୍ବ । ପ୍ରତ୍ୟେକଙ୍କର ଆଦ୍ୟ ଜୀବନ ଓ ଅନ୍ତିମ ଜୀବନ ବ୍ୟକ୍ତିଗତ ଓ ସ୍ୱତନ୍ତ୍ର, ମାତ୍ର ସଂଗ୍ରାମୀ ଜୀବନ ସମଷ୍ଟିଗତ ଓ ପରସ୍ପର ସହିତ ବନ୍ଧା ଅଟେ । ତେଣୁ ସେମାନଙ୍କ ଜୀବନର ମଧ୍ୟମ ପର୍ବ, ବା ସାଧନା ଜୀବନର ବର୍ଣ୍ଣନାରେ ବ୍ୟକ୍ତିଗତ ମୂଲ୍ୟାଙ୍କନ ନକରି ପରସ୍ପରର ସହଯୋଗରେ ସେମାନଙ୍କ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମର ସମୀକ୍ଷା ଅବାନ୍ତର ବା ଅଯୌକ୍ତିକ ନୁହେଁ । ଏହି ଦୃଷ୍ଟିରୁ ମୁଁ ନୃସିଂହ ଗୁରୁଙ୍କ ଜୀବନୀ ଆଲୋଚନାର ମଧ୍ୟମ ପର୍ବ, ସମ୍ବଲପୁରରେ ସ୍ୱାଧୀନତା ଆନ୍ଦୋଳନର ଇତିହାସ ରୂପେ ଉପସ୍ଥାପନ କରିଛି ।

ମୁଁ ୧୯୭୬ ରୁ ୧୯୮୦ ପର୍ଯ୍ୟନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶାର ଇତିହାସ ଓ ସଂସ୍କୃତିର ସଂକଳନ ଦାୟିତ୍ୱରେ ଅବସ୍ଥାପିତ ଥିଲି । ସେହି ସମୟରୁ ଏହି ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମର ପୂର୍ଣ୍ଣାଙ୍ଗ ଇତିହାସ ଲେଖିବା ପାଇଁ ମୋର ବ୍ୟକ୍ତିଗତ ଇଚ୍ଛା ଥିଲା ଏବଂ ସେଥିପାଇଁ ମୁଁ କେତେକ ତଥ୍ୟ ସଂଗ୍ରହ କରି ରଖିଥିଲି । ମାତ୍ର ଅନେକ କାରଣରୁ ଏହି ଇଚ୍ଛା ପୂରଣ ହୋଇ ପାରିଲା ନାହିଁ ଏବଂ ସଂଗୃହୀତ ତଥ୍ୟରୁ ଅଧିକାଂଶ କ୍ରମେ ମୋତେ

ହରାଇବାକୁ ପଡ଼ିଲା । ଏହାର ଦୀର୍ଘ ୨୫ ବର୍ଷ ପରେ ନୃସିଂହ ଗୁରୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଲବ୍ଧ ପ୍ରତିଷ୍ଠ ଶିକ୍ଷାବିତ୍ ବନ୍ଧୁ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏବଂ ପ୍ରବୀଣ ସାମ୍ବାଦିକ ଭାଇ ଶ୍ରୀ ହେମନ୍ତ କୁମାର ମହାପାତ୍ର ଗୁରୁଜୀଙ୍କ ଜୀବନୀ ସମ୍ପର୍କରେ ଓଡ଼ିଆ ଭାଷାରେ ଏକ ପୁସ୍ତକ ସାଧାରଣ ପାଠକଙ୍କ ପାଇଁ ଲେଖିବା ସକାଶେ ମୋତେ ଏକ ପ୍ରକାର ବାଧ କଲେ । ମୁଁ ସେମାନଙ୍କର ଅବାଧ ହୋଇ ପାରିଲି ନାହିଁ । ଏହା ଫଳରେ ଅନେକ ଦିନ ତଳେ ହଜି ଯାଇଥିବା ମୋର ଏକ ଆଶାର ଆଂଶିକ ଉଦ୍ଧାର ହୋଇପାରିଛି ବୋଲି ମୁଁ ଆନନ୍ଦିତ ।

ଶ୍ରୀ ଅରବିନ୍ଦ ମହାପାତ୍ର ପୁସ୍ତକଟିର ପ୍ରକାଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ଏହାର ପ୍ରୁଫ୍ ସତର୍କତାର ସହ ସଂଶୋଧନ କରିଛନ୍ତି । ତେଣୁ ତାଙ୍କୁ ମୁଁ ଧନ୍ୟବାଦ୍ ଅର୍ପଣ କରୁଛି । ନୃସିଂହ ଗୁରୁ ସ୍ମୃତି ସମିତି ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ ସେହି ପବିତ୍ର ସଂସ୍ଥାର ପ୍ରତ୍ୟେକ ସଦସ୍ୟଙ୍କୁ ଧନ୍ୟବାଦ୍ ଜଣାଉଛି ।

**ଯଜ୍ଞ କୁମାର ସାହୁ**
ଈଶାବାସ୍ୟମ୍
ବରପାଲୀ

## ନୃସିଂହ ଗୁରୁ ଓ ପୁସ୍ତକ ସଂପର୍କରେ
## ଡକ୍ଟର ପ୍ରଫୁଲ୍ଲ କୁମାର ପତିଙ୍କ ମତାମତ



ଶୈଶବାବସ୍ଥାରୁ ମୁଁ ଶ୍ରୀ ନୃସିଂହ ଗୁରୁଙ୍କୁ ଜାଣେ । ତାଙ୍କର ଜୀବନୀ ଲୋକମୁଖରୁ ଶୁଣି ମୁଁ ପ୍ରେରଣା ଲାଭ କରିଛି । ତେଣୁ ଯେତେବେଳେ "ନୃସିଂହ ଗୁରୁ ସ୍ମୃତି ସମିତି"ର ସଭ୍ୟମାନେ ବିଶେଷତଃ ସଂପାଦକ ଶ୍ରୀ ହେମନ୍ତ କୁମାର ମହାପାତ୍ର ଏହି ସଂସ୍ଥାର ସଭାପତି ହେବାପାଇଁ ମୋତେ ଅନୁରୋଧ କଲେ ମୁଁ ଏହା ମୋର ଏକ ସୌଭାଗ୍ୟ ବୋଲି ଭାବିଲି ଏବଂ ଆଗ୍ରହ ସହିତ ଏହି ପ୍ରସ୍ତାବରେ ସମ୍ମତି ଦେଲି । ମୁଁ ଜୀବନରେ ବିଶେଷ କିଛି କରି ପାରିନାହିଁ । କିନ୍ତୁ ଯାହାବି କରିଛି, ତା ମଧ୍ୟରେ ଏହି ସମିତିର ସଭାପତି କାର୍ଯ୍ୟ ସଂପାଦନା କରିବା ମୋ ପକ୍ଷରେ ସର୍ବାପେକ୍ଷା ଅଧିକ ଉଲ୍ଲେଖନୀୟ ଘଟଣା । ଶ୍ରୀ ମହାପାତ୍ର ଓଡିଶାର ସର୍ବତ୍ର ଶ୍ରୀ ନୃସିଂହ ଗୁରୁଙ୍କୁ ସମସ୍ତେ ଜାଣନ୍ତୁ ଏବଂ ତାଙ୍କର ଗାନ୍ଧିବାଦୀ ଚିନ୍ତାଧାରା ଓ କାର୍ଯକଳାପ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ପ୍ରସାରିତ ହେଉ ଏହି ଲକ୍ଷ୍ୟ ସମ୍ମୁଖରେ ରଖି ସମିତି ଦ୍ୱାରା ବ୍ରହ୍ମପୁର ଠାରୁ ଆରମ୍ଭ କରି ରାଉରକେଲା ପର୍ଯ୍ୟନ୍ତ ଏବଂ କଳାହାଣ୍ଡିରୁ ଆରମ୍ଭ କରି ଦେବଗଡ଼ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନୃସିଂହ ଗୁରୁଙ୍କ ଜନ୍ମଶତବାର୍ଷିକୀ ଉତ୍ସବ ପାଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କଲେ । ସମିତିର ସଭ୍ୟମାନେ ଆଗ୍ରହ ସହକାରେ ପ୍ରାୟ ପ୍ରତ୍ୟେକ ସ୍ଥାନକୁ ଯାଇ ଶ୍ରୀ ନୃସିଂହ ଗୁରୁଙ୍କ ଜୀବନୀ ପର୍ଯ୍ୟାଲୋଚନା ମାଧ୍ୟମରେ ଶିକ୍ଷିତ ସମାଜ ତଥା ଜନସାଧାରଣଙ୍କୁ ଶ୍ରୀ ଗୁରୁଙ୍କ ଜୀବନୀ ତଥା କାର୍ଯ୍ୟକଳାପ ସମ୍ପର୍କରେ ଅବହିତ କଲେ ।ଏହି ଯୋଜନାରେ ସ୍ଥାନୀୟ ଲୋକ ତଥା ସରକାରୀ ଅଫିସରମାନେ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କଲେ । ବର୍ତ୍ତମାନ ଆମେ ସନ୍ତୁଷ୍ଟ ଯେ,ଶ୍ରୀ ଗୁରୁଙ୍କୁ ନେଇ ଆମେ ଜନମାନସକୁ ବିଶେଷତଃ ଯୁବ ସମାଜକୁ ଉତ୍ସାହିତ କରିପାରିଛୁ । ମୋ ମତରେ ଆମର ଏହି ଅଭିଯାନ ସଫଳ ହୋଇଛି । ଆମର ଅନୁରୋଧ ରକ୍ଷାକରି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ମାଧବ ଚନ୍ଦ୍ର ଦାଶଙ୍କ ପ୍ରଚେଷ୍ଟାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇଂରାଜୀରେ ଇତିହାସ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ମିଶ୍ରଙ୍କ ଦ୍ୱାରା ରଚିତ "Nrusingh Guru-the freedom fighter"

ଶିରୋନାମାରେ ଏକ ଉପାଦେୟ ପୁସ୍ତକ ପ୍ରକାଶ ପାଇଛି । କିନ୍ତୁ ଏଥିରେ ମୋ ମନ ମାନିଲା ନାହିଁ । ଅଳ୍ପ ବୟସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃସିଂହ ଗୁରୁଙ୍କ ଜୀବନର ବାର୍ତ୍ତା ଯେପରି ପହଞ୍ଚି ପାରିବ ସେଥିପାଇଁ ବିଦ୍ୟାଳୟ ଛାତ୍ରମାନଙ୍କର ସ୍ତରରେ ଏକ ଓଡ଼ିଆ ପୁସ୍ତକ ଲେଖା ହେଉ ବୋଲି ମୋର ଇଚ୍ଛା ସମିତିର ସଭ୍ୟମାନଙ୍କୁ ଜଣାଇଲି । ଶ୍ରୀ ମହାପାତ୍ର ମୋର ଏହି ଇଚ୍ଛାକୁ ମଧ୍ୟ ସଫଳ କରାଇ ପାରିଛନ୍ତି । ଆମର ଅନୁରୋଧକୁ ରକ୍ଷା କରି ଇତିହାସ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଯଜ୍ଞ କୁମାର ସାହୁ "ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଓ ନୃସିଂହ ଗୁରୁଙ୍କ ଭୂମିକା" ପୁସ୍ତକ ରଚନା କରିଥିବାରୁ ତାଙ୍କୁ ମୋର ଏବଂ ସମିତି ତରଫରୁ ତଥା ଓଡ଼ିଶାର ଜନସାଧାରଣଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି । ପ୍ରଖ୍ୟାତ ଫରାସୀ ଐତିହାସିକ Taine କହିଛନ୍ତି,ତାହା ହେଉଛି ପ୍ରକୃତ ଇତିହାସ ଯାହା man,milieu and moment ଏହି ତ୍ରିକୋଣକ୍ଷେତ୍ରକୁ ସମନ୍ୱୟ ଆଣିବାରେ ଏବଂ ଏହା ଯେ ଆବିଷ୍କାର କରିପାରେ ଯେ ସମର୍ଥ ହେବ ସେ ହେଉଛି ପ୍ରକୃତ ଐତିହାସିକ । ମୁଁ ସନ୍ତୁଷ୍ଟ ଯେ ,ଡକ୍ଟର ସାହୁ ଏହି ପୁସ୍ତକରେ ଏକଥା କେବଳ ଆବିଷ୍କାର କରିନାହାଁନ୍ତି ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍ କାଳରେ ଗାନ୍ଧିଜୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଭାରତବର୍ଷ ଯେଉଁ ସୁବର୍ଣ୍ଣଯୁଗ ସ୍ଥାପନ କରିବାରେ ସମର୍ଥ ହୋଇଥିଲା ଏବଂ ଶ୍ରୀଗୁରୁ ଓଡ଼ିଶାରେ ସେହିଯୁଗର ପ୍ରସାର ଦିଗରେ ଯାହା ସବୁ କରିଥିଲେ ସେ କଥା ଲୋକଲୋଚନକୁ ଆଣିଛନ୍ତି । ସେଥିପାଇଁ ଏହି ପୁସ୍ତକ ପ୍ରତି ବିଶେଷ ଭାବରେ ସୃଷ୍ଟ ହୋଇଛି । ଇଂରାଜୀ ଦାର୍ଶନିକ ଓ ଐତିହାସିକ Carlyle କହିଛନ୍ତି ଯେ, ଇତିହାସ ହେଉଛି ବଡଲୋକ ଅର୍ଥାତ୍ ଯେଉଁମାନେ ନିଜର କୃତୀଦ୍ୱାରା ମାନବଜାତିର ଅଗ୍ରଗତିରେ ସହାୟକ ହୋଇଅଛନ୍ତି ସେମାନଙ୍କର ଜୀବନୀର ଏକ ସମାହାର । ଏହି ଉକ୍ତି ଗାନ୍ଧିଜୀଙ୍କ ପ୍ରତି ପୂର୍ଣ୍ଣମାତ୍ରାରେ ପ୍ରଯୁଜ୍ୟ । ସେ ନିଜର ଚିନ୍ତା ଓ କାର୍ଯ୍ୟମାଧ୍ୟମରେ ଅହିଂସା ପ୍ରଣାଳୀରେ ଆନ୍ଦୋଳନ କରି ଭାରତକୁ ସ୍ୱାଧୀନ କରାଇ ପାରିଲେ,ଏକଥା ଯେ ସମ୍ଭବହେବ ଆଗରୁ କେହି ଚିନ୍ତା ମଧ୍ୟ କରିପାରି ନଥିଲେ । କିନ୍ତୁ ଏହାଠାରୁ ଆହୁରି ଏକ ବଡ ଜିନିଷ ହେଲା ଯେ, ଗାନ୍ଧିଜୀଙ୍କ ଦର୍ଶନ ମାନବସଭ୍ୟତାର ବିବର୍ତ୍ତନରେ ଏକ ନୂତନ ଆଲୋକର ଶିଖା ପ୍ରଜ୍ୱଳିତ କଲା ଅର୍ଥାତ୍ ଶତ୍ରୁକୁ ଭଲ ପାଇବା, କୌଣସି ମିଥ୍ୟା କାର୍ଯ୍ୟ କରିବା ନାହିଁ ଏବଂ ଏହି ପ୍ରଣାଳୀରେ ଶତ୍ରୁର ହୃଦୟ ଜୟ କରିବା ଏବଂ ଜନମାନସରେ ଏକ ନୂତନ ଭାବରେ ଆଲୋକ ସଂପ୍ରସାରିତ କରିବା ଏହି ବାର୍ତ୍ତା ଦେଇ ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ ପାଇଁ ଏକ ନୂତନ ଦ୍ୱାର ଉନ୍ମୋଚନ କଲେ । ଶ୍ରୀ ନୃସିଂହଗୁରୁ ଅବଶ୍ୟ ଗାନ୍ଧିଜୀଙ୍କ ପରି ଆଦର୍ଶ ଓ ଚିନ୍ତାର ଶୀର୍ଷକୁ ଉଠିପାରିନାହାନ୍ତି । ଏହା ସମସ୍ତଙ୍କ ପକ୍ଷରେ ସମ୍ଭବପର ମଧ୍ୟ ନୁହେଁ । ଆଇନଷ୍ଟାଇନ୍ ତ ଗୋଟିଏ ଖାଣ୍ଟି କଥା କହିଛନ୍ତି କେତେଦିନପରେ ଲୋକେ ବିଶ୍ୱାସ କରିବେ ନାହିଁ ଯେ, ଗାନ୍ଧିଙ୍କ ପରି ନରଦେହ ଧାରୀ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ବିଚରଣ କରୁଥିଲା । ନୃସିଂହଗୁରୁ ଗାନ୍ଧିଜୀଙ୍କୁ ତାଙ୍କର ଗୁରୁ ହିସାବରେ ପୂର୍ଣ୍ଣପ୍ରାଣରେ ଗ୍ରହଣ କରି ଏବଂ ଧ୍ରୁବତାରା ସଦୃଶ ତାଙ୍କର ଜୀବନୀକୁ ସମ୍ମୁଖରେ ରଖି ନିଜର ଜୀବନତରୀ ବିନା ଦ୍ୱିଧାରେ ଚାଳନ କଲେ । ଭାରତ ବର୍ଷରେ ତଥା ପୃଥିବୀରେ ଗାନ୍ଧିଜୀଙ୍କ ଅନୁଗାମୀ ଓ ଶିଷ୍ୟ ବହୁ ସଂଖ୍ୟାରେ ଅଛନ୍ତି । କିନ୍ତୁ ମୁଁ ତ କହିବି ଯେ, ଶ୍ରଦ୍ଧା ଓ ଭକ୍ତି ସହିତ ପୂର୍ଣ୍ଣପ୍ରାଣରେ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରି ଜୀବନର ସମସ୍ତ ସ୍ୱାର୍ଥ ଗାନ୍ଧିଜୀଙ୍କ ପାଖରେ ସମର୍ପଣ କରିବା ଏବଂ ତାଙ୍କର କାର୍ଯ୍ୟପନ୍ଥା ଅନୁସରଣ କରି ସମସ୍ତ ପ୍ରକାର ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିବା, ଯଦି ଏହି ସବୁ ଗୁଣ ଗାନ୍ଧିଜୀଙ୍କର ଶିଷ୍ୟମାନଙ୍କର ପରିମାପକ ହୁଏ, ତେବେ ସେମାନଙ୍କ ମଧ୍ୟରେ ଶ୍ରୀ ନୃସିଂହଗୁରୁ ଏକ ଶୀର୍ଷସ୍ଥାନ ଅଧିକାର କରିବେ । ଅଧ୍ୟାପକ ସାହୁ ନୃସିଂହ ଗୁରୁଙ୍କ ଜୀବନର ଏହି ସମସ୍ତ ଦିଗ ସହଜସରଳ ଭାଷାରେ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି । ଏଣୁ ମୁଁ ନିଶ୍ଚିତ ଯେ, ଏହି ପୁସ୍ତକ ପ୍ରତ୍ୟେକ ପାଠକର ହୃଦୟ ଗ୍ରାହୀ ହେବ । ଆମେ ସମିତିର ସଭ୍ୟମାନେ ପ୍ରକୃତରେ ସୁଖୀ ଯେ ଆମ୍ଭେମାନେ ଓଡିଆ ପାଠକ ମାନଙ୍କୁ ଏପରି ପୁସ୍ତକଟିଏ ଉପହାର ଦେବାରେ ସମର୍ଥ ହୋଇଛୁ ।

ଡକ୍ଟର ପ୍ରଫୁଲ୍ଲ କୁମାର ପତି
ପୂର୍ବତନ କୁଳପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ସଭାପତି,ନୃସିଂହ ଗୁରୁ ସ୍ମୃତି ସମିତି, ସମ୍ବଲପୁର

# ପ୍ରକାଶକଙ୍କ କଲମରୁ

ଓଡିଶା ଇତିହାସରେ ପଶ୍ଚିମ ଓଡିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇ ନଥିବାରୁ ନୃସିଂହ ଗୁରୁ ତଥା ଏ ଅଞ୍ଚଳର ବରପୁତ୍ରମାନଙ୍କର ସ୍ୱାଧୀନତା ସଂଗ୍ରାମରେ ଥିବା ଅବଦାନ ସଂପର୍କରେ ଏକ ପୁସ୍ତକ ରଚନା କରିବାକୁ ଲବ୍ଧ ପ୍ରତିଷ୍ଠିତ ଐତିହାସିକ ଡକ୍ଟର ଯଜ୍ଞ କୁମାର ସାହୁଙ୍କୁ ବହୁଦିନରୁ ଅନୁରୋଧ କରି ଆସିଥିଲି । ମାତ୍ର ନୃସିଂହ ଗୁରୁଙ୍କ ଉପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇଂରାଜୀରେ ଏକ ପୁସ୍ତକ ପ୍ରକାଶ କରି ସାରିଥିବାରୁ ପୁଣି ତାଙ୍କ ବାବଦରେ ସେ ଅନ୍ୟ ଏକ ପୁସ୍ତକ ଲେଖିବାକୁ କୁଣ୍ଠାବୋଧ ପ୍ରକାଶ କରିଥିଲେ । ଓଡିଶାର ଅନ୍ୟତମ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବରେ ତାଙ୍କୁ ସାମିଲ କରି ମୋର ବ୍ୟତୀତ କମିଟିର ଅନ୍ୟ କର୍ମକର୍ତ୍ତାମାନେ ମଧ ମୋର ଅନୁରୋଧକୁ ବାରମ୍ବାର ସେମାନେ ଦୋହରାଇବାରୁ ଏବଂ ସେ ଲେଖିବା ପୁସ୍ତକକୁ " ନୃସିଂହ ଗୁରୁ ସ୍ମୃତି ସମିତି "ପ୍ରକାଶ ଦାୟିତ୍ୱ ନେବାର ନିର୍ଭର ପ୍ରତିଶ୍ରୁତି ଦେବାପରେ ଡକ୍ଟର ସାହୁଙ୍କ ମନ ପରିବର୍ତ୍ତନ ହୋଇଥିଲା ଏବଂ ଶେଷରେ ସେ ଲେଖିବା ପାଇଁ ରାଜି ହୋଇଥିଲେ । ଏହି ପୁସ୍ତକ ପ୍ରକାଶ ପାଇଁ ସମିତିର ସଭାପତି ବର୍ଷୀୟାନ୍ ଶିକ୍ଷାବିତ୍ ଡକ୍ଟର ପ୍ରଫୁଲ୍ଲ କୁମାର ପତିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ବିଶେଷ ଆଗ୍ରହ ପ୍ରକାଶ ସାଙ୍ଗକୁ ଡକ୍ଟର ଆଦିତ୍ୟ ପ୍ରସାଦ ପାଢୀ ପାଞ୍ଚ ହଜାର ଟଙ୍କା ଆର୍ଥିକ ସାହଯ୍ୟ ମଧ ଯୋଗାଇ ଦେଇଥିବାରୁ ଏହା ସମ୍ଭବ ହୋଇ ପାରିଛି । ଡକ୍ଟର ସାହୁଙ୍କ ଲେଖା ଡି.ଟି.ପି. ହେବା ପରେ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ର ଏହି ପୁସ୍ତକଟି ଯେପରି ନିର୍ଭୁଲ ହେବ ସେଥିପାଇଁ ପରିଣତ ବୟସରେ ମଧ ଅକ୍ଳାନ୍ତ ପରିଶ୍ରମ କରି ସଂଶୋଧନ କରିଥିବାରୁ ତାଙ୍କ ନିକଟରେ ସ୍ମୃତ ସମିତି ଚିର କୃତଜ୍ଞ । ସର୍ବୋପରି ଡି.ଟି.ପି. କରିଥିବା ପ୍ରଜ୍ଞା ସିଷ୍ଟମସ୍ ଏଣ୍ଡ ସଫ୍ଟୱେର,ମୁଦ୍ରଣ କରିଥିବା ଇମପ୍ରେସନ ଓ ପ୍ରଛଦପଟ ପ୍ରସ୍ତୁତ କରିଥିବା ଗୌରାଙ୍ଗ ମିଶ୍ରଙ୍କୁ ମଧ ଧନ୍ୟବାଦ ଜଣାଉଛି । ଏହି ପୁସ୍ତକରେ ଥିବା ବିଭିନ୍ନ ତଥ୍ୟ ଭବିଷ୍ୟତ ବଂଶଧର ମାନଙ୍କୁ ତାଙ୍କର ପୂର୍ବସୂରୀ ମାନଙ୍କୁ ଜାଣିବା ପାଇଁ ବିଶେଷ ସହାୟକ ହେବ ବୋଲି ଆଶା କରୁଛି ।

ହେମନ୍ତ କୁମାର ମହାପାତ୍ର

ସଂପାଦକ, ନୃସିଂହ ଗୁରୁ ସ୍ମୃତି ସମିତି

# ଅଭିମତ

ନୃସିଂହ ଗୁରୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଓଡ଼ିଆ ଜାତି ପାଇଁ ତାଙ୍କର ଅବଦାନ ଲିପିବଦ୍ଧ କରିବା ପାଇଁ ମୁଁ ଡକ୍ଟର ଯଜ୍ଞ କୁମାର ସାହୁଙ୍କୁ ଅନୁରୋଧ କରିଥିଲି । ସୌଭାଗ୍ୟ ବଶତଃ ଡଃ ସାହୁ ମୋର ଅନୁରୋଧ ରକ୍ଷାକରି ନୃସିଂହ ଗୁରୁଙ୍କ ଆଦ୍ୟ ଜୀବନ ଓ ପରିଚୟ, ସ୍ୱାଧୀନତା ସଂଗ୍ରାମ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ସମାଜ ସଂସ୍କାର କାର୍ଯ୍ୟକ୍ରମ ତଥା ନିଷ୍କାମ କର୍ମମୟ ଜୀବନ ଉପରେ ସୁନ୍ଦର ଭାବରେ ଆଲୋକପାତ କରିବାରେ ସଫଳ ହୋଇଛନ୍ତି । ଏଥିପାଇଁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସଙ୍ଗେ ଆଶାକରେଁ ଯେ ଏ ପୁସ୍ତକ ଜନସାଧରଣଙ୍କର ଆଦର ଲାଭ କରିବ ।

ନୃସିଂହ ଗୁରୁଙ୍କ ଆଦର୍ଶ ଓଡ଼ିଆ ଜାତିକୁ ଅନୁପ୍ରାଣିତ କରୁ । ବିପଦ କାଳରେ ଓ ସଂକଟ ସମୟରେ ତାଙ୍କର ଅବଦାନ ଜାତିକୁ ବଳ ଦେଉ ଓ ପ୍ରଗତି ପଥକୁ ଚିର ଆଲୋକିତ କରୁ ।

ସମ୍ବଲପୁର ଜନନୀଙ୍କ ବରପୁତ୍ର ନୃସିଂହ ଗୁରୁଙ୍କ ସମ୍ବଲପୁର ଏବଂ ଓଡ଼ିଆ ଜାତି ପାଇଁ ଅବଦାନ ସ୍ମରଣୀୟ ହୋଇ ରହିବ । ମୂଳତଃ ସେ ଏକ ନୈଷ୍ଠିକ ବ୍ରାହ୍ମଣ ହୋଇଥିଲେ ସୁଦ୍ଧା ସମାଜର ଅବହେଳିତ ଲୋକମାନଙ୍କ ଉପକାର ପାଇଁ ସର୍ବଦା କଲ୍ୟାଣକର କାର୍ଯ୍ୟରେ ନିଜକୁ ଉତ୍ସର୍ଗୀକୃତ କରି ସେଥିରେ ସହଯୋଗ କରିବା ପାଇଁ ଅନ୍ୟମାନଙ୍କୁ ଉତ୍ସାହ ପ୍ରଦାନ କରୁଥିଲେ । ବନ୍ଧୁଦିଗକୁ ଆବରିତ କରି ତାଙ୍କର କାର୍ଯ୍ୟକଳାପ ବିସ୍ତୃରିତ ହୋଇଥିଲେ ମଧ ସେ ମୂଳତଃ ଥିଲେ ସ୍ଥିରଚିତ୍ତ, ଶାନ୍ତ ହୃଦୟ, ଅତ୍ୟନ୍ତ ପ୍ରାଣବନ୍ତ ଓ ସଂବେଦନଶୀଳ ସମାଜ ସଂସ୍କାରକ, ଏକ ବିରଳ ବ୍ୟକ୍ତିତ୍ୱ । କାହାରି ଦୋଷ ଦେଖନ୍ତି ନାହିଁ କି କାହାର କୁତ୍ସା ରଟନା କରନ୍ତି ନାହିଁ । ଦୁଃଖ, କଷ୍ଟ ଓ କ୍ଷୟକ୍ଷତି ସହି ସହି ବିନମ୍ର, ଅଭିଜ୍ଞ, ସହନଶୀଳ, ସ୍ନେହୀ, ମିଷ୍ଟଭାଷୀ, ଉଦାର ଓ ନିରପେକ୍ଷ ବିଚାରର ଅଧିକାରୀ ହୋଇଥିବାରୁ ଭଗବାନ ସବୁବେଳେ ତାଙ୍କର ସପକ୍ଷରେ ଥାଆନ୍ତି ।

ନିଜର ତ୍ୟାଗ ବଳରେ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି । ସମାଜ ଓ ସଂସ୍କୃତି ସଚେତନ ସାମ୍ବାଦିକ ଭାବରେ ଓଡ଼ିଆ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅସ୍ପୃଶ୍ୟତା ନିବାରଣ ଓ ସାକ୍ଷରତା ଅଭିଯାନ ଆଦି ଜନମଙ୍ଗଳ କାର୍ଯ୍ୟକ୍ରମ ମାନଙ୍କରେ ପ୍ରତ୍ୟକ୍ଷ ଓ ନିବିଡ଼ ଭାବେ ସମ୍ପର୍କିତ ଥାଇ ନିଜର ଜୀବନକୁ ଉତ୍ସର୍ଗ

କରିଥିବାରୁ ତାଙ୍କର ବ୍ୟକ୍ତିତ୍ୱ ପ୍ରସାରିତ ହୋଇଥିଲା ।

ଗାନ୍ଧିଜୀ ଥରେ କହିଥିଲେ, 'ମୁଁ ଜଣେ ହରିଜନଙ୍କୁ ସେବା କରି ଧନ୍ୟ ହୋଇଗଲି । ଯିଏ ସେବା ପାଇଁ ଜୀବନ ଉତ୍ସର୍ଗ କରେ ତାର ଜୀବନ ହୁଏ ଦୈନ୍ୟ, ଲାଞ୍ଛିତ ଓ ନିର୍ଯ୍ୟାତିତ ।" ନୃସିଂହ ଗୁରୁ ଗାନ୍ଧିଜୀଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ । ନୃସିଂହ ଗୁରୁ ଜନ୍ମ ଶତବାର୍ଷିକୀ ପାଳନ କମିଟି ତାଙ୍କର ପ୍ରତିଭା ସାରା ଓଡ଼ିଶାରେ ବିଭିନ୍ନ ସଭା ତଥା ଲେଖା ମାଧ୍ୟମରେ ପ୍ରଚାର ଓ ପ୍ରସାର କରିଥିବାରୁ ଧନ୍ୟବାଦର ପାତ୍ର । ଶ୍ରୀ ଅରବିନ୍ଦ ମହାପାତ୍ର ପୁସ୍ତିକାକୁ ଅଧିକ ମାର୍ଜିତ କରିବା ପାଇଁ ସହାୟତା ଯୋଗାଇଥିବାରୁ ତାଙ୍କୁ ଧନ୍ୟବାଦ ଦେଉଛି ।

ନୃସିଂହ ଗୁରୁ ସ୍ମୃତି ସମିତି ଏହି ପୁସ୍ତିକା ପ୍ରକାଶନ କରିଥିବାରୁ ଏକ ଜାତୀୟ ଉଦ୍ୟମ ସଫଳ କରିଛନ୍ତି ।

ଆଦିତ୍ୟ ପ୍ରସାଦ ପାଢୀ
ପୂର୍ବତନ କୁଳପତି,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ସୂଚୀପତ୍ର

| | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧ | ଐତିହାସିକ ପୃଷ୍ଠଭୂମି | ୧ |
| ୨ | ନୃସିଂହଗୁରୁଙ୍କ ବଂଶ ପରିଚୟ ଓ ଆଦ୍ୟଜୀବନ | ୨୧ |
| ୩ | ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନ | ୨୯ |
| ୪ | ସଙ୍ଗଠନ ଓ ସଂସ୍କାର ଆନ୍ଦୋଳନ | ୩୯ |
| ୫ | ଆଇନ ଅମାନ୍ୟ ଆନ୍ଦୋଳନ | ୫୬ |
| ୬ | ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ସମ୍ବଲପୁରର ଭୂମିକା (୧୯୨୦-୧୯୩୬) | ୬୯ |
| ୭ | ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ସମ୍ବଲପୁର | ୭୮ |
| ୮ | କର୍ମଯୋଗୀ ନୃସିଂହ ଗୁରୁ | ୯୨ |

# ଐତିହାସିକ ପୃଷ୍ଠଭୂମି

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମ୍ବଲପୁରରେ ୧୯୨୧ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସରୁ ହିଁ ଆରମ୍ଭ ହୋଇଥିଲା । ମାତ୍ର ଏହା ପୂର୍ବରୁ ଏହାର ଏକ ଦୀର୍ଘ ପୃଷ୍ଠଭୂମି ଥିଲା ଯାହା ଉପରେ ଆଲୋକପାତ ନ କଲେ ଏହି ଆନ୍ଦୋଳନର ଇତିହାସ ସଂପର୍କରେ ଆଲୋଚନା ଅପୂର୍ଣ୍ଣ ହୋଇ ରହିଯିବ । ପୃଷ୍ଠଭୂମିର ଆଲୋଚନାକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଅଛି ।

(୧) ପ୍ରତିରୋଧ ସଂଗ୍ରାମ

(୨) ସାଂସ୍କୃତିକ ଆନ୍ଦୋଳନ ଓ

(୩) ପ୍ରସ୍ତୁତି ପର୍ବ ।

ତଦନୁସାରେ ପୃଷ୍ଠଭୂମିର ଆଲୋଚନା ତିନୋଟି ବିଭାଗରେ ନିମ୍ନରେ ପ୍ରଦତ୍ତ ହୋଇଅଛି ।

(୧) *ପ୍ରତିରୋଧ ସଂଗ୍ରାମ (୧୮୫୭-୧୮୬୨)*

ଇଂରେଜ ମାନେ ଭାରତର ବିଭିନ୍ନ ଅଞ୍ଚଳକୁ ଭିନ୍ନ ଭିନ୍ନ ସମୟରେ ଅଧିକାର କରି ସେହି ଅଞ୍ଚଳମାନଙ୍କରେ ସେମାନଙ୍କର ଶାସନ ପ୍ରତିଷ୍ଠା କରୁଥିଲେ । ସେଥିପାଇଁ ସେମାନେ ଯେପରି ଭାବରେ କୁଟନୀତି ଓ କୌଶଳ ଅବଲମ୍ବନ କଲେ ତଦ୍ୱାରା ଏଦେଶର ଶାସନ ସଂସ୍ଥା ଭୁଷୁଡି ପଡିଲା, ସାମାଜିକ ଓ ଅର୍ଥନୈତିକ ଜୀବନ ଦୋହଲି ଗଲା ଏବଂ ଜନସାଧାରଣଙ୍କର ଜୀବନଧାରା ଅଶାନ୍ତ ହୋଇ ଉଠିଲା । ଏହାର ପ୍ରତିକ୍ରିୟା ସ୍ୱରୂପ ଅନେକ ଅଞ୍ଚଳରେ ଇଂରେଜମାନଙ୍କ ବିରୁଦ୍ଧରେ ଅଭୂତପୂର୍ବ ଜନଜାଗରଣ ଦେଖାଦେଲା । ଏହା ପ୍ରତିରୋଧ ଆନ୍ଦୋଳନ (Resistance Movement) ନାମରେ ଅଭିହିତ ହୋଇଛି । ସଶସ୍ତ୍ର ଓ ହିଂସାତ୍ମକ ଥିବାରୁ ଇତିହାସରେ ଏହା ବିଦ୍ରୋହ ରୂପେ ବର୍ଣ୍ଣିତ ହୋଇଛି । ଏହାକୁ ଆନ୍ଦୋଳନ ପରିବର୍ତ୍ତେ ପ୍ରତିରୋଧ ସଂଗ୍ରାମ କହିଲେ ଅଧିକ ଯୁକ୍ତିଯୁକ୍ତ ହେବ । ଜଗବନ୍ଧୁଙ୍କ ନେତୃତ୍ୱରେ ଖୁରଧାର ପାଇକ ବିଦ୍ରୋହ, ଘୁମସରର ରାଜା ଶ୍ରୀକର ଭଞ୍ଜଙ୍କ ବିଦ୍ରୋହ, ଅନୁଗୁଳର ରାଜା ସୋମନାଥ ସିଂହଙ୍କ ବିଦ୍ରୋହ, କନ୍ଧନେତା ଚକ୍ର ବିଷୋୟୀଙ୍କ ବିଦ୍ରୋହ ଇତ୍ୟାଦି ଓଡିଶାରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ପ୍ରତିରୋଧ ସଂଗ୍ରାମ ଥିଲା ।

ଓଡିଶାରେ ସବୁଠାରୁ ବଡ ପ୍ରତିରୋଧ ସଂଗ୍ରାମ ସଂଘଟିତ ହୋଇଥିଲା ୧୮୫୭ ରେ ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ । ବସ୍ତୁତଃ ଏହା ଥିଲା ଏକ ଆଦିବାସୀ ବିଦ୍ରୋହ । ଆଦିବାସୀ ମାନଙ୍କର ପୁଞ୍ଜିଭୂତ ଅସନ୍ତୋଷ ହିଁ ଏହାର ମୁଖ୍ୟ କାରଣ ଥିଲା ।

ସମ୍ବଲପୁରରେ ଚୌହାନ ରାଜବଂଶ ବହୁକାଳରୁ ପ୍ରତିଷ୍ଠିତ ଥିଲା । ୧୮୪୯ ରେ ଶେଷ ଚୌହାନ ରାଜା ନାରାୟଣ ସିଂହ ଅପୁତ୍ରିକ ହୋଇ ପ୍ରାଣତ୍ୟାଗ କଲାପରେ ସମ୍ବଲପୁର ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନରେ ଏକ ଜିଲ୍ଲାରେ ପରିଣତ ହେଲା । ଇଂରେଜମାନେ ଅର୍ଥଲୋଭୀ ଥିଲେ । ଯେନତେନ ପ୍ରକାରେଣ ଅର୍ଥ ସଂଗ୍ରହ ସେମାନଙ୍କର ଲକ୍ଷ୍ୟ ଥିଲା । ଫଳରେ ବେଶୀ ଅତ୍ୟାଚାରିତ ହେଲେ ଆଦିବାସୀ ଜମିଦାରମାନେ । ନୂତନ ଶାସନରେ ଏହି ଅଞ୍ଚଳରେ ଅର୍ଥନୀତି ଭୁସୁଡ଼ି ପଡ଼ିଲା, ବହୁକାଳରୁ ପ୍ରତିଷ୍ଠିତ ପରଂପରା ଦୋହଲି ଗଲା ; ଅସନ୍ତୋଷ ଓ ଅଶାନ୍ତି ବ୍ୟାପିଗଲା । ଇଂରେଜମାନଙ୍କୁ ବହିଷ୍କାର କରି ପୂର୍ବର ଚୌହାନ୍ ରାଜବଂଶର ପୁନଃ ପ୍ରତିଷ୍ଠା ପାଇଁ ସବୁ ସ୍ତରର ଲୋକମାନେ ଆଗ୍ରହୀ ଥିଲେ । ଏଥିପାଇଁ ଆବଶ୍ୟକ ଥିଲା ଶକ୍ତିଶାଳୀ ନେତୃତ୍ୱ । ଏହି ନେତୃତ୍ୱ ଦେବାପାଇଁ ଆଗେଇ ଆସିଲେ ଚୌହାନ୍ ବୀର ସୁରେନ୍ଦ୍ର ସାଏ ।

ଖିଣ୍ଡାର ଚୌହାନ୍ ଜମିଦାର ସୁରେନ୍ଦ୍ର ସମ୍ବଲପୁର ରାଜସିଂହାସନର ଅନ୍ୟତମ ଦାବିଦାର ଥିଲେ । ମାତ୍ର ଇଂରେଜ ସରକାର ଏକ ମିଥ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ,ଅନୁଜ ଉଦନ୍ତ ଓ ପିତୃବ୍ୟ ବଳରାମ ସାଏଙ୍କ ସହିତ ଆଜୀବନ କାରାଦଣ୍ଡ ପ୍ରଦାନ କରି ରାଞ୍ଚି ନିକଟସ୍ଥ ହଜାରିବାଗ୍ ଜେଲ୍ ରେ ରଖିଥିଲେ । ୧୮୫୭ ରେ ସିପାହୀ ବିଦ୍ରୋହ ଆରମ୍ଭ ହେଲାମାତ୍ରେ ବିହାର ପ୍ରଦେଶର ବିଦ୍ରୋହୀମାନେ ହଜାରିବାଗ ଜେଲ୍ ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ଏହାପରେ ସୁରେନ୍ଦ୍ର ଓ ଉଦନ୍ତ ଭ୍ରାତୃଦ୍ୱୟ ବଣଜଙ୍ଗଲ ମଧ୍ୟଦେଇ ଗୋପନରେ ସମ୍ବଲପୁର ପହଞ୍ଚିଲେ । ଏହି ସମ୍ବାଦ ପାଇବା ମାତ୍ରେ ହଜାର ହଜାର ଆଦିବାସୀ ଧନୁଶର, ଖଣ୍ଡା,ବର୍ଚ୍ଛା ପ୍ରଭୃତି ଅସ୍ତ୍ରଶସ୍ତ୍ର ସହ ସମବେତ ହୋଇ ସୁରେନ୍ଦ୍ରଙ୍କୁ ସମ୍ବଲପୁରର ରାଜା ରୂପେ ଅଭିନନ୍ଦନ ଜଣାଇଲେ । ଏହାପରେ ଉଭୟ ସରକାର ଓ ବିଦ୍ରୋହୀ ମାନଙ୍କର ଏକ ବଡ ଧରଣର ସଂଗ୍ରାମ ପାଇଁ ପ୍ରାଣମୂର୍ଚ୍ଛା ପ୍ରସ୍ତୁତି ଚାଲିଲା । ବସ୍ତୁତଃ ଏହି ସଂଗ୍ରାମ ଆରମ୍ଭ ହେଲା ୧୮୫୭ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ । ବ୍ରିଟିଶ ସରକାରଙ୍କର ଦମନ ଲୀଳା ସତ୍ତ୍ୱେ ସମ୍ବଲପୁରର ପ୍ରତିରୋଧ ସଂଗ୍ରାମ ୧୮୬୨ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଥିଲା । ୧୮୫୮ ରେ ଭାରତର ସର୍ବତ୍ର ତଥାକଥିତ ସିପାହୀ ବିଦ୍ରୋହର ଅବସାନ ହୋଇସାରିଥିଲା । ମାତ୍ର ଏହାର ଚାରିବର୍ଷ ପରେ ୧୮୬୨ ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏ ଅଜେୟ ରହିଥିଲେ । ୧୮୫୭ ରେ ବିଦ୍ରୋହ ଆରମ୍ଭ ହେବା ଦିନରୁ ୧୮୬୨ ପର୍ଯ୍ୟନ୍ତ ସୁରେନ୍ଦ୍ରଙ୍କୁ କୌଣସି ସରକାରୀ ସେନାପତି ବା ସୈନ୍ୟ ଦେଖିବାକୁ ମଧ୍ୟ ପାଇନଥିଲେ । ବସ୍ତୁତଃ ଏହାଥିଲା ଏହି ଅଞ୍ଚଳର ରାଜା ଜମିଦାରମାନଙ୍କର କୃତିତ୍ୱ । ଏହି ସମୟରେ ଅନ୍ତତଃ ୧୩ ଜଣ ବିଦ୍ରୋହୀ ଜମିଦାରଙ୍କ ଜମିଦାରୀ ଓ ସଂପତ୍ତି ବାଜ୍ୟାପ୍ତ କରାଗଲା । ଏକମାତ୍ର କୁଦୋପାଲୀ ଯୁଦ୍ଧରେ ସରକାରୀ ହିସାବ ଅନୁଯାୟୀ ୫୩ ଜଣ ବିଦ୍ରୋହୀ ବନ୍ଧୁକ ଗୁଳିରେ ପ୍ରାଣ ହରାଇଥିଲେ ଏବଂ



ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଓ ନୃସିଂହ ଗୁରୁଙ୍କ ଭୂମିକା

ସେଠାକାର ବନ୍ଦୀମାନଙ୍କ ମଧ୍ୟରୁ ଚାରିଜଣଙ୍କୁ ଫାଶି ଦିଆଯାଇଥିଲା । ୧୮୫୮ ରେ କର୍ଣ୍ଣେଲ ଫଷ୍ଟର ସମ୍ବଲପୁରର କମିଶନର ହୋଇ ଆତଙ୍କରାଜ ସୃଷ୍ଟିକଲେ । ସୁରେନ୍ଦ୍ରଙ୍କ ଭାଇ ସେନାପତି ଛବିଳ ସାଏ କୁଦୋପାଲି ଯୁଦ୍ଧରେ ପ୍ରାଣ ହରାଇଲେ । ତାଙ୍କର ଆଉ ଜଣେ ଭାଇ ଉଜ୍ଜଳ ସାଏ ଧରାପଡି ବିନାବିଚାରରେ ବଲାଙ୍ଗିରରେ ଫାଶି ପାଇଲେ । ଘେଁସ ଜମିଦାର ମାଧୋ ସିଂହ ବରିହା, ଖରସଲ ଜମିଦାର ଦୟାଲ ସର୍ଦ୍ଦାର ଓ କୋଲାବିରାର ଜମିଦାର କରୁଣାକର ଗଡତାୟାଙ୍କୁ ମଧ ଫାଶି ଦିଆଗଲା । ଭେଡେନ ଜମିଦାର ମନୋହର ସିଂହ ଯୁଦ୍ଧରେ ନିହତ ହେଲେ । ଏହା ସତ୍ତ୍ୱେ ବିଦ୍ରୋହୀ ମାନେ ଦବି ଯାଇ ନଥିଲେ । ଯେଉଁ ଜମିଦାର ମାନେ କିଛି ଦିନ ତଳେ ଭୋଗବିଳାସରେ ଜୀବନ କଟାଉଥିଲେ ସେମାନେ ବଂଶ ମର୍ଯ୍ୟାଦା ଓ ମାଟିର ପରମ୍ପରାର ରକ୍ଷା ପାଇଁ ଅରଣ୍ୟ ପର୍ବତରେ ଆଶ୍ରୟ ନେଲେ ଏବଂ ଅନେକ ସମୟରେ ଅନାହାରରେ ରହିଲେ । ଏମାନଙ୍କର ସଂଗ୍ରାମ ଓ ତ୍ୟାଗ ମେବାରର ରାଣାପ୍ରତାପଙ୍କ ଆଦର୍ଶଠାରୁ ନ୍ୟୁନ ନଥିଲା ।

୧୮୬୨ ରେ ମେଜର ଇମ୍ପେ ସମ୍ବଲପୁର ଶାସନ ଦାୟିତ୍ୱ ଗ୍ରହଣ କଲାପରେ ଉପଲବ୍ଧି କଲେ ଯେ ସାମରିକ ଶକ୍ତି ଦ୍ୱାରା ଏହି ବିଦ୍ରୋହ ଦମନ କରିବା ସହଜ ନୁହେଁ । ବିଦ୍ରୋହୀ ନେତା ମାନେ ମୁଣ୍ଡ ନୁଆଁଇବା ଠାରୁ ମୃତ୍ୟୁ ଶ୍ରେୟସ୍କର ବୋଲି ମନେ କରୁଥିଲେ । ବିଦ୍ରୋହର ମୁକାବିଲା ପାଇଁ ସରକାରଙ୍କୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଥିଲା । ରାଜବନ୍ଦୀ ବିଦ୍ରୋହୀଙ୍କ ଦ୍ୱାରା କଟକ ଓ ସମ୍ବଲପୁରର ସବୁଜେଲ ଭରପୁର ଥିଲା । ସମ୍ବଲପୁର ଅଞ୍ଚଳର ଅନେକ ମୁଖ୍ୟ ଲୋକ ବିଦ୍ରୋହୀମାନଙ୍କ ଭୟରେ ସରକାରୀ ଆଶ୍ରୟରେ ଥିଲେ ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ ସରକାରଙ୍କ ନୈତିକ ଦାୟିତ୍ୱ ଥିଲା । ଜିଲ୍ଲାରେ କୃଷି,ବାଣିଜ୍ୟ ପ୍ରଭୃତି ସଂପୂର୍ଣ୍ଣ ବନ୍ଦ ଥିଲା । ଶାସନ ସଂସ୍ଥା ଦୋହଲି ଯାଇଥିଲା । କୌଣସି କର ଆଦାୟର ପ୍ରଶ୍ନ ନ ଥିଲା । ଏହି ଅବସ୍ଥା କ୍ରମେ ଅବନତି ଆଡକୁ ଯାଉଥିଲା । ଏକ ବ୍ୟବସାୟୀ କଂପାନୀ ସରକାରଙ୍କ ପକ୍ଷରେ ଏହାଠୁଁ ବଳି ଶୋଚନୀୟ କଣ ହୋଇପାରେ ! ଇମ୍ପେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଯେ ଏକ କୋହଳ ନୀତି ଦ୍ୱାରା ହିଁ ଏହାର ସମାଧାନ କରାଯାଇପାରେ । ଉପରୁ ସବୁଜ ସଙ୍କେତ ପାଇଲା ପରେ ସେ ୧୮୬୨ ରେ ଶାନ୍ତି ଓ ସହଯୋଗ ପାଇଁ ବିଦ୍ରୋହୀମାନଙ୍କୁ ଆହ୍ୱାନ ଦେଲେ । ସେମାନେ ଆତ୍ମସମର୍ପଣ କଲେ ସରକାର ସେମାନଙ୍କର ସସମ୍ମାନେ ଥଇଥାନର ଦାୟିତ୍ୱ ନେବେ ବୋଲି ସେ ପ୍ରତିଶ୍ରୁତି ଦେଲେ । ଦୀର୍ଘକାଳ ସଂଗ୍ରାମ କରି ବିଦ୍ରୋହୀମାନେ କ୍ଳାନ୍ତ ହୋଇ ପଡିଥିଲେ । ତେଣୁ ଇମ୍ପେଙ୍କର ଶାନ୍ତି ନୀତି ସେମାନଙ୍କୁ ସହଜରେ ସ୍ପର୍ଶ କଲା । ଜଣକ ପରେ ଜଣେ ସେମାନେ ଆତ୍ମସମର୍ପଣ କଲେ । ୧୮୬୨ ମେ ମାସ ୧୬ ତାରିଖରେ ଏକ ବର୍ଷା ରାତିରେ ସମ୍ବଲପୁରରୁ ୧୨ ମାଇଲ ଦୂର ଅରଣ୍ୟ ମଧ୍ୟରେ ଇମ୍ପେ ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ଏକାନ୍ତ ସାକ୍ଷାତ ହେଲା । ଅଳ୍ପ ସମୟ ଆଲୋଚନା ପରେ ସୁରେନ୍ଦ୍ର

ଆତ୍ମସମର୍ପଣ ପାଇଁ ରାଜି ହେଲେ । ଇମ୍ପେଙ୍କର ବିଜୟ ହେଲା ।

ଜଣେ ଦି ଜଣଙ୍କୁ ଛାଡି ଦେଇ ପ୍ରାୟ ସବୁ ବିଦ୍ରୋହୀ ନେତା ଆତ୍ମସମର୍ପଣ ପୂର୍ବକ ନିଜ ନିଜର ପରିବାର ଓ ଆତ୍ମୀୟମାନଙ୍କ ସହିତ ଶାନ୍ତିରେ ବସବାସ କଲେ । ଅନେକେ ଅନେକ ପ୍ରକାର ଅନୁଗ୍ରହ ଲାଭ କଲେ । ଜମିଦାର ଓ ଗୌନ୍ତିଆମାନେ ସେମାନଙ୍କର ଇଲାକା ଫେରି ପାଇଲେ । ସୁରେନ୍ଦ୍ରଙ୍କ ପରିବାର ପେନସନ୍ ପାଇଲେ । ସମ୍ବଲପୁରରେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠା ଫେରିଆସିଲା । ମାତ୍ର ବିଦ୍ରୋହୀମାନଙ୍କ ପ୍ରତି ସରକାରଙ୍କ ଅନୁକମ୍ପା ଅନେକ ଇଂରେଜ କର୍ମଚାରୀଙ୍କ ପାଇଁ ଅସହ୍ୟ ଥିଲା । ୧୮୬୩ ଡିସେମ୍ବର ମାସରେ ଇମ୍ପେଙ୍କର ଅକାଳ ମୃତ୍ୟୁ ହେଲାପରେ ସେମାନେ ବିଦ୍ରୋହୀନେତାମାନଙ୍କୁ ଗିରଫ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କଲେ । ୧୮୬୪ ଜାନୁୟାରୀ ୨୩ ତାରିଖ ରାତିରେ ସେମାନଙ୍କ ଘରମାନଙ୍କରେ ଅତାନକ ଆକ୍ରମଣ କରି ସମସ୍ତଙ୍କୁ ଗିରଫ କଲେ । ରାୟପୁରରେ ସେମାନଙ୍କର ବିଚାର ହେଲା । ବିଚାର ବିଭାଗୀୟ କମିଶନର ସରକାରୀ କାଗଜପତ୍ରଗୁଡିକ ଅନୁଧ୍ୟାନ କରି ସେମାନଙ୍କୁ ନିର୍ଦ୍ଦୋଷ ବୋଲି ଘୋଷଣା କଲେ ଏବଂ ପୋଲିସକୁ କଠୋର ଭାଷାରେ ନିନ୍ଦା କଲେ । ଏହା ସତ୍ତ୍ୱେ ସରକାର ଏହି ନେତାମାନଙ୍କର ସମ୍ବଲପୁରରେ ଉପସ୍ଥିତି ପ୍ରଶାସନ ପାଇଁ ବିପଜ୍ଜନକ ବୋଲି ଦର୍ଶାଇ ସେମାନଙ୍କୁ ଦୁରଦୁରାନ୍ତ ଜେଲ୍‌କୁ ପଠାଇଦେଲେ । ସୁରେନ୍ଦ୍ରସାଏ ମଧ୍ୟପ୍ରଦେଶର ସୁଦୂର ଆସୀରଗଡ ଜେଲ୍ ରେ ୨୦ ବର୍ଷ କଟାଇ ୧୮୮୪ ଫେବୃୟାରୀ ୨୮ ତାରିଖ ଦିନ ପ୍ରାଣତ୍ୟାଗ କଲେ । ଜଣେ ଡେପୁଟୀ କମିଶନର ଙ୍କ ଜିଦ୍ ଯୋଗୁଁ ଘେଁସ ଜମିଦାର ହାତୀ ସିଂହ ଙ୍କୁ ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ ଆଣ୍ଡାମାନ ପଠାଇ ଦିଆଗଲା ଏବଂ ସେଠାରେ ସେ ପୋଲିସର ପ୍ରହାର ପାଇ ପ୍ରାଣ ହରାଇଲେ । ସମ୍ବଲପୁରର ବିଦ୍ରୋହ ଦମନ ବ୍ରିଟିଶ ଶାସନର ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ଥିଲା ।

ଇଂରେଜ ସରକାର ସୁରେନ୍ଦ୍ରଙ୍କ ବିପକ୍ଷରେ ସବୁ ରେକର୍ଡ ଧ୍ୱଂସ କରିଦେଇଥିଲେ ଯାହା ଫଳରେ ତାଙ୍କ ସଂପର୍କରେ କୌଣସି ପ୍ରକାର ପ୍ରଚାର ଓ ପ୍ରକାଶନ ସମ୍ଭବ ହୋଇ ନଥିଲା । ବିଦ୍ରୋହୀମାନଙ୍କ ସପକ୍ଷରେ ପ୍ରକାଶ୍ୟ ଆଲୋଚନା କଠୋର ଭାବରେ ନିଷେଧ ଥିଲା । ଅନ୍ୟପକ୍ଷରେ ସେମାନଙ୍କୁ ଚୋର, ଡକାୟତ ରୂପେ ଚିତ୍ରଣ କରାଗଲା । ଇଂରେଜ ଶାସନର ସ୍ଥିତି ପାଇଁ ଏ ପ୍ରକାର ନୀତିର ଆବଶ୍ୟକ ଥିଲା । ମାତ୍ର ଭାରତୀୟମାନେ ମଧ୍ୟ ସରକାରଙ୍କ ସହିତ ତାଳ ଦେଲେ । ଏପରିକି କବି ଗଙ୍ଗାଧର ମେହେର ନୃପରାଜ ସିଂହଙ୍କ ଜୀବନୀ ପୁସ୍ତକରେ ସୁରେନ୍ଦ୍ରଙ୍କୁ ରାଜ୍ୟଲୋଭୀ ଏବଂ ଜମିଦାର ମାନଙ୍କ ବିଦ୍ରୋହକୁ ଉପଦ୍ରବ ବୋଲି ବର୍ଣ୍ଣନା କଲେ । ଐତିହାସିକ ଶ୍ରୀ ରାମଚନ୍ଦ୍ର ମଲ୍ଲିକ "ସଂକ୍ଷିପ୍ତ କୋଶଳ ଇତିହାସ" ପୁସ୍ତକରେ ସୁରେନ୍ଦ୍ରଙ୍କୁ ଜଣେ ବର୍ବର ଦସ୍ୟୁ ରୂପେ ଚିତ୍ରଣ କଲେ । ସ୍ୱାଧୀନତା ସଂଗ୍ରାମୀଗଣ ସୁରେନ୍ଦ୍ର ବା ତାଙ୍କର ଅନ୍ୟ ସହକର୍ମୀଙ୍କ ନାମ ଶୁଣିଲେ ନାକ ଟେକୁଥିଲେ । ବସ୍ତୁତଃ ବିଂଶ





ଶତକର ପ୍ରଥମାର୍ଦ୍ଧରେ ସମ୍ବଲପୁରର ପ୍ରତିରୋଧ ସଂଗ୍ରାମ ସଂପର୍କରେ ଜନସାଧାରଣ ବିଭ୍ରାନ୍ତ ହୋଇ ରହିଥିଲେ । ତେଣୁ ସୁରେନ୍ଦ୍ରଙ୍କ ସଂଗ୍ରାମ ଏ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମକୁ ପ୍ରଭାବିତ କରିଥିଲା ବୋଲି କହିଲେ ସତ୍ୟର ଅପଳାପ ହେବ । ଏହାର ୧୦୦ ବର୍ଷ ପରେ ଅର୍ଥାତ୍ ୧୯୫୭ ଖ୍ରୀଷ୍ଟାବ୍ଦ ପରେ ଯେତେବେଳେ ସତ୍ୟର ଉଦ୍‌ଘାଟନ ହେଲା, ସମସ୍ତେ ୧୮୫୭ ସଂଗ୍ରାମର ମହନୀୟତା ଉପଲବ୍ଧି କରିପାରିଲେ ଏବଂ ସମ୍ବଲପୁରର ମର୍ଯ୍ୟାଦା ଓ ପରଂପରାର ରକ୍ଷା ପାଇଁ ସୁରେନ୍ଦ୍ର ଓ ଜମିଦାରମାନଙ୍କର ତ୍ୟାଗ ଓ ସାଧନା ଏ ଅଞ୍ଚଳର ଜାତୀୟ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିଲା । ଏଥିପାଇଁ ଐତିହାସିକ ଓ ଲେଖକମାନଙ୍କର ଉଦ୍ୟମ ଅଭିନନ୍ଦନୀୟ ଅଟେ ।

## ୨. ସାଂସ୍କୃତିକ ଆନ୍ଦୋଳନ : ୧୮୬୨ - ୧୯୦୫

ମେଜର ଇମ୍ପେ, ସୁରେନ୍ଦ୍ର ସାଏ ପ୍ରମୁଖ ବିଦ୍ରୋହୀ ନେତାମାନଙ୍କ ସହିତ ସନ୍ଧି କରି ସମ୍ବଲପୁରରେ ଶାନ୍ତି ପ୍ରତିଷ୍ଠା କରିପାରିଥିଲେ ବୋଲି ଆଗରୁ ଆଲୋଚିତ ହୋଇଛି । ବିଦ୍ରୋହୀମାନଙ୍କୁ ସରକାରଙ୍କର ତୋଷଣ ନୀତି ଯୋଗୁଁ ଅନେକ ଇଂରେଜ କର୍ମଚାରୀ କ୍ଷୁବ୍ଧ ଥିଲେ । କିଛିଦିନ ତଳେ ସେମାନେ ଏହି ବିଦ୍ରୋହୀମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି କେତେ ସଂକଟର ସମ୍ମୁଖୀନ ହୋଇଥିଲେ । ସେମାନଙ୍କ ଆଘାତ ଶୁଖି ନ ଥିଲା ଏବଂ ମନରେ ପ୍ରତିଶୋଧର ବହ୍ନି ଜଳୁଥିଲା । ତେଣୁ ସୁବିଧା ପାଇଲା ମାତ୍ରେ ସେମାନେ ଷଡଯନ୍ତ୍ର କରି ବିଦ୍ରୋହୀ ନେତାମାନଙ୍କୁ ଦୂରଦୁରାନ୍ତ ଜେଲକୁ ପଠାଇଦେଲେ ।

ଏହି ସମୟରେ ଇଂରେଜ କର୍ମଚାରୀ ମାନଙ୍କର ପ୍ରତିଶୋଧ ଓ ଷଡଯନ୍ତ୍ରର ଅନ୍ୟ ଏକ ଦିଗ ପ୍ରତି ଐତିହାସିକ ମାନଙ୍କର ଧ୍ୟାନ ଆକର୍ଷିତ ହୋଇ ନ ଥାଏ । ୧୮୫୦ ରେ ଇଂରେଜ ମାନଙ୍କର ପ୍ରତ୍ୟକ୍ଷ ଶାସନାଧୀନ ହେବା ପରେ ଏହି ଅଞ୍ଚଳର ଭାଷା ଓ ସଂସ୍କୃତିର ବିଚାର କରି ତାକୁ ଓଡିଶା ଡିଭିଜନ୍‌ରେ ସମ୍ମିଳିତ କରିବା ଉଚିତ ଥିଲା । ମାତ୍ର ଇଂରେଜମାନେ ବ୍ୟବସାୟ ବୁଦ୍ଧିରେ ସଦ୍ୟ ଅଧିକୃତ ଅଞ୍ଚଳରୁ ଅଧିକ ସମ୍ବଳ ସଂଗ୍ରହ କରିବା ପାଇଁ ଭିନ୍ନ ପନ୍ଥାର ଆଶ୍ରୟ ନେଲେ । ସେମାନଙ୍କର ଶୋଷଣ ସୀମା ଅତିକ୍ରମ କରିଯିବା ଫଳରେ ୧୮୫୭ ବିଦ୍ରୋହର ସୂତ୍ରପାତ ହେଲା । ସରକାର ବିଦ୍ରୋହ ଦମନର ସୁଚାରୁ ପରିଚାଳନା ପାଇଁ ଶେଷରେ ସମ୍ବଲପୁରକୁ ଓଡିଶା ଡିଭିଜନ୍ ର ଅନ୍ତର୍ଗତ କଲେ ଏବଂ ତାହାର ସଫଳତା ଉପଲବ୍ଧି କରାଯାଇଥିଲା । କିନ୍ତୁ ୧୮୬୨ ରେ ସମ୍ବଲପୁରକୁ ଓଡିଶା ଡିଭିଜନରୁ ଆଣି ମଧ୍ୟପ୍ରଦେଶ ସହିତ ଅଯଥା ସମ୍ମିଳିତ କରି ଦିଆଗଲା । ଏହି ରହସ୍ୟମୟ ପଦକ୍ଷେପର ଅନ୍ତରାଳରେ ଥିଲା ଇଂରେଜ କର୍ମଚାରୀମାନଙ୍କର ପ୍ରତିଶୋଧ ମନୋଭାବ ଓ ଷଡଯନ୍ତ୍ର । ସେମାନେ ଆଶା କରିଥିଲେ ଯେ ଏହାଦ୍ୱାରା ସମ୍ବଲପୁରର ଭାଷା ଓ ସଂସ୍କୃତିର ସମାଧି ହେବ ଏବଂ ସମ୍ବଲପୁର ଲୋକମାନଙ୍କର ଦୁର୍ଦ୍ଦମନୀୟତା ଭାଙ୍ଗିଯିବ । ମାତ୍ର ସାଂସ୍କୃତିକ ସଂକଟ ମଧ୍ୟରୁ ଏକ ସାଂସ୍କୃତିକ ଆନ୍ଦୋଳନର ଯେ ସୂତ୍ରପାତ ହେବ

ଏକଥା ସେମାନେ ଚିନ୍ତା କରି ନ ଥିଲେ ।

ମଧ୍ୟପ୍ରଦେଶର ଲୋକେ ହିନ୍ଦୀ ଭାଷାଭାଷୀ ଥିଲେ ଏବଂ ସମ୍ବଲପୁର ସଂସ୍କୃତିଠାରୁ ସେମାନଙ୍କ ସଂସ୍କୃତି ଭିନ୍ନ ଥିଲା । ମଧ୍ୟପ୍ରଦେଶର କୌଣସି କର୍ମଚାରୀ ସେହି "ଓଡିଆ ରାଜ୍ୟକୁ" ବଦଳି ଯିବା ପାଇଁ ଅନିଚ୍ଛୁକ ଥିଲେ ଏବଂ ସମ୍ବଲପୁରର କର୍ମଚାରୀମାନେ ମଧ୍ୟ ହିନ୍ଦୀ ଭାଷୀ ଅଞ୍ଚଳ ପାଇଁ ଆଗ୍ରହୀ ନଥିଲେ । ସୁତରାଂ କର୍ମଚାରୀ ମାନଙ୍କର ନିଯୁକ୍ତି ଓ ବଦଳି (Transfer) ଅନେକ ସମୟରେ ସମସ୍ୟା ସୃଷ୍ଟି କଲା । ହିନ୍ଦୀ ଭାଷା ଓ ସଂସ୍କୃତିର ପ୍ରତିଷ୍ଠା କରି ପାରିଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସରକାର ମନେ କଲେ । ମଧ୍ୟପ୍ରଦେଶର ନେତାମାନେ ଭାବିନେଲେ ଯେ ଏହା ସହଜରେ ଗ୍ରହଣୀୟ ହୋଇପାରିବ କାରଣ ସେମାନଙ୍କ ମତରେ ସମ୍ବଲପୁରର ଭାଷା ଶୁଦ୍ଧ ଓଡିଆ ନ ଥିଲା ଏବଂ ଏହା ଉପରେ ହିନ୍ଦୀ ଭାଷାର ପ୍ରଭାବ ରହିଥିଲା । ମାତ୍ର ସେମାନଙ୍କ ଧାରଣା ଭୁଲ ଥିଲା । ବସ୍ତୁତଃ ଏ ଅଞ୍ଚଳର କଥିତ ଓଡିଆ ଭାଷାରେ ଆଦିବାସୀ ଭାଷାମାନଙ୍କର ଛାପ ପଡିଥିଲା ଏବଂ ଏହାର ସଂସ୍କୃତିରେ ମଧ୍ୟ ଓଡିଆ ସଂସ୍କୃତି ଓ ଆଦିବାସୀ ସଂସ୍କୃତିର ସମନ୍ୱୟ ସାଧିତ ହୋଇଥିଲା । ଆଜିର ସମ୍ବଲପୁରୀ ଭାଷାରେ ହିନ୍ଦୀ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ ବୋଲି ଯାହା କୁହାଯାଏ, ତାହା ସମ୍ଭବତଃ ତତ୍କାଳୀନ ମଧ୍ୟପ୍ରଦେଶ ସରକାରଙ୍କର ଏ ଅଞ୍ଚଳରେ ହିନ୍ଦୀ ସଂସ୍କୃତିକୁ ଲଦି ଦେବାପାଇଁ ପ୍ରାୟ ଅର୍ଦ୍ଧଶତାବ୍ଦୀର କଠୋର ଉଦ୍ୟମର ଫଳ ସ୍ୱରୂପ ଅଟେ । ସରକାରଙ୍କର ଏହି ଉଦ୍ୟମର ପ୍ରତିବାଦ କରି ଏହି ଅଞ୍ଚଳରେ ସାଂସ୍କୃତିକ ଆନ୍ଦୋଳନ ଦେଖାଦେଲା ।

ସାଂସ୍କୃତିକ ସଂକଟ କେବଳ ଯେ ସମ୍ବଲପୁରରେ ଦେଖାଦେଇଥିଲା, ତାହା ନୁହେଁ; ସେହି ସମୟରେ ସମଗ୍ର ଓଡିଶା ଏହି ଦୟନୀୟ ଦଶାର ସମ୍ମୁଖୀନ ହୋଇଥିଲା । ଉତ୍ତର ଓଡିଶା ଅର୍ଥାତ୍ କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ଅଞ୍ଚଳ ବଙ୍ଗ ପ୍ରେସିଡେନ୍ସିର ଅନ୍ତର୍ଗତ ଥିଲା ଏବଂ ବଙ୍ଗାଳୀ ଅଫିସରମାନେ ସେଠାରେ ଓଡିଆ ଭାଷା ଓ ଓଡିଆ ସଂସ୍କୃତିର ଧ୍ୱଂସ କରି ବଙ୍ଗଳା ଭାଷା ଓ ସଂସ୍କୃତିର ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଥିଲେ । ସେହିପରି ଦକ୍ଷିଣ ଓଡିଶାରେ ଓଡିଆ ଭାଷା ଓ ସଂସ୍କୃତି ମୁମୂର୍ଷୁ ଅବସ୍ଥାରେ ଥିଲା, ତେଲୁଗୁ ଭାଷା ଓ ସଂସ୍କୃତିର ପ୍ରଭାବ ବୃଦ୍ଧି ପାଉଥିଲା । ଯେଉଁ ଓଡିଆ ରାଜ୍ୟ ଯୁଗ ଯୁଗ ଧରି ଭାରତର ଇତିହାସରେ ଗୌରବମୟ ସ୍ଥାନ ଅଧିକାର କରି ରହିଥିଲା ତାହା ଊନବିଂଶ ଶତକରେ ଏକ ଭୌଗୋଳିକ ଶବ୍ଦ ଥିଲା ଏବଂ ରାଜନୈତିକ ମାନଚିତ୍ରରେ ନିଶ୍ଚିହ୍ନ ହୋଇ ଯାଇଥିଲା । ଶେଷରେ ଏହାର ଭାଷା ଓ ସଂସ୍କୃତି ମଧ୍ୟ ଧ୍ୱଂସ ପାଇବାକୁ ବସିଥିଲା । ଏହି ପରିସ୍ଥିତିରେ ଓଡିଶାରେ ସାଂସ୍କୃତିକ ଆନ୍ଦୋଳନ ଅବଶ୍ୟମ୍ଭାବୀ ଥିଲା । ଏହି ଆନ୍ଦୋଳନ ଓଡିଶାର ତିନି ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ସଂଗଠିତ ହୋଇଥିଲେ ମଧ୍ୟ ତାହାର ଲକ୍ଷ୍ୟ ଏକ ଓ ଅଭିନ୍ନ ଥିଲା । ଏହି ତିନି ଅଞ୍ଚଳରେ ଜାଗରଣର ସମନ୍ୱୟ ସାଧନ କରିଥିଲେ ଦେଶପ୍ରାଣ ମଧୁସୂଦନ ଦାସ ।





ଓଡିଶାର ଏହି ତିନୋଟି ଯାକ ଅଞ୍ଚଳରୁ ପଶ୍ଚିମାଞ୍ଚଳ ସମ୍ବଲପୁର ରାଜ୍ୟ ସବୁଠାରୁ ବେଶୀ ଅନୁନ୍ନତ ଓ ନିଷ୍ପେଷିତ ଥିଲା । ୧୮୫୨ ରେ ସମ୍ବଲପୁର ସହରରେ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଦୀର୍ଘ ୩୩ ବର୍ଷ ପରେ ୧୮୮୫ ରେ ଏହା ଏକ ହାଇସ୍କୁଲରେ ପରିଣତ ହେଲା । ସମ୍ବଲପୁର ଜିଲ୍ଲାରେ ଏହା ଅନେକ ଦିନ ଯାଏ ଏକମାତ୍ର ହାଇସ୍କୁଲ ଥିଲା । ମାତ୍ର ଏହାର ପାଠ୍ୟକ୍ରମରେ ସେତେବେଳେ ଓଡିଆ ସାହିତ୍ୟର ସ୍ଥାନ ନ ଥିଲା । ସ୍କୁଲର ପ୍ରାୟ ସମସ୍ତ ଶିକ୍ଷକ ହିନ୍ଦୀ ଭାଷୀ ଥିଲେ ଏବଂ ସାଧାରଣ କଥାବାର୍ତ୍ତାରେ ହିନ୍ଦୀ ବ୍ୟବହାର କରୁଥିଲେ । ଓଡିଆ ଛାତ୍ରମାନଙ୍କୁ ହିନ୍ଦୁସ୍ଥାନୀ ପିଲାଙ୍କ ପରି ମୁଣ୍ଡରେ ଟୋପି ପିନ୍ଧି ସ୍କୁଲକୁ ଆସିବା ପାଇଁ କୁହାଯାଉଥିଲା । ଏପରିକି ପ୍ରାଥମିକ ଶିକ୍ଷା ଦାୟିତ୍ୱରେ ଥିବା ଡେପୁଟୀ ଇନ୍ସପେକ୍ଟର ଓଡିଆ ଭାଷା ଜାଣି ନଥିଲେ । ସମ୍ବଲପୁରରେ ଓଡିଆ ଭାଷା ଓ ସଂସ୍କୃତିର ଲୋପ ସାଧନ ପାଇଁ ସରକାରଙ୍କ ବିଧିବଦ୍ଧ ଯୋଜନା ଏଥିରୁ ଅନୁମିତ ହୁଏ ।

ସେହି ସମୟରେ କଟକ, ବାଲେଶ୍ୱର ପ୍ରଭୃତି ଅଞ୍ଚଳରେ ଅନେକ ପତ୍ର ପତ୍ରିକା ପ୍ରକାଶ ପାଉଥିଲା । ମାତ୍ର ସମ୍ବଲପୁର ଭଳି ଏକ ଅନୁନ୍ନତ ଅଞ୍ଚଳରେ ତାହା ଚିନ୍ତା କରାଯାଉନଥିଲା । ୧୮୮୯ ମସିହାରେ ଯାଇ ବାମଣ୍ଡା ରାଜା ସୁଚଳଦେବଙ୍କ ପୃଷ୍ଠପୋଷକତାରେ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ସମ୍ବଲପୁରର ପ୍ରଥମ ସାପ୍ତାହିକ ପତ୍ରିକା "ସମ୍ବଲପୁର ହିତୈଷିଣୀ" ଦେବଗଡରୁ ପ୍ରକାଶ ପାଇଲା । କଟକର "ଉତ୍କଳ ଦୀପିକା" ଭଳି ଏହା ସାଂସ୍କୃତିକ ଆନ୍ଦୋଳନ ସମୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ।

ତେବେ ଏହି ସମୟର ସମ୍ବଲପୁର ଅଞ୍ଚଳର ଅଦାଲତରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଓଡିଆ ଭାଷାର ପ୍ରଚଳନ ଥିଲା । ଏଠାରେ ଅନେକ ଶିକ୍ଷିତ ବ୍ୟକ୍ତି ଓଡିଆ ଭାଷାରେ କାର୍ଯ୍ୟକ୍ରମ ପରିଚାଳନା କରି ସରକାରୀ ଚାକିରୀରେ ରହିଥିଲେ । କିନ୍ତୁ ଅଦାଲତରେ ମଧ୍ୟ ଓଡିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷାର ପ୍ରଚଳନ ପାଇଁ ସରକାର ବିଚାର କରୁଛନ୍ତି ବୋଲି ଏକ ଖବର ପ୍ରଚାରିତ ହେଲା । ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ୧୮୯୧ ରେ ଜିଲ୍ଲା ସ୍କୁଲରୁ ମାଟ୍ରିକୁଲେସନ୍ ପାସ୍ କଲା ପରେ ମଧ୍ୟପ୍ରଦେଶର ସଚିବାଳୟ ନାଗପୁର ଠାରେ କିରାଣୀ କାମ କରୁଥିଲେ । ସେ ସଚିବାଳୟରୁ ଏହାର ଆଭାସ ପାଇ ସମ୍ବଲପୁରର ଜନପ୍ରିୟ ନେତା ଧରଣୀଧର ମିଶ୍ରଙ୍କୁ ଖବର ଦେଲେ । ଧରଣୀଧର ବାବୁ କାଳବିଳମ୍ବ ନ କରି ୧୮୯୪ ଜୁଲାଇ ୧୩ ତାରିଖରେ ସମ୍ବଲପୁରରେ ପ୍ରଥମ ପ୍ରତିବାଦ ସଭାର ଆୟୋଜନ କଲେ ଏବଂ ଲିଖିତ ପ୍ରସ୍ତାବ ଆକାରରେ ସଭାର ଉଦ୍‌ବେଗ ଡେପୁଟୀ କମିଶନରଙ୍କୁ ଜଣାଇ ଦେଲେ । ଏହାର ଗୋଟିଏ ମାସ ପରେ ୧୮୯୪ ଅଗଷ୍ଟ ୨୦ ତାରିଖରେ ସମ୍ବଲପୁର ଶିକ୍ଷା ବିଭାଗର ସାର୍କଲ୍ ଇନ୍ସପେକ୍ଟର ସବୁ ଶିକ୍ଷକଙ୍କୁ

ହିନ୍ଦୀ ଶିଖିବା ପାଇଁ ନିର୍ଦ୍ଦେଶ ଦେଲେ । ଏହା ପରେ ପରେ ଅନ୍ୟାନ୍ୟ ବିଭାଗର ମୁଖ୍ୟମାନେ ସେମାନଙ୍କର ଅଧସ୍ତନ କର୍ମଚାରୀଙ୍କୁ ଅନୁରୂପ ନିର୍ଦ୍ଦେଶନାମା ମାନ ଜାରି କଲେ । ଉତ୍କଳ ଜନନୀଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରି ଗଙ୍ଗାଧର ମେହେରଙ୍କ "ଭାରତୀ ରୋଦନ" କବିତା ୧୮୯୪ ଅକ୍ଟୋବର ୩ ରେ "ହିତୈଷିଣୀ" ପତ୍ରିକାରେ ପ୍ରକାଶ ପାଇଥିଲା । କବିବର ଲେଖିଛନ୍ତି -

ହିନ୍ଦୀ ସରସ୍ୱତୀ ମୋ ଛାତିରେ ବସି
କରିବେ ପରା ରାଜତ୍ୱ
ମୋ ଆଶା କାନନ ଭସ୍ମରାଶି ହେବ
ତା ନବ ଉଦ୍ୟାନେ ଖତ
XXXXXXXXXXXXXX
ଉପମାତା ଆସି ଗର୍ଭଧାରିଣୀର
ମସ୍ତକେ ଚରଣ ଦେବ
ଏ ଦଶା ଦେଖିଲେ କେଉଁ ସନ୍ତାନର
ମନରେ ଦୁଃଖ ନ ହେବ

ଓଡ଼ିଆ ଭାଷାର ରକ୍ଷାପାଇଁ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ସରକାର ୧୮୮୫ ଜାନୁୟାରୀ ୧୫ ତାରିଖରେ ଏକ ନିର୍ଦ୍ଦେଶନାମାରେ ଘୋଷଣା କଲେ ଯେ ୧୮୯୬ ଜାନୁଆରୀ ୧ ରୁ ସମ୍ବଲପୁର ଅଞ୍ଚଳରେ ଓଡିଆ ପରିବର୍ତ୍ତେ ହିନ୍ଦୀ ସରକାରୀ ଭାଷା ହେବ ଏବଂ ଅଦାଲତରେ ହିନ୍ଦୀ ଭାଷାରେ କାର୍ଯ୍ୟ ପରିଚାଳନା ହେବ । ଏହା ପରେ ପରେ ସରକାର ଏଥିପାଇଁ କେତେକ ପ୍ରାଥମିକ ପଦକ୍ଷେପ ମଧ ଆରମ୍ଭ କଲେ ।

ମଧୁବାବୁ ୧୮୯୫ ମେ ୩ ତାରିଖରେ 'ଉତ୍କଳ ସଭା' ର ଏକ ଅଧିବେଶନରେ କମିଶନର ଉଡବର୍ଣ୍ଣଙ୍କ ଏହି ଅନ୍ୟାୟ ନିଷ୍ପତ୍ତିର କଠୋର ସମାଲୋଚନା କଲେ ଏବଂ କଲିକତାରେ ପ୍ରକାଶ ପାଉଥିବା 'ଷ୍ଟେଟ୍ସମେନ' କାଗଜରେ ମଧ ଦୃଢ ପ୍ରତିବାଦ କଲେ । 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ଦୀପିକା' ଓ ବାଲେଶ୍ୱରର 'ସମ୍ବାଦ ବାହିକା'ରେ ମଧ ଏହାର ବିରୁଦ୍ଧରେ ପ୍ରତିବାଦ ପ୍ରକାଶ ପାଇଲା । ଜୁନ୍ ୧୩ ରେ ଧରଣୀଧର ମିଶ୍ରଙ୍କର ସଭାପତିତ୍ୱରେ ଏକ ବଡଧରଣର ପ୍ରତିବାଦ ସଭା ପରେ ସରକାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଗଲା । ଜୁଲାଇ ୫ ତାରିଖରେ ଧରଣୀଧର ୨୩୬୨ ଜଣ ନାଗରିକଙ୍କର ସ୍ୱାକ୍ଷର ଥାଇ ଆଉ ଏକ ସ୍ମାରକ ପତ୍ର ପ୍ରଦାନ କଲେ । ଅନେକ ସଭା ତରଫରୁ ଅନେକ ଦାବିପତ୍ର ସରକାରଙ୍କଠାରେ ପହଞ୍ଚିଥିଲା, ମାତ୍ର ସରକାର ଅଟଳ ରହିଲେ । ନିର୍ଦ୍ଦିଷ୍ଟ ୧.୧.୧୮୯୬ ରୁ ସମ୍ବଲପୁରରେ ହିନ୍ଦୀ ଭାଷାରେ ସରକାରୀ କାମ ଆରମ୍ଭ ହେଲା ।





୧୮୯୮ ଶିକ୍ଷା ବର୍ଷରୁ ସରକାର ସମ୍ବଲପୁର ଅଞ୍ଚଳର ୧୫୩ ଟି ଓଡିଆ ପ୍ରାଇମେରୀ ସ୍କୁଲରୁ ୮୨ ଟି ସ୍କୁଲ ହଠାତ୍ ବନ୍ଦ କରିଦେଲେ । ଫଳରେ ଛାତ୍ର ସଂଖ୍ୟା ପ୍ରାୟ ନଅ ହଜାରରୁ ପ୍ରାୟ ଚାରି ହଜାରକୁ କମିଗଲା । ଏହି ସମୟରେ ଏ ଅଞ୍ଚଳ ପ୍ରତି ପ୍ରକୃତିର ନିର୍ଦ୍ଦୟତା ସରକାରଙ୍କର କଠୋରତାଠୁଁ ମଧ ବଳିଗଲା । ୧୮୯୯ ରେ ଏକ ବଡ ଧରଣର ଦୁର୍ଭିକ୍ଷ ଦେଖାଦେଲା । ଫଳରେ ଅନାହାରରେ ତଥା ହଇଜା, ବସନ୍ତ ପ୍ରଭୃତି ରୋଗରେ ପଡି ପ୍ରାୟ ୭୫ ହଜାର ଲୋକ ପ୍ରାଣ ହରାଇଲେ । ୧୯୦୦ ଖ୍ରୀଷ୍ଟାବ୍ଦରେ ବଡଲାଟ ଲର୍ଡ କର୍ଜନ ଓଡିଶା ପରିଦର୍ଶନରେ ଆସିଥିଲେ । ସମ୍ବଲପୁରର ନେତାମାନେ ଓଡିଶା ଏସୋସିଏସନ ମାଧମରେ ତାଙ୍କୁ ଭେଟି ଏ ଅଞ୍ଚଳର ଦୁଃଖ ଦୁର୍ଦ୍ଦଶା ଜଣାଇବେ ବୋଲି ଦଉଡି ଯାଇଥିଲେ । ମାତ୍ର ସାକ୍ଷାତ ପାଇଁ ସେମାନେ ଅନୁମତି ପାଇଲେ ନାହିଁ ।

ସମ୍ବଲପୁରର ନେତାଗଣ ନିରାଶ ହୋଇପଡୁଥିବା ବେଳେ ୧୯୦୧ ର ପ୍ରାରମ୍ଭରେ ଦୁଇଟି ଘଟଣା ସେମାନଙ୍କୁ ଆଶାର ଆଲୋକ ଦେଖାଇଲା । ତନ୍ମଧରେ ପ୍ରଥମଟି ଥିଲା ଫ୍ରେଜର ସାହେବଙ୍କର ମଧପ୍ରଦେଶର ଚିଫ କମିଶନର ରୂପେ ନିଯୁକ୍ତି ଏବଂ ଦ୍ୱିତୀୟଟି ହେଲା ଉଦୀୟମାନ ଅଫିସର ବୈକୁଣ୍ଠନାଥ ପୂଜାରୀଙ୍କୁ ଜନଗଣନା ଦାୟିତ୍ୱ ଅର୍ପଣ । ଆଣ୍ଡ୍ରୁ ଫ୍ରେଜର ବରଗଡର ସବ୍‌ଡିଭିଜନ ଅଫିସର ରୂପେ କର୍ମମୟ ଜୀବନ ଆରମ୍ଭ କରିଥିଲେ ଏବଂ କିଛି କାଳ ସମ୍ବଲପୁରର ଡେପୁଟୀ କମିଶନର ଥିଲେ । ତେଣୁ ଏହି ଅଞ୍ଚଳର ସଂସ୍କୃତି ସହିତ ସେ ବେଶ ପରିଚିତ ଥିଲେ ଏବଂ ସମ୍ବଲପୁରବାସୀଙ୍କ ପ୍ରତି ତାଙ୍କର ମମତା ଥିଲା । ତେଣୁ ତାଙ୍କ ଠାରୁ ସାହାଯ୍ୟ ପାଇପାରିବେ ବୋଲି ସମସ୍ତେ ଆଶା କଲେ ।

ବୈକୁଣ୍ଠନାଥଙ୍କ ପୂର୍ବରୁ ସମ୍ବଲପୁରର ଜନଗଣନା କାର୍ଯ୍ୟ ଅସଂପୂର୍ଣ୍ଣ ଓ ଦୁର୍ନୀତି ଭରା ହୋଇରହିଥିଲା ଏବଂ ତାହା ଇଂରେଜ କର୍ତ୍ତୃପକ୍ଷଙ୍କୁ ବିଭ୍ରାନ୍ତ କରୁଥିଲା । ବୈକୁଣ୍ଠ ଦିନରାତି ପରିଶ୍ରମ କରି ଏହାକୁ ସଂପୂର୍ଣ୍ଣ କଲେ ଏବଂ ସମ୍ବଲପୁରର ଏକ ବାସ୍ତବ ଚିତ୍ର ଉପସ୍ଥାପିତ କଲେ । ବୈକୁଣ୍ଠ ଥିଲେ ସମ୍ବଲପୁରରେ ଓଡିଆ ଆନ୍ଦୋଳନର ଜଣେ ଦୃଢ ସମର୍ଥକ । ଜନଗଣନା କାର୍ଯ୍ୟରେ ହିନ୍ଦୀ ଅଫିସର ମାନେ ଯେଉଁ ସତ୍ୟକୁ ଘୋଡାଇ ରଖିଥିଲେ, ସେ ତା' ଉପରେ ଆଲୋକପାତ କଲେ । ଫ୍ରେଜର ସାହେବ ସ୍ୱୀକାର କରିଥିଲେ ଯେ ବୈକୁଣ୍ଠଙ୍କର ଏହି କାର୍ଯ୍ୟ ସମ୍ବଲପୁର ସପକ୍ଷରେ ନିଷ୍ପତ୍ତି ଗ୍ରହଣ ପାଇଁ ତାଙ୍କୁ ସାହାଯ୍ୟ କରିଥିଲା ।

ସୁତରାଂ ୧୯୦୧ରୁ ସମ୍ବଲପୁରବାସୀଙ୍କ ପାଇଁ ଏକ ଅନୁକୂଳ ପରିସ୍ଥିତି ଦେଖାଦେଲା । ଇତି ମଧରେ ଯେଉଁ ୮୨ଟି ଓଡିଆ ପ୍ରାଇମେରୀ ସ୍କୁଲ ବନ୍ଦ କରି ଦିଆଯାଇଥିଲା, ତନ୍ମଧ୍ୟରୁ ୫୨ ଟି ସ୍କୁଲର ପୁନଃ ପ୍ରତିଷ୍ଠା ପାଇଁ ଚିଫ୍ କମିଶନର୍ ଫ୍ରେଜର

ସାହେବ ନିର୍ଦ୍ଦେଶ ଦେଲେ । ଏଥିରୁ ନୂତନ ଉତ୍ସାହ ଓ ପ୍ରେରଣା ଲାଭ କରି ସମ୍ବଲପୁରର ଚାରିଜଣ ନେତା ମଦନ ମୋହନ ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ବଳଭଦ୍ର ସୁଆର (ସୁପକାର) ଓ ମହନ୍ତ ବିହାରୀ ଦାସ ୧୯୦୧ ଜୁଲାଇ ମାସରେ ନାଗପୁର ଯାଇ ଫ୍ରେଜର ସାହେବଙ୍କ ସହିତ ସାକ୍ଷାତ କଲେ ଏବଂ ତାଙ୍କ ସହିତ ସମ୍ବଲପୁର ସମସ୍ୟା ସଂପର୍କରେ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କଲେ । ଫ୍ରେଜର ଏହି ଦଳକୁ ଆଶ୍ୱାସନା ଦେଲେ ଯେ ଅଳ୍ପ ଦିନ ପରେ ସିମଳା ଠାରେ ଏକ ସମ୍ମିଳନୀରେ ସମ୍ବଲପୁରର ଦାବି ପ୍ରତି ବଡଲାଟଙ୍କର ଦୃଷ୍ଟି ଆକର୍ଷଣ କରିବେ ।

ନାଗପୁର ଯାତ୍ରୀ ଦଳ ସମ୍ବଲପୁର ଫେରି ଆସିବା ବେଳେ ଉତ୍ଫୁଲ୍ଲ ଥିଲେ । ସେମାନଙ୍କ ସାହସ ବୃଦ୍ଧି ପାଇଥିଲା ଏବଂ ସେମାନେ ଆଉ ଏକପଦକ୍ଷେପ ନେଇ ସିମଳାଠାରେ ଉଭୟ ଚିଫ୍ କମିଶନର ଓ ବଡଲାଟଙ୍କୁ ସାକ୍ଷାତ କରିବା ପାଇଁ ଯୋଜନା କଲେ । ଏଥରର ପ୍ରତିନିଧି ଦଳରେ ପୂର୍ବୋକ୍ତ ଚାରିଜଣଙ୍କ ସହିତ ଆଉ ଏକ ସଦସ୍ୟ ଶ୍ରୀପତି ମିଶ୍ର ଯୋଗଦେଲେ । ଏହି ଦଳର ନେତୃତ୍ୱ ନେବା ପାଇଁ ମଧୁସୂଦନ ଦାସଙ୍କୁ ଏକ ଚିଠି ଲେଖା ଗଲା । ମାତ୍ର ସେହି ଚିଠି ଭୁଲରେ ମଧୁରାଓଙ୍କ ପାଖକୁ ଚାଲିଯିବାରୁ ମଧୁସୂଦନ ଦାସ ବିଳମ୍ବରେ ଏହା ଜାଣିବାକୁ ପାଇଲେ । ତେଣୁ ସେ ନିଜେ ଯାଇ ନପାରି ଏକ ଦୀର୍ଘ ଟେଲିଗ୍ରାମ ଦ୍ୱାରା ବଡଲାଟଙ୍କୁ ସମ୍ବଲପୁର ବିଷୟରେ ଅବଗତ କରାଇଲେ । ପ୍ରତିନିଧି ଦଳ ଆଲାହାବାଦରେ ଦୁଇ ଦିନ ପର୍ଯ୍ୟନ୍ତ ମଧୁବାବୁଙ୍କୁ ଅପେକ୍ଷା କରିବା ପରେ ସିମଳା ଅଭିମୁଖେ ଯାତ୍ରା କଲେ । ମାତ୍ର ସେଠାରେ ପହଞ୍ଚିବା ବେଳକୁ ବଡଲାଟଙ୍କ ସହିତ ଫ୍ରେଜରଙ୍କର ସାକ୍ଷାତ ଓ ଆଲୋଚନା ସରି ଯାଇଥିଲା । ସେମାନେ ଉଭୟଙ୍କ ମଧ୍ୟରୁ କାହାକୁ ବି ସାକ୍ଷାତ ପାଇଁ ଅନୁମତି ପାଇଲେ ନାହିଁ । ଶେଷରେ ବ୍ରଜମୋହନ ବାବୁ ଓ ମହନ୍ତଜୀ ମଧ୍ୟପ୍ରଦେଶର ଚିଫ ସେକ୍ରେଟେରୀ କ୍ରମ୍ପ (H.A.Crump) ସାହେବଙ୍କୁ ସାକ୍ଷାତ କଲେ । କ୍ରମ୍ପ ୧୮୯୧ ରେ ସମ୍ବଲପୁରର ମୁଖ୍ୟ ପ୍ରଶାସକ ଥିଲେ ଏବଂ ଏହି ଅଞ୍ଚଳ ପ୍ରତି ତାଙ୍କର ସହାନୁଭୂତି ଥିଲା । ସେ ଆଶ୍ୱାସନା ଦେଇ କହିଲେ ଯେ ଫ୍ରେଜର ସାହେବ ବୋଧହୁଏ ସମ୍ବଲପୁର ବିଷୟରେ ବଡଲାଟଙ୍କ ସହିତ ଆଲୋଚନା କରିସାରିଛନ୍ତି ଏବଂ ସେ ଅଳ୍ପଦିନ ମଧ୍ୟରେ ଅଧିକ ଅନୁସନ୍ଧାନ ପାଇଁ ସମ୍ବଲପୁର ଯାଇ ପାରନ୍ତି । ଏଥିରେ ଆଶ୍ୱସ୍ତ ହୋଇ ପ୍ରତିନିଧି ଦଳ ସମ୍ବଲପୁର ଫେରି ଆସିଲେ । ସେମାନଙ୍କ ସିମଳା ଯାତ୍ରା ନିରର୍ଥକ ହେଲେ ମଧ୍ୟ ନିରାଶଜନକ ନଥିଲା ।

ଚିଫ୍ କମିଶନର୍ ଫ୍ରେଜର ସାହେବ ୧୯୦୧ ସେପ୍ଟେମ୍ବର ୨୬ ରେ ସମ୍ବଲପୁର ପରିଦର୍ଶନରେ ଆସି ସବୁ ସ୍ତରର ଲୋକଙ୍କ ଠାରୁ ତଥ୍ୟ ସଂଗ୍ରହ କଲେ ଏବଂ ତାଙ୍କର ରିପୋର୍ଟ ଅକ୍ଟୋବର ୧୫ ରେ ବଡଲାଟଙ୍କୁ ପ୍ରଦାନ କଲେ । ସେହି ଦୀର୍ଘ ରିପୋର୍ଟର ଉପସଂହାରରେ ସେ ମତ ବ୍ୟକ୍ତ କଲେ ଯେ ହିନ୍ଦୀ ପରିବର୍ତ୍ତେ ଓଡିଆ ଭାଷା ସମ୍ବଲପୁରରେ





ପ୍ରଚଳିତ ହେବା ଉଚିତ ଏବଂ ସମ୍ବଲପୁର ଜିଲ୍ଲାକୁ ତାର ଗଡଜାତ ରାଜ୍ୟ ମାନଙ୍କ ସହିତ ବଙ୍ଗ ଦେଶର ଓଡିଶା ଡିଭିଜନରେ ସମ୍ମିଳିତ କରାଯାଇପାରିବ । ଭାରତ ସରକାର ଫ୍ରେଜରଙ୍କ କେବଳ ପ୍ରଥମ ମତକୁ ଗ୍ରହଣ କରି ସମ୍ବଲପୁର ଅଞ୍ଚଳରେ ଓଡିଆ ସରକାରୀ ଭାଷାରୂପେ ପୁନଃ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଲେ । ଏହା ୧୯୦୩ ଜାନୁୟାରୀ ୧ ତାରିଖରୁ କାର୍ଯ୍ୟକାରୀ ହେଲା । ସମ୍ବଲପୁରବାସୀଙ୍କ ପାଇଁ ଏହା ଏକ ଉଲ୍ଲେଖନୀୟ ବିଜୟ ଥିଲା ଏବଂ ଏହି ସମ୍ବାଦ ସମଗ୍ର ଓଡିଶାରେ ଆନନ୍ଦର ଲହରୀ ଖେଳାଇ ଦେଲା ।

<u>ଓଡିଶା ସହିତ ମିଶ୍ରଣ</u> :- ହିନ୍ଦୀ ଅଫିସରମାନେ ଓଡିଆ ଭାଷାର ପୁନଃ ପ୍ରତିଷ୍ଠାରେ ସୁଖୀ ନଥିଲେ । ଏମାନେ ସୁବିଧା ଓ ସୁଯୋଗ ପାଇଲେ ଏ ଅଞ୍ଚଳରେ ଓଡିଆ ଭାଷାକୁ ପୁଣି ଲୋପ କରିଦେବେ ବୋଲି ଅନେକେ ଆଶଙ୍କା କଲେ । ସେହି ଚିନ୍ତାଧାରାରେ ଫ୍ରେଜର ସମ୍ବଲପୁର ଓ ପଡୋଶୀ ଓଡିଆ ଗଡଜାତ ମାନଙ୍କୁ ଓଡିଶା ଡିଭିଜନ ସହିତ ମିଶାଇ ଦେବା ପାଇଁ ତାଙ୍କ ରିପୋର୍ଟରେ ପ୍ରସ୍ତାବ ଦେଇଥିଲେ । ଲର୍ଡ କର୍ଜନ ପ୍ରଥମେ ଏହା ଗ୍ରହଣ କରିନଥିଲେ । ମାତ୍ର ଏହା ତାଙ୍କ ମନରେ ଆଲୋଡନ ସୃଷ୍ଟି କଲା । ସେ ପ୍ରଦେଶ ଗୁଡିକର ପୁନର୍ଗଠନ ପାଇଁ ଚିନ୍ତା କରୁଥିଲେ । ଫ୍ରେଜରଙ୍କ ପ୍ରସ୍ତାବ ତାଙ୍କର ସେହି ଚିନ୍ତାଧାରାକୁ ସକ୍ରିୟ କଲା । ବିଶେଷ କରି ବଙ୍ଗ ପ୍ରଦେଶର ବିଶାଳତା ଯୋଗୁଁ ସେ ତାକୁ ଦୁଇ ଭାଗରେ ବିଭକ୍ତ କରିଦେବା ପାଇଁ ଚାହୁଁଥିଲେ । ୧୯୦୩ ନଭେମ୍ବର ମାସରେ ଫ୍ରେଜର ବଙ୍ଗ ପ୍ରଦେଶର ଛୋଟଲାଟ (ଗଭର୍ଣ୍ଣର) ପଦବୀକୁ ଉନ୍ନୀତ ହେଲା ପରେ ଲର୍ଡ କର୍ଜନ ତାଙ୍କ ସହାୟତାରେ ଏକ ଯୋଜନା ପ୍ରସ୍ତୁତ କଲେ । ଭାରତ ସରକାରଙ୍କ ଘରୋଇ ବିଭାଗର ସେକ୍ରେଟେରୀ ଏଚ୍.ଏଚ୍ ରିସ୍‌ଲୀଙ୍କ ସ୍ୱାକ୍ଷରରେ ଏହା ପ୍ରକାଶ ପାଇ ବଙ୍ଗ ପ୍ରଦେଶ, ମାଡ୍ରାସ୍ ପ୍ରଦେଶ ଓ ମଧ୍ୟପ୍ରଦେଶ ସରକାର ମାନଙ୍କର ମତାମତ ପାଇଁ ପଠାଯାଇଥିଲା । ତେଣୁ ଏହା ରିସ୍‌ଲୀ ସାର୍କୁଲର (Risley Circular) ନାମରେ ପ୍ରଖ୍ୟାତ ଥିଲା । ଏହି ସାର୍କୁଲରର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଥିଲା, (୧) ପ୍ରଶାସନର ସୁବିଧା ପାଇଁ ବିଶାଳ ବଙ୍ଗ ପ୍ରଦେଶର ବିଭାଜନ ଓ (୨) ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ । ମାନ୍ଦ୍ରାଜ ସରକାର ଓଡିଶାର ଏକତ୍ରୀକରଣ ପାଇଁ ନିଜ ପ୍ରଦେଶରୁ କୌଣସି ଓଡିଆ ଅଞ୍ଚଳ ଛାଡି ପାରିବେ ନାହିଁ ବୋଲି ରୋକ୍ ଠୋକ୍ ଜଣାଇ ଦେଲେ । ମାତ୍ର ଫ୍ରେଜରଙ୍କ ପ୍ରଭାବ ଯୋଗୁଁ ମଧ୍ୟପ୍ରଦେଶର ଅବସ୍ଥା ଭିନ୍ନ ଥିଲା । ସମ୍ବଲପୁରର ଡେପୁଟୀ କମିଶନର ଥିଲେ ଜଣେ ମରହଟ୍ଟା ଅଫିସର । ସେ ଏକ ପ୍ରତିକୂଳ ରିପୋର୍ଟ ଦେଇ ପରିସ୍ଥିତିକୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କଲେ । ମାତ୍ର ଫ୍ରେଜର ସେହି ରିପୋର୍ଟ ଗ୍ରହଣ ନକରି ଓଡିଶା ସହିତ ସମ୍ବଲପୁରର ମିଶ୍ରଣ ସପକ୍ଷରେ ମତ ଦେଲେ । ଫଳରେ ସମ୍ବଲପୁର ଜିଲ୍ଲା ତଥା କଳାହାଣ୍ଡି, ପାଟଣା, ସୋନପୁର, ରେଢାଖୋଲ ଓ ବାମଣ୍ଡା ଓଡିଶା ଡିଭିଜନ ସହିତ ମିଶି ବଙ୍ଗ ପ୍ରଦେଶର ଅନ୍ତର୍ଗତ ହେଲା । ଏହି ସମୟରେ ବଣାଇ ଓ ଗାଙ୍ଗପୁର ମଧ୍ୟ

ଓଡ଼ିଶାରେ ସମ୍ମିଳୀତ ହେଲା । ତଥାପି ଏହି ମିଶ୍ରଣ ସଂପୂର୍ଣ୍ଣ ହୋଇ ପାରିଲା ନାହିଁ । ହିନ୍ଦୀ ଅଫିସରମାନଙ୍କର ଚକ୍ରାନ୍ତ ଯୋଗୁଁ ଫୁଲଝର, ଖଡ଼ିଆଳ, ପଦ୍ମପୁର- ଚନ୍ଦ୍ରପୁର, ଶକ୍ତି, ବିନ୍ଦ୍ରାନୂଆଗଡ଼ ପ୍ରଭୃତି ଅଞ୍ଚଳ ମଧ୍ୟପ୍ରଦେଶର ରାୟପୁର ଓ ବିଲାସପୁର ଜିଲ୍ଲା ଅନ୍ତର୍ଗତ ହୋଇ ରହିଗଲା । ଏହି ନୂତନ ପ୍ରଶାସନିକ ବ୍ୟବସ୍ଥା ୧୯୦୫ ଅକ୍ଟୋବର ୧୬ ତାରିଖରୁ କାର୍ଯ୍ୟକାରୀ ହେଲା । ଠିକ୍ ଏହି ଦିନ ବଙ୍ଗ ବିଭାଜନ ବ୍ୟବସ୍ଥା କାର୍ଯ୍ୟକାରୀ ହେବାରୁ ସମଗ୍ର ବଙ୍ଗପ୍ରଦେଶରେ ଏହା ଏକ ଶୋକ ଦିବସ ରୂପେ ପାଳିତ ହେଲା । ମାତ୍ର ଓଡ଼ିଶା ଡିଭିଜନ୍, ବିଶେଷତଃ ସମ୍ବଲପୁର ପାଇଁ ଏହି ଘଟଣା ହର୍ଷ-ବିଷାଦ ହୋଇ ରହିଲା ।

ସାଂସ୍କୃତିକ ଆନ୍ଦୋଳନ ଫଳରେ ସମ୍ବଲପୁରରେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରତିଷ୍ଠା ହେଲା ଏବଂ ଏହି ଅଞ୍ଚଳ ଓଡ଼ିଶା ଡିଭିଜନ୍ ସହିତ ସମ୍ମିଳିତ ହେଲା । ଏହା ହୋଇ ନ ଥିଲେ ସମ୍ବଲପୁର ଚିରଦିନ ପାଇଁ ମଧ୍ୟପ୍ରଦେଶର ଅନ୍ତର୍ଗତ ହୋଇ ରହିଯାଇଥାନ୍ତା ଏବଂ ବର୍ତ୍ତମାନ ବିହାରରେ ସିଂହଭୂମ, ବଙ୍ଗରାଜ୍ୟରେ ମେଦିନୀପୁର, ଆନ୍ଧ୍ରରେ ମଞ୍ଜୁଷା ଏବଂ ମଧ୍ୟପ୍ରଦେଶରେ ଫୁଲଝର ପ୍ରଭୃତି ଓଡ଼ିଆ ଭାଷୀ ଅଞ୍ଚଳ ଯେଉଁ ଦୁର୍ଦ୍ଦଶା ଭୋଗ କରି ଆସୁଛନ୍ତି, ସମ୍ବଲପୁର ଭାଗ୍ୟରେ ମଧ୍ୟ ତାହାହିଁ ହୋଇଥାନ୍ତା । ଅନ୍ୟପକ୍ଷରେ କେବଳ ଅନୁଗୁଳ ଓ ଉପକୂଳ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆନ୍ଦୋଳନ ନିରର୍ଥକ ହୋଇ ପଡ଼ିଥାନ୍ତା । ସୁତରାଂ ୧୯୦୩ ରେ ସମ୍ବଲପୁରରେ ଓଡ଼ିଆ ଭାଷାର ପ୍ରଚଳନ ଓ ୧୯୦୫ ରେ ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣ ଓଡ଼ିଶା ଇତିହାସର ଏକ ମାଇଲ ଖୁଣ୍ଟ ଥିଲା । ଏଥିପାଇଁ ଆଣ୍ଡ୍ରୁ ଫ୍ରେଜରଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ।

### ୩. ପ୍ରସ୍ତୁତି ପର୍ବ (୧୯୦୨-୧୯୨୦)

ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ଆନ୍ଦୋଳନ ୧୮୮୫ ରୁ ବିଧିବଦ୍ଧ ଭାବରେ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନକୁ ନେତୃତ୍ୱ ଦେବାପାଇଁ ସେହି ବର୍ଷ ଜାତୀୟ କଂଗ୍ରେସର ପ୍ରତିଷ୍ଠା ହେଲା । ଆଞ୍ଚଳିକ ସ୍ତରର ପ୍ରତିରୋଧ ସଂଗ୍ରାମଠାରୁ ଏହାର ସ୍ୱରୂପ ଭିନ୍ନ ଥିଲା । ଜାତୀୟ କଂଗ୍ରେସ ଥିଲା ଏକ ସର୍ବଭାରତୀୟ ଅନୁଷ୍ଠାନ ଏବଂ ଏହାର ବାର୍ଷିକ ଅଧିବେଶନରେ ସବୁ ଅଞ୍ଚଳର, ସବୁ ଭାଷାଭାଷୀ ଓ ସବୁଧର୍ମର ପ୍ରତିନିଧି ମାନେ ଯୋଗ ଦେଉଥିଲେ । ଏହି ସଦସ୍ୟମାନେ କଂଗ୍ରେସରେ ପ୍ରାଦେଶିକ ପ୍ରତିନିଧି ରୂପେ ପରିଚୟ ପତ୍ର ପାଉଥିଲେ । ସେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ନ ଥିଲା । ତେଣୁ ଓଡ଼ିଆ ସଦସ୍ୟମାନେ ବଙ୍ଗ ପ୍ରଦେଶ, ମାନ୍ଦ୍ରାଜ ପ୍ରଦେଶ, ବିହାର ପ୍ରଦେଶ ବା ମଧ୍ୟପ୍ରଦେଶର ପ୍ରତିନିଧି ରୂପେ ପରିଚିତ ହେଉଥିଲେ । ସମ୍ବଲପୁରର ଧରଣୀଧର ମିଶ୍ର, ବୈକୁଣ୍ଠନାଥ ପୂଜାରୀ ଓ ଦାମୋଦର ଦାସ ୧୮୯୬ କଲିକତା ଅଧିବେଶନରେ ମଧ୍ୟପ୍ରଦେଶର ପ୍ରତିନିଧି ରୂପେ ଯୋଗଦେଇଥିଲେ ବୋଲି କଂଗ୍ରେସ ରେକର୍ଡରୁ ଜଣାଯାଏ । ମଧୁବାବୁ ଥିଲେ ବଙ୍ଗପ୍ରଦେଶର ପ୍ରତିନିଧି ସଦସ୍ୟ । ଏହା କେତେକ ସ୍ୱାଭିମାନୀ ଓଡ଼ିଆଙ୍କ ମନରେ ଆଘାତ





ଦେଉଥିଲା । ସେମାନେ ଉପଲବ୍ଧି କଲେ ଯେ ଓଡ଼ିଆ ଭାଷାର ସୁରକ୍ଷା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିତାନ୍ତ ଆବଶ୍ୟକ ଅଟେ । ଜାତୀୟ କଂଗ୍ରେସ ପ୍ରତିଷ୍ଠାର ବହୁ ପୂର୍ବରୁ ମଧୁବାବୁ ଏ ଦିଗରେ ସକ୍ରିୟ ଥିଲେ ଏବଂ ଏ ବିଷୟରେ ଭାରତୀୟ ନେତାମାନଙ୍କର ସମର୍ଥନ ଓ ସହଯୋଗ କଂଗ୍ରେସ ମାଧ୍ୟମରେ ପାଇପାରିବେ ବୋଲି ତାଙ୍କର ଆଶା ଥିଲା । ମାତ୍ର ମାନ୍ଦ୍ରାଜ ଓ ବଙ୍ଗ ପ୍ରଦେଶର ପ୍ରତିନିଧିମାନଙ୍କର ଜିଦ୍‌ଖୋର ମନୋଭାବ ଏବଂ କଂଗ୍ରେସରେ ସେମାନଙ୍କର ପ୍ରଭାବ ଓ ପ୍ରତିପତ୍ତି ମଧୁବାବୁଙ୍କୁ ନିରାଶ କଲା । ଏକ ସର୍ବ ଭାରତୀୟ ଅନୁଷ୍ଠାନ ରୂପେ କଂଗ୍ରେସ ପ୍ରତି ତାଙ୍କର ସମ୍ମାନ ଓ ସମର୍ଥନ ବଜାୟ ରଖିଲେ ମଧ୍ୟ ସେ କ୍ରମେ ବୀତସ୍ପୃହ ହୋଇ ପଡ଼ିଲେ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ଆନ୍ଦୋଳନ ସକାଶେ ଏକ ସମାନ୍ତରାଳ କଂଗ୍ରେସ ଓଡ଼ିଶାରେ ଗଠନ କରିବାକୁ ସ୍ଥିର କଲେ । ଏହା ଫଳରେ ୧୯୦୩ ଖ୍ରୀଷ୍ଟାବ୍ଦରେ ଉତ୍କଳ ୟୁନିୟନ କନଫରେନ୍ସ (Utkal Union Conference) ବା ଉତ୍କଳ ସମ୍ମିଳନୀର ଅଭ୍ୟୁଦୟ ହେଲା । ସେହି ବର୍ଷ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରତିଷ୍ଠା ହୋଇସାରିଥିଲା ଏବଂ ତାହା ପ୍ରଜ୍ୱଳନ ପୂର୍ବରୁ ପ୍ରଦୀପରେ ଘୃତ ପ୍ରଦାନ ସ୍ୱରୂପ କାର୍ଯ୍ୟ କଲା ।

ଉତ୍କଳ ସମ୍ମିଳନୀ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ବା ବିରୋଧୀ ନ ଥିଲା । ଏହାପରେ ମଧ୍ୟ ମଧୁବାବୁଙ୍କ ସମେତ ସମ୍ମିଳନୀର ଅନେକ ଓଡ଼ିଆ ନେତା କଂଗ୍ରେସ ଅଧିବେଶନ ମାନଙ୍କରେ ଯୋଗ ଦେଉଥିଲେ । ଉତ୍କଳ ସମ୍ମିଳନୀର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଥିଲା - ୧. ଅନୁନ୍ନତ ଓଡ଼ିଆ ଜାତିର ପ୍ରଗତି ଓ ସମୃଦ୍ଧି ଏବଂ ୨. ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ । ଏହି ଉଦ୍ଦେଶ୍ୟ ଦ୍ୱୟ ସାଧିତ ହୋଇ ପାରିଲେ ଓଡ଼ିଆ ଜାତି କଂଗ୍ରେସ ଆନ୍ଦୋଳନରେ ସସମ୍ମାନେ ଯୋଗଦେଇ ପାରିବ ବୋଲି ମଧୁବାବୁ ଉପଲବ୍ଧି କରିଥିଲେ । ବସ୍ତୁତଃ ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରସ୍ତୁତିମୂଳକ ଥିଲା । ତେଣୁ ୧୯୦୩ ରୁ ୧୯୨୦ ପର୍ଯ୍ୟନ୍ତ ସମ୍ମିଳନୀର କାର୍ଯ୍ୟକାଳକୁ ପ୍ରସ୍ତୁତି ପର୍ବ ବୋଲି କୁହାଯାଇପାରେ ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କଟକରେ ୧୯୦୩ ଡିସେମ୍ବର ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହାକୁ ରାଜନୀତିର ଊର୍ଦ୍ଧ୍ୱରେ ରଖାଯାଇଥିଲା ଏବଂ ରାଜାମହାରାଜା, ସରକାରୀ କର୍ମଚାରୀ ଓ ସବୁ ସ୍ତରର ଲୋକଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯାଇଥିଲା । ଓଡ଼ିଶାର ପ୍ରାୟ ସବୁ ଦେଶୀୟ ରାଜା ଓ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପ୍ରତିନିଧି ଗଣ ଏଥିରେ ଉପସ୍ଥିତ ଥିଲେ । ସମସ୍ତ ସଦସ୍ୟଙ୍କ ମସ୍ତକରେ ମଣ୍ଡିତ ଥିଲା ରେଶମୀ ବସ୍ତ୍ରର ଗୋଲାପୀ ପଗଡ଼ି । ମଧୁବାବୁଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏହି ପଗଡ଼ି ଜାତୀୟତାର ପ୍ରତୀକ ରୂପେ ଗୃହୀତ ଥିଲା । ଏକ ପ୍ରାଦେଶିକ ସମ୍ମିଳନୀରେ ପ୍ରାଦେଶିକ ଭାଷାରେ କାର୍ଯ୍ୟକ୍ରମର ପରିଚାଳନା ପାଇଁ ଏହା ଥିଲା ବ୍ରିଟିଶ ଭାରତର ସର୍ବପ୍ରଥମ ସମ୍ମିଳନୀ । ପାଞ୍ଚଶହ ଛାତ୍ରଙ୍କର ସ୍ୱେଚ୍ଛାସେବକ

ବାହିନୀ ଏଥିରେ ଦିନରାତି କାମ କରୁଥିଲେ । ଓଡିଶାରେ ଏକ ଅଭୂତପୂର୍ବ ଜାତୀୟ ଜାଗରଣର ସୃଷ୍ଟି ପାଇଁ ଏହି ଅଧିବେଶନର ଅବଦାନ ବଙ୍ଗ ରାଜ୍ୟର ସବୁ ପତ୍ରପତ୍ରିକାରେ ସ୍ୱୀକୃତ ହୋଇଥିଲା । ଏହି ଅଧିବେଶନ ଆରମ୍ଭର ପାଞ୍ଚଦିନ ପୂର୍ବରୁ କଟକର କମିଶନର ସରକାରୀ କର୍ମଚାରୀ ମାନଙ୍କୁ ଏଥିରେ ଯୋଗ ନ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଏହାପରେ ଓଡିଶାର ଦେଶୀୟ ରାଜା ମାନେ ମଧ ଏଥିରେ ଅଂଶଗ୍ରହଣ କରିବାରେ ଅସୁବିଧା ହୋଇପାରେ ବୋଲି ଆଶଙ୍କା କରାଗଲା । ଏହି ସନ୍ଧିସନ୍ଧି ସମୟରେ ମଧୁବାବୁ ଧୈର୍ଯ୍ୟ ହରାଇ ନଥିଲେ । ସେ କଲିକତାରେ ରହୁଥିବା ଛୋଟଲାଟଙ୍କ ପାଖକୁ ଏକ ଦୀର୍ଘ ଟେଲିଗ୍ରାମ ପଠାଇ କମିଶନରଙ୍କ ମନୋଭାବର ପ୍ରତିବାଦ କଲେ । ଛୋଟଲାଟଙ୍କ ପାଖରୁ ଜରୁରୀ ନିର୍ଦ୍ଦେଶ ପାଇ କମିଶନର ପୂର୍ବ ମନୋଭାବ ତ୍ୟାଗ ପୂର୍ବକ ସମ୍ମିଳନୀର କାର୍ଯ୍ୟରେ ସହଯୋଗ ଦେଲେ ।

ମଧୁବାବୁ ପଶ୍ଚିମ ଓଡିଶାର ନବଜାଗରଣକୁ ସମ୍ମାନ ଦେଖାଇ ଏ ଅଞ୍ଚଳର ବାମଣ୍ଡା ନରପତି ବାସୁଦେବ ସୁବଳ ଦେବଙ୍କୁ ସମ୍ମିଳନୀରେ ସଭାପତି ପଦପାଇଁ ନିମନ୍ତ୍ରଣ କରିଥିଲେ । ମାତ୍ର ସମ୍ମିଳନୀର ପ୍ରାୟ ଏକ ମାସ ପୂର୍ବରୁ ୧୯୦୩ ନଭେମ୍ବର ୧୯ ରେ ସୁବଳ ଦେବ ୫୩ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ । ତାଙ୍କ ସ୍ଥାନରେ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଦେବ ସମ୍ମିଳନୀର ସଭାପତିପଦ ଅଳଙ୍କୃତ କଲେ ।

ସମ୍ମିଳନୀର ଠିକ୍ ପୂର୍ବରୁ ରିସ୍‌ଲୀ ସାର୍କୁଲାର ପ୍ରକାଶ ପାଇଲା । ଏଥିରେ ଓଡିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରୀ କରଣ ପାଇଁ ଏକ ଯୋଜନା ଅନ୍ତର୍ଗତ ଥିଲା । ଏଥିପାଇଁ ସମ୍ମିଳନୀର ସର୍ବପ୍ରଥମ ପ୍ରସ୍ତାବରେ କର୍ଜନଙ୍କ ଉଦ୍ୟମକୁ ସ୍ୱାଗତ ଜଣାଇ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଗଲା । ସମ୍ବଲପୁର ସଦସ୍ୟ ବ୍ରଜମୋହନ ପଟ୍ଟନାୟକ ଏହି ପ୍ରସ୍ତାବର ସମର୍ଥକ ଥିଲେ । ଦ୍ୱିତୀୟ ପ୍ରସ୍ତାବରେ ଫ୍ରେଜର ସାହେବ ସମ୍ବଲପୁରରେ ଓଡିଆ ଭାଷା ସରକାରୀ ଭାଷାରୂପେ ପ୍ରଚଳନ କରାଇଥିବାରୁ ତାଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରାଗଲା । ଏହାକୁ ସମର୍ଥନ କଲେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା । ଅନ୍ୟାନ୍ୟ ପ୍ରଦେଶର ଲୋକମାନଙ୍କ ସହିତ ଉତ୍କଳ ବାସୀଙ୍କ ବନ୍ଧୁତା କାମନା କରି ଗୃହୀତ ତୃତୀୟ ପ୍ରସ୍ତାବର ସମର୍ଥକ ଥିଲେ ଧରଣୀଧର ମିଶ୍ରଙ୍କର ଜ୍ୟେଷ୍ଠପୁତ୍ର ରାମନାରାୟଣ ମିଶ୍ର । ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ପ୍ରଥମ ପ୍ରସ୍ତାବକୁ ସମର୍ଥନ କରିଥିଲେ କବି ଗଙ୍ଗାଧର ମେହେର । ଓଡିଶାରେ ବୈଷୟିକ ଶିକ୍ଷାର ଅଭିବୃଦ୍ଧି ପାଇଁ ପ୍ରସ୍ତାବକୁ ସମର୍ଥନ ଜଣାଇଲେ ଶ୍ରୀପତି ମିଶ୍ର । ସମ୍ବଲପୁରର ଅନେକ ସଦସ୍ୟ ଅଧିବେଶନର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ସୁଯୋଗ ପାଇଥିବାରୁ ଭବିଷ୍ୟତ କାର୍ଯ୍ୟକ୍ରମ ପାଇଁ ସେମାନଙ୍କର ଉତ୍ସାହ ବୃଦ୍ଧି ପାଇଲା ।





୧୯୦୫ ଅକ୍ଟୋବର ମାସରେ ସମ୍ବଲପୁର ଅଞ୍ଚଳ ଓଡିଶା ଡିଭିଜନ ସହିତ ମିଶିଗଲା । ଏହା ଫଳରେ ସମ୍ବଲପୁର ବାସୀଙ୍କ ଆତ୍ମପ୍ରତ୍ୟୟ ବୃଦ୍ଧି ପାଇଲା ମାତ୍ର ପରେ ପରେ ସେମାନେ ଉପଲବ୍ଧି କଲେ ଯେ ଏହାଦ୍ୱାରା ସେମାନଙ୍କ ଉଦ୍ଦେଶ୍ୟ ସାଧିତ ହୋଇ ପାରିନାହିଁ । ସେମାନେ ଦିନେ ମଧ୍ୟପ୍ରଦେଶର ଅଧୀନ ଥିଲେ ଏବଂ ଏବେ ବଙ୍ଗ ଦେଶର ଅଧୀନ ହୋଇ ରହିଲେ । ଅତ୍ୟାଚାର ଓ ଶୋଷଣରେ ବଙ୍ଗ ଅଫିସରମାନେ ମଧ୍ୟପ୍ରଦେଶର ଅଫିସରମାନଙ୍କ ଠାରୁ ନ୍ୟୁନ ନଥିଲେ । ବଙ୍ଗର ସଂସ୍କୃତି ତଥା ରାଜସ୍ୱ ଆଇନ ସମ୍ବଲପୁର ଠାରୁ ଭିନ୍ନ ଥିଲା । ଉତ୍ତର ଓଡିଶା ଏହା ପୂର୍ବରୁ ଶହେ ବର୍ଷ ପର୍ଯ୍ୟନ୍ତ ବଙ୍ଗ ପ୍ରଦେଶର ଶାସନରେ ରହି ଅଭ୍ୟସ୍ତ ହୋଇସାରିଥିଲା । ମାତ୍ର ସମ୍ବଲପୁରବାସୀଙ୍କୁ ଏହି ପରିବର୍ତ୍ତନ ଭଲ ଲାଗିଲା ନାହିଁ । କେତେକେ ମଧ୍ୟପ୍ରଦେଶ ଶାସନକୁ ଫେରିଯିବା ପାଇଁ ଉଦ୍ୟମ କଲେ । ମାତ୍ର ତାହା ବି ସମ୍ଭବ ନଥିଲା ।

୧୯୧୨ ଅଗଷ୍ଟ ୧ ତାରିଖ ଦିନ ବିହାରଓଡିଶା ପ୍ରଦେଶ ଗଠିତ ହେଲା । ଏହାଦ୍ୱାରା ଓଡିଶାକୁ ବଙ୍ଗପ୍ରଦେଶରୁ ନେଇ ବିହାର ସହିତ ସମ୍ମିଳିତ କରାଗଲା । ବଙ୍ଗର ଭାଷା ଓ ସଂସ୍କୃତିର ସାମଞ୍ଜସ୍ୟ ନଥିବାରୁ ଏହା କରାଗଲା ବୋଲି ସରକାର ସଫେଇ ଦେଲେ । ଏହାର ଉତ୍ତରରେ ମଧୁବାବୁ କହିଥିଲେ, " ବାଘ ସହିତ ଗାଈର ସାମଞ୍ଜସ୍ୟ ନାହିଁ ଏବଂ ଗାଈ ସହିତ ଛେଳିର ସାମଞ୍ଜସ୍ୟ ନାହିଁ । ତେଣୁ ବାଘ ସହିତ ଛେଳିକୁ ରଖାଯାଇ ପାରିବ" । ଏଥିରେ ବିହାର ଉପକୃତ ହେଲା ଏବଂ ବଙ୍ଗ ପ୍ରଦେଶ ଉତ୍ତର ଓଡିଶାର ମେଦିନାପୁର ଜିଲ୍ଲା ଲାଭ କଲା । ଏହିସବୁ ଅଭିବୃଦ୍ଧିରେ ସମ୍ବଲପୁର ସୁଖୀ ନଥିଲା ।

ସୁତରାଂ ସମ୍ବଲପୁର ଅଞ୍ଚଳର ଲୋକେ କ୍ରମେ ବୀତସ୍ପୃହ ଓ ନିରୁତ୍ସାହ ହୋଇପଡୁଥିଲେ । ଉତ୍କଳ ସମ୍ମିଳନୀର ଅଧିବେଶନ ମାନଙ୍କରେ ମଧ ସେମାନଙ୍କର ଉପସ୍ଥିତି ଓ ଅଂଶଗ୍ରହଣ ହ୍ରାସ ପାଇଲା । ଏହି ଅଞ୍ଚଳ ପ୍ରତି ମଧୁବାବୁଙ୍କ ଦୁର୍ବଳତା ରହିଥିଲା । ତେଣୁ ସେ ଏହା ଲକ୍ଷ୍ୟ କରି ଦୁଃଖି କଲେ । ମାତ୍ର ସେ ଆଶା କଲେ ଯେ ସେହି ସୁପ୍ତ ସିଂହକୁ ଜାଗ୍ରତ କରିପାରିଲେ ତାର ଉନ୍ମାଦନା ଫେରି ଆସିବ । ଏହି ଆଶାରେ ସେ ସମ୍ମିଳନୀର ଏକ ଅଧିବେଶନ ସମ୍ବଲପୁରରେ କରିବା ପାଇଁ ସ୍ଥିର କଲେ । ତାଙ୍କ ଅନୁରୋଧ କ୍ରମେ ସମ୍ବଲପୁରର ଦୟାନିଧି ମିଶ୍ର ୧୯୧୪ ରେ ସମ୍ମିଳନୀର ପାରଳାଖେମୁଣ୍ଡି ଅଧିବେଶନରେ ଯୋଗଦାନ କରି ପରବର୍ତ୍ତୀ ଅଧିବେଶନ ସମ୍ବଲପୁରରେ କରିବା ପାଇଁ ନିମନ୍ତ୍ରଣ କଲେ । ସମ୍ମିଳନୀ ଦ୍ୱାରା ଏହା ଆନନ୍ଦରେ ଗୃହୀତ ହେଲା ।

ସମ୍ବଲପୁରରେ ୧୯୧୫ ରେ ସମ୍ମିଳନୀର ଏକାଦଶ ଅଧିବେଶନର ପ୍ରସ୍ତାବ ପଶ୍ଚିମ ଓଡିଶାର ସବୁ ଶ୍ରେଣୀର ଲୋକଙ୍କ ଦ୍ୱାରା ଅଭିନନ୍ଦିତ ହେଲା । ସେମାନେ ଏହା ଏକ ସୁଯୋଗ ଓ ଆହ୍ୱାନ ବୋଲି ମନେ କଲେ ଏବଂ ଆଡମ୍ବର ସହିତ ଏହାର ପାଳନ ପାଇଁ ସ୍ଥିର କଲେ । ସମ୍ବଲପୁରରେ ପୁଣି ଥରେ ରାଜନୈତିକ ଜାଗରଣ ଓ ଉନ୍ମାଦନା

ଦେଖାଦେଲା । ସଭା ପାଇଁ ସ୍ଥାନ ନିରୂପଣ, ଅତିଥି ମାନଙ୍କ ପାଇଁ କୋଠାଘରମାନ ଯୋଗାଡ, ଚାନ୍ଦା ଆଦାୟ, ସାଜସଜ୍ଜା, ମୁଦ୍ରଣ, ସ୍ୱେଚ୍ଛାସେବକ ନିର୍ବାଚନ ଇତ୍ୟାଦି କାର୍ଯ୍ୟମାନ ଟିକିନିଖି ଭାବେ ସ୍ଥିର କରି ଦାୟିତ୍ୱ ସଂପନ୍ନ ଲୋକଙ୍କୁ ଅର୍ପଣ କରାଗଲା । ପ୍ରାଥମିକ କାର୍ଯ୍ୟ ସକାଶେ ବଲାଙ୍ଗିର ପାଟଣା ମହାରାଜା ପୃଥ୍ୱୀରାଜ ସିଂହ ଏକ ହଜାର ଟଙ୍କା ଚାନ୍ଦା ପଠାଇ ଦେଇଥିଲେ ।

ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନ ୧୯୧୫ ଡିସେମ୍ବର ୨୭ ଓ ୨୮ ତାରିଖରେ ସମ୍ବଲପୁରର ବୁଢାରଜା ପ୍ରାନ୍ତରରେ ଅନୁଷ୍ଠିତ ହେଲା । ଏହି ଅଧିବେଶନରେ ସଭାପତି ଥିଲେ ସିଂହଭୂମ କେରାରାଜ୍ୟର ଅଧୀଶ୍ୱର ଠାକୁର ସାହେବ ଶ୍ରୀଲକ୍ଷ୍ମୀ ନାରାୟଣ ସିଂହ ଦେଓ । ପ୍ରଥମ ଦିନ ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ସମଲେଶ୍ୱରୀ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇ ମନ୍ଦିରରେ ଧ୍ୱଜା ବନ୍ଧାଗଲା । ଗୋରୁମାନଙ୍କୁ ବନ୍ଦାଣ କରି ଖାଇବାକୁ ଦିଆଗଲା । ମହନ୍ତ ବିହାରୀ ଦାସ ସାଧୁସନ୍ଥମାନଙ୍କୁ ଭୋଜନ କରାଇଲେ । ଲୋକେ ଘରେ ଘରେ ସାଜସଜ୍ଜା ଓ ପୂଜା ଅର୍ଚ୍ଚନାର ଆୟୋଜନ କଲେ । ସାରା ସମ୍ବଲପୁର ଆନନ୍ଦରେ ନାଚି ଉଠୁଥିଲା ।

ଏହି ଅଧିବେଶନରେ ସର୍ବମୋଟ ତେରଟି ପ୍ରସ୍ତାବ ଗୃହୀତ ହେଲା । ତନ୍ମଧ୍ୟରେ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଫୁଲଝର, ଚନ୍ଦ୍ରପୁର, ଖରିଆର ପ୍ରଭୃତି ଅଞ୍ଚଳରେ ଓଡିଆ ଭାଷାର ଅଭିବୃଦ୍ଧି ଓ ପ୍ରସାର, ଓଡିଆଭାଷୀଙ୍କ ନିମନ୍ତେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କଟକରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ, ରେଭେନ୍ସା କଲେଜରେ ବି : ଏଲ୍ ପାଠ୍ୟକ୍ରମ ପ୍ରଚଳନ ଆଦି ପ୍ରସ୍ତାବମାନ ଗୁରୁତ୍ୱପୂର୍ଣ୍ଣ ଥିଲା । ସ୍ଥାନୀୟ ବକ୍ତା ମାନଙ୍କ ମଧ୍ୟରେ ସ୍ୱପ୍ନେଶ୍ୱର ଦାସ, ଭୁବନେଶ୍ୱର ବେହେରା, ମହନ୍ତ ବିହାରୀ ଦାସ, ଓ ଦାଶରଥି ମିଶ୍ର ଏବଂ ଅତିଥି ସଦସ୍ୟଙ୍କ ମଧ୍ୟରୁ ପଣ୍ଡିତ ଗୋପବନ୍ଧୁ ଦାସ, ବିଶ୍ୱନାଥ ଦାସ, ହନୁମନ୍ତ ରାଓ ପଟ୍ଟନାୟକ ଓ ରାମକୃଷ୍ଣ ପଟ୍ଟନାୟକ ଉଦ୍‌ବୋଧନୀ ଭାଷଣ ମାନ ଦେଇଥିଲେ । ମଣ୍ଡପରେ ଗୋପବନ୍ଧୁ ଶପଥ ନେଲେ ଯେ ସେ ଏହାପରେ ଓଡିଆ ଭାଷାର ପ୍ରଚାର ପାଇଁ ସିଂହଭୂମରେ ଚାରିମାସ ଅବସ୍ଥାନ କରିବେ । ଶେଷରେ ଗୋପବନ୍ଧୁ ସଭାପତିଙ୍କ ସଂକ୍ଷିପ୍ତ ଭାଷଣ ପାଠକରିଥିଲେ । ସଭାରେ କେତେକ ଲେଖକଙ୍କ ଗ୍ରନ୍ଥ ଓ କବିତା ବିତରଣ କରାଯାଇଥିଲା ଏବଂ କବିତା ଓ ଲେଖାମାନ ପାଠ କରାଯାଇଥିଲା । ଗଙ୍ଗାଧର ମେହେର ଏକ ଉଦ୍‌ବୋଧନୀ କବିତା ପାଠ କରିଥିଲେ ।

ସମ୍ବଲପୁରରେ ଉତ୍କଳ ସମ୍ମିଳନୀର ଅଧିବେଶନ ହେବାଦ୍ୱାରା ମଧୁବାବୁଙ୍କ ଏକ କାମନା ପୂରଣ ହୋଇପାରିଲା । ମାତ୍ର ସେହି ସମୟରେ ସେ ଏକ ଧର୍ମସଭା ସକାଶେ ଆଲାହାବାଦ ଯିବା ପାଇଁ ବାଧ ହେବାରୁ ସମ୍ବଲପୁର ଯାଇ ପାରିଲେ ନାହିଁ ଏବଂ ସମ୍ମିଳନୀର ସଫଳତା ପାଇଁ ଏକ ସନ୍ଦେଶ ପଠାଇଲେ । ତେଣୁ ସମ୍ବଲପୁର ଅଧିବେଶନରେ





ମଧୁବାବୁଙ୍କ ଭୂମିକା ଗ୍ରହଣ କଲେ ଗୋପବନ୍ଧୁ ଦାସ । ତାଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ଏ ଅଞ୍ଚଳର ଲୋକଙ୍କୁ ପ୍ରଭାବିତ କଲା । ଏହାପରେ ପଶ୍ଚିମ ଓଡିଶା ଗୋପବନ୍ଧୁଙ୍କ ନେତୃତ୍ୱକୁ ଗ୍ରହଣ କରିନେଲା ଏବଂ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇଲା ।

୧୯୧୬ ରେ ଗୋପବନ୍ଧୁ ଭାରତୀୟ ଜାତୀୟ କଂଗ୍ରେସର ଲକ୍ଷ୍ନୌ ଅଧିବେଶନରେ ଯୋଗଦେଲେ । ଏହି ଅଧିବେଶନ ତାଙ୍କର ଜୀବନ ଧାରାକୁ ବଦଳାଇ ଦେଲା । ଏହାପରେ ସେ କଂଗ୍ରେସର ନୀତି ନିୟମକୁ ଆନ୍ତରିକତାର ସହ ଗ୍ରହଣ କଲେ ଏବଂ କଂଗ୍ରେସ କାର୍ଯ୍ୟକ୍ରମକୁ ଓଡିଶାରେ ଆଗେଇ ନେବା ପାଇଁ ସ୍ଥିର କଲେ । ମୂଳରୁ ସେ ଥିଲେ ଜଣେ ଜାତୀୟତାବାଦୀ । ମାତ୍ର ତାଙ୍କର ରାଜନୈତିକ ଗୁରୁ ମଧୁବାବୁ ନରମ ପନ୍ଥୀ ଥିଲେ । ଏତେଦିନ ଯାଏ ମଧୁବାବୁ ଗୋପବନ୍ଧୁଙ୍କର ଜାତୀୟତାବାଦକୁ ଓଡିଆ ଜାତୀୟତାବାଦରେ ସୀମିତ କରି ରଖିଥିଲେ । କ୍ଷତବିକ୍ଷତ ଓଡିଶାକୁ, ଅନୁନ୍ନତ ଓଡିଆ ଜାତିକୁ ଉଠାଇବା ପାଇଁ ଏହା ଆବଶ୍ୟକ ଥିଲା । ଏହି କାର୍ଯ୍ୟରେ ପଡୋଶୀ ରାଜ୍ୟମାନଙ୍କର ସହଯୋଗ ଓ ସହାନୁଭୂତି ପାଇ ନ ପାରି ସେ ଇଂରେଜ କର୍ତ୍ତୃପକ୍ଷଙ୍କର ସହାନୁଭୂତି ଆଶାରେ ବାଧ ହୋଇ ନରମ ପନ୍ଥା ଗ୍ରହଣ କରିଥିଲେ । ମାତ୍ର ଏହାପରେ ମଧୁବାବୁଙ୍କ ମତ ସହିତ ଗୋପବନ୍ଧୁଙ୍କ ମତ ମିଳି ପାରିଲା ନାହିଁ । ଗୋପବନ୍ଧୁ ଉପଲବ୍ଧି କଲେ ଯେ ଭାରତର ଜାତୀୟତା ବିପଦାପନ୍ନ ହୋଇଥିବା ବେଳେ ପ୍ରାଦେଶିକ ଜାତୀୟତାରେ ମାତି ରହିବା ଉଚିତ ନୁହେଁ । ଦଧିଚିଙ୍କ ଭଳି ଓଡିଆ ଜାତିକୁ ଏକ ବୃହତ୍ତର ସ୍ୱାର୍ଥ ପାଇଁ ତ୍ୟାଗ କରିବାକୁ ପଡିବ । ଗୋପବନ୍ଧୁ ମତ ଦେଲେ ଯେ ଭାରତର ଜାତୀୟତା ଯଜ୍ଞରେ ଓଡିଆ ଜାତିକୁ ବଳି ଦିଆଗଲେ ମଧ୍ୟ ସେହି ମହାନ ତ୍ୟାଗ ପାଇଁ ଏ ଜାତି ଇତିହାସର ପୃଷ୍ଠାରେ ଅମର ହୋଇ ରହିବ । ଗୋପବନ୍ଧୁଙ୍କ ଚିନ୍ତାଧାରା ତାଙ୍କ ପ୍ରତି ନୂଆଁ ନୂଆଁ ଆକୃଷ୍ଟ ହୋଇଥିବା ସମ୍ବଲପୁରବାସୀଙ୍କୁ ଉଦ୍‌ବୁଦ୍ଧ କଲା ।

ସେହି ସମୟରେ ଇଂରେଜ ଶାସକ ମାନଙ୍କ ଅନ୍ୟାୟ ଅତ୍ୟାଚାରର ଅନେକ ଘଟଣା ବିଶେଷତଃ ଜାଲିଆନାୱାଲାବାଗ୍‌ରେ ଇଂରେଜ ସେନାପତିଙ୍କର ନିରୀହ ଜନସାଧାରଣଙ୍କ ଉପରେ ଅମାନୁଷିକ ଗୁଳିକାଣ୍ଡ ଯୋଗୁଁ ଶହଶହ ବାଳବୃଦ୍ଧବନିତାଙ୍କ ମୃତ୍ୟୁ ଯୋଗୁଁ ସମଗ୍ର ଭାରତ ଉତ୍ତେଜିତ ଥିଲା । ତେଣୁ ଗାନ୍ଧିଜୀ ଯେତେବେଳେ ଅହିଂସା ସତ୍ୟାଗ୍ରହ ଅସ୍ତ୍ର ନେଇ ବ୍ରିଟିଶ ଶକ୍ତିର ମୁକାବିଲା ପାଇଁ ଆହ୍ୱାନ ଦେଲେ ,ଦେଶବାସୀ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ତାଙ୍କ ପଛରେ ଠିଆ ହେଲେ । ଏହି ସମୟରେ ଓଡିଶାର ବିଭିନ୍ନ ଅଞ୍ଚଳର ଲୋକମାନେ ଗାନ୍ଧିବାଦୀ ଗୋପବନ୍ଧୁଙ୍କ ନେତୃତ୍ୱରେ ଜାତୀୟ ସ୍ରୋତରେ ଝାସ ଦେବା ପାଇଁ ଆଗ୍ରହୀ ହେଲେ ।

୧୯୧୯ ରେ ପବିତ୍ର କ୍ଷେତ୍ର ପୁରୀଠାରେ ଉତ୍କଳ ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହେଲା । ଏଥିରେ ସଭାପତିତ୍ୱ କଲେ ସମ୍ବଲପୁରର ପ୍ରିୟ ନେତା ଚନ୍ଦ୍ରଶେଖର

ବେହେରା । ଏହା କେବଳ ଚନ୍ଦ୍ରଶେଖରଙ୍କ ପାଇଁ ନୁହେଁ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଗୌରବର ବିଷୟ ଥିଲା । ଏହାଦ୍ୱାରା ଏହି ଅଞ୍ଚଳର ଲୋକଙ୍କ ମଧ୍ୟରେ ଦେଶାତ୍ମଭାବ ବୃଦ୍ଧି ପାଇଲା । ଗୋପବନ୍ଧୁଙ୍କ ଇଚ୍ଛାଥିଲା, ପୁରୀ ଶ୍ରୀ କ୍ଷେତ୍ରରେ ହିଁ ଓଡ଼ିଆ ଜାତୀୟତା ଭାରତୀୟ ଜାତୀୟତାର ସ୍ରୋତରେ ମିଶିଯିବ, କିନ୍ତୁ ତାହା ହୋଇପାରିଲା ନାହିଁ । ଗୋପବନ୍ଧୁଙ୍କୁ ପରବର୍ତ୍ତୀ ଅଧିବେଶନ ଯାଏ ଅପେକ୍ଷା କରିବାକୁ ପଡ଼ିଲା ।

୧୯୨୦ ରେ ଗାନ୍ଧିଜୀ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ପାଇଁ ସ୍ଥିର କଲେ । ସେହି ବର୍ଷ ସେପ୍ଟେମ୍ବର ମାସରେ କଲିକତାରେ କଂଗ୍ରେସର ଏକ ବିଶେଷ ଅଧିବେଶନ ବସି ଗାନ୍ଧିଜୀଙ୍କର ଯୋଜନାକୁ ଅନୁମୋଦନ କରାଗଲା । ୧୯୨୦ ଡିସେମ୍ବର ମାସରେ ନାଗପୁରରେ ଅନୁଷ୍ଠିତ କଂଗ୍ରେସର ସାଧାରଣ ଅଧିବେଶନରେ ଏହା ବିପୁଳ ଉତ୍ସାହ ଓ ଉଦ୍ଦୀପନା ସହ ଗୃହୀତ ହେଲା ।

ନାଗପୁର ଅଧିବେଶନରେ ଓଡ଼ିଶାରୁ ପ୍ରାୟ ୩୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା ଓ ଦୟାନିଧି ମିଶ୍ର । ଏହି ଅଧିବେଶନରେ ଓଡ଼ିଶାର ପ୍ରତିନିଧିମାନଙ୍କର ଆବେଦନର ବିଚାର କରି ଭାଷା ସୂତ୍ରରେ ଉତ୍କଳ ପ୍ରଦେଶ କଂଗ୍ରେସ ଗଠନ ପାଇଁ ଅନୁମତି ପ୍ରଦାନ କରାଗଲା । ଏହାଫଳରେ ପ୍ରତିନିଧିମାନଙ୍କ ମଧ୍ୟରେ ଉଲ୍ଲାସ ଓ ଉତ୍ସାହ ଦେଖାଦେଲା ଏବଂ ସେମାନେ କାଳକ୍ଷେପ ନକରି ଉତ୍କଳ ସମ୍ମିଳନୀକୁ ଉତ୍କଳ କଂଗ୍ରେସରେ ପରିଣତ କରିବା ପାଇଁ ସ୍ଥିର ନିଶ୍ଚୟ ହେଲେ । ନାଗପୁର କଂଗ୍ରେସର ପରେ ପରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ଚକ୍ରଧରପୁରଠାରେ ବସିବାର କାର୍ଯ୍ୟକ୍ରମ ଥିଲା । ଓଡ଼ିଶା ପ୍ରତିନିଧିଙ୍କ ପାଇଁ ଏହା ଥିଲା ଏକ ସୁବର୍ଣ୍ଣ ସୁଯୋଗ ।

୧୯୨୦ ଡିସେମ୍ବର ୩୦ ରୁ ୧୯୨୧ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ସିଂହଭୂମ ଜିଲ୍ଲାର ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଅନୁଷ୍ଠିତ ହେଲା । ମଧୁବାବୁ ଏଥିରେ ସଭାପତିତ୍ୱ କରିବେ ବୋଲି ସ୍ଥିର ହୋଇଥିଲା ମାତ୍ର ସେ ଜାଣିଥିଲେ ଯେ ଏହା ସମ୍ମିଳନୀର ଶେଷ ଅଧିବେଶନ ଅଟେ । ମହାଭାରତୀୟ ଉନ୍ମାଦନାରେ ଉଦ୍‌ବୁଦ୍ଧ ଯୁବନେତା ମାନଙ୍କର ଅଗ୍ରଗତିକୁ ବାଧା ଦେବା ପାଇଁ ସେ ଚାହିଁଲେ ନାହିଁ । ତା' ଛଡ଼ା, ନିଜ ପୌରୋହିତ୍ୟରେ ତାଙ୍କର ପ୍ରିୟ ଅନୁଷ୍ଠାନ ଉତ୍କଳ ସମ୍ମିଳନୀର ସମାଧି ଦେବା ତାଙ୍କ ପାଇଁ ଶୋଭନୀୟ ନଥିଲା । ସେ ଚକ୍ରଧରପୁର ଆସିଲେ ନାହିଁ । ତାଙ୍କ ସ୍ଥାନରେ ତାଙ୍କର ବନ୍ଧୁ ବ୍ରଜସୁନ୍ଦର ଦାସଙ୍କୁ ସଭାପତିତ୍ୱ ପାଇଁ ଅନୁରୋଧ କରାଗଲା । ମାତ୍ର ସେ ମଧ୍ୟ ରାଜି ନହେବାରୁ ଜଗବନ୍ଧୁ ସିଂ ସଭାପତି ପଦ ଗ୍ରହଣ କଲେ । ଅଧିବେଶନର ପ୍ରଥମ ଦିବସରେ ଭାରତୀୟ କଂଗ୍ରେସ ଦ୍ୱାରା ଅନୁମୋଦିତ ଉତ୍କଳ କଂଗ୍ରେସ ଗଠନ ପ୍ରସ୍ତାବକୁ ସ୍ୱାଗତ କରାଗଲା ଏବଂ ଓଡ଼ିଶାର ଲୋକେ ବହୁ ସଂଖ୍ୟାରେ ଏଥିରେ





ଯୋଗଦେଇ କଂଗ୍ରେସର କାର୍ଯ୍ୟକ୍ରମକୁ ଆଗେଇ ନେବେ ବୋଲି ଆଶା କରାଗଲା । ଦ୍ୱିତୀୟ ଦିବସରେ ଗୋପବନ୍ଧୁ ଦାସ ଜାତୀୟ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ କରିବା ପାଇଁ ପ୍ରସ୍ତାବ ଆଗତ କଲେ । ବିପୁଳ ହର୍ଷଧ୍ୱନିରେ ତାର ସ୍ୱାଗତ କରାଗଲା । ବ୍ରଜସୁନ୍ଦର ଦାସ ଏହାର ବିରୋଧ କରି କହିଲେ ଯେ ଉତ୍କଳ ସମ୍ମିଳନୀର ମୂଳ ଉଦ୍ଦେଶ୍ୟରେ କୁଠାରାଘାତ କରି ଅନୁଷ୍ଠାନକୁ ମାରିଦେବା ପରିବର୍ତ୍ତେ ଅନ୍ୟ ଏକ ନୂତନ ଅନୁଷ୍ଠାନ "ପ୍ରଦେଶ କଂଗ୍ରେସ" ଗଠନକରି ଭାରତୀୟ କଂଗ୍ରେସର କାର୍ଯ୍ୟକ୍ରମକୁ ଆଗେଇ ନିଆଯାଇ ପାରିବ । ମାତ୍ର ଏହି ପ୍ରସ୍ତାବ ଶୁଣିବା ପାଇଁ କେହି ପ୍ରସ୍ତୁତ ନଥିଲେ । ଗୋପବନ୍ଧୁଙ୍କ ଭାବବିହ୍ୱଳ ପ୍ରସ୍ତାବ ସମର୍ଥନ ପାଇ ଗୃହୀତ ହେଲା ଏହାପରେ ଉତ୍କଳ ସମ୍ମିଳନୀର ନାମ କିଛି କାଳ ପାଇଁ ଲୁଚିଗଲା ଏବଂ ଓଡ଼ିଶାର ରାଜନୈତିକ ନେତୃତ୍ୱ କଂଗ୍ରେସ ହାତକୁ ଚାଲିଗଲା । ୧୯୨୧ ନବବର୍ଷ ଆରମ୍ଭରୁ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ପରିଚାଳନା ଦାୟିତ୍ୱ ଉତ୍କଳ କଂଗ୍ରେସ ବହନ କଲା ।

୧୯୧୫ ରେ ସମ୍ବଲପୁରରେ ଉତ୍କଳ ସମ୍ମିଳନୀର ଅଧିବେଶନ ଦିନରୁ ଓଡ଼ିଶା ତଥା ଭାରତର ରାଜନୀତିରେ ଯାହାସବୁ ଘଟିଯାଉଥିଲା ତାହାର ପ୍ରଭାବ ସମ୍ବଲପୁରର ଶିକ୍ଷିତ ସମାଜ ବିଶେଷତଃ ଛାତ୍ରମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଥିଲା । ଏହା କୋମଳମତି ଛାତ୍ରମାନଙ୍କୁ ସହଜରେ ସ୍ପର୍ଶ କରୁଥିଲା । ଅନେକ ସମୟରେ ସେମାନେ ନିଜ ନିଜ ମଧ୍ୟରେ ଏ ବିଷୟ ଆଲୋଚନା କରୁଥିଲେ । ସେମାନଙ୍କର ଆଗ୍ରହ ବୃଦ୍ଧି ପାଉଥିଲା ଏବଂ ଚରିତ୍ର ଓ ସଂସ୍କାର ବଦଳି ଯାଉଥିଲା । ସେମାନଙ୍କ ମଧ୍ୟରୁ ଯେ ଅନେକେ ନିକଟ ଭବିଷ୍ୟତରେ ସମ୍ବଲପୁରରେ ଜାତୀୟ ଆନ୍ଦୋଳନରେ ନେତୃତ୍ୱ ନେବେ ଅଥବା ଅଂଶ ଗ୍ରହଣ କରିବେ ଏ କଥା ସେହି ସମୟରୁ ହିଁ ପ୍ରତିଭାତ ହେଉଥିଲା ।

ଏକ କ୍ଷୁଦ୍ର ଅଜ୍ଞାତ ପଲ୍ଲୀର ଜଣେ ନୈଷ୍ଠିକ ବ୍ରାହ୍ମଣ ବାଳକ ଏହି ସମୟରେ ସମ୍ବଲପୁରର ଛାତ୍ର ଥିଲା । ଜ୍ୟେଷ୍ଠ ସନ୍ତାନ ରୂପେ ସେ ପିତାମାତାଙ୍କର ଆଶା ଭରସା ଥିଲା । ପାଠରେ ଥିଲା ତାର ଆନ୍ତରିକତା; ନେତା ହେବା ପାଇଁ ଆଗ୍ରହ ନଥିଲା । ଏହିପରି ଜଣେ ଅତି ସରଳ ଛାତ୍ର ମଧ୍ୟ ସେହି ସମୟର ଜାତୀୟ ସ୍ରୋତରେ ପଡ଼ିଗଲା । ତାର ଚରିତ୍ର ଓ ସଂସ୍କାର ବଦଳିଗଲା । ସେ ଆନ୍ଦୋଳନରେ ଝାସ ଦେଲା : ଜେଲ ଗଲା, ଖଦଡ଼ ପିନ୍ଧିଲା, ହରିଜନ ମାନଙ୍କ ସେବା କଲା ଏବଂ ଶେଷରେ ପଶ୍ଚିମ ଓଡ଼ିଶା ଗାନ୍ଧୀ ନାମରେ ଅଭିନନ୍ଦିତ ହୋଇ ଅମର ହୋଇ ରହିଲା । ଏହି ମହାନ ବ୍ୟକ୍ତିଙ୍କର ନାମ ଥିଲା ନୃସିଂହ ଗୁରୁ ।

ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ସମ୍ବଲପୁରର ସ୍ୱାଧୀନତା ଆନ୍ଦୋଳନର ଆଲୋଚନା ସମୟରେ ନୃସିଂହ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଅଛି । ସମ୍ବଲପୁର ଅଞ୍ଚଳର ନୃସିଂହ ଗୁରୁଙ୍କ ସମସାମୟିକ ନେତାଗଣ ପରସ୍ପରର ସହଯୋଗରେ ଏବଂ ହାତକୁ ହାତ ମିଳାଇ ଗାନ୍ଧୀଙ୍କ ଆନ୍ଦୋଳନକୁ ଆଗେଇ ନେଇଥିଲେ । ସେମାନଙ୍କ

ଭୂମିକା ଓ ଅବଦାନ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଥିଲା ; କେହି କମ୍ ବା ବେଶି ନଥିଲେ । ପ୍ରତ୍ୟେକ ନେତାଙ୍କ ଜୀବନୀ ଓ ସାଧନା ପାଇଁ ସ୍ୱତନ୍ତ୍ର ଗ୍ରନ୍ଥର ଆବଶ୍ୟକତା ରହିଛି । ତେବେ ଏ କଥା ମଧ ସତ୍ୟ ଯେ ସମ୍ବଲପୁର ସ୍ୱାଧୀନତା ଆନ୍ଦୋଳନରେ କୌଣସି ନେତାଙ୍କର ଅବଦାନ ସଂପର୍କରେ ଆଲୋଚନା କଲେ ତାହା ଅନ୍ୟ ସମସ୍ତ ସଂଗ୍ରାମୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ହୋଇ ରହିଥାଏ ।





# ନୃସିଂହ ଗୁରୁଙ୍କ ବଂଶ ପରିଚୟ ଓ ଆଦ୍ୟଜୀବନ

ସମ୍ବଲପୁରର ଚୌହାନ ରାଜାମାନେ ଏ ଅଞ୍ଚଳର ଶିକ୍ଷା ଓ ସଂସ୍କୃତିର ଅଭିବୃଦ୍ଧି ପାଇଁ ପୁରୀ ଓ ଗଞ୍ଜାମ ଅଞ୍ଚଳରୁ ଅନେକ ବ୍ରାହ୍ମଣ ପଣ୍ଡିତଙ୍କୁ ଆମନ୍ତ୍ରଣ କରି ପୃଷ୍ଠପୋଷକତା ଅର୍ପଣ କରୁଥିଲେ । ରାଜାମାନଙ୍କର ବଦାନ୍ୟତାରେ ଆକୃଷ୍ଟ ହୋଇ କେତେକ ବ୍ରାହ୍ମଣ ପରିବାର ସ୍ୱତଃ ପ୍ରବୃତ୍ତ ଭାବେ ଚୌହାନ ରାଜାଙ୍କର ଆଶ୍ରୟ ପ୍ରାର୍ଥୀ ହେଉଥିଲେ । ଏହି ପ୍ରକ୍ରିୟାରେ ଗଞ୍ଜାମ ଅଞ୍ଚଳର କେତେକ ବ୍ରାହ୍ମଣ ଅଷ୍ଟାଦଶ ଶତକର ମଧଭାଗରେ ରାଜା ଅଜିତ ସିଂହଙ୍କ ସମୟରେ ସମ୍ବଲପୁର ଚାଲି ଆସିଲେ । ଅଜିତ୍ ସିଂହ ଏମାନଙ୍କ ପାଇଁ ସମ୍ବଲପୁରର ଉତ୍ତର ଦିଗରେ ପ୍ରାୟ ୧୨ କିଲୋମିଟର ଦୂରରେ ଏକ ଶାସନ ଗ୍ରାମ (ବ୍ରାହ୍ମଣ ବସତି) ସ୍ଥାପନ କଲେ । ରାଜାଙ୍କ ନାମାନୁସାରେ, ଏହା ଅଜିତପୁର ଶାସନ ନାମରେ ଅଭିହିତ ହେଲା । ୧୯୬୧ର ଜନଗଣନା ରିପୋର୍ଟରେ ଏହି ଗ୍ରାମର ନାମ ଅଜିତ୍‌ପୁର ଶାସନ ବୋଲି ଉଲ୍ଲେଖ ରହିଛି । ମାତ୍ର ବର୍ତ୍ତମାନ ଏହା ଜନସାଧାରଣରେ ଶାସନ ନାମରେ ପରିଚିତ ଏବଂ ଏଠାରେ ଶାସନ ରେଲଷ୍ଟେସନ ମଧ ରହିଛି ।

ଅଜିତ୍ ସିଂହ ବ୍ରାହ୍ମଣ ଶାସନ ଗ୍ରାମର ବିଧି ଅନୁଯାୟୀ ଏହି ପଲ୍ଲୀର ଗୋଟିଏ ମୁଣ୍ଡରେ ପ୍ରତିଷ୍ଠା କଲେ ନୀଳକଣ୍ଠେଶ୍ୱର ଶିବମନ୍ଦିର ଏବଂ ଅନ୍ୟମୁଣ୍ଡରେ ଏକ ବିଷ୍ଣୁମନ୍ଦିରରେ ପ୍ରତିଷ୍ଠିତ ହେଲେ ମୁରଲୀଧାରୀ ଗୋପୀନାଥ । ପଲ୍ଲୀର ମୁଖ୍ୟ ଗୁରୁ ପରିବାର ଗୋପୀନାଥ ମନ୍ଦିରର ପରିଚାଳନା ଦାୟିତ୍ୱରେ ରହିଲେ । ପରେ ଏହି ମନ୍ଦିରର କେତେକ ଅଂଶଭାଙ୍ଗି ପଡୁଥିବାରୁ ବ୍ରାହ୍ମଣ ଘରି ଗୁରୁ ଚାନ୍ଦା ସଂଗ୍ରହ କରି ତାର ସଂସ୍କାର କରିଥିଲେ ବୋଲି ସମ୍ବଲପୁର ଗେଜେଟିଅରରେ ଲିପିବଦ୍ଧ ରହିଛି । ଶାସନ ଏକ ମୁଆଫି ମାଲଗୁଜାରୀ ଗାଁ ଥିଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ କେତେକ ଅଞ୍ଚଳ ବ୍ରାହ୍ମଣମାନେ କରମୁକ୍ତ ଦାନ ରୂପେ ଭୋଗ କରୁଥିଲେ ।

ଶାସନର ଅନତିଦୂରରେ ଝଣ୍ଡାସିଂହା ନାମକ ଏକ ଆଦିବାସୀ ଗ୍ରାମ ରହିଛି । ଏହି ଗ୍ରାମ ପ୍ରଥମେ ସମ୍ବଲପୁରର ଦଣ୍ଡସେନା ପରିବାରଙ୍କର ଭୋଗରେ ଥିଲା ବୋଲି ଶ୍ରୀ ରାମଚନ୍ଦ୍ର ମଲ୍ଲିକ ତାଙ୍କ ପ୍ରଣୀତ "ସଂକ୍ଷିପ୍ତ କୋଶଳ ଇତିହାସ"ରେ ଏହାକୁ ଦଣ୍ଡାସିଂହା ନାମରେ ଅଭିହିତ କରିଛନ୍ତି । ଦଣ୍ଡସେନା ମାନେ ଜାତିରେ କୈବର୍ତ୍ତ (ଧୀବର) ଥିଲେ । ନାଗପୁରରେ ମରହଟ୍ଟା ରାଜାଙ୍କ ଅଧୀନରେ ନୌ ବିଭାଗରେ କାମ କରୁଥିବା ବେଳେ ଏମାନେ ଏହି ବଂଶୀୟ ପଦବୀ ପ୍ରାପ୍ତ ହୋଇଥିଲେ । ରାଜା ବଳୀୟାର ଦେବଙ୍କ ସମୟରେ ଗୋପାଳ ଦଣ୍ଡସେନା କୌଣସି କାରଣରୁ ସପରିବାର ନାଗପୁରରୁ ପଳାଇ ଆସି

ସମ୍ବଲପୁରରେ ବାସ କରୁଥିଲେ । ତାଙ୍କର ଏକ ସୁନ୍ଦରୀ କନ୍ୟା ଥିଲା । ବଳିୟାର ସିଂହଙ୍କ ପୁତ୍ର ରତନ ସିଂହ ସେହି କନ୍ୟାର ପ୍ରେମରେ ପଡି ତାଙ୍କୁ ବିବାହ କଲେ । ଗୋପାଳ ଦଣ୍ଡସେନାଙ୍କୁ ସମ୍ବଲପୁର ସେନାବିଭାଗର ନୌବାହିନୀରେ ନିଯୁକ୍ତି ଦିଆଗଲା । ଏହାପରେ ଗୋପାଳ ଦଣ୍ଡସେନାଙ୍କର କେତେକ ଆତ୍ମୀୟ ନାଗପୁରରୁ ଆସି ସମ୍ବଲପୁରରେ ରହିଲେ । ଏମାନେ ଏକ ଦଳ ଥିଲେ ଏବଂ ସମଲେଶ୍ୱରୀ ମନ୍ଦିରର ଉତ୍ତର ଦିଗରେ ଦଳଗୁଡି ନାମକ ଏକ ଛୋଟ ମନ୍ଦିର ନିର୍ମାଣ କରି ସେଠାରେ ନାଗଦେବତାଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ସମ୍ବଲପୁରର ରାଜା ଛତ୍ରସାଏ ଏହି ଦଳଗୁଡି ଉଦ୍ଦେଶ୍ୟରେ ଶାସନ ନିକଟସ୍ଥ ଷଣ୍ଢାସିଂହା ଗ୍ରାମ ଦାନ କରିଥିଲେ । ମାତ୍ର ରାଜା ଜୟନ୍ତ ସିଂହ ଏମାନଙ୍କ ପ୍ରତି ବିରକ୍ତ ହୋଇ ଷଣ୍ଢାସିଂହା ଗ୍ରାମ ଫେରାଇ ଆଣିଲେ । ପରେ ଏହି ଗ୍ରାମକୁ ଶାସନର ଗୁରୁ ପରିବାରଙ୍କୁ ଭୋଗ ପାଇଁ ଦାନ କରି ଦିଆଗଲା । ବର୍ତ୍ତମାନ ସୁଦ୍ଧା ଗୋପାଳ ଦଣ୍ଡସେନାଙ୍କ ବଂଶଧର ସମ୍ବଲପୁରର କୁଞ୍ଜେଲପଡାରେ ମହାନଦୀ କୂଳରେ ବାସ କରି ରହିଛନ୍ତି ଏବଂ ଷଣ୍ଢାସିଂହା ଗ୍ରାମ ଗୁରୁ ପରିବାରଙ୍କ ଭୋଗରେ ଅଛି ।

ଶାସନର ଗୁରୁ ପରିବାର କ୍ରମେ ବର୍ଦ୍ଧିତ ହେବାରୁ ପ୍ରସାରଣର ଆବଶ୍ୟକ ହେଲା । ଊନବିଂଶ ଶତକର ମଧ୍ୟ ଭାଗରେ ଏହି ପରିବାରରେ କାଶୀନାଥ ଗୁରୁ ଷଣ୍ଢାସିଂହା ଗ୍ରାମ ଭାଗ ନେଇ ପତ୍ନୀ ରାଧାଦେବୀଙ୍କ ସହିତ ପୈତୃକ ଗୃହ ପରିତ୍ୟାଗ କଲେ ଏବଂ ଷଣ୍ଢାସିଂହା ଉପାନ୍ତରେ ଗୃହ ନିର୍ମାଣ କରି ବସବାସ କଲେ । ସେ ଶାସନ ଆଖପାଖ ଅଞ୍ଚଳର ଯୁବକ ବ୍ରାହ୍ମଣଙ୍କୁ ମୁକ୍ତ ପ୍ରାଙ୍ଗଣରେ ତାଙ୍କ ସହିତ ଘର କରିବା ପାଇଁ ଆମନ୍ତ୍ରଣ କଲେ । ଅଳ୍ପକାଳ ମଧ୍ୟରେ ସେଠାରେ ଗୁରୁ ପାଲୀ ନାମରେ କ୍ଷୁଦ୍ର ବ୍ରାହ୍ମଣ ବସତି ଗଢି ଉଠିଲା । କାଶୀନାଥ ଉଭୟ ଗୁରୁପାଲୀ ଓ ଷଣ୍ଢାସିଂହାର ଭୋଗୀ ବା ଗୌନ୍ତିଆ ହୋଇ ରହିଲେ । ଏହିଠାରେ ରାଧାଦେବୀଙ୍କ ଗର୍ଭରୁ କାଶୀନାଥଙ୍କ ଏକମାତ୍ର ପୁତ୍ର ଗଣେଶରାମ ଜନ୍ମହେଲେ । କାଶୀନାଥ ନିଜ ବାସଗୃହ ନିକଟରେ ଏକ ପାଠଶାଳା ବସେଇ ଷଣ୍ଢାସିଂହା ଓ ଗୁରୁପାଲୀର ପିଲାମାନଙ୍କୁ ପାଠ ପଢାଉଥିଲେ । ପିତାଙ୍କ ପରେ ଗଣେଶରାମ ମଧ୍ୟ ନିଜର କୌଳିକ ବୃତ୍ତି ସହିତ ସେହି ଚାଟଶାଳୀର ଅବଧାନ ରୂପେ ରହିଲେ । ଅତାବିରା ନିକଟସ୍ଥ ସରଣ୍ଡା ଗ୍ରାମର ଜଗଦୀଶ ହୋତାଙ୍କ କନ୍ୟା ଲକ୍ଷ୍ମୀଦେବୀଙ୍କ ସହିତ ଗଣେଶରାମଙ୍କ ବିବାହ ହୋଇଥିଲା । ଜଗଦୀଶ ହୋତାଙ୍କର ପୂର୍ବପୁରୁଷ ସମ୍ବଲପୁର ହୋତାପଡାରେ ରହୁଥିଲେ । ରାଜା ଅଭୟ ସିଂଙ୍କ ସମୟରେ (ପ୍ରାୟ ୧୭୭୦ ଖ୍ରୀଷ୍ଟାବ୍ଦ ) ଏହି ପଡାର ବ୍ରାହ୍ମଣ ମାନେ ଚାନ୍ଦା ସଂଗ୍ରହ କରି ହୋତାପଡା ଜଗନ୍ନାଥ ମନ୍ଦିର ନିର୍ମାଣ କଲେ । ଏହା ଫଳରେ ସେମାନଙ୍କର ସୁ-ନାମ ବୃଦ୍ଧି ପାଇଲା । ସରଣ୍ଡାର ବ୍ରାହ୍ମଣ ଗୌନ୍ତିଆ ସମ୍ବଲପୁରର ଜଣେ ଗରିବ ହୋତା ବ୍ରାହ୍ମଣଙ୍କୁ ନେଇ ସେ ଖୋଲିଥିବା ଚାଟଶାଳୀରେ ତାଙ୍କୁ ଅବଧାନ ରୂପେ ରଖିଲେ । ଏହି ହୋତା ପରିବାରରେ ଜଗଦୀଶଙ୍କ ଜନ୍ମ ହୋଇଥିଲା





ଏବଂ ଜଗଦୀଶଙ୍କ କନ୍ୟା ଲକ୍ଷ୍ମୀ ଗୁରୁପାଲୀ ଗଣେଶରାମଙ୍କ ପତ୍ନୀ ଥିଲେ ।

ବିବାହର ଅନେକ ଦିନ ପର୍ଯ୍ୟନ୍ତ ଲକ୍ଷ୍ମୀ ଦେବୀଙ୍କର କୌଣସି ସନ୍ତାନସନ୍ତତି ନହେବାରୁ ପରିବାରର ସମସ୍ତେ ଚିନ୍ତିତ ଥିଲେ । ୧୯୦୧ ଖ୍ରୀଷ୍ଟାବ୍ଦରେ ବୈଶାଖି ଶୁକ୍ଳ ଚତୁର୍ଦ୍ଦଶୀ ଗଣେଶରାମଙ୍କ ମାତା ରାଧାଦେବୀ ପୁଅବୋହୂଙ୍କ ସହିତ ବିକାଳ ନରସିଂହଙ୍କର ବାର୍ଷିକ ମେଳା ଦେଖିବା ପାଇଁ ପାଇକମାଳ ନୃସିଂହନାଥକୁ ଯାଇଥିଲେ । ମନ୍ଦିରର ପୂଜା ଆରତୀ ସମୟରେ ରାଧାଦେବୀ ଭଗବାନ ନରସିଂହଙ୍କୁ ପ୍ରଣତି ଜଣାଇ ଏକ ନାତି ପାଇବା ପାଇଁ ପ୍ରାର୍ଥନା କରିଥିଲେ । ତାଙ୍କର ଆକୁଳ ପ୍ରାର୍ଥନା ସାର୍ଥକ ହେଲା । ଘରକୁ ଫେରିଆସିବାର କିଛିଦିନ ପରେ ଲକ୍ଷ୍ମୀଦେବୀ ଅନ୍ତଃସତ୍ତ୍ୱା ହେଲେ । ୧୯୦୨ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୨୪ ତାରିଖ ଫାଲ୍ଗୁନ ପୂର୍ଣ୍ଣମୀ ସୋମବାର ଦିନ ତାଙ୍କର ଏକ ପୁତ୍ରରତ୍ନ ଜାତ ହେଲା । ଭଗବାନ ନରସିଂହଙ୍କ ପ୍ରସାଦରୁ ପୁତ୍ରପ୍ରାପ୍ତି ହୋଇଥିଲା ବୋଲି ରାଧାଦେବୀ ନବଜାତ ଶିଶୁର ନାମ ରଖିଲେ " ନୃସିଂହ " । ଦୁଇ ତିନି ବର୍ଷ ପରେ ଲକ୍ଷ୍ମୀଦେବୀଙ୍କ ଅନ୍ୟ ଏକ ପୁତ୍ର ଦୁର୍ଗାପ୍ରସାଦ ମଧ୍ୟ ଜନ୍ମ ଗ୍ରହଣ କଲେ । ଦୁଇ ପୁତ୍ରଙ୍କୁ ନେଇ ଗଣେଶରାମଙ୍କ ଘର ହସି ଉଠିଲା ।

୧୯୦୯ ଖ୍ରୀଷ୍ଟାବ୍ଦ ଶ୍ରୀପଞ୍ଚମୀ ତିଥିରେ ପ୍ରାୟ ସାତ ବର୍ଷ ବୟସରେ ନୃସିଂହ ଗ୍ରାମ୍ୟ ଚାଟଶାଳୀରେ ବିଦ୍ୟାରମ୍ଭ କଲେ । ପିତାଙ୍କ ତତ୍ତ୍ୱାବଧାନରେ ଅଳ୍ପକାଳ ମଧ୍ୟରେ ବର୍ଣ୍ଣ ପରିଚୟ ଶେଷ କରି ଭାଗବତ, ମଥୁରାମଙ୍ଗଳ ଓ ଦାର୍ଢ୍ୟତା ଭକ୍ତି ଆଦି ଧାର୍ମିକ ପାଠକଲେ । ଘରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ଓ ପୁରାଣ ପାଠ ହେଉଥିଲା ଏବଂ କ୍ରମେ ସେ ସବୁ ନିଜେ ପାଠକଲେ । ପିତାମାତାଙ୍କର ସରଳତା ଓ ଆଧ୍ୟାତ୍ମିକ ଭାବ ନୃସିଂହଙ୍କ ଜୀବନକୁ ପ୍ରଭାବିତ କଲା ।

ଏହାପରେ ଗଣେଶରାମ ପୁଅକୁ ନିମ୍ନ ପ୍ରାଥମିକ ସ୍କୁଲରେ ପଢାଇବା ପାଇଁ ଶାସନ ଗ୍ରାମକୁ ନେଇଗଲେ । ନାମ ଲେଖାଇବା ସମୟରେ ସ୍କୁଲର ପ୍ରଧାନ ଶିକ୍ଷକ ସାଗର ପାଢୀ ପିଲା ପୂର୍ବରୁ କଣ ସବୁ ପଢିଛି ଜାଣିବା ପାଇଁ କେତେକ ପ୍ରଶ୍ନ ପଚାରିଲେ ଏବଂ ସେ ନୃସିଂହଙ୍କ ଉତ୍ତରରେ ଖୁସି ହୋଇ ପୁରସ୍କାର ସ୍ୱରୂପ ଦୁଇଟି ତମ୍ବା ପଇସା ପ୍ରଦାନ କଲେ । ସେହି ସମୟରେ ୬୪ ଟି ତମ୍ବା ପଇସାରେ ଗୋଟିଏ ଟଙ୍କା ହେଉଥିଲା ଏବଂ ପଇସାର ମୂଲ୍ୟ ବର୍ତ୍ତମାନର ଟଙ୍କାଠାରୁ ମଧ୍ୟ ବହୁତ ବେଶୀ ଥିଲା ।

ସ୍କୁଲର ପ୍ରଧାନ ଶିକ୍ଷକ ତଥା ଅନ୍ୟାନ୍ୟ ଗୁରୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ମଧ୍ୟ ନୃସିଂହ ସ୍କୁଲପାଠ ପ୍ରତି ଆକୃଷ୍ଟ ହୋଇପାରିଲେ ନାହିଁ । ଏହାର ମୁଖ୍ୟ କାରଣ ଥିଲା ଯେ ଗୁରୁପାଲୀଠାରୁ ଶାସନ ଗ୍ରାମ ଦୁଇ କିଲୋମିଟର ଦୂରରେ ଥିଲା ଏବଂ ସେହି ରାସ୍ତା ଛୋଟପିଲା ପାଇଁ ନିରାପଦ ନଥିଲା । ସ୍କୁଲ ପାଠ୍ୟକ୍ରମରେ ବଗିଚାକାମ ଓ ଡ୍ରିଲ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବାରୁ ନୃସିଂହ ସେହି ନିର୍ଜନ ରାସ୍ତାରେ ଘରକୁ ଫେରିବା ବେଳେ ସନ୍ଧ୍ୟା ହୋଇଯାଉଥିଲା । ତେଣୁ ତାଙ୍କୁ ସ୍କୁଲଯିବା ପାଇଁ ଭୟ ଲାଗୁଥିଲା

ଏବଂ ପାଠପ୍ରତି ତାଙ୍କର ଆସକ୍ତି କ୍ରମେ କମିଯାଉଥିଲା । ତେଣୁ ସେ ଘରେ ରହି ପିତାଙ୍କୁ ସାହାଯ୍ୟ କରିବା ପାଇଁ ଚାହୁଁଥିଲେ । କିନ୍ତୁ ପୁତ୍ରର ଉଚ୍ଚ ଶିକ୍ଷା ପାଇଁ ଗଣେଶରାମ ଆଗ୍ରହୀ ଥିଲେ । ସେହି ସମୟରେ ପ୍ରାଥମିକ ଶିକ୍ଷା ବାଧ୍ୟତା ମୂଳକ ଥିଲା । ଯେଉଁମାନେ ରୀତିମତ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ସ୍କୁଲ ପଠାଉନଥିଲେ ; ତହସିଲଦାର ନୋଟିସ ଦେଇ ସେମାନଙ୍କୁ ଡକାଇ ପଠାଉଥିଲେ ଏବଂ ଅନେକ ସମୟରେ ଦଣ୍ଡବିଧାନ ମଧ କରୁଥିଲେ । ଗଣେଶରାମଙ୍କର ସେହି ସରକାରୀ ଭୟ ମଧ ଥିଲା, ତେଣୁ ସେ ଚିନ୍ତିତ ଥିଲେ ।

ଗଣେଶରାମଙ୍କ ଶ୍ୱଶୁର ଜଗଦୀଶ ହୋତା ଏହି ସମୟରେ ସରଣ୍ଡାର ନିମ୍ନ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ । ସେ ଝିଅଜୋଇଁଙ୍କର ସମସ୍ୟା ବୁଝିପାରି ନାତି ନୃସିଂହଙ୍କୁ ନିଜର ଅଭିଭାବକତ୍ୱରେ ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ସରଣ୍ଡା ନେଇ ଆସିଲେ । ମାତାମହଙ୍କ ଶିକ୍ଷାଦାନ ଓ ପ୍ରେରଣାରେ ନୃସିଂହଙ୍କ ପ୍ରତିଭା ପ୍ରସ୍ଫୁଟିତ ହେଲା ଏବଂ ସେ ଗୋଟିଏ ବର୍ଷରେ ଡବଲ ପ୍ରମୋଶନ ପାଇ ତୃତୀୟ ଶ୍ରେଣୀକୁ ଉନ୍ନୀତ ହେଲେ ।

ଚତୁର୍ଥ ଶ୍ରେଣୀରେ ବୃତ୍ତି ପରୀକ୍ଷା ଦେବା ପାଇଁ ନୃସିଂହ ବରଗଡ଼ ଆସିଥିଲେ । ରେମଣ୍ଡା ଭର୍ଣ୍ଣାକୁଲର ସ୍କୁଲର ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ଦାସ ମଧ ସେହି ବର୍ଷ ବୃତ୍ତି ପରୀକ୍ଷାର୍ଥୀଙ୍କୁ ନେଇ ବରଗଡ଼ର ଦୋରା ଧର୍ମଶାଳାରେ ଅବସ୍ଥାନ କରୁଥିଲେ । ଜଗଦୀଶ ହୋତାଙ୍କର ଅନୁରୋଧ କ୍ରମେ ସ୍ୱପ୍ନେଶ୍ୱର ଦାସ ପରୀକ୍ଷା କିଛି ଦିନ ନୃସିଂହଙ୍କୁ ନିଜ ପାଖରେ ରଖିଥିଲେ । ସ୍ୱପ୍ନେଶ୍ୱର ଦାସଙ୍କ ପାଣ୍ଡିତ୍ୟ ଓ ସ୍ନେହଶୀଳ ବ୍ୟବହାରରେ ନୃସିଂହ ଅଭିଭୂତ ହୋଇଥିଲେ । ସେ ସେହିଦିନରୁ ତାଙ୍କୁ ଗୁରୁ ରୂପେ ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ସମ୍ବଲପୁରରେ ନୃସିଂହ ସ୍ୱପ୍ନେଶ୍ୱରଙ୍କ ନିବିଡ଼ ସଂପର୍କରେ ଆସି ପାରିଥିଲେ ।

ବୃତ୍ତି ପରୀକ୍ଷା ପରେ ପରେ ନୃସିଂହଙ୍କର ଉପନୟନ ସଂସ୍କାର ଅନୁଷ୍ଠିତ ହେଲା । ଅଳ୍ପଦିନ ପରେ ପରୀକ୍ଷା ଫଳ ପ୍ରକାଶ ପାଇଲା ଏବଂ ସେ ସରକାରୀ ବୃତ୍ତିଲାଭ କରି ପଟ୍ଟନାୟକପଡା ମଧ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ବର୍ତ୍ତମାନ ଆମର ଶିକ୍ଷାବର୍ଷ ଜୁଲାଇ ମାସରୁ ଆରମ୍ଭ ହୁଏ । କିନ୍ତୁ ୧୯୪୪ ପୂର୍ବରୁ ଏହା ଜାନୁୟାରୀ ମାସରୁ ଆରମ୍ଭ ହେଉଥିଲା ଏବଂ ପରୀକ୍ଷା ଓ ଫଳ ପ୍ରକାଶନ ଡିସେମ୍ବର ମାସରେ ସରିଯାଉଥିଲା ।

୧୯୦୫ ରେ ସମ୍ବଲପୁର ଓଡ଼ିଶାରେ ସମ୍ମିଳିତ ହେବା ବେଳେ ଏଠାରେ କୌଣସି ମଧଇଂରାଜୀ ବିଦ୍ୟାଳୟ ନଥିଲା । ଇଂରାଜୀ ଶିକ୍ଷାପାଇଁ ଜିଲ୍ଲାସ୍କୁଲ ଏକମାତ୍ର ଅନୁଷ୍ଠାନ ଥିଲା ଏବଂ ବରଗଡ଼, ବରପାଲି, ରେମଣ୍ଡା, ରମ୍ପେଲା, ଟାଂପରସରା, ଓ ସମ୍ବଲପୁର ପଟ୍ଟନାୟକ ପଡାରେ ଛଅଟି ଏମ.ଭି. (ମିଡ଼ିଲ ଭର୍ଣ୍ଣାକୁଲାର୍) ସ୍କୁଲ ରହିଥିଲା । ୧୯୦୮ ରେ ପଟ୍ଟନାୟକ ପଡା ଏମ.ଭି. ସ୍କୁଲ ମଧଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା । କ୍ରମେ ଅନ୍ୟାନ୍ୟ ୫ ଟି ସ୍କୁଲ ମଧ ମି.ଇ.(ମଧ ଇଂରାଜୀ ) ସ୍କୁଲରେ ପରିଣତ ହେଲା । ୧୯୧୪ ରେ ଜାନୁୟାରୀ ମାସରେ ନୃସିଂହ ଗୁରୁ ପଟ୍ଟନାୟକପଡା ମି.ଇ. ସ୍କୁଲରେ ନାମ





ଲେଖାଇଲା ବେଳେ ସମ୍ବଲପୁର ଜିଲ୍ଲାରେ ଥିଲା ଜିଲ୍ଲାସ୍କୁଲ ଏକ ମାତ୍ର ହାଇସ୍କୁଲ ଏବଂ ସର୍ବମୋଟ ଛଅଟି ମି.ଇ. ସ୍କୁଲ ।

ପଟ୍ଟନାୟକ ପଡା ସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ ଓ ଅନ୍ୟତମ ଶିକ୍ଷକ ପଣ୍ଡିତ ବୃନ୍ଦାବନ ଦାନୀଙ୍କ ଆଦର୍ଶ ଜୀବନ ନୃସିଂହଙ୍କୁ ପ୍ରଭାବିତ କଲା । ସ୍କୁଲରେ ନାମ ଲେଖାଇଲା ପରେ ନୃସିଂହ ପ୍ରଥମେ କିଛି ଦିନ ପାଇଁ ବିଦ୍ୟାଧର ମିଶ୍ରଙ୍କ ଅଭିଭାବକତ୍ୱରେ ଫ୍ରେଜର ପ୍ରେସ ନିକଟରେ ରହୁଥିଲେ । ଶ୍ରୀ ମିଶ୍ରଙ୍କ ସଂପାଦନାରେ "ଉତ୍କଳ ସେବକ" ପତ୍ରିକା ଫ୍ରେଜର ପ୍ରେସରେ ମୁଦ୍ରିତ ହେଉଥିଲା । ତାଙ୍କ ପାଖରେ ଅନେକ ନୂତନ ପୁରାତନ ପତ୍ର ପତ୍ରିକା ସଂଗୃହୀତ ଥିଲା । ନୃସିଂହ ତନ୍ମଧ୍ୟରୁ ଅନେକ ପତ୍ରିକା ମନଦେଇ ପଢ଼ିଲେ । ଆଗରୁ ସରଣ୍ଡାରେ ଥିବା ସମୟରେ ତାଙ୍କର ମାତାମହ ଜଗଦୀଶ ହୋତା "ସମ୍ବଲପୁର ହିତୈଷିଣୀ" ପତ୍ରିକାର ନିୟମିତ ଗ୍ରାହକ ଥିଲେ । ଏହି ପତ୍ରିକା ନୃସିଂହଙ୍କ ମନରେ ଆଗ୍ରହ ସୃଷ୍ଟି କରିଥିଲା ଏବଂ ନୂଆଁ ପତ୍ରିକାର ଆସିବା ବାଟକୁ ସେ ଅନାଇ ରହୁଥିଲେ । ଏହିପରି ଭାବରେ ଶିକ୍ଷାର ପ୍ରାରମ୍ଭରୁ ନୃସିଂହ ପତ୍ର ପତ୍ରିକା ପ୍ରତି ଆକୃଷ୍ଟ ହୋଇଥିଲେ । ପରବର୍ତ୍ତୀ କାଳରେ ଏହି ଆସକ୍ତି ତାଙ୍କୁ ଦେଶପ୍ରାଣତାରେ ଉଦ୍‌ବୁଦ୍ଧ କଲା । ଶେଷ ଜୀବନରେ ସେ ସାମ୍ବାଦିକତାକୁ ପେଷା ରୂପେ ଗ୍ରହଣକରି ନେଲେ ।

ବିଦ୍ୟାଧରଙ୍କ ପାଖରେ ଅଳ୍ପ କିଛିଦିନ ରହିବା ପରେ ନୃସିଂହ ଛାତ୍ରାବାସକୁ ଚାଲିଆସିଥିଲେ । ପ୍ରଧାନ ଶିକ୍ଷକ ତାଙ୍କୁ ମେସ ଖର୍ଚ୍ଚରୁ ମୁକ୍ତ କରିଥିଲେ । ତାଙ୍କୁ ସ୍କୁଲ ଦରମା ଦେବାକୁ ମଧ ପଡୁନଥିଲା । ଏହାଛଡ଼ା ସେ ପାଞ୍ଚଟଙ୍କା ବୃତ୍ତି ପାଉଥିଲେ । ପାଠ ପଢ଼ିବା ପାଇଁ ତାଙ୍କୁ ଘର ଉପରେ ନିର୍ଭର କରିବାକୁ ପଡୁନଥିଲା ।

ନୃସିଂହ ପଟ୍ଟନାୟକପଡା ମଧ ଇଂରାଜୀ ବିଦ୍ୟାଳୟରୁ ମଧ ବୃତ୍ତିପାଇ ପାସ କଲେ ଏବଂ ଜିଲ୍ଲା ସ୍କୁଲର ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଲେ । ମଧ ଇଂରାଜୀ ବିଦ୍ୟାଳୟରେ ସେ ଯେଉଁ ଆର୍ଥିକ ସୁବିଧା ପାଉଥିଲେ ତାହା ହାଇସ୍କୁଲରେ ମଧ ପାଇପାରିଲେ । ସରକାରୀ ବୃତ୍ତି ପାଇ ଓ ମେସ ଖର୍ଚ୍ଚରୁ ଅବ୍ୟାହତି ପାଇ ସେ ପାଠ ପଢ଼ାରେ ମନୋନିବେଶ କଲେ । ଏହି ସମୟରେ ବୃତ୍ତିଭୋଗୀ ପିଲାଙ୍କୁ ସ୍କୁଲ ଦରମା ଦେବାକୁ ପଡୁନଥିଲା ଏବଂ ଗରିବ ବ୍ରାହ୍ମଣ ପିଲାଙ୍କୁ ମେସ ଖର୍ଚ୍ଚରୁ ଅବ୍ୟାହତି ଦେବା ପାଇଁ ଅନେକ ବ୍ୟବସ୍ଥା ଥିଲା ।

ସମ୍ବଲପୁର ଜିଲ୍ଲା ସ୍କୁଲର ହଷ୍ଟେଲ ସୁପରିଣ୍ଟେନ୍‌ଡେଣ୍ଟ କୃଷ୍ଣଚନ୍ଦ୍ର ସେନଗୁପ୍ତ ଜଣେ ଆଦର୍ଶ ଓ ନୀତିବାନ ଶିକ୍ଷକ ରୂପେ ବହୁ ଜନ ଆଦୃତ ଥିଲେ । ନୃସିଂହ ତାଙ୍କର ସାନ୍ନିଧ୍ୟ ଲାଭ କରି ରାଜନୀତି ଓ ଆଧ୍ୟାତ୍ମିକତା ବିଷୟରେ ଅନେକ କଥା ଶିକ୍ଷା କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିବା ପାଇଁ ସେନଗୁପ୍ତ ତାଙ୍କୁ ପ୍ରେରଣା ଦେଲେ । ନୃସିଂହ ଜିଲ୍ଲା ସ୍କୁଲର ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବାର ଠିକ ପୂର୍ବରୁ ପିତା

ଗଣେଶରାମ ପୁଅର ବିବାହ ସାରଙ୍ଗ ଗଡ ନିବାସୀ ବାଳାରାମ ମିଶ୍ରଙ୍କର କନ୍ୟା ପ୍ରିୟବ୍ରତାଙ୍କ ସହିତ ସ୍ଥିର କରି ନିର୍ବନ୍ଧ ବିଧି ସାରିଥିଲେ । ସେହି ସମୟରେ ନୈଷ୍ଠିକ ପରିବାର ମାନଙ୍କରେ ବାଲ୍ୟ ବିବାହ ଏକ ସାଧାରଣ ଘଟଣା ଥିଲା । ଅନେକ ସମୟରେ ଶୈଶବାବସ୍ଥାରୁ ମଧ ପୁଅଝିଅର ବିବାହ ନିର୍ବନ୍ଧ ସରିଯାଉଥିଲା । ଏହି ପ୍ରଥମ ବିବାହକୁ ପତ୍ରପେଣ୍ଡି କୁହାଯାଉଥିଲା । ବରପିତା କନ୍ୟାଘରେ ପେଣ୍ଡିଏ ସର୍ତ୍ତପତ୍ର (ଶାଳପତ୍ର) ରଖି ଦେଇ ଆସୁଥିବାରୁ ଏହାର ଏପରି ନାମ କରଣ ହୋଇଥିଲା । ପତ୍ରପେଣ୍ଡି କନ୍ୟାର ବିବାହ ଅନ୍ୟତ୍ର ହୋଇ ପାରୁନଥିଲା । କନ୍ୟାର ବୟୋପ୍ରାପ୍ତି ପରେ ଦ୍ୱିତୀୟ ବିବାହ ବା ବନ୍ଦାପନା ଉତ୍ସବ ପାଳିତ ହେଉଥିଲା । ୧୯୨୨ ରେ କୋଡିଏ ବର୍ଷ ବୟସରେ ନୃସିଂହ ଗୁରୁଙ୍କ ବନ୍ଦାପନା ସଂପନ୍ନ ହେଲା । ସେହି ସମୟ ବେଳକୁ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିନେଇ ସାରିଥିଲେ, ମାତ୍ର ନୃସିଂହ ପାଠ ନପଢି ଦେଶ ସେବାରେ ବ୍ରତୀ ହେବା ପାଇଁ ସ୍ଥିର ନିଶ୍ଚୟ କଲେ । ନୃସିଂହ ଛାତ୍ର ଜୀବନରେ ଏପରି କେତେକ ମହାମନୀଷୀଙ୍କର ସଂସର୍ଗରେ ଆସିଥିଲେ ଯେଉଁ ମାନଙ୍କ ଆଦର୍ଶର ପ୍ରଭାବ ତାଙ୍କୁ ଏପରି ଏକ ମାର୍ଗ ବାଛି ନେବା ପାଇଁ ପ୍ରେରଣା ଦେଇଥିଲା । ଏମାନଙ୍କ ମଧରେ ଧରଣୀଧର ମିଶ୍ର, ସ୍ୱପ୍ନେଶ୍ୱର ଦାଶ, ଓ ଚନ୍ଦ୍ରଶେଖର ବେହେରା ପ୍ରଧାନ ଥିଲେ ।

ପଶ୍ଚିମ ଓଡିଶାର ପ୍ରଥମ ମାଟ୍ରିକୁଲେଟ ଧରଣୀଧର ମିଶ୍ର ସମ୍ବଲପୁର ଭାଷା ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ପରବର୍ତ୍ତୀ ସମୟରେ ସେ ବାନପ୍ରସ୍ଥ ଧରଣୀଧର ନାମରେ ସମ୍ବଲପୁରର ସବୁ ସ୍ତରରେ ଲୋକଙ୍କ ମଧରେ ଆଦର୍ଶ ପୁରୁଷ ଓ ସମ୍ମାନର ପାତ୍ର ହୋଇ ରହିଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ରାମନାରାୟଣ ମିଶ୍ର ଜଣେ ପ୍ରବୀଣ ଓକିଲ ଓ ଦେଶପ୍ରାଣ ନେତା ଥିଲେ । ରାମନାରାୟଣଙ୍କ ପୁତ୍ର ଜଗନ୍ନାଥ ମିଶ୍ର ନୃସିଂହଙ୍କ ସହପାଠୀ ଓ ବନ୍ଧୁ ଥିଲେ । ଜଗନ୍ନାଥ ମଧ ଜଣେ ମେଧାବୀ ଛାତ୍ର ଥିବାରୁ ନୃସିଂହ ତାଙ୍କ ପ୍ରତି ଆକୃଷ୍ଟ ଥିଲେ । ନୃସିଂହ ସମୟ ସମୟରେ ଜଗନ୍ନାଥଙ୍କ ଘରକୁ ଯାଉଥିଲେ ଏବଂ ଭୋଜନ ମଧ କରୁଥିଲେ । ଧରଣୀଧର ଓ ରାମନାରାୟଣ ବାବୁ ତାଙ୍କୁ ଆତ୍ମୀୟ ରୂପେ ଭଲ ପାଉଥିଲେ । ଧରଣୀଧରଙ୍କ ପ୍ରଣୀତ ସଟୀକା ଏକାଦଶ ସ୍କନ୍ଧ, ତତ୍ତ୍ୱବୋଧ , ଓ ଆତ୍ମବୋଧ ପୁସ୍ତକତ୍ରୟ ସେ ଉପହାର ସ୍ୱରୂପ ପାଇଥିଲେ । ସେସବୁ ଗ୍ରନ୍ଥ ଆଧ୍ୟାତ୍ମିକ ଜାଗରଣ ପାଇଁ ତାଙ୍କୁ ପ୍ରେରଣା ଦେଇଥିଲା । ଜାତୀୟ ଜାଗରଣର ଲେଖାମାନ ପ୍ରକାଶ କରିବାପାଇଁ ଧରଣୀଧର ୧୯୧୬ ରେ ମିଶ୍ର ପ୍ରେସ ପ୍ରତିଷ୍ଠା କଲେ । ୧୯୨୧ ରେ ଏହି ପ୍ରେସରୁ ନୀଳକଣ୍ଠ ଦାସଙ୍କ 'ସେବା' ପତ୍ରିକା ମୁଦ୍ରିତ ହେଲା ୧୯୨୦ ରେ ସେ ନିଜର ପୌତ୍ର ଜଗନ୍ନାଥଙ୍କୁ ନେଇ କଂଗ୍ରେସ ଅଧିବେଶନ ନାଗପୁରଠାରେ ଏବଂ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ ଯୋଗଦାନକଲେ । ଏହାଦ୍ୱାରା ସେ ପୌତ୍ର ମାଧମରେ ଛାତ୍ର ଆନ୍ଦୋଳନର ଖେଳ ଆରମ୍ଭ କରିଦେଲେ ଯାହା ତାହିଁ ତାହିଁ ଏକ ଆନ୍ଦୋଳନର ରୂପ ନେଇଗଲା । ଏହା ନୃସିଂହଙ୍କ





ଜୀବନ ଧାରାକୁ ହଠାତ୍ ବଦଳାଇଦେଲା ।

ନୃସିଂହଙ୍କ ଛାତ୍ର ଜୀବନରେ ଅନ୍ୟତମ ଦିଗଦର୍ଶକ ଥିଲେ କବିଭୂଷଣ ସ୍ୱପ୍ନେଶ୍ୱର ଦାସ । ୧୯୧୩ ରେ ନୃସିଂହ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ବରଗଡ ଆସିଥିବା ବେଳେ ଦୋରା ଧର୍ମଶାଳାରେ ସ୍ୱପ୍ନେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ରହିଥିଲେ ବୋଲି ଆଗରୁ କୁହାଯାଇଅଛି । ସେହି ଦିନରୁ ଉଭୟଙ୍କ ମଧରେ ଗୁରୁ ଶିଷ୍ୟ ସଂପର୍କ ପ୍ରତିଷ୍ଠିତ ଥିଲା । ସ୍ୱପ୍ନେଶ୍ୱରଙ୍କ ଉପଦେଶରେ ସେ ବରଗଡ ମି.ଇ. ସ୍କୁଲ ବା ସମ୍ବଲପୁର ଜିଲ୍ଲା ସ୍କୁଲ ପରିବର୍ତ୍ତେ ପଟ୍ଟନାୟକ ପଡା ମି.ଇ. ସ୍କୁଲରେ ନାମ ଲେଖାଇଲେ ।

୧୯୧୪ ରେ ସ୍ୱପ୍ନେଶ୍ୱର ଦାସ ରେମଣ୍ଡାରୁ ସମ୍ବଲପୁର ବଦଳି ଆସିଲେ । ସମ୍ବଲପୁରରେ ଅବସ୍ଥାନ ସମୟରେ ସେ ନୃସିଂହଙ୍କୁ ସମୟ ସମୟରେ ଡକାଇ ପଠାଉଥିଲେ, ତାଙ୍କର ପଢାପଢି ବିଷୟରେ ବୁଝୁଥିଲେ, ଅନେକ ପରାମର୍ଶ ଦେଉଥିଲେ ଏବଂ ବେଳେ ବେଳେ ଆର୍ଥିକ ସାହାଯ୍ୟ ମଧ ଦେଉଥିଲେ । ୧୯୧୫ ର ଉତ୍କଳ ସମ୍ମିଳନୀ ଅଧିବେଶନରେ ସ୍ୱପ୍ନେଶ୍ୱରଙ୍କ ଉଦ୍‌ବୋଧନୀ ଭାଷଣ ନୃସିଂହଙ୍କୁ ପ୍ରଭାବିତ କରିଥିଲା । ସ୍ୱପ୍ନେଶ୍ୱର ୧୯୧୯ ରୁ "ହୀରାଖଣ୍ଡ" ଏବଂ ୧୯୨୧ ରୁ ସାଧନା 'ପତ୍ରିକା' ଏକା ସଙ୍ଗରେ ସଂପାଦନା କରୁଥିଲେ । ତାଙ୍କର ସଂପାଦକୀୟ ଲେଖାମାନଙ୍କରୁ ନୃସିଂହ ଅନେକ ଶିକ୍ଷା ଲାଭ କରୁଥିଲେ ।

ସମ୍ବଲପୁରର ତତ୍କାଳୀନ ପ୍ରିୟ ନେତା ଚନ୍ଦ୍ରଶେଖର ବେହେରା ନୃସିଂହଙ୍କ ପ୍ରତି ସ୍ନେହଶୀଳ ଥିଲେ ଏବଂ ତାଙ୍କୁ ଅନେକ ବିଷୟରେ ସାହାଯ୍ୟ କରିଥିଲେ । ନୃସିଂହ ଚନ୍ଦ୍ରଶେଖରଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ସେ ପଟ୍ଟନାୟକ ପଡା ମି.ଇ. ସ୍କୁଲରେ ନାମ ଲେଖାଇଲା ବେଳେ ଚନ୍ଦ୍ରଶେଖର ବେହେରା ମ୍ୟୁନିସିପାଲିଟୀ (ପୌରସଭା) ର ସେକ୍ରେଟେରୀ ଥିଲେ ଏବଂ ସ୍କୁଲ ପୌରସଭା ଦ୍ୱାରା ପରିଚାଳିତ ଥିଲା । ଚନ୍ଦ୍ରଶେଖର ୧୯୦୨ ରୁ ୧୯୨୫ ପର୍ଯ୍ୟନ୍ତ କ୍ରମାନ୍ୱୟରେ ପୌରସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଆସିଥିଲେ । ୧୯୧୧ ରୁ ୧୯୧୪ ପର୍ଯ୍ୟନ୍ତ ଏହାର ସେକ୍ରେଟେରୀ ଥିଲେ ଏବଂ ୧୯୧୭ ରେ ଚେଆରମେନ (ନଗରପାଳ) ରୂପେ ନିର୍ବାଚିତ ହେଲେ । ତେଣୁ ପୌରସଭାରେ ତାଙ୍କର ଅଖଣ୍ଡ ପ୍ରଭାବ ଥିଲା । ୧୯୧୦ ରେ ପଟ୍ଟନାୟକ ପଡା ସ୍କୁଲ ଏକ ଏମ.ଭି. ସ୍କୁଲ ଥିଲା । ଚନ୍ଦ୍ରଶେଖର ତାକୁ ମଧଇଂରାଜୀ ବିଦ୍ୟାଳୟରେ ପରିଣତ କରିବା ପାଇଁ ପ୍ରସ୍ତାବ ରଖିଲେ । ୧୯୧୦ ଡିସେମ୍ବର ୨୨ ତାରିଖରେ ପୌରପରିଷଦର ଅଧିବେଶନରେ ତାଙ୍କର ପ୍ରସ୍ତାବ କାଟ ଖାଇଲା । ମାତ୍ର ଏଥିରେ ସେ ଦବି ଗଲେ ନାହିଁ । ତାଙ୍କର ଚାପ ଫଳରେ ପରିଷଦର ପରବର୍ତ୍ତୀ ଅଧିବେଶନରେ ଏହା ଗୃହୀତ ହେଲା ଏବଂ ୧୯୧୧ ରୁ ପଟ୍ଟନାୟକ ପଡା ମଧଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା । ଏହା ହୋଇନଥିଲେ ନୃସିଂହ ପଟ୍ଟନାୟକ ପଡା ସ୍କୁଲରେ ପଢିବା ପ୍ରଶ୍ନ ଉଠି ନଥାନ୍ତା । ସେ ଖୁବ ସମ୍ଭବ ବରଗଡର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ର ହୋଇଥାନ୍ତେ ଏବଂ ତାଙ୍କର ଜୀବନର

ଗତି ବଦଳି ଯାଉଥାନ୍ତା । ୧୯୧୯ ରେ ଚନ୍ଦ୍ରଶେଖର ବେହେରା ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ସଭାପତି ରୂପେ ନିର୍ବାଚିତ ହୋଇଥିବା ସମ୍ବାଦରେ ନୃସିଂହ ଉଲ୍ଲସିତ ଥିଲେ । ସଭାପତିଙ୍କର ଦୀର୍ଘ ଭାଷଣର ଏକ ନକଲ ପାଇ ସେ ଯତ୍ନ ସହକାରେ ପଢିଥିଲେ । ତାହା ତାଙ୍କୁ ଦେଶପ୍ରାଣତାରେ ଉଦବୁଦ୍ଧ କରିଥିଲା ।

ଉତ୍କଳ ସମ୍ମିଳନୀର ସମ୍ବଲପୁର ଅଧିବେଶନ ସମୟରେ ନୃସିଂହ ପଟ୍ଟନାୟକପଡା ମଧ୍ୟଇଂରାଜୀ ବିଦ୍ୟାଳୟର ଛାତ୍ର ଥିଲେ । ସ୍କୁଲର ଦ୍ୱିତୀୟ ଶିକ୍ଷକ ବୃନ୍ଦାବନ ଦାନୀ ଛାତ୍ରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍ୱେଚ୍ଛାସେବାଦଳ ଗଢିଥିଲେ । ନୃସିଂହ ସେହି ଦଳରେ ସାମିଲ ହୋଇ ସମ୍ବଲପୁରର ତଥା ବାହାରୁ ଆସିଥିବା ନେତାମାନଙ୍କ ସଂପର୍କରେ ଆସି ପାରିଥିଲେ ଏବଂ ସମ୍ମିଳନୀରେ କେତେକଙ୍କର ଉଦ୍‌ବୋଧନୀ ଭାଷଣ ଶୁଣିଥିଲେ । ଏହି ଅବସରରେ ସେ ଗୋପବନ୍ଧୁଙ୍କର ପ୍ରଥମ ଦର୍ଶନ ଲାଭ କରି ତାଙ୍କର ବ୍ୟକ୍ତିତ୍ୱ ଓ ସୌହାର୍ଦ୍ଦ୍ୟରେ ଅଭିଭୂତ ହୋଇପଡିଥିଲେ ଏବଂ ସେହି ଦିନରୁ ସେ ତାଙ୍କୁ ନିଜର ପ୍ରିୟ ନେତା ରୂପେ ବାଛି ନେଇଥିଲେ । ତେଣୁ ଜଗନ୍ନାଥ ମିଶ୍ର ନାଗପୁର ଓ ଚକ୍ରଧର ପୁରରୁ ଫେରି ଛାତ୍ରବନ୍ଧୁମାନଙ୍କ ଆଗରେ ଯେତେବେଳେ ଗାନ୍ଧୀ ଓ ଗୋପବନ୍ଧୁଙ୍କର ପ୍ରସ୍ତାବ ଓ ଆହ୍ୱାନ ସମ୍ବନ୍ଧରେ କହିଗଲେ, ନୃସିଂହଙ୍କ ତରୁଣ ମନ ବିଚଳିତ ହୋଇ ହୋଇ ଉଠିଲା । ସେ ତାଙ୍କ ପରିବାର ପିତାମାତା ସ୍କୁଲପାଠ ଏବଂ ଆପଣାର ଭବିଷ୍ୟତ କଥାଭୁଲି ଯାଇ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ । ଏହାପରେ ତାଙ୍କର ପରବର୍ତ୍ତୀ କାର୍ଯ୍ୟକ୍ରମ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ ।





# ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନ

ନାଗପୁରର କଂଗ୍ରେସ ଅଧିବେଶନ ଓ ସିଂହଭୂମ ଜିଲ୍ଲା ଚକ୍ରଧର-ପୁର ଉତ୍କଳ ସମ୍ମିଳନୀର ଶେଷ ଅଧିବେଶନରେ ଯୋଗଦେଇ ସାରି ସମ୍ବଲପୁରର ନେତାତ୍ରୟ ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା ଓ ଦାଶରଥି ମିଶ୍ର ୧୯୨୧ ନବବର୍ଷ ଦିବସର ରାତ୍ରିରେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ । ଧରଣୀଧର ମିଶ୍ରଙ୍କ ସାଥିରେ ଥିଲେ ତାଙ୍କର ପୌତ୍ର ଛାତ୍ରନେତା ଜଗନ୍ନାଥ । ଏକାଦିକ୍ରମେ ଦୁଇଟି ଜାତୀୟ ସମ୍ମିଳନୀରେ ଯୋଗଦାନ କରିବା ଫଳରେ ଜଗନ୍ନାଥଙ୍କ ମନରେ ଅପୂର୍ବ ଉତ୍ସାହ ଓ ଉନ୍ମାଦନା ଦେଖାଦେଇଥିଲା । ଘରକୁ ଫେରିବାପରେ ମଧ ସେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପିତାମହ ଧରଣୀଧର ଓ ପିତା ରାମନାରାୟଣଙ୍କ ସହିତ ଏ ବିଷୟରେ ଆଲୋଚନା କଲେ । ପରଦିନ ଜାନୁଆରୀ ୨ ତାରିଖ ସକାଳେ ନିତ୍ୟକର୍ମ ଶେଷକରି ନୃସିଂହ ଗୁରୁଙ୍କ ସମେତ କେତେକ ସହପାଠୀ ପହଞ୍ଚି ଆସିଥିଲେ ଜଗନ୍ନାଥଙ୍କ ଘରକୁ । ସେମାନଙ୍କ ଆଗରେ ଜଗନ୍ନାଥ କଂଗ୍ରେସ ଓ ଉତ୍କଳ ସମ୍ମିଳନୀରେ ତାଙ୍କର ଅଭିଜ୍ଞତା ବିଷୟ ବର୍ଣ୍ଣନା କଲା ସମୟରେ ସମସ୍ତେ ବିଚଳିତ ହୋଇପଡୁଥିଲେ । ସେହି ଦିନ ହିଁ ଛାତ୍ରମାନଙ୍କର ଏକ ସାଧାରଣ ସଭାରେ ଏ ବିଷୟ ଆଲୋଚନା କରିବା ପାଇଁ ସେମାନେ ସ୍ଥିର କଲେ । ସେଦିନ ଥିଲା ରବିବାର ଛୁଟିଦିନ । ତଥାପି ସେମାନେ ସବୁଛାତ୍ରଙ୍କୁ ଏହା ଜଣାଇଦେବା ପାଇଁ ଲାଗି ପଡିଲେ । ରବିବାର ସନ୍ଧ୍ୟାରେ ଛାତ୍ରମାନଙ୍କର ସଭା ବୁଢାରଜା ପାହାଡ ତଳେ ଅନୁଷ୍ଠିତ ହେଲା । ପରଦିନ ୩ ତାରିଖ ସୋମବାରରେ ସ୍କୁଲଗୁଡିକ ବଡଦିନ ଛୁଟିପରେ ଖୋଲୁଥିଲା । ସଭାରେ ଛାତ୍ରମାନେ ସ୍ଥିର କଲେ ଯେ ସେମାନେ ଗାନ୍ଧିଜୀଙ୍କ ଆହ୍ୱାନକୁ ସମ୍ମାନ ଦେଇ କେହି ସ୍କୁଲ ଯିବେ ନାହିଁ । ସତକୁ ସତ ତା ପରଦିନ ଜିଲ୍ଲା ସ୍କୁଲରେ ପ୍ରାୟ ଦୁଇଶହ ଛାତ୍ର ଅନୁପସ୍ଥିତ ଥିବା କଥା ସ୍କୁଲ ରେକର୍ଡରୁ ଜଣା-ଯାଏ । ସେହିଦିନ ଛାତ୍ରମାନେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ବାଲିବନ୍ଧାର ସୋମନାଥ ମନ୍ଦିର ଆଗରେ ସଭା କରିଥିଲେ । ଏହି ସଭାରେ ଚନ୍ଦ୍ରଶେଖର ବେହେରା, ଦାଶରଥି ମିଶ୍ର, ରତନ୍ ସିଂହ ଭାଇ, ଜନାର୍ଦ୍ଦନ ସୁପକାର, ରାମକୃଷ୍ଣ ବେହେରା, ସେଠ୍ ଲଦାଭାଇ ଅରିଆ ପ୍ରମୁଖ ଅନେକ ଦେଶପ୍ରାଣ ନେତା ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଲେ । ସେଦିନ ସ୍କୁଲ ବର୍ଜନ କରିବା ପରେ ଛାତ୍ରମାନେ ସବୁଦିନ ପାଇଁ ସରକାରୀ ସ୍କୁଲ ବର୍ଜନ ନିମନ୍ତେ ସ୍ଥିର କଲେ । ଏମାନଙ୍କ ପାଇଁ ସମ୍ବଲପୁରରେ ଏକ ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠା ସକାଶେ ନେତା ମାନେ ପ୍ରତିଶ୍ରୁତି ଦେଲେ ।

ଅସହଯୋଗ ଆନ୍ଦୋଳନ କେବଳ ଛାତ୍ରମାନଙ୍କ ସ୍କୁଲ ବର୍ଜନରେ ସୀମିତ

ନଥିଲା । ଇଂରେଜ ସରକାରଙ୍କ ଅଧୀନରେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ଥିବା କର୍ମଚାରୀ ମାନେ ସେମାନଙ୍କର ଚାକିରୀ ବର୍ଜନ କଲେ । ଓକିଲ ମାନେ କଚେରୀ ବର୍ଜନ କଲେ । ବିଭିନ୍ନ ସରକାରୀ ସଂସ୍ଥା ବର୍ଜନ କରି ସରକାରୀ କଳକୁ ଅଚଳ କରିଦେବା ପାଇଁ ଏହାର ଲକ୍ଷ୍ୟଥିଲା ।

ଗାନ୍ଧିଜୀଙ୍କର ଅସହଯୋଗ କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ବଲପୁର ଛାତ୍ରମାନେ ସ୍ୱତଃପ୍ରବୃତ୍ତ ଭାବରେ ଯେପରି ତଡିତ୍ ପଦକ୍ଷେପ ଗ୍ରହଣ କଲେ, ଆନ୍ଦୋଳନ ଇତିହାସରେ ବସ୍ତୁତଃ ତାହା ଅତୁଳନୀୟ ଥିଲା । ତେଣୁ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ପ୍ରଥମ ଅଗ୍ନିଶିଖା ସମ୍ବଲପୁରରେ ପ୍ରଜ୍ୱଳିତ ହୋଇଥିଲା ବୋଲି କୁହାଯାଇଥାଏ । କଲିକତାରୁ ପ୍ରକାଶ ପାଉଥିବା **The Servant** ପତ୍ରିକାରେ ସଂପାଦକ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ ସମ୍ବଲପୁର ଆନ୍ଦୋଳନର ଉଚ୍ଚ ପ୍ରଶଂସା କଲେ । ଗୋପବନ୍ଧୁ ଦାସ ସେହି ସମୟରେ କଟକ ସତ୍ୟବାଦୀ ମେସରେ ଥିଲେ । ବର୍ତ୍ତମାନର ସ୍ୱରାଜ ଆଶ୍ରମ (କଂଗ୍ରେସ ଅଫିସ) ସେତେବେଳେ ସତ୍ୟବାଦୀ ମେସ୍ ଥିଲା । ସେ ମେସର ପିଲାଙ୍କ ପାଖକୁ ଯାଇ କହିଲେ, " ଆଜି ମୁଁ ଚିଠି ପାଇଲି ସୁଦୂର ସମ୍ବଲପୁରରେ ପିଲାଏ ହରତାଳ କରିଛନ୍ତି । ଏହାପରେ ବି ତୁମେ ଯଦି ଶୋଇ ରହ, ତୁମର ଉତ୍ତର ପୁରୁଷ ତୁମକୁ କଣ କହିବେ, ଭାବି ପାରୁଛ ?"

ସମ୍ବଲପୁରରେ ଛାତ୍ରମାନେ ଜାନୁଆରୀ ୩ ରେ ସ୍କୁଲ ବର୍ଜନ କଲା ପରେ ୪ ତାରିଖରେ ସହରରେ ସାଧାରଣ ହରତାଳ ପାଇଁ ଆହ୍ୱାନ ଦେଲେ । ଫଳରେ ଦୋକାନ ବଜାର ଆଦି ସବୁ ବନ୍ଦ ରହିଲା । ଏହି ସଫଳତାରେ ଉଦବୁଦ୍ଧ ହୋଇ ସେମାନେ ଆନ୍ଦୋଳନକୁ ଆଗେଇ ନେଲେ । ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯୁବନେତା ମାନେ ଜାଗି ଉଠିଲେ । ଏମାନଙ୍କ ମଧ୍ୟରୁ ବରଗଡର ଚତୁର୍ଭୁଜ ଶର୍ମା, ଅତାବିରାର ଦସ୍ତରୀ ନାୟକ, କୁଚିଣ୍ଡାର ଦାଶରଥି ମିଶ୍ର, ଭେଡେନର ଘନଶ୍ୟାମ ପାଣିଗ୍ରାହୀ, ପଦ୍ମପୁରର ହଜାରୀ ପଟେଲ ଏବଂ ଲଇକେରାର ରତ୍ନାକର ପଟେଲଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଅଳ୍ପ ସମୟ ମଧ୍ୟରେ ସମଗ୍ର ପଶ୍ଚିମ ଓଡିଶାରେ ଅସହଯୋଗ ଆନ୍ଦୋଳନର ବହ୍ନି ବ୍ୟାପିଗଲା । ସମ୍ବଲପୁରରେ ଛାତ୍ରନେତାମାନେ ଯୋଜନାବଦ୍ଧ ଭାବରେ ଭିନ୍ନ ଭିନ୍ନ ଗ୍ରାମକୁ ଯାଇ ଆନ୍ଦୋଳନକାରୀ ମାନଙ୍କ ସହିତ ସାକ୍ଷାତ୍ ଆଲୋଚନା କରୁଥିଲେ ।

**<u>ଜାତୀୟ ବିଦ୍ୟାଳୟ (National School)</u>** :- ସରକାରୀ ବିଦ୍ୟାଳୟ ବର୍ଜନ କରି ଚାଲିଆସୁଥିବା ଛାତ୍ରମାନଙ୍କର ଶିକ୍ଷା ଅବ୍ୟାହତ ରଖିବା ପାଇଁ ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିଗଣ ମିଳିତ ହୋଇ ଫ୍ରେଜର କ୍ଲବ ଘରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କଲେ । ଏଥିରେ ପ୍ରଥମେ ଶଙ୍କର ପ୍ରସାଦ ପାଢୀ, ସୟଦ୍ ଅବଦୁଲ୍ଲା ଓ ବଳଦେବ ବହିଦାରଙ୍କୁ ଅଧ୍ୟାପନା ଦାୟିତ୍ୱରେ ରଖାଗଲା ।





ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୋପବନ୍ଧୁଙ୍କ ସତ୍ୟବାଦୀ ସ୍କୁଲ ଜାତୀୟ ସ୍କୁଲରେ ପରିଣତ ହେବା ଆଗରୁ ସମ୍ବଲପୁରରେ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା । ସେହି ସମୟରେ ନୀଳକଣ୍ଠ ଦାସ କଲିକତାରେ ଜଣେ ଅଧ୍ୟାପକ ରୂପେ କାମ କରୁଥିଲେ । ସେ ନିଜ ବସାରେ ସମ୍ବଲପୁରର ଜଣେ ଛାତ୍ର ଭାଗୀରଥୀ ମିଶ୍ରଙ୍କୁ ରଖିଥିଲେ । ସମ୍ବଲପୁରରେ ଜାତୀୟ ଆନ୍ଦୋଳନ ଓ ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠା ବିଷୟ ଶୁଣିବାକୁ ପାଇ, ତାଙ୍କୁ ଏତେ ଖୁସି ଲାଗିଲା ସେ କଲିକତାର ଅଧ୍ୟାପକ ପଦବୀ ପରିତ୍ୟାଗ କରି ସେହି ଜାତୀୟ ବିଦ୍ୟାଳୟରେ ହିଁ ଶିକ୍ଷକତା କରିବା ପାଇଁ ଇଚ୍ଛାକଲେ । ଗୋପବନ୍ଧୁଙ୍କୁ ସେ ଏହା ଟେଲିଗ୍ରାମ ଦ୍ୱାରା ଜଣାଇଦେଲେ । ୧୯୨୧ ମସିହା ଜାନୁଆରୀ ୧୭ ତାରିଖରେ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ଓ ଭାଗୀରଥୀ ମିଶ୍ର ସମ୍ବଲପୁର ପହଞ୍ଚିଲେ । ସମ୍ବଲପୁର ରେଲ ଷ୍ଟେସନ୍‌ରେ ତାଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ଅନେକ ବିଶିଷ୍ଟ ବ୍ୟକ୍ତି ସମବେତ ଥିଲେ । ସେମାନେ ଏହି ତିନିଜଣଙ୍କୁ ଏକ ମଟର ଗାଡ଼ିରେ ବସାଇ ସହର ଭିତରେ ନେଉଥିଲା ବେଳେ ପ୍ରାୟ ପ୍ରତ୍ୟେକ ଘରର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା ଏବଂ ସ୍ତ୍ରୀ ପୁରୁଷ ମିଶି ସେମାନଙ୍କୁ ଫୁଲଚନ୍ଦନରେ ବନ୍ଦାପନା କରୁଥିଲେ । ଏହି ଅଭୁତପୂର୍ବ ଅଭ୍ୟର୍ଥନାରେ ନୀଳକଣ୍ଠ ଦାସ ଅଭିଭୂତ ହୋଇ ପଡ଼ିଥିଲେ ।

ଇତିମଧ୍ୟରେ ବଳଦେବ ବହିଦାର ସମ୍ବଲପୁର ଜାତୀୟ ବିଦ୍ୟାଳୟରୁ ଚାଲିଯାଇଥିଲେ । ଏହାପରେ ନୀଳକଣ୍ଠ ଦାସ ଏହାର ପ୍ରଧାନ ଶିକ୍ଷକ ଓ ଭାଗୀରଥୀ ମିଶ୍ର ସହକାରୀ ପ୍ରଧାନ ଶିକ୍ଷକ ରୂପେ ଯୋଗ ଦେଲେ । କିଛିଦିନ ପରେ ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକ, ବାଳମୁକୁନ୍ଦ ମିଶ୍ର,ଅନନ୍ତରାମ ବେହେରା, ବିଷ୍ଣୁ ପ୍ରସାଦ ସିଂହ , ସଂସ୍କୃତ ପଣ୍ଡିତ ଶିବକୁମାର ଶାସ୍ତ୍ରୀ, ହିନ୍ଦୀ ଶିକ୍ଷକ କମଳ ପ୍ରସାଦ , ଭଗବାନ ପ୍ରସାଦ ରେଓ୍ୟାନୀ,ନୀଳମଣି ମହାକୁର , ବ୍ୟାୟାମ ଶିକ୍ଷକ ପର୍ଶୁରାମ ସାହାଣୀ ପ୍ରମୁଖ ଅନେକ ଶିକ୍ଷିତ ବ୍ୟକ୍ତି ସ୍ୱତଃ ପ୍ରବୃତ୍ତ ହୋଇ ବିଦ୍ୟାଳୟରେ ଶିକ୍ଷକତା କଲେ । ସେମାନେ ପ୍ରାୟ ସମସ୍ତେ ଅବୈତନିକ ଭାବେ କାର୍ଯ୍ୟ କରୁଥିଲେ । ଏହା ଛଡ଼ା ଜଙ୍ଗଲ ମିସ୍ତ୍ରୀ ଚରଖା ନିର୍ମାଣ ପାଇଁ, ଗୌରାଙ୍ଗ ମେହେର ଲୁଗାବୁଣା ପାଇଁ ଓ ଗଜରାଜ ନାମକ ଜଣେ ହରିଜନ ଖଟ ଦଉଡ଼ି ତିଆରି ପାଇଁ ନିଯୁକ୍ତ ଥିଲେ । ବିହାର-ପାଟଣା ଇଞ୍ଜିନିୟରିଙ୍ଗ ସ୍କୁଲର ଦୁଇଜଣ ଛାତ୍ର ଗଣେଶ ପ୍ରସାଦ ପାଢୀ ଓ ଚକ୍ରଧର ପଣ୍ଡା ପଢ଼ାଛାଡ଼ି ସମ୍ବଲପୁର ଜାତୀୟ ସ୍କୁଲରେ ଶିକ୍ଷକତା କଲେ । ଶିକ୍ଷକମାନଙ୍କଠାରୁ ପ୍ରେରଣା ପାଇ ବିଦ୍ୟାଳୟର ଛାତ୍ର ସଂଖ୍ୟା ବୃଦ୍ଧି ପାଉଥିଲା । ଜାତୀୟ ବିଦ୍ୟାଳୟ ଫ୍ରେଜର କ୍ଲବ ଘରେ ପରିଚାଳିତ ହେଉଥିଲା ଏବଂ ବର୍ତ୍ତମାନ ଯେଉଁଠି ଲେଡ଼ିଲୁଇସ୍ ବାଳିକା ବିଦ୍ୟାଳୟ ଅଛି , ସେଠାରେ ଜିଲ୍ଲା ସ୍କୁଲ ପ୍ରତିଷ୍ଠିତ ଥିଲା । ସେତେବେଳେ ଏହି ଅନୁଷ୍ଠାନ ଦ୍ୱୟ ପରସ୍ପରର ମୁହାଁ ମୁହିଁ ଥିଲେ । ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ନିମାପଡ଼ା ନିବାସୀ ମଧୁସୂଦନ ଦାସ । ସେ ଜିଲ୍ଲାସ୍କୁଲ ବାରଣ୍ଡାରେ ଠିଆ

ହୋଇ ତାଙ୍କ ସ୍କୁଲରୁ ଜାତୀୟ ବିଦ୍ୟାଳୟକୁ ଚାଲିଯାଉଥିବା ପିଲାର ନାମ ଟିପି ରଖୁଥିଲେ ଏବଂ ପରେ ପୋଲିସକୁ ଜଣାଉଥିଲେ । ଜାତୀୟ ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରମାନଙ୍କୁ ପାଠ୍ୟକ୍ରମ ଅନୁସାରେ ଶିକ୍ଷା ଦେଉଥିଲେ ଏବଂ ସମୟ ସମୟରେ ସେମାନେ ଛାତ୍ରମାନଙ୍କ ସହିତ ଗ୍ରାମମାନଙ୍କୁ ଯାଇ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ବୁଝାଉଥିଲେ । ବିଦ୍ୟାଳୟର ଶେଷ ପରୀକ୍ଷା ଉତ୍କଳ ସ୍ୱରାଜ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେଉଥିଲା । ଏହି ପରିଷଦରେ ଗୋପବନ୍ଧୁ ଦାସ ସଭାପତି ଓ ନନ୍ଦକିଶୋର ଦାସ ସଂପାଦକ ଥିଲେ । ଗୋପବନ୍ଧୁ ୧୮ ଜୁନ୍ ୧୯୨୧ ରେ ଏହି ବିଦ୍ୟାଳୟ ପରିଦର୍ଶନ କରି ଗଭୀର ସନ୍ତୋଷ ପ୍ରକାଶ କରିଥିଲେ । ପ୍ରଥମ ବର୍ଷ ଏହି ବିଦ୍ୟାଳୟରୁ ତିନିଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ସେମାନେ ହେଲେ ଜଗନ୍ନାଥ ମିଶ୍ର, ଦାମୋଦର ପାଢୀ ଓ ଅରୁଣ କୁମାର ଦାସ । ଅସହଯୋଗ ଆନ୍ଦୋଳନରେ ଶିଥିଳତା ଦେଖାଦେବା ପରେ ବିଦ୍ୟାଳୟ ବନ୍ଦ ହୋଇଗଲା ଏବଂ ଅନେକ ଛାତ୍ର ସରକାରୀ ବିଦ୍ୟାଳୟମାନଙ୍କୁ ଫେରିଗଲେ ।

<u>କୃତାର୍ଥ ଆଚାର୍ଯ୍ୟ</u>: ସମ୍ବଲପୁର ଜିଲ୍ଲା ସ୍କୁଲରେ ପଢୁଥିବା ବେଳେ କୃତାର୍ଥ ଆଚାର୍ଯ୍ୟ ନୃସିଂହ ଗୁରୁଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ । ଆନ୍ଦୋଳନର କିଛି କାଳ ପୂର୍ବରୁ କୃତାର୍ଥ ପ୍ରାୟ ଏକ ସମୟରେ ପିତାମାତାଙ୍କୁ ହରାଇଲେ । ସେ ନିଃସ୍ୱ ଓ ନିସହାୟ ଥିଲେ । ଭାଇଭଉଣୀଙ୍କ ଦାୟିତ୍ୱ ତାଙ୍କ ଉପରେ ଥିଲା । ସେ ଏହି ସମୟରେ ସରକାରୀ ବୃତ୍ତି, ମାରୱାଡ଼ି ସମାଜର ବୃତ୍ତି ଓ ସୋମନାଥ ଦାସଙ୍କ ଠାରୁ ଆର୍ଥିକ ସାହାଯ୍ୟ ପାଇ ଭାଇ ଭଉଣୀଙ୍କୁ ପୋଷି ପାରୁଥିଲେ । ଆନ୍ଦୋଳନରେ ଯୋଗଦେଲେ ଏହି ସବୁ ବୃତ୍ତି ଓ ସାହାଯ୍ୟ ବନ୍ଦ ହୋଇଯିବା ଆଶଙ୍କା ଥିଲା । କୃତାର୍ଥ ନୃସିଂହଙ୍କୁ ବନ୍ଧୁ ଭାବରେ ଜୀବନର ଦୁଃଖ ଜଣାଉଥିଲେ । ନୃସିଂହ ତାଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ । ଆନ୍ଦୋଳନରୁ ଦୂରରେ ରହିଥିଲେ ମଧ୍ୟ କୃତାର୍ଥ ଛାତ୍ରବନ୍ଧୁମାନଙ୍କଠାରୁ ଦୂରେଇ ଯାଇନଥିଲେ ।

<u>ଜିଲ୍ଲା କଂଗ୍ରେସ ଗଠନ</u>: ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ ଉତ୍କଳ କଂଗ୍ରେସର ନେତୃତ୍ୱରେ ପରିଚାଳିତ ହେବ ବୋଲି ସ୍ଥିର ହୋଇଥିଲା । ମାତ୍ର ବିଧିବଦ୍ଧ ଭାବେ କଂଗ୍ରେସ ଗଠିତ ହେବା ପୂର୍ବରୁ ଆନ୍ଦୋଳନ ବନ୍ୟା ଭଳି ମାଡ଼ି ଆସିଲା ଏବଂ ସ୍ଥାନୀୟ ନେତାମାନେ ତାହାର ପରିଚାଳନା କଲେ । ଏହାଦ୍ୱାରା ପରିସ୍ଥିତି ଅନିୟନ୍ତ୍ରିତ ହୋଇଯାଇପାରେ ବୋଲି ଆଶଙ୍କା ହେଲା । ତେଣୁ ସୁବିଧା ପାଇଲା ମାତ୍ରେ ୧୯୨୧ ମାର୍ଚ୍ଚ ଆରମ୍ଭରେ ଗୋପବନ୍ଧୁ ଦାସ ଉତ୍କଳ ପ୍ରଦେଶ କଂଗ୍ରେସର ଏକ ଅସ୍ଥାୟୀ କମିଟୀ ଗଢ଼ିଲେ । ତହିଁରେ ଗୋପବନ୍ଧୁ ଦାସ ନିଜେ ସଭାପତି, ଏକ୍ରାମ ରସୁଲ ଉପସଭାପତି, ଭାଗୀରଥୀ ମହାପାତ୍ର ସଂପାଦକ ଏବଂ ବ୍ରଜବନ୍ଧୁ ଦାସ ଉପସଂପାଦକ ହେଲେ । ବିଭିନ୍ନ ଜିଲ୍ଲାରେ କଂଗ୍ରେସର ସଂଗଠନ ପାଇଁ କେତେକ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଗଲା । ପଣ୍ଡିତ ନୀଳକଣ୍ଠ ଦାସ ସମ୍ବଲପୁର ଜାତୀୟ ବିଦ୍ୟାଳୟର ଦାୟିତ୍ୱ





ସହ ସେଠାକାର କଂଗ୍ରେସ ସଂଗଠନର ପରିଚାଳନା ଭାର ଗ୍ରହଣ କଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ଏକ କମିଟୀ ରହିଲା । ପରବର୍ତ୍ତୀ କାଳରେ ଯେତେବେଳେ ବିଧିବଦ୍ଧ ଭାବରେ ଜିଲ୍ଲା କଂଗ୍ରେସ କମିଟୀ ଗଢ଼ାଗଲା, ତହିଁରେ ଧରଣୀଧର ମିଶ୍ର ସଭାପତି ଓ ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକ ସଂପାଦକ ରୂପେ ରହିଲେ ।

ଏହି ସମୟରେ ସମ୍ବଲପୁର ସହରରୁ 'ଉତ୍କଳ ସେବକ' ଓ 'ସାଧନା' ନାମରେ ଦୁଇଟି ସାପ୍ତାହିକ ପତ୍ରିକା ଜାତୀୟ ଜାଗରଣ ପାଇଁ ଲେଖାମାନ ପ୍ରକାଶ କରୁଥିଲେ । ଶଙ୍କର ପ୍ରସାଦ ପାଢୀ "ଉତ୍କଳ ସେବକ" ପତ୍ରିକାର ଓ ସ୍ୱପ୍ନେଶ୍ୱର ଦାସ 'ସାଧନା' ପତ୍ରିକାର ସଂପାଦକ ଥିଲେ । ତା' ଛଡ଼ା ସ୍ୱପ୍ନେଶ୍ୱର ଦାସଙ୍କ ସଂପାଦନାରେ 'ହୀରାଖଣ୍ଡ' ନାମକ ମାସିକ ସାହିତ୍ୟ ପତ୍ରିକା ୧୯୨୧ ର ଆରମ୍ଭରୁ ପ୍ରକାଶ ଲାଭ କଲା । ଏହା ସତ୍ତ୍ୱେ ସମ୍ବଲପୁର ଜିଲ୍ଲା କଂଗ୍ରେସ ମୁଖପତ୍ର ରୂପେ ଏକ ସାପ୍ତାହିକ ପତ୍ରିକା ପ୍ରକାଶନର ଆବଶ୍ୟକତା ଉପଲବ୍ଧି କରାଗଲା । ଫଳରେ ନୀଳକଣ୍ଠ ଦାସଙ୍କ ସମ୍ପାଦନାରେ ସାପ୍ତାହିକ 'ସେବା' ପତ୍ରିକା ଜନ୍ମ ନେଲା । ଏହାର ପ୍ରଥମ ସଂଖ୍ୟା ଧରଣୀଧର ମିଶ୍ରଙ୍କର, ମିଶ୍ର ପ୍ରେସରୁ ୧୯୨୧ ମେ ମାସ ୨୮ ତାରିଖ ଦିନ ମୁଦ୍ରିତ ଲାଭ କଲା । ନୀଳକଣ୍ଠଙ୍କୁ ପତ୍ରିକା ପ୍ରକାଶନରେ ସାହାଯ୍ୟ କରିବା ପାଇଁ ନୟାଗଡର ଚନ୍ଦ୍ରଶେଖର ମିଶ୍ର କଟକ କଲେଜ ଛାଡି ସମ୍ବଲପୁର ଆସିଲେ ।

<u>ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡିଶା ଗସ୍ତ (୧୯୨୧ ମାର୍ଚ୍ଚ)</u> - ୧୯୨୧ ମାର୍ଚ୍ଚ ମାସରେ ମହାତ୍ମାଗାନ୍ଧୀ ଆନ୍ଧ୍ରପ୍ରଦେଶର ବେଜୱାଡ଼ା ଠାରେ କଂଗ୍ରେସ କମିଟୀର ଏକ ଅଧିବେଶନରେ ଯୋଗ ଦେବା ପାଇଁ ଓଡିଶା ବାଟ ଦେଇ ଯାଇଥିଲେ । ସେଥର ତାଙ୍କୁ ସମ୍ବଲପୁର ଆଣିବା ପାଇଁ ଉଦ୍ୟମ ହୋଇଥିଲା । ମାତ୍ର ସମୟର ଅଭାବରୁ ସେ ଆସି ପାରିଲେ ନାହିଁ । ତେଣୁ ସମ୍ବଲପୁରର ଅନେକ କଂଗ୍ରେସ କର୍ମୀ କଟକ ଓ ପୁରୀ ଯାଇ ତାଙ୍କର ଦର୍ଶନ ଲାଭ କରିଥିଲେ । ୧୯୨୧ ମାର୍ଚ୍ଚ ୨୩ ରେ ଗାନ୍ଧିଜୀ କଟକରେ ପହଞ୍ଚିଲେ । ପରେ ହଜାର ହଜାର ଲୋକଙ୍କର ବିରାଟ ଶୋଭା ଯାତ୍ରାରେ ତାଙ୍କୁ ରେଳଷ୍ଟେସନରୁ ସ୍ୱରାଜ ଆଶ୍ରମକୁ ନିଆଯାଇଥିଲା । ଏହି ଶୋଭା ଯାତ୍ରାରେ ୭୨ ଟି ସଂକୀର୍ତ୍ତନ ଦଳ ଥିଲେ । ମାର୍ଚ୍ଚ ୨୭ ରେ ଗାନ୍ଧିଜୀ ପୁରୀର ଶରଧା ବାଲିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଲେ । ସେ କହିଥିଲେ ଯେ ଠାକୁର ଜଗନ୍ନାଥଙ୍କୁ ବିଦେଶୀ ବସ୍ତ୍ର ପରିବର୍ତ୍ତେ ଖଦୀ ବସ୍ତ୍ରରେ ବିଭୂଷିତ କରିବା ଉଚିତ । ଓଡିଶାର ବିଭିନ୍ନ ଅଞ୍ଚଳରେ ଅସହଯୋଗ ଆନ୍ଦୋଳନ ତେଜୀୟାନ ହୋଇ ଉଠୁଥିବା ବେଳେ ଗାନ୍ଧିଜୀଙ୍କ ପରିଦର୍ଶନ ଲୋକଙ୍କ ମନରେ ଉନ୍ମାଦନା ସୃଷ୍ଟି କଲା । ସମ୍ବଲପୁରର ନେତାଗଣ ଫେରିଆସିବା ପରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ଲାଗି ପଡ଼ିଲେ ।

୧୯୨୧ ଏପ୍ରିଲ ୬ ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଜାତୀୟ ସପ୍ତାହ ପାଳନ ଅବସରରେ ସମ୍ବଲପୁରରେ ଏକ ହରତାଳର ଆୟୋଜନ ହେଲା । ଦୁଇବର୍ଷ ତଳେ

୧୯୧୯ ଏପ୍ରିଲ ୬ ରେ ଗାନ୍ଧିଜୀ ରାଓଲଟ୍ ଆଇନ ବିରୁଦ୍ଧରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରି ଦେଶ ବ୍ୟାପି ହରତାଳର ଆହ୍ୱାନ ଦେଇଥିଲେ ଏବଂ ପରେ ପରେ ଏପ୍ରିଲ ୧୩ ରେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଘଟିଥିଲା । ତେଣୁ ପ୍ରତିବର୍ଷ ଏପ୍ରିଲ ୬ ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଜାତୀୟ ସପ୍ତାହ ପାଳନ କରି ଏହି ଘଟଣାକୁ ସ୍ମରଣୀୟ କରି ରଖିବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଇଥିଲା ।

ସମ୍ବଲପୁରରେ ୧୯୨୧ ର ଏପ୍ରିଲ ହରତାଳକୁ ବିଫଳ କରିଦେବା ପାଇଁ ସରକାର ଉଦ୍ୟମ ଚଳାଇ ଅନେକଙ୍କୁ ଜେଲରେ ଭର୍ତ୍ତି କରି ଦେଲେ । ଏହି ସମୟରେ ନୃସିଂହ ଗୁରୁ ଜୀବନରେ ପ୍ରଥମ ଥର ପାଇଁ ଜଣେ ସତ୍ୟାଗ୍ରହୀ ରୂପେ କାରାବରଣ କରିଥିଲେ । ଅବଶ୍ୟ ତାଙ୍କୁ ଅଳ୍ପଦିନ ପରେ ମୁକ୍ତ କରି ଦିଆଗଲା । ବାନପ୍ରସ୍ଥ ଧରଣୀଧର ମିଶ୍ର ତାଙ୍କର ମିଶ୍ର ପ୍ରେସରେ ନୀଳକଣ୍ଠ ଦାସଙ୍କ ରଚିତ ଏକ ଜାତୀୟ ସଂଗୀତ "ସ୍ୱରାଜ ଭାୟା ଅଲବତ୍ ହୋଗା "ର ମୁଦ୍ରଣ କରିଥିବାରୁ ତାଙ୍କୁ ପଚିଶ ଟଙ୍କା ଜୋରିମାନା ହେଲା । କଂଗ୍ରେସର କାର୍ଯ୍ୟକ୍ରମ ମାନଙ୍କରେ ଅଂଶ ଗ୍ରହଣ ନ କରିବା ପାଇଁ ଲୋକଙ୍କୁ ଭୟଭୀତ କରି ରଖିବା ସକାଶେ ସବୁ ସରକାରୀ କର୍ମଚାରୀଙ୍କୁ ଡେପୁଟୀ କମିଶନର ନିର୍ଦ୍ଦେଶ ଦେଇଥିଲେ ।

ସମ୍ବଲପୁର ଜିଲ୍ଲାର ଅନେକ ଜମିଦାର ଓ ଗୌନ୍ତିଆ କଂଗ୍ରେସ କାର୍ଯ୍ୟକ୍ରମକୁ ବିଫଳ କରିବା ପାଇଁ ସରକାରଙ୍କୁ ସାହାଯ୍ୟ ଓ ସହଯୋଗ କରୁଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଥିଲେ ରାଜପୁରର ଚୌହାନ ଜମିଦାର ମଧୁକର ସାଏ । ୧୯୨୧ ଜୁନ ମାସ ୧୩ ତାରିଖରେ ନୀଳକଣ୍ଠ ଦାସ, ଚନ୍ଦ୍ରଶେଖର ମିଶ୍ର, ନୃସିଂହ ଗୁରୁ, ମହାବୀର ସିଂହ, ଓ ତ୍ରିଲୋଚନ ସାଏଦେଓ ରାଜପୁରରେ ଏକ କଂଗ୍ରେସ ସଭାର ଆୟୋଜନ କରିଥିଲେ । ସେହି ସ୍ଥାନ ପରିତ୍ୟାଗ କରି ଚାଲିଯିବା ପାଇଁ ସେମାନଙ୍କୁ ଜମିଦାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଗଲା । ସେମାନେ ତାହା ନମାନିବାରୁ କେତେକ ଗୁଣ୍ଡାଲୋକ ସଭା ଉପରେ ଆକ୍ରମଣ କଲେ । ଫଳରେ ସଭା ଭାଙ୍ଗିଗଲା । ମାତ୍ର କଂଗ୍ରେସ ନେତାମାନେ ଏଥିରେ ନିରାଶ ହେଲେ ନାହିଁ । ସେମାନେ ଗ୍ରାମର ବାହାରେ ସଭା କରି କଂଗ୍ରେସରେ ଯୋଗଦେବା ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ ଦେଲେ । ଗ୍ରାମବାସୀମାନେ ମଧ ଜମିଦାରଙ୍କ ବ୍ୟବହାରରେ ବିରକ୍ତି ପ୍ରକାଶ କଲେ ଏବଂ ଜମିଦାରଙ୍କୁ ବିରୋଧ କରି ବହୁ ସଂଖ୍ୟାରେ ଗାନ୍ଧିଜୀଙ୍କର କଂଗ୍ରେସରେ ଯୋଗଦେଲେ । କଂଗ୍ରେସ ନେତା ଓ କର୍ମୀମାନେ ଏହିପରି ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇ ଗାନ୍ଧିଜୀଙ୍କ ନୀତି ଓ କାର୍ଯ୍ୟକ୍ରମର ପ୍ରଚାର କରୁଥିଲେ ।

୧୯୨୧ ଜୁନ ୧୮ ତାରିଖରେ ସଦାକତ ଆଶ୍ରମର ପ୍ରତିଷ୍ଠାତା ମଜରୁଲ ହକ୍ ଗୋପବନ୍ଧୁ ଦାସଙ୍କ ସହିତ ସମ୍ବଲପୁର ପରିଦର୍ଶନରେ ଆସି ପ୍ରାୟ ଚାରିହଜାର ଜନତାଙ୍କର ସଭାରେ ଉଦ୍‌ବୋଧନ ଦେଲେ । ତାଙ୍କର ପରିଦର୍ଶନ ଫଳରେ ସମ୍ବଲପୁରରେ ହିନ୍ଦୁ - ମୁସଲିମ ସଂହତି ଦୃଢ଼ୀଭୂତ ହେଲା ।





ବିଜୟୱାଡ଼ା କଂଗ୍ରେସ କମିଟୀ ଅଧିବେଶନରେ ଗାନ୍ଧିଜୀ ଘୋଷଣା କଲେ ଯେ ୧୯୨୧ ଜୁନ ମାସ ଶେଷ ସୁଦ୍ଧା କଂଗ୍ରେସ ତରଫରୁ ତିଲକ ସ୍ୱରାଜ ପାଣ୍ଠି ପାଇଁ ଏକ କୋଟି ଟଙ୍କା ଚାନ୍ଦା ଆଦାୟ ହେବ, ଏକ କୋଟି ସଦସ୍ୟ ପଞ୍ଜିକୃତ କରାଯିବ ଏବଂ ୨୦ ଲକ୍ଷ ଚରଖା ବିତରଣ କରାଯିବ । ଏଥିରୁ ଓଡ଼ିଶାର ଅଂଶ ହେଲା ପାଞ୍ଚଲକ୍ଷ ଟଙ୍କା ଚାନ୍ଦା ସଂଗ୍ରହ, ପାଞ୍ଚଲକ୍ଷ ସଦସ୍ୟ ଗ୍ରହଣ ଏବଂ ଏକଲକ୍ଷ ଚରଖା ବିତରଣ । ଗୋପବନ୍ଧୁ ଦୁଃଖର ସହିତ ପ୍ରକାଶ କରିଥିଲେ ଯେ ଭାରତର ଅନ୍ୟାନ୍ୟ ଅଞ୍ଚଳର ଲୋକେ ନିର୍ଦ୍ଦିଷ୍ଟ ସମୟ ସୀମା ପୂର୍ବରୁ ଏହି ଲକ୍ଷ୍ୟ ସହଜରେ ପୂରଣ କରି ପାରିଥିଲେ ମଧ ଓଡିଶା ଏଥିରେ ବହୁତ ପଛରେ ରହିଯାଇଥିଲା । ୧୯୨୧ ଜୁନ ୩୦ ତାରିଖ ସୁଦ୍ଧା ସମ୍ବଲପୁରରେ ୫୪୩୪ ଜଣ ବ୍ୟକ୍ତି କଂଗ୍ରେସରେ ସଦସ୍ୟ ରୂପେ ଯୋଗ ଦେଇଥିଲେ, ୨୮୬୮ ଟଙ୍କା ତିଲକ ସ୍ୱରାଜ ପାଣ୍ଠିପାଇଁ ଆଦାୟ ହୋଇଥିଲା ଏବଂ ସାତହଜାର ଚରଖା ବଣ୍ଟାଯାଇଥିଲା ।

୧୯୨୧ ନଭେମ୍ବର ମାସରେ ଉତ୍କଳ କଂଗ୍ରେସ କମିଟୀର ପୁର୍ନଗଠନ କରାଯାଇଥିଲା । ନୀଳକଣ୍ଠ ଦାସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅକ୍ଟୋବର ମାସରେ ସମ୍ବଲପୁରରୁ ବିଦାୟ ନେଲେ । ନୂତନ କଂଗ୍ରେସ କମିଟୀ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଗଢ଼ା ହେବା ପରେ ନୀଳକଣ୍ଠ ଦାସ ତାର ନିର୍ବାଚିତ ସଦସ୍ୟ ହେଲେ । ଏହାପରେ ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍କଳ କଂଗ୍ରେସ କମିଟୀରେ ତାଙ୍କର ପ୍ରଭାବ ଓ ପ୍ରତିପତ୍ତି ପ୍ରତିଷ୍ଠିତ ହୋଇ ରହିଥିଲା ।

୧୯୨୧ ନଭେମ୍ବର ୧୭ ତାରିଖ ଦିନ ଇଂଲଣ୍ଡର ଯୁବରାଜ ପ୍ରିନ୍ସ ଅଫ୍ ୱେଲସ୍ ଭାରତ ପରିଦର୍ଶନରେ ଆସି ବମ୍ବେରେ (ମୁମ୍ବାଇ) ଅବତରଣ କଲେ । ସେହି ଦିନ କଂଗ୍ରେସ ତରଫରୁ ଭାରତ ବ୍ୟାପି ହରତାଳ ପାଇଁ ଆହ୍ୱାନ ଦିଆଯାଇଥିଲା । ସରକାରଙ୍କ ପାଇଁ ଏହା ଏକ ସମ୍ମାନର ପ୍ରଶ୍ନ ଥିଲା । ତେଣୁ ଏହାର ଦମନ ପାଇଁ ସରକାରୀ କର୍ମଚାରୀମାନେ ହିଂସ୍ର ହୋଇ ଉଠିଲେ । କଂଗ୍ରେସର ସ୍ୱେଚ୍ଛାସେବକ ବାହିନୀକୁ ବେଆଇନ ଘୋଷଣା କରି ସେମାନଙ୍କୁ ବହୁ ସଂଖ୍ୟାରେ ଗିରଫ କରି ନିଆଗଲା । ୧୯୨୧ ଡିସେମ୍ବର ୧୨ ରେ ଧରଣୀଧର ମିଶ୍ର, ଗଣେଶ ପ୍ରସାଦ ପାଢୀ, ଭାଗୀରଥୀ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର ଓ ମହାବୀର ସିଂହଙ୍କ ଉପରେ ୧୪୪ ଧାରା ଜାରି ହେଲା । ଏହା ପରେ ପରେ ମହାବୀର ସିଂହଙ୍କୁ ଗୋପସୁଗୁଡ଼ାରୁ ଗିରଫ କରି ନିଆଗଲା । ସରକାରଙ୍କ ଅତ୍ୟାଚାର ବିରୁଦ୍ଧରେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ସଭାମାନ ଆୟୋଜିତ ହେଲା । ଏହି ସମୟରୁ ଚିନ୍ତାମଣି ପୂଜାରୀ ଗୋପସୁଗୁଡ଼ା ନିକଟସ୍ଥ ପଞ୍ଚପଡା ଗ୍ରାମରେ ଆନ୍ଦୋଳନ ଆରମ୍ଭ କଲେ । ଚିନ୍ତାମଣି ଓ ନୃସିଂହ କଂଗ୍ରେସର ନିଷ୍ଠାପର କର୍ମୀ ଥିଲେ । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଲା ।

୧୯୨୧ ଡିସେମ୍ବର ଶେଷ ସପ୍ତାହରେ ଅହମଦାବାଦ ଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ବସିଲା । ଚିତ୍ତରଞ୍ଜନ ଦାସ ଏହାର ସଭାପତି ନିର୍ବାଚିତ ହୋଇଥିଲେ । ମାତ୍ର

୧୯୧୯ ଏପ୍ରିଲ ୬ ରେ ଗାନ୍ଧିଜୀ ରାଓଲାଟ୍ ଆଇନ ବିରୁଦ୍ଧରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରି ଦେଶ ବ୍ୟାପି ହରତାଳର ଆହ୍ୱାନ ଦେଇଥିଲେ ଏବଂ ପରେ ପରେ ଏପ୍ରିଲ ୧୩ ରେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଘଟିଥିଲା । ତେଣୁ ପ୍ରତିବର୍ଷ ଏପ୍ରିଲ ୬ ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଜାତୀୟ ସପ୍ତାହ ପାଳନ କରି ଏହି ଘଟଣାକୁ ସ୍ମରଣୀୟ କରି ରଖିବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଇଥିଲା ।

ସମ୍ବଲପୁରରେ ୧୯୨୧ ର ଏପ୍ରିଲ ହରତାଳକୁ ବିଫଳ କରିଦେବା ପାଇଁ ସରକାର ଉଦ୍ୟମ ଚଳାଇ ଅନେକଙ୍କୁ ଜେଲରେ ଭର୍ତ୍ତି କରି ଦେଲେ । ଏହି ସମୟରେ ନୃସିଂହ ଗୁରୁ  ଜୀବନରେ ପ୍ରଥମ ଥର ପାଇଁ ଜଣେ ସତ୍ୟାଗ୍ରହୀ ରୂପେ କାରାବରଣ କରିଥିଲେ । ଅବଶ୍ୟ ତାଙ୍କୁ ଅଳ୍ପଦିନ ପରେ ମୁକ୍ତ କରି ଦିଆଗଲା । ବାନପ୍ରସ୍ଥ ଧରଣୀଧର ମିଶ୍ର ତାଙ୍କର ମିଶ୍ର ପ୍ରେସରେ ନୀଳକଣ୍ଠ ଦାସଙ୍କ ରଚିତ ଏକ ଜାତୀୟ ସଂଗୀତ "ସ୍ୱରାଜ ଭାୟା ଅଲବତ୍ ହୋଗା"ର ମୁଦ୍ରଣ କରିଥିବାରୁ ତାଙ୍କୁ ପଚିଶ ଟଙ୍କା ଜୋରିମାନା ହେଲା । କଂଗ୍ରେସର କାର୍ଯ୍ୟକ୍ରମ ମାନଙ୍କରେ ଅଂଶ ଗ୍ରହଣ ନ କରିବା ପାଇଁ ଲୋକଙ୍କୁ ଭୟଭୀତ କରି ରଖିବା ସକାଶେ ସବୁ ସରକାରୀ କର୍ମଚାରୀଙ୍କୁ ଡେପୁଟୀ କମିଶନର ନିର୍ଦ୍ଦେଶ ଦେଇଥିଲେ ।

ସମ୍ବଲପୁର ଜିଲ୍ଲାର ଅନେକ ଜମିଦାର ଓ ଗୌନ୍ତିଆ କଂଗ୍ରେସ କାର୍ଯ୍ୟକ୍ରମକୁ ବିଫଳ କରିବା ପାଇଁ ସରକାରଙ୍କୁ ସାହାଯ୍ୟ ଓ ସହଯୋଗ କରୁଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଥିଲେ ରାଜପୁରର ଚୌହାନ ଜମିଦାର ମଧୁକର ସାଏ । ୧୯୨୧ ଜୁନ ମାସ ୧୩ ତାରିଖରେ ନୀଳକଣ୍ଠ ଦାସ, ଚନ୍ଦ୍ରଶେଖର ମିଶ୍ର, ନୃସିଂହ ଗୁରୁ, ମହାବୀର ସିଂହ, ଓ ତ୍ରିଲୋଚନ ସାଏଦେଓ ରାଜପୁରରେ ଏକ କଂଗ୍ରେସ ସଭାର ଆୟୋଜନ କରିଥିଲେ । ସେହି ସ୍ଥାନ ପରିତ୍ୟାଗ କରି ଚାଲିଯିବା ପାଇଁ ସେମାନଙ୍କୁ ଜମିଦାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଗଲା । ସେମାନେ ତାହା ନମାନିବାରୁ କେତେକ ଗୁଣ୍ଡାଲୋକ ସଭା ଉପରେ ଆକ୍ରମଣ କଲେ । ଫଳରେ ସଭା ଭାଙ୍ଗିଗଲା । ମାତ୍ର କଂଗ୍ରେସ ନେତାମାନେ ଏଥିରେ ନିରାଶ ହେଲେ ନାହିଁ । ସେମାନେ ଗ୍ରାମର ବାହାରେ ସଭା କରି କଂଗ୍ରେସରେ ଯୋଗଦେବା ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ ଦେଲେ । ଗ୍ରାମବାସୀମାନେ ମଧ୍ୟ ଜମିଦାରଙ୍କ ବ୍ୟବହାରରେ ବିରକ୍ତି ପ୍ରକାଶ କଲେ  ଏବଂ ଜମିଦାରଙ୍କୁ ବିରୋଧ କରି ବହୁ ସଂଖ୍ୟାରେ ଗାନ୍ଧିଜୀଙ୍କର କଂଗ୍ରେସରେ ଯୋଗଦେଲେ । କଂଗ୍ରେସ ନେତା ଓ କର୍ମୀମାନେ ଏହିପରି ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇ ଗାନ୍ଧିଜୀଙ୍କ ନୀତି ଓ କାର୍ଯ୍ୟକ୍ରମର ପ୍ରଚାର କରୁଥିଲେ ।

୧୯୨୧ ଜୁନ ୧୮ ତାରିଖରେ ସଦାକତ ଆଶ୍ରମର ପ୍ରତିଷ୍ଠାତା ମଜରୁଲ ହକ ଗୋପବନ୍ଧୁ ଦାସଙ୍କ ସହିତ ସମ୍ବଲପୁର ପରିଦର୍ଶନରେ ଆସି ପ୍ରାୟ ଚାରିହଜାର ଜନତାଙ୍କର ସଭାରେ ଉଦ୍‌ବୋଧନ ଦେଲେ । ତାଙ୍କର ପରିଦର୍ଶନ ଫଳରେ ସମ୍ବଲପୁରରେ ହିନ୍ଦୁ - ମୁସଲିମ ସଂହତି ଦୃଢ଼ୀଭୂତ ହେଲା ।





ବିଜୟୱାଡ଼ା କଂଗ୍ରେସ କମିଟୀ ଅଧିବେଶନରେ ଗାନ୍ଧିଜୀ ଘୋଷଣା କଲେ ଯେ ୧୯୨୧ ଜୁନ ମାସ ଶେଷ ସୁଦ୍ଧା କଂଗ୍ରେସ ତରଫରୁ ତିଳକ ସ୍ୱରାଜ ପାଣ୍ଠି ପାଇଁ ଏକ କୋଟି ଟଙ୍କା ଚାନ୍ଦା ଆଦାୟ ହେବ, ଏକ କୋଟି ସଦସ୍ୟ ପଞ୍ଜିକୃତ କରାଯିବ ଏବଂ ୨୦ ଲକ୍ଷ ଚରଖା ବିତରଣ କରାଯିବ । ଏଥିରୁ ଓଡ଼ିଶାର ଅଂଶ ହେଲା ପାଞ୍ଚଲକ୍ଷ ଟଙ୍କା ଚାନ୍ଦା ସଂଗ୍ରହ, ପାଞ୍ଚଲକ୍ଷ ସଦସ୍ୟ ଗ୍ରହଣ ଏବଂ ଏକଲକ୍ଷ ଚରଖା ବିତରଣ । ଗୋପବନ୍ଧୁ ଦୁଃଖର ସହିତ ପ୍ରକାଶ କରିଥିଲେ ଯେ ଭାରତର ଅନ୍ୟାନ୍ୟ ଅଞ୍ଚଳର ଲୋକେ ନିର୍ଦ୍ଦିଷ୍ଟ ସମୟ ସୀମା ପୂର୍ବରୁ ଏହି ଲକ୍ଷ୍ୟ ସହଜରେ ପୂରଣ କରି ପାରିଥିଲେ ମଧ୍ୟ ଓଡ଼ିଶା ଏଥିରେ ବହୁତ ପଛରେ ରହିଯାଇଥିଲା । ୧୯୨୧ ଜୁନ ୩୦ ତାରିଖ ସୁଦ୍ଧା ସମ୍ବଲପୁରରେ ୫୪୩୪ ଜଣ ବ୍ୟକ୍ତି କଂଗ୍ରେସରେ ସଦସ୍ୟ ରୂପେ ଯୋଗ ଦେଇଥିଲେ, ୨୮୭୮ ଟଙ୍କା ତିଳକ ସ୍ୱରାଜ ପାଣ୍ଠିପାଇଁ ଆଦାୟ ହୋଇଥିଲା ଏବଂ ସାତହଜାର ଚରଖା ବଣ୍ଟାଯାଇଥିଲା ।

୧୯୨୧ ନଭେମ୍ବର ମାସରେ ଉତ୍କଳ କଂଗ୍ରେସ କମିଟୀର ପୁନର୍ଗଠନ କରାଯାଇଥିଲା । ନୀଳକଣ୍ଠ ଦାସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅକ୍ଟୋବର ମାସରେ ସମ୍ବଲପୁରରୁ ବିଦାୟ ନେଲେ । ନୂତନ କଂଗ୍ରେସ କମିଟୀ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଗଢ଼ା ହେବା ପରେ ନୀଳକଣ୍ଠ ଦାସ ତାର ନିର୍ବାଚିତ ସଦସ୍ୟ ହେଲେ । ଏହାପରେ ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍କଳ କଂଗ୍ରେସ କମିଟୀରେ ତାଙ୍କର ପ୍ରଭାବ ଓ ପ୍ରତିପତ୍ତି ପ୍ରତିଷ୍ଠିତ ହୋଇ ରହିଥିଲା ।

୧୯୨୧ ନଭେମ୍ବର ୧୭ ତାରିଖ ଦିନ ଇଂଲଣ୍ଡର ଯୁବରାଜ ପ୍ରିନ୍ସ ଅଫ୍ ୱେଲସ୍ ଭାରତ ପରିଦର୍ଶନରେ ଆସି ବମ୍ବେରେ (ମୁମ୍ବାଇ) ଅବତରଣ କଲେ । ସେହି ଦିନ କଂଗ୍ରେସ ତରଫରୁ ଭାରତ ବ୍ୟାପି ହରତାଳ ପାଇଁ ଆହ୍ୱାନ ଦିଆଯାଇଥିଲା । ସରକାରଙ୍କ ପାଇଁ ଏହା ଏକ ସମ୍ମାନର ପ୍ରଶ୍ନ ଥିଲା । ତେଣୁ ଏହାର ଦମନ ପାଇଁ ସରକାରୀ କର୍ମଚାରୀମାନେ ବ୍ୟସ୍ତ ହୋଇ ଉଠିଲେ । କଂଗ୍ରେସର ସ୍ୱେଚ୍ଛାସେବକ ବାହିନୀକୁ ବେଆଇନ ଘୋଷଣା କରି ସେମାନଙ୍କୁ ବହୁ ସଂଖ୍ୟାରେ ଗିରଫ କରି ନିଆଗଲା । ୧୯୨୧ ଡିସେମ୍ବର ୧୨ ରେ ଧରଣୀଧର ମିଶ୍ର, ଗଣେଶ ପ୍ରସାଦ ପାଢ଼ୀ, ଭାଗୀରଥୀ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର ଓ ମହାବୀର ସିଂହଙ୍କ ଉପରେ ୧୪୪ ଧାରା ଜାରି ହେଲା । ଏହା ପରେ ପରେ ମହାବୀର ସିଂହଙ୍କୁ [illegible]ପୁରାରୁ ଗିରଫ କରି ନିଆଗଲା । ସରକାରଙ୍କ ଅତ୍ୟାଚାର ବିରୁଦ୍ଧରେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ସଭାମାନ ଆୟୋଜିତ ହେଲା । ଏହି ସମୟରୁ ଚିନ୍ତାମଣି ପୂଜାରୀ [illegible]ପୁରୁଡ଼ା ନିକଟସ୍ଥ ପଞ୍ଚପଡ଼ା ଗ୍ରାମରେ ଆନ୍ଦୋଳନ ଆରମ୍ଭ କଲେ । ଚିନ୍ତାମଣି ଓ ନୃସିଂହ କଂଗ୍ରେସର ନିଷ୍ଠାପର କର୍ମୀ ଥିଲେ । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଲା ।

୧୯୨୧ ଡିସେମ୍ବର ଶେଷ ସପ୍ତାହରେ ଅହମଦାବାଦ ଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ବସିଲା । ଚିତ୍ତରଞ୍ଜନ ଦାସ ଏହାର ସଭାପତି ନିର୍ବାଚିତ ହୋଇଥିଲେ । ମାତ୍ର

ସେହି ସମୟରେ ସେ ଜେଲରେ ଥିବାରୁ ତାଙ୍କ ସ୍ଥାନରେ ହାକିମ ଅଜମଲ ଖାଁ ସଭାପତି ପଦ ଅଳଂକୃତ କଲେ । ଏହି ଅଧିବେଶନରେ ଓଡିଶାର ପ୍ରତିନିଧିମାନେ ପ୍ରଥମ ଥର ପାଇଁ ପ୍ରାଦେଶିକ ପରିଚୟ ଓ ସମ୍ମାନ ପାଇ ପାରିଲେ । ଅନ୍ୟାନ୍ୟ ପ୍ରଦେଶର ପ୍ରତିନିଧି ଭଳି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆସନର ବ୍ୟବସ୍ଥା ହେଲା । ସେହି ବର୍ଷ ଓଡିଶାରୁ ସର୍ବମୋଟ ୧୨ ୧୨୭ ଜଣ ପ୍ରତିନିଧି କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ । ତନ୍ମଧ୍ୟରୁ ୧୨ ଜଣ ସଦସ୍ୟ ପ୍ରଦେଶ କଂଗ୍ରେସ କମିଟୀର ପ୍ରତିନିଧିତ୍ୱ କଲେ । ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଧରଣୀଧର ମିଶ୍ର ଓ ଅନ୍ୟତମ ସଦସ୍ୟ ବ୍ରଜମୋହନ ପଣ୍ଡା ଏହି ୧୨ ଜଣଙ୍କ ମଧ୍ୟରେ ଥିଲେ । ଧରଣୀଧର ମିଶ୍ର ଅସୁସ୍ଥତା ଯୋଗୁଁ ଯିବା ପାଇଁ ଅସମର୍ଥ ହେବାରୁ ତାଙ୍କ ସ୍ଥାନରେ ଜିଲ୍ଲା କଂଗ୍ରେସ ସଂପାଦକ ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକଙ୍କୁ ନିଆଯାଇଥିଲା । ସେହି ବର୍ଷ ବ୍ରଜମୋହନ ପଣ୍ଡାଙ୍କ ନେତୃତ୍ୱରେ ସମ୍ବଲପୁରରୁ ସର୍ବମୋଟ ୧୬ ଜଣ ସଦସ୍ୟ ଅହମଦାବାଦ ଯାତ୍ରା କଲେ । ଏହି ସଦସ୍ୟ ମାନଙ୍କ ମଧ୍ୟରେ ବ୍ରଜମୋହନ ପଣ୍ଡା, ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକ, ନୃସିଂହ ଗୁରୁ, ଲକ୍ଷ୍ମୀନାରାୟଣ ମିଶ୍ର, ରାମପ୍ରତାପ ଅଗ୍ରୱାଲ, ଗଣେଶ ପ୍ରସାଦ ପାଢୀ, ଶଙ୍କର ପ୍ରସାଦ ପାଢୀ, ମହାବୀର ସିଂହ ଆଦି ଅନ୍ୟତମ ଥିଲେ । ଅଧିବେଶନ ସମୟରେ କେତେକ ସମ୍ବଲପୁର ସଦସ୍ୟ ମହାତ୍ମା ଗାନ୍ଧୀଙ୍କ ସହ ସାକ୍ଷାତ କରି ତାଙ୍କୁ ସମ୍ବଲପୁର ଆସିବା ପାଇଁ ନିମନ୍ତ୍ରଣ କରିଥିଲେ । ଆଲୋଚନା ସମୟରେ ଗାନ୍ଧିଜୀ ସେମାନଙ୍କୁ ଦୁଃଖ କରି କହିଥିଲେ ଯେ କିଛିଦିନ ତଳେ ସମ୍ବଲପୁରର କେତେଜଣ କର୍ମୀ ଗିରଫ ହୋଇଥିଲେ ଏବଂ ପରେ କ୍ଷମା ମାଗି ମୁକ୍ତିଲାଭ କରିଥିଲେ । ମହାବୀର ସିଂହ ଉପଲବ୍ଧି କଲେ ଯେ ତାଙ୍କୁ ହିଁ ଉଦ୍ଦେଶ୍ୟ କରି ଗାନ୍ଧିଜୀ ଏହା କହିଥିଲେ । ଏହା ତାଙ୍କୁ ଏତେ ବିଚଳିତ କଲା ଯେ ଅହମଦାବାଦରୁ ଫେରିବା କ୍ଷଣି ସେ ଡେପୁଟୀ କମିଶନରଙ୍କୁ ଚିଠି ଲେଖି ତାଙ୍କର ଜେଲରୁ ମୁକ୍ତିଲାଭର କାରଣ ଜାଣିବାକୁ ଚାହିଁଥିଲେ । ସେ ପ୍ରକାଶ କରିଥିଲେ ଯେ ସେ କେବେ କ୍ଷମା ମାଗି ନଥିଲେ ବା ମୁକ୍ତି ଚାହିଁ ନଥିଲେ ; ସେ କ୍ଷମା ପ୍ରାର୍ଥନା ଠାରୁ ଫାଶି ଦଣ୍ଡ ଶ୍ରେୟସ୍କର ମନେ କରନ୍ତି । ଚିଠି ପାଇଲା ପରେ ଡେପୁଟୀ କମିଶନର ମହାବୀର ସିଂହଙ୍କୁ ପୁଣି ଜେଲରେ ଭର୍ତ୍ତି କରିଦେଲେ ।

ଜନସାଧାରଣଙ୍କ ମଧ୍ୟରେ ଆନ୍ଦୋଳନର ଉନ୍ମାଦନା ଉଜ୍ଜୀବିତ ରଖିବା ପାଇଁ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀ ତରଫରୁ ୧୯୨୨ ଜାନୁୟାରୀ ୨୧,୨୨,ଓ ୨୩ ତାରିଖ ଦିନ ଏକ ସାଧାରଣ ଅଧିବେଶନର ଆୟୋଜନ କରାଯାଇଥିଲା । ଏହି ଅଧିବେଶନ ପ୍ରଥମ ଦିନ ଝାରସୁଗୁଡା, ଦ୍ୱିତୀୟ ଦିନ ସମ୍ବଲପୁର ଓ ତୃତୀୟ ଦିନ ବରଗଡ ଠାରେ ଅନୁଷ୍ଠିତ ହେଲା । ଗୋପବନ୍ଧୁ ଦାସ ତିନୋଟି ଯାକ ଅଧିବେଶନରେ ଯୋଗଦେଇ ଉଦ୍‌ବୋଧନ ଦେବା ପାଇଁ ସମ୍ମତ ହେଲେ । ମାତ୍ର ସରକାର ଏଥିପାଇଁ ଅନୁମତି ଦେଲେ ନାହିଁ ଏବଂ ସେହି ଦିନ ମାନଙ୍କରେ ଝାରସୁଗୁଡା, ସମ୍ବଲପୁର ଓ ବରଗଡ ସହରର ପାଞ୍ଚ ମାଇଲ ପରିଧି





ମଧ୍ୟରେ ସଭାସମିତି ଉପରେ ନିଷେଧ ଆଦେଶ ଜାରିକଲେ । ଗୋପବନ୍ଧୁ ୨୦ ତାରିଖରେ ଝାରସୁଗୁଡା ପହଞ୍ଚିବା ପରେ ତାଙ୍କ ଉପରେ ୧୪୪ ଧାରା ଜାରି ହେଲା । ସେ ଝାରସୁଗୁଡାରୁ ପଞ୍ଚପଡା ପରିଦର୍ଶନରେ ଗଲେ । ସେଠାରେ ସେ ଚିନ୍ତାମଣି ପୂଜାରୀ ଓ ନୃସିଂହ ଗୁରୁଙ୍କ ସାଂଗଠନିକ ଦକ୍ଷତାର ଉଚ୍ଚ ପ୍ରଶଂସା କଲେ ।

ଜାନୁୟାରୀ ୨୧ ତାରିଖ ଦିନ ଝାରସୁଗୁଡା ସହରର ପାଞ୍ଚ ମାଇଲ ବାହାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା । ଏଥିରେ ମୋହନ ବିର୍ତ୍ତିଆ ସଭାପତି ଥିଲେ । ଗୋପବନ୍ଧୁଙ୍କର ଉଦ୍‌ବୋଧନୀ ଭାଷଣ ପାଠ କଲା ପରେ ସଭାକାର୍ଯ୍ୟ ଆରମ୍ଭ ହେଲା । ସଭା ଶେଷ ହେଲା ପରେ ସମସ୍ତେ ଗୋପବନ୍ଧୁଙ୍କ ପାଖକୁ ଯାଇ ତାଙ୍କର ଦର୍ଶନ କଲେ । ଜାନୁୟାରୀ ୨୨ ତାରିଖ ସମ୍ବଲପୁର ଅଧିବେଶନରେ ବାସୁଦେବ ପଣ୍ଡା ଏବଂ ଜାନୁୟାରୀ ୨୩ ତାରିଖ ବରଗଡ ଅଧିବେଶନରେ ଗଜରାଜ ଦାଶ ସଭାପତିତ୍ୱ କରିଥିଲେ । ଏହି ସ୍ଥାନ ମାନଙ୍କରେ ମଧ୍ୟ ଗୋପବନ୍ଧୁ ସଭାସ୍ଥଳକୁ ଯାଇନପାରି ବାହାରେ ରହିଥିଲେ ଏବଂ ତାଙ୍କର ଲିଖିତ ଭାଷଣ ପାଠକରି ଦିଆଯାଉଥିଲା । ସରକାରଙ୍କ କଠୋର ପଦକ୍ଷେପ ସତ୍ତ୍ୱେ ତିନୋଟିଯାକ ଅଧିବେଶନ ସଫଳ ହୋଇପାରିଥିଲା । ଏହାର କିଛି ଦିନ ପରେ ଫେବୃୟାରୀ ୫ ତାରିଖ ଦିନ ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାର ଚଉରୀଚଉରା ଗ୍ରାମରେ ଏକ ଦୁର୍ଭାଗ୍ୟ ଜନକ ଘଟଣା ଘଟି ଗାନ୍ଧିଜୀଙ୍କର ଆନ୍ଦୋଳନକୁ ଏକ ଶକ୍ତ ଧକ୍କା ଦେଲା । ସେଠାରେ ପୋଲିସ ବିନା କାରଣରେ କେତେକ ସ୍ୱେଚ୍ଛାସେବକଙ୍କୁ ମାଡ ଦେଲେ । ଏହି ଘଟଣାର ଅନୁସନ୍ଧାନ ଦାବି କରି ପ୍ରାୟ ପାଞ୍ଚଶହ ସ୍ୱେଚ୍ଛାସେବକ ପୋଲିସ ଥାନା ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ପୋଲିସ ସେମାନଙ୍କୁ ତଡି ଦେବା ପାଇଁ ଗୁଳି ଚଳାଇଥିଲେ । ଫଳରେ ଅନେକ କର୍ମୀ ହତାହତ ହେଲେ । ପୋଲିସର ଗୁଳି ସରିଯିବା ପରେ ଲୋକେ ଉତ୍ତ୍ୟକ୍ତ ହୋଇ ଥାନାରେ ଅଗ୍ନି ସଂଯୋଗ କରିଦେଲେ । ତହିଁରେ ୨୨ ଜଣ ପୋଲିସ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଗଲେ । ଏହି ଖବର ପାଇ ଗାନ୍ଧିଜୀ ବିଚଳିତ ହୋଇପଡିଲେ । ସେ ଉପଲବ୍ଧି କଲେ ଯେ ତାଙ୍କର ଅହିଂସାତ୍ମକ ଆନ୍ଦୋଳନ ପାଇଁ ଦେଶରେ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇନାହିଁ ଏବଂ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ବ୍ୟର୍ଥ ହୋଇଛି । ତେଣୁ ସେ ଅସହଯୋଗ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଲେ ଏବଂ ଗଠନମୂଳକ କାର୍ଯ୍ୟକ୍ରମରେ ଆତ୍ମନିୟୋଗ କରିବା ପାଇଁ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଲେ । ଏହି ଘୋଷଣାରେ ଗାନ୍ଧିଜୀଙ୍କର ସହକର୍ମୀ ନେତାଗଣ ମର୍ମାହତ ହୋଇପଡିଲେ ଏବଂ ଅନେକ ଯୁବନେତା କ୍ରୋଧ ପ୍ରକାଶ କଲେ । ମାତ୍ର ଗାନ୍ଧିଜୀଙ୍କୁ କେହି କିଛି କହି ପାରିଲେ ନାହିଁ । ଏହାପରେ ସମସ୍ତେ ଗଠନ ମୂଳକ କାର୍ଯ୍ୟରେ ଲାଗି ପଡିଲେ । ଇଂରେଜ ସରକାର ଏହାହିଁ ଚାହୁଁଥିଲେ । ଏହି ସୁଯୋଗରେ ପୋଲିସ ଗାନ୍ଧିଜୀଙ୍କୁ ଗିରଫ କରିନେଲା ଏବଂ ସରକାର ବିରୋଧି ଆନ୍ଦୋଳନ ପାଇଁ ତାଙ୍କୁ ଛଅ ବର୍ଷ କାରାଦଣ୍ଡ

ପ୍ରଦାନ କରାଗଲା ।

ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନର ଫଳାଫଳ ଓ ପ୍ରଭାବ ସୁଦୂର ପ୍ରସାରୀ ଥିଲା । ଏହି ଆନ୍ଦୋଳନ ଫଳରେ ସମ୍ବଲପୁର ଅଞ୍ଚଳରେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଓ ପ୍ରସାର ହୋଇପାରିଲା । କେତେକ ପୁରପଲ୍ଲୀର ପ୍ରାୟ ଘରେ ଘରେ କଂଗ୍ରେସ ପ୍ରଦୀପ ପ୍ରଜ୍ୱଳିତ ହେଲା । ଏହାପରେ ସେହି ଅଲିଭା ପ୍ରଦୀପ ଚିରଦିନ ପାଇଁ ପ୍ରଜ୍ୱଳିତ ହୋଇରହିଲା । ଅସହଯୋଗ ଆନ୍ଦୋଳନ ଫଳରେ ଅନେକ ଯୁବକ ବିଶେଷ କରି ଛାତ୍ରଗଣ ଗଭୀର ଭାବରେ ପ୍ରଭାବିତ ହେଲେ ଏବଂ ସେମାନଙ୍କର ଜୀବନର ଗତି ବଦଳି ଯାଇଥିଲା । ଆନ୍ଦୋଳନ ହୋଇ ନଥିଲେ ସେମାନଙ୍କ ମଧ୍ୟରୁ ଅନେକେ ଉଚ୍ଚଶିକ୍ଷା ଲାଭ କରି ହୁଏତ କିରାନୀ ବା ଶିକ୍ଷକ ହୋଇଥାନ୍ତେ କିମ୍ବା ଅନ୍ୟ କୌଣସି ପଦପଦବୀରେ ନିଯୁକ୍ତି ପାଇ ସାଧାରଣ କର୍ମଚାରୀ ଭାବେ ଗତାନୁଗତିକ ଜୀବନ ବିତାଇଥାନ୍ତେ । ମାତ୍ର ଆନ୍ଦୋଳନ ସେମାନଙ୍କୁ ଦେଶପ୍ରାଣତାରେ ଉଦ୍‌ବୁଦ୍ଧ କରାଇ ଓ ଦେଶ ସେବାରେ ବ୍ରତୀ କରାଇ ଭିନ୍ନ ଏକ ମାର୍ଗରେ ନେଇଗଲା । ନୃସିଂହ ଗୁରୁ, ଲକ୍ଷ୍ମୀନାରାୟଣ ମିଶ୍ର, ଚିନ୍ତାମଣି ପୂଜାରୀ, ଭାଗୀରଥୀ ପଟ୍ଟନାୟକ, ଦୟାନନ୍ଦ ଶତପଥି, ଘନଶ୍ୟାମ ପାଣିଗ୍ରାହୀ ପ୍ରମୁଖ ଅଗଣିତ ନେତା ଓ କର୍ମୀଗଣ ଆଜି ଯେ ଏହି ଅଞ୍ଚଳରେ ଇତିହାସର ପୃଷ୍ଠାରେ ଅମର ହୋଇ ରହିଛନ୍ତି, ତାହା ଅସହଯୋଗ ଆନ୍ଦୋଳନର ଅବଦାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।





# ସଂଗଠନ ଓ ସଂସ୍କାର ଆନ୍ଦୋଳନ

ଅସହଯୋଗ ଆନ୍ଦୋଳନର ଦୁଇଟି ଦିଗ ଥିଲା: ୧. ଗଠନ ମୂଳକ (Constructive) ଏବଂ ୨. ନିରୋଧାତ୍ମକ (Non-cooperation) । ଗଠନ ମୂଳକ କାର୍ଯ୍ୟକ୍ରମରେ ସ୍ୱରାଜ ପାଣ୍ଠି ସଂଗ୍ରହ, ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର, ସୂତାକଟା ଓ ଲୁଗାବୁଣା, ନିରକ୍ଷରତା ଦୂରୀକରଣ ଓ ଶିକ୍ଷାର ପ୍ରସାରଣ, ନିଶା ନିବାରଣ ଏବଂ ଅସ୍ପୃଶ୍ୟତା ନିବାରଣ ଆଦି ଅନ୍ତର୍ଗତ ଥିଲା । ଏହାଦ୍ୱାରା ଜୀବନ ଶୃଙ୍ଖଳିତ ହେବ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି ଗାନ୍ଧିଜୀ ଆଶା କରିଥିଲେ । ନିରୋଧାତ୍ମକ ଆନ୍ଦୋଳନ ଥିଲା ସ୍କୁଲ କଲେଜ ବର୍ଜନ, ଆଇନ ଅଦାଲତ ବର୍ଜନ, ବ୍ୟବସ୍ଥାପକ ସଭା ବର୍ଜନ ଏବଂ ସରକାରୀ ଚାକିରୀ ଓ ସରକାରୀ ପଦପଦବୀ ବର୍ଜନ ଇତ୍ୟାଦି । ମୂଳରୁ ଗାନ୍ଧିଜୀ ଉଭୟ ଦିଗ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ । ମାତ୍ର ସାଧାରଣ ଜନତା ଗଠନ ମୂଳକ କାର୍ଯ୍ୟକ୍ରମ ଅପେକ୍ଷା ଆନ୍ଦୋଳନାତ୍ମକ ଦିଗ ପ୍ରତି ବିଶେଷ ଆକୃଷ୍ଟ ହୋଇ ପଡ଼ିଲେ । ଏହାଦ୍ୱାରା ଲୋକଙ୍କ ମଧ୍ୟରେ ଦେଶପ୍ରାଣତା ଓ ଭାବପ୍ରବଣତା ବୃଦ୍ଧି ପାଇଲା ସତ, ମାତ୍ର ଅନେକ ସମୟରେ ଉନ୍ମାଦନା ଓ ଉତ୍ତେଜନା ଦେଖାଦେଇ ପରିସ୍ଥିତି ଅନିୟନ୍ତ୍ରିତ ହେବାର ଆଶଙ୍କା ରହିଲା । ଚଉରୀ ଚଉରା ଠାରେ ଏହି ଆଶଙ୍କା ସତ୍ୟରେ ପରିଣତ ହୋଇ ଆନ୍ଦୋଳନକାରୀମାନେ ହିଂସାର ଆଶ୍ରୟ ନେଲେ । ଗାନ୍ଧିଜୀ ଉପଲବ୍ଧି କଲେ ଯେ ତାଙ୍କ ସତ୍ୟାଗ୍ରହର ନିରୋଧାତ୍ମକ ଆନ୍ଦୋଳନ ହଠାତ୍ ବୃଦ୍ଧିପାଇ ଦିଗହରା ହୋଇ ପଡ଼ିଛି ଏବଂ ଗଠନ ମୂଳକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ଅବହେଳିତ ହୋଇ ରହିଛି । ତେଣୁ ସେ ଗଠନ ମୂଳକ କାର୍ଯ୍ୟକ୍ରମକୁ ଗୁରୁତ୍ୱାନ୍ୱିତ କରିବା ପାଇଁ ନିରୋଧାତ୍ମକ ଆନ୍ଦୋଳନ ପ୍ରତ୍ୟାହାର କରିନେଲେ । ତାଙ୍କ ଏହି ନୀତି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଉତ୍ତେଜନା ଓ ଉନ୍ମାଦନା ଭରା ଆନ୍ଦୋଳନ ପରେ ଗଠନ ମୂଳକ କାର୍ଯ୍ୟକ୍ରମ ହିଁ ଲୋକଙ୍କ ମନରେ ଶୁଦ୍ଧି ଓ ସଂସ୍କାର ଆଣି ପାରିବ ଏବଂ ଭାରତର ଅନେକ କୁସଂସ୍କାର ଏହାଦ୍ୱାରା ଦୂରୀଭୂତ ହୋଇପାରିବ । ତେଣୁ ଏହି ଗଠନ ମୂଳକ କାର୍ଯ୍ୟକ୍ରମକୁ ସଂସ୍କାର ଆନ୍ଦୋଳନ ବୋଲି ଅଭିହିତ କରାଯାଇଅଛି । ଏହି ନୂତନ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିବା ପୂର୍ବରୁ ଗାନ୍ଧିଜୀ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୨୨ ମାର୍ଚ୍ଚ ମାସରେ ଜେଲବରଣ କଲେ ।

ପୂର୍ବବର୍ଷ ମାନଙ୍କ ଭଳି ୧୯୨୨ ରେ ମଧ ଦେଶର ସର୍ବତ୍ର ଏପ୍ରିଲ ୬ ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାତୀୟ ସପ୍ତାହ ରୂପେ ପାଳିତ ହେଲା । ରାଓଲାଟ୍‌ଆଇନର କଠୋରତା (ଏପ୍ରିଲ ୬ ) ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ (ଏପ୍ରିଲ ୧୩ )କୁ ସ୍ମରଣ ରଖିବା

ପାଇଁ କଂଗ୍ରେସ ସବୁବର୍ଷ ଏହି ଜାତୀୟ ସପ୍ତାହ ପାଳନ କରି ଆସୁଥିଲା । ୧୯୨୨ ରେ ଏହା ଶାନ୍ତି ପୂର୍ଣ୍ଣ ଭାବରେ ପାଳିତ ହେଲା । ସମ୍ବଲପୁରର କଂଗ୍ରେସ ନେତାମାନେ ୧୯୨୨ ଜାତୀୟ ସପ୍ତାହରେ ଗାନ୍ଧିଜୀଙ୍କ ସଂସ୍କାର ଆନ୍ଦୋଳନ ଆରମ୍ଭ କଲେ । ତଦନୁସାରେ ସେମାନେ ଏପ୍ରିଲ ୬ ରେ ପ୍ରାର୍ଥନା ଓ ଉପବାସ କଲେ ଏବଂ ଉଦ୍‌ଯାପନୀ ଦିବସ ୧୩ ରେ ଏକ ଶାନ୍ତିପୂର୍ଣ୍ଣ ହରତାଳ ପାଇଁ ଆହ୍ୱାନ ଦେଲେ । ସପ୍ତାହର ପ୍ରତ୍ୟେକ ଦିନ ସେମାନେ ବିଭିନ୍ନ ସ୍ଥାନରେ ସଭା ଓ ଶୋଭାଯାତ୍ରା କରି କଂଗ୍ରେସ କାର୍ଯ୍ୟକ୍ରମର ପ୍ରଚାର କଲେ । ପ୍ରତ୍ୟେକ କଂଗ୍ରେସ କର୍ମୀ ଘରେ ଘରେ ଚରଖା ରଖି ସୂତା କାଟିଲେ, ଖଦୀବସ୍ତ୍ର ପରିଧାନ କଲେ ଏବଂ ହରିଜନ ଓ ଆଦିବାସୀ ମାନଙ୍କ ସହିତ ମିଶି ସେମାନଙ୍କୁ ନିଶା ଓ ମଦ୍ୟପାନ ଛାଡ଼ିଦେବା ପାଇଁ ପ୍ରବର୍ତ୍ତାଇଲେ । ଶାନ୍ତିପୂର୍ଣ୍ଣ ଭାବରେ ଜାତୀୟ ସପ୍ତାହ ପାଳନର ପ୍ରଭାବ ପରବର୍ତ୍ତୀ କାଳରେ ଅନୁଭୂତ ହେଲା ।

ଏହି ସମୟର ସଂସ୍କାର ଆନ୍ଦୋଳନରେ ନୃସିଂହ ଗୁରୁ, ଲକ୍ଷ୍ମୀନାରାୟଣ ମିଶ୍ର, ଚିନ୍ତାମଣି ପୂଜାରୀ, ମହାବୀର ସିଂହ, ଘନଶ୍ୟାମ ପାଣିଗ୍ରାହୀ ପ୍ରମୁଖ କଂଗ୍ରେସ ନେତା ମୁଖ୍ୟ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ଉଦ୍ୟମରେ ପଞ୍ଚପଡ଼ା, ରେମଣ୍ଡା, ମାନପୁର, ଝିର୍ଲାପାଲି, ଲଇକେରାର ଭାଲୁପଡ଼ା, ଶାସନ ନିକଟସ୍ଥ ଷଣ୍ଢସିଂହା, ଝାରସୁଗୁଡ଼ା, ବରଗାଁ, ବରଗଡ଼, ବରପାଲି ଆଦି ସ୍ଥାନରେ ଚରଖା ସାହାଯ୍ୟରେ ସୂତା ଉତ୍ପାଦନ କେନ୍ଦ୍ରମାନ ସ୍ଥାପିତ ହେଲା । ଷଣ୍ଢସିଂହାରେ ନୃସିଂହ ଗୁରୁ, ପଞ୍ଚପଡ଼ାରେ ଚିନ୍ତାମଣି ପୂଜାରୀ, ଝାରସୁଗୁଡ଼ାରେ ମହାବୀର ସିଂହ ଓ ମାନପୁରରେ ଘନଶ୍ୟାମ ପାଣିଗ୍ରାହୀ ପ୍ରଚାର ଦାୟିତ୍ୱରେ ଥିଲେ । ଘନଶ୍ୟାମ ପାଣିଗ୍ରାହୀ ସଦ୍ୟବିବାହିତ ପତ୍ନୀଙ୍କର ବନ୍ଦାପନା ଲୁଗା ଓ ନିଜର ବିବାହ ଲୁଗାକୁ ଗାଁ ଦାଣ୍ଡରେ ଜାଳି ଦେଇ ତା'ବଦଳରେ ଖଦୀବସ୍ତ୍ର ପରିଧାନ ପାଇଁ ଶପଥ ନେଲେ । ଏହି ସମୟରୁ ନୃସିଂହ ଗୁରୁ ମଧ ଆଣ୍ଠୁ ପର୍ଯ୍ୟନ୍ତ ଏକ ଖଦୀଲୁଗା ପରିଧାନ କରି ବିଦେଶୀ ବସ୍ତ୍ର ଓ ବିଦେଶୀ ଦ୍ରବ୍ୟର ବର୍ଜନ ପାଇଁ ପ୍ରତିଜ୍ଞାବଦ୍ଧ ହେଲେ । ଅନେକ ନେତା ଏମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ । ଅନେକ ହରିଜନ ମଧ କଂଗ୍ରେସରେ ଯୋଗଦାନ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ । ସେମାନଙ୍କ ମଧ୍ୟରେ ଝାରସୁଗୁଡ଼ା ନିକଟ ତାଲପଟିଆର କଷ୍ଟରାମ ତନ୍ତୀ ଓ କଇବରାମ ତନ୍ତୀ, ପଞ୍ଚପଡ଼ାର ଶୁଖାରାମ ତନ୍ତୀ, ମୁଙ୍ଗାପଡ଼ାର ବିହାରୀ ରାମ ପ୍ରମୁଖ ଅନ୍ୟତମ ଥିଲେ ।

୧୯୨୨ର ଏପ୍ରିଲ ମାସରେ ଜାତୀୟ ସପ୍ତାହ ପାଳନ ସମୟରେ ଦେଶପ୍ରାଣ ଭାଗୀରଥୀ ପଟ୍ଟନାୟକଙ୍କ ପ୍ରତି ପ୍ରଥମ ଥର ପାଇଁ ସମ୍ବଲପୁରର ନେତାମାନଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା । ଭାଗୀରଥୀ ଗଙ୍ଗାଧର ମେହେରଙ୍କ ଜନ୍ମଭୂମି ବରପାଲି ଗାଁର ସନ୍ତାନ ଥିଲେ ଏବଂ ସମ୍ବଲପୁର ଜିଲ୍ଲାସ୍କୁଲର ଛାତ୍ର ଥିଲେ । ୧୯୦୩ ରେ ନବମ ଶ୍ରେଣୀର ଛାତ୍ର ଥିବା ସମୟରେ ତାଙ୍କର ପିତା ଯଦୁନାଥ ପଟ୍ଟନାୟକଙ୍କ ଅକାଳ ମୃତ୍ୟୁ ହେଲା ଏବଂ ସେତିକିରେ





ତାଙ୍କର ସ୍କୁଲ ଶିକ୍ଷାର ସମାପ୍ତି ହେଲା । ପିଲାଦିନରୁ ସେ ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ଥିଲେ । ସେ ବଲାଙ୍ଗିରରେ ନାଏବ ନାଜିର ରୂପେ କାମ କରୁଥିଲା ବେଳେ ରାଜାଙ୍କ ଦ୍ୱାରା ଅଭିଯୁକ୍ତ ହୋଇ ୧୯୨୦ ଫେବୃୟାରୀରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଦଶମାସ କାଳ ସଶ୍ରମ କାରାଦଣ୍ଡ ଭୋଗକଲେ । ମୁକ୍ତିଲାଭ ପରେ ସେ ଅତି ରୁଗ୍‌ଣ ଅବସ୍ଥାରେ ବରପାଲି ଫେରି ଆସିଲେ । ସେହି ସମୟ ବେଳକୁ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଭଗ୍ନସ୍ୱାସ୍ଥ୍ୟ ଯୋଗୁଁ ସେ ଏଥିରେ ଆଦୌ ଯୋଗ ଦେଇ ନଥିଲେ । ୧୯୨୨ ଫେବୃୟାରୀ ୨୮ ରେ ସେ କଂଗ୍ରେସର ସଭ୍ୟ ହେଲେ । ସେତେବେଳକୁ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହୃତ ହୋଇସାରିଥିଲା । ଏହା ପରେ ପରେ ମାର୍ଚ୍ଚ ୧୨ ତାରିଖରେ ସେ ଜ୍ୟୋତିବତୀ ଦେବୀ ନାମ୍ନୀ ଜଣେ ପତି ପରିତ୍ୟକ୍ତା ଅସହାୟା ରମଣୀଙ୍କୁ ବୈଦିକ ରୀତିରେ ବିବାହ କରି ସମସ୍ତଙ୍କୁ ଚକିତ କରି ଦେଲେ । ସେତେବେଳେ ଜ୍ୟୋତିବତୀ ଦେବୀଙ୍କର ପ୍ରଫୁଲ୍ଲ ନାମରେ ପାଞ୍ଚବର୍ଷର ପୁତ୍ରରତ୍ନ ଥିଲେ । ଭାଗୀରଥୀ ପ୍ରଫୁଲ୍ଲଙ୍କୁ ପୁତ୍ର ରୂପେ ଗ୍ରହଣ କରି ବାଲ୍ୟାବସ୍ଥାରୁ ତାଙ୍କୁ କଂଗ୍ରେସ ନୀତିରେ ଦୀକ୍ଷିତ କଲେ । ଏହା ପରେ ଭାଗୀରଥୀ, ଜ୍ୟୋତିବତୀ ଓ ପ୍ରଫୁଲ୍ଲ କଂଗ୍ରେସର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କଲେ ଏବଂ ସେଥିପାଇଁ ସେମାନେ ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଅମର ହୋଇ ରହିଛନ୍ତି ।

ଏହାପରେ ନୃସିଂହ ଗୁରୁ, ଲକ୍ଷ୍ମୀନାରାୟଣ ମିଶ୍ର, ଚିନ୍ତାମଣି ପୂଜାରୀ, ଓ ଭାଗୀରଥୀ ପଟ୍ଟନାୟକଙ୍କ ମଧ୍ୟରେ ସଂହତି ଓ ସମ୍ପର୍କ ବୃଦ୍ଧି ପାଇଲା । ଭାଗୀରଥୀ ଏମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ଥିଲେ । ୧୮୮୪ ନଭେମ୍ବର ମାସରେ (୯.୧୧.୧୮୮୪) ରେ ତାଙ୍କ ଜନ୍ମ । ତେଣୁ ସେ ନୃସିଂହଙ୍କ ଠାରୁ ୧୭/୧୮ ବର୍ଷ ବଡ଼ ଥିଲେ । ଏମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ମିଶ୍ର ସର୍ବ କନିଷ୍ଠ, (ଜନ୍ମ ୧୧.୪.୧୯୦୪) ହେଲେ ମଧ ସମସ୍ତଙ୍କ ଅପେକ୍ଷା ବେଶୀ ବୁଦ୍ଧିମାନ, ଜ୍ଞାନୀ ଓ ସୁବକ୍ତା ଥିଲେ । ବସ୍ତୁତଃ ସେ ଥିଲେ ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମର ଦିଗ୍‌ଦର୍ଶକ । ଭାରତର ଜାତୀୟ ସ୍ତରର ସ୍ୱାଧୀନତା ସଂଗ୍ରାମୀ ରୂପେ ସେ ସ୍ୱୀକୃତ ଥିଲେ । ୧୯୨୨ ମାର୍ଚ୍ଚ ୩୦ ତାରିଖରେ ତାଙ୍କୁ ଗିରଫ କରାଯାଇ ପଚାଶ ଟଙ୍କା ଜୋରିମାନା କରାଯାଇଥିଲା ଏବଂ ତାହା ଦେବା ପାଇଁ ମନା କରିବାରୁ ତାଙ୍କୁ ଏକ ମାସ ଜେଲ ଦଣ୍ଡ ଦିଆଗଲା । ତେବେ ଏକମାସ ନ ପୁରୁଣୁ ଜାତୀୟ ସପ୍ତାହ ପରେ ତାଙ୍କୁ ମୁକ୍ତ କରାଗଲା । ତେଣୁ ସେ ଜାତୀୟ ସପ୍ତାହର କାର୍ଯ୍ୟକ୍ରମରେ ସହଯୋଗ କରିପାରିନଥିଲେ । ଜଣେ ନୀତିବାନ ପୁରୁଷ ଓ ନୀରବ ସାଧକ ନୃସିଂହ ଗୁରୁ ଅତ୍ୟନ୍ତ ଅମାୟିକ, ସରଳ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲେ । ଅନ୍ୟ ପକ୍ଷରେ ଭାଗୀରଥୀ ପଟ୍ଟନାୟକ କଠୋର ଓ ସ୍ପଷ୍ଟବାଦୀ ଥିଲେ । ଅନ୍ୟାୟର ପ୍ରତିବାଦ କରିବାରେ ସେ ଉଗ୍ର ହୋଇ ଉଠୁଥିଲେ । ଦୈନନ୍ଦିନ ଲିପି (ଡାଏରୀ) ଲେଖିବାରେ ସେ ଅଭ୍ୟସ୍ତ ଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଏହି

ଅଭ୍ୟାସ ରଖିପାରିଥିଲେ । ତାଙ୍କର ଡାଏରୀ ଏକ ବିରାଟ ପାଣ୍ଡୁଲିପି ରୂପେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମରେ ସଂରକ୍ଷିତ ହୋଇ ରହିଛି ।

ବୟୋଜ୍ୟେଷ୍ଠ ଥିବାରୁ ଭାଗୀରଥୀ ପଟ୍ଟନାୟକଙ୍କୁ ସମସ୍ତେ ସମ୍ମାନ ଦେଉଥିଲେ । ଏହାର ସୁବିଧା ନେଇ ପଟ୍ଟନାୟକ ୧୯୨୨ ରେ ଜାତୀୟ କଂଗ୍ରେସର ଗୟା ଅଧିବେଶନରେ ଜିଲ୍ଲା କଂଗ୍ରେସର ପ୍ରତିନିଧି ରୂପେ ଯୋଗଦେବା ପାଇଁ ଅଭିଳାଷ ରଖିଲେ । ଲକ୍ଷ୍ମୀନାରାୟଣ ମିଶ୍ର ଓ ନୃସିଂହ ଗୁରୁ ତାଙ୍କୁ ସମର୍ଥନ କଲେ । କଂଗ୍ରେସ କମିଟୀ ବିନା ଆର୍ଥିକ ସାହାଯ୍ୟରେ ତାଙ୍କୁ ପ୍ରତିନିଧି ରୂପେ ପଠାଇବା ପାଇଁ ସମ୍ମତ ହେଲା । ପଟ୍ଟନାୟକ ଚାନ୍ଦା ଆଦାୟ କରି ଗୟା ଗଲେ ।

ଏହା ପୂର୍ବରୁ ୧୯୨୨ ଅକ୍ଟୋବର ୨୪ ରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟୀର ପଣ୍ଡିତ ନୀଳକଣ୍ଠ ଦାସ, ରାଜକୃଷ୍ଣ ବୋଷ, ଓ ଗୋପବନ୍ଧୁ ଚୌଧୁରୀ ସମ୍ବଲପୁର ପରିଦର୍ଶନରେ ଆସିଥିଲେ । ସେମାନଙ୍କ ସମ୍ବର୍ଦ୍ଧନା ପାଇଁ ଗାନ୍ଧୀଘାଟ ଠାରେ ଏକ ସାଧାରଣ ସଭା ଧରଣୀଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀ ନିମ୍ନଲିଖିତ କର୍ମକର୍ତ୍ତାମାନଙ୍କୁ ନେଇ ନୂତନ ଭାବେ ଗଠିତ ହେଲା ।

ସଭାପତି - ଚନ୍ଦ୍ରଶେଖର ବେହେରା

ସଂପାଦକ - ଡାକ୍ତର ରାମଚନ୍ଦ୍ର ମିଶ୍ର

ସହ ସଂପାଦକ - ଅମ୍ବିକା ମାଧବ ପ୍ରସାଦ ପଟ୍ଟନାୟକ

୧୯୨୨ ଡିସେମ୍ବର ଶେଷ ସପ୍ତାହରେ ଗୟାଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବସିଲା । ଭାଗୀରଥୀ ପଟ୍ଟନାୟକ ସମ୍ବଲପୁରର ପ୍ରତିନିଧି ରୂପେ ପ୍ରଥମ ଥର ପାଇଁ ଏଥିରେ ଯୋଗ ଦେଇଥିଲେ । ବରଗଡ଼ ନିକଟ ବାଲିଟିକ୍ରାର ଫକୀର ବେହେରା ଗାଁ ରୁ ପଦବ୍ରଜରେ ବାହାରି ଗୟା ଅଧିବେଶନରେ ଯୋଗଦେଲେ । ବ୍ୟବସ୍ଥାପକ ସଭା ମାନଙ୍କରେ କଂଗ୍ରେସ ସଦସ୍ୟଙ୍କୁ ଯୋଗଦେବା ପାଇଁ ଅନୁମତି ଦେବା ସକାଶେ ଏଥିରେ ଏକ ପ୍ରସ୍ତାବ ଆଗତ ହେଲା । ଗାନ୍ଧିଜୀ ନିରୋଧାତ୍ମକ ଆନ୍ଦୋଳନ ପ୍ରତ୍ୟାହାର କରିନେଇଥିବା ଦୃଷ୍ଟିରୁ ବ୍ୟବସ୍ଥାପକ ସଭା ବର୍ଜନର ଆବଶ୍ୟକତା ନାହିଁ ବୋଲି ଯୁକ୍ତି କରାଗଲା । ଚିତ୍ତରଞ୍ଜନ ଦାସ ଏହାର ଏକ ଦୃଢ଼ ସମର୍ଥକ ଥିଲେ । ମାତ୍ର ଏହି ପ୍ରସ୍ତାବ ଅଧିକ ଭୋଟରେ କାଟ ଖାଇଲା । ଏଥିରେ ବିରକ୍ତ ହୋଇ ଚିତ୍ତରଞ୍ଜନ ସଭାପତି ପଦରୁ ଇସ୍ତଫା ଦେଲେ ଏବଂ କଂଗ୍ରେସ ମଧ୍ୟରେ ସ୍ୱରାଜ ପାର୍ଟି ନାମରେ ଏକ ନୂତନ ଦଳ ଗଢ଼ିଲେ । ମୋତିଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ, ବଲ୍ଲଭ ଭାଇ ପଟେଲ ପ୍ରମୁଖ ଅନେକ ତୁଙ୍ଗ ନେତା ସ୍ୱରାଜ ପାର୍ଟିରେ ସାମିଲ ହେଲେ । ଫଳରେ





୧୯୨୩ ସେପ୍ଟେମ୍ବରରେ କଂଗ୍ରେସର ଏକ ବିଶେଷ ଅଧିବେଶନ ବସି ସ୍ୱରାଜ ପାର୍ଟି ଓ ଗାନ୍ଧିଜୀଙ୍କ ସମର୍ଥକ ଦଳ ମଧ୍ୟରେ ମିଳାମିଶାର ଉଦ୍ୟମ ହେଲା । ଏଥିରେ ସ୍ଥିର ହେଲା ଯେ କଂଗ୍ରେସ ସଦସ୍ୟ ମାନେ ବ୍ୟବସ୍ଥାପକ ସଭା ମାନଙ୍କରେ ଯୋଗ ଦେଇ ପାରିବେ, ମାତ୍ର ସେଠାରେ ସେମାନଙ୍କ କାର୍ଯ୍ୟ ପାଇଁ କଂଗ୍ରେସ ଦାୟୀ ରହିବ ନାହିଁ । ସ୍ୱରାଜିଷ୍ଟ ମାନେ ତାହାହିଁ ଚାହୁଁଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା - ବ୍ୟବସ୍ଥାପକ ସଭାରେ ସରକାରୀ ନୀତିର ବିରୋଧ କରି ସରକାରୀ କଳକୁ ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ କରିବା । ଏଥିରେ ସେମାନଙ୍କର ସ୍ୱାର୍ଥର ପ୍ରଶ୍ନ ନଥିଲା । ମଧୁବାବୁ ଏହି ଉଦ୍ଦେଶ୍ୟ ନେଇ ୧୯୨୧ ଜାନୁଆରୀରେ ବିହାରଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ପଦବୀ ଗ୍ରହଣ କରିଥିଲେ । ଏଥିପାଇଁ ତାଙ୍କୁ କଂଗ୍ରେସରୁ ଅନ୍ତର କରି ଦିଆଯାଇଥିଲା ଏବଂ କେତେକ ଓଡ଼ିଆ ନେତା ତାଙ୍କ ବିରୁଦ୍ଧରେ ନିମ୍ନ ମାନର ମନ୍ତବ୍ୟ ଦେଇଥିଲେ । ମଧୁବାବୁ ଏଥିରେ ବିଚଳିତ ନହୋଇ ଦେଶର ସ୍ୱାର୍ଥ ଦୃଷ୍ଟିରୁ ମ୍ୟୁନିସିପାଲିଟି ଆଇନ ପ୍ରଭୃତିର ଅନେକ ସଂସ୍କାର କରିଗଲେ ଯାହା ସେ ମନ୍ତ୍ରୀ ହୋଇ ନଥିଲେ ସମ୍ଭବ ହୋଇ ନଥାନ୍ତା ।

୧୯୨୩ ମାର୍ଚ୍ଚ ମାସରେ ମଧୁବାବୁ ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ପଦବୀ ଅବୈତନିକ ରଖାଯାଉ । ତଦ୍ୱାରା ମନ୍ତ୍ରୀ ସ୍ୱାଧୀନଚେତା ଭାବରେ କାମ କରିପାରିବେ । ମାତ୍ର ଏହା ସରକାରଙ୍କ ପାଇଁ ସମ୍ମାନର ପ୍ରଶ୍ନ ଥିବାରୁ ଗଭର୍ଣ୍ଣର ତାହା ଗ୍ରହଣ କଲେ ନାହିଁ । ବ୍ରିଟିଶ ସାମ୍ବିଧାନିକ ଇତିହାସରେ ଏହା ଏକ ଅଦ୍ୱିତୀୟ ଘଟଣା ବୋଲି ମତ ପ୍ରକାଶ ପାଏ । ଗାନ୍ଧିଜୀ ଏଥିପାଇଁ ମଧୁବାବୁଙ୍କ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ବଲପୁରର ନେତାମାନେ ମଧୁବାବୁଙ୍କୁ ସବୁବେଳେ ସମ୍ମାନ ଦେଇ ଆସୁଥିଲେ । ତେଣୁ ସମ୍ବଲପୁର ବାସୀଙ୍କୁ ଏହି ଘଟଣା ପ୍ରେରଣାଦାୟକ ଥିଲା । ସେମାନେ ଗାନ୍ଧୀଭକ୍ତ ହେଲେ ମଧ ଅନେକେ ସ୍ୱରାଜ ପାର୍ଟି ପ୍ରତି ଅନୁରକ୍ତ ହେଲେ । ଏପରିକି ନୀରବ ସାଧକ ନୃସିଂହ ଗୁରୁ ବ୍ୟବସ୍ଥାପକ ସଭାର ୧୯୨୩ ନଭେମ୍ବର ନିର୍ବାଚନ ସମୟରେ ଗାଁ ଗାଁ ଯାଇ ସ୍ୱରାଜ ପାର୍ଟି ସପକ୍ଷରେ ପ୍ରଚାର କରିଥିଲେ । ଏହି ନିର୍ବାଚନରେ ଓଡ଼ିଶାରୁ ନୀଳକଣ୍ଠ ଦାସ ଓ ଭୁବନାନନ୍ଦ କେନ୍ଦ୍ର ଏସେମ୍ବ୍ଲିକୁ ଏବଂ ଗୋଦାବରୀଶ ମିଶ୍ର, ଜଗବନ୍ଧୁ ସିଂହ, ରାଧାରଞ୍ଜନ ଦାସ ଓ ଭାଗବତ ପ୍ରସାଦ ମହାପାତ୍ର, ବିହାରଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହେଲେ ।

ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ୧୯୨୩ର ଅନ୍ୟ ଏକ ଘଟଣା ସମ୍ବଲପୁର ପାଇଁ ଉଲ୍ଲେଖନୀୟ ଥିଲା । ସେହି ବର୍ଷ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଦଳେ ପ୍ରତିନିଧି ନାଗପୁରର ପତାକା ଆନ୍ଦୋଳନରେ ଯୋଗ ଦେଇଥିଲେ । ଏହି ଦଳରେ ଥିଲେ କୁଞ୍ଜବିହାରୀ ମେହେର, କଷ୍ଟରାମ ତନ୍ତୀ, ଗୋବିନ୍ଦ ବ୍ରାହ୍ମଣ, ରଘୁବୀର ଗୌଡ଼ ଓ ଶ୍ରୀବଂଶଗୋବିନ୍ଦ ଗୌଡ଼ । ଏମାନେ ସେଠାରେ ୧୪୪ ଧାରା ଭାଙ୍ଗି ରେଳଲାଇନ ଅବରୋଧ

କରିଥିଲେ । ଫଳରେ ଲକ୍ଷ୍ମୀନାରାୟଣ ମିଶ୍ର ଓ କଷ୍ଟରାମଙ୍କୁ ପୋଲିସ ଗିରଫ କରି ନେଇଯାଇଥିଲେ । ପରେ ଅବଶ୍ୟ ସେମାନଙ୍କୁ ଛାଡ଼ି ଦିଆଗଲା ।

୧୯୨୩ ଡିସେମ୍ବର ଶେଷ ସପ୍ତାହରେ କଂଗ୍ରେସ ଅଧିବେଶନ ଆନ୍ଧ୍ରପ୍ରଦେଶର କାକିନାଡ଼ା ଠାରେ ବସିଲା । ଏଥିରେ ଯୋଗଦେବା ପାଇଁ ଭାଗୀରଥୀ ପଟ୍ଟନାୟକ ପଦବ୍ରଜରେ ବରପାଲିରୁ ଡିସେମ୍ବର ୧୪ ରୁ ବାହାରି ଆଗଲପୁର, ବଲାଙ୍ଗିର, ସଇଁତଳା, ଭବାନୀପାଟଣା ଦେଇ ଡିସେମ୍ବର ୨୭ ରେ ପାର୍ବତୀପୁରମ ପହଞ୍ଚିଲେ । ସେଠାରୁ ଟ୍ରେନରେ କାକିନାଡ଼ା ଯାଇ ଡିସେମ୍ବର ୨୮ ରେ କଂଗ୍ରେସ ଅଧିବେଶନରେ ଯୋଗଦେଲେ । ଏହି ଅଧିବେଶନର ସଭାପତି ଥିଲେ ମହମ୍ମଦ ଅଲ୍ଲୀ । ଅଧିବେଶନ ପରେ ଯାତ୍ରା ଆରମ୍ଭକରି ସେ ଘରେ ପହଞ୍ଚିଲେ ୧୯୨୪ ଜାନୁୟାରୀ ୨୮ ରେ ।

ଗାନ୍ଧିଜୀଙ୍କ ଭଗ୍ନ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସରକାର ତାଙ୍କୁ ୧୯୨୪ ଫେବୃୟାରୀ ୫ ତାରିଖରେ ମୁକ୍ତ କରିଦେଲେ । ସେହି ସମୟରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସଂପର୍କ ତିକ୍ତ ହୋଇ ପଡ଼ିଥିଲା । ଗାନ୍ଧିଜୀ ସେମାନଙ୍କ ସଂପର୍କର ଉନ୍ନତି ପାଇଁ ଲାଗି ପଡ଼ିଲେ । ସେ ସ୍ୱରାଜ ପାର୍ଟିର ପ୍ରତିଷ୍ଠାରେ ସନ୍ତୁଷ୍ଟ ନଥିଲେ ମଧ୍ୟ ବାସ୍ତବତାକୁ ଗ୍ରହଣ କରି ସେମାନଙ୍କୁ ଆଶୀର୍ବାଦ ଦେଲେ । ୧୯୨୫ ରେ ଚିତ୍ତରଞ୍ଜନ ଦାସଙ୍କ ମୃତ୍ୟୁ ପରେ ସ୍ୱରାଜ ପାର୍ଟି ଦୁର୍ବଳ ହେଲା ଏବଂ କ୍ରମେ ତାହା ମୂଳ କଂଗ୍ରେସ ସହ ମିଶିଗଲା । କଂଗ୍ରେସ ମଧ୍ୟ ସ୍ୱରାଜ ଦଳର ନୀତିକୁ ଗ୍ରହଣ କରିନେଲା ।

୧୯୨୪ ରେ ଚନ୍ଦ୍ରଶେଖର ବେହେରା ସମ୍ବଲପୁର ଜିଲ୍ଲା କଂଗ୍ରେସର ସଭାପତି ଥିଲେ ଏବଂ ଅଚ୍ୟୁତାନନ୍ଦ ପୁରୋହିତ, ବୋଧରାମ ଦୁବେ ଓ କପିଳେଶ୍ୱର ନନ୍ଦ ପ୍ରମୁଖ ଏହାର ଅନ୍ୟତମ ସଦସ୍ୟ ଥିଲେ । ଏମାନେ ସମ୍ବଲପୁରକୁ ବାହାରୁ ପରିଦର୍ଶନ ବା ବିଭିନ୍ନ କାମରେ ଆସୁଥିବା ପ୍ରସିଦ୍ଧ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ଓ ସତ୍କାର କରିବାରେ ବ୍ୟସ୍ତ ରହୁଥିଲେ ଏବଂ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଚିନ୍ତା କରୁନଥିଲେ । ଗୋପବନ୍ଧୁ ଦାସ ଜେଲରେ ଥିବାରୁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିରେ ମଧ୍ୟ ଶିଥିଳତା ଦେଖାଦେଇଥିଲା ଏବଂ କମିଟିର ସଦସ୍ୟମାନେ ସମ୍ବଲପୁର ଜିଲ୍ଲା କଂଗ୍ରେସ ବିଷୟରେ ବୁଝିବା ଅବସ୍ଥାରେ ନଥିଲେ । ଭାଗୀରଥୀଙ୍କ ଡାଏରୀରେ ଉଲ୍ଲେଖ ଅଛି ଯେ ସେ ପ୍ରାଦେଶିକ ସଭାପତି ନୀଳକଣ୍ଠ ଦାସଙ୍କ ନିକଟରେ ଏହାର ଅଭିଯୋଗ କରିବାରୁ ନୀଳକଣ୍ଠ ଅସଲ ସମସ୍ୟାକୁ ଏଡାଇ ଦେଇ କହିଥିଲେ; "ଯେଉଁଠି ସ୍ୱୟଂ ଲକ୍ଷ୍ମୀନାରାୟଣ, ଭାଗୀରଥୀ, ନୃସିଂହ ଓ ଚିନ୍ତାମଣି ରହିଛନ୍ତି, ସେଠାରେ ଆଉ ଅନ୍ୟର ଦରକାର କଣ ?" କିନ୍ତୁ ଭାଗୀରଥୀ ଏହି ଭୁଲାଣିଆ କଥାରେ ସନ୍ତୁଷ୍ଟ ନଥିଲେ ।

୧୯୨୪ ଜୁନ ମାସରେ ଗୋପବନ୍ଧୁ ଜେଲରୁ ମୁକ୍ତିଲାଭ କଲେ ଏବଂ ସେହି ମାସର ୨୮ ଓ ୨୯ ତାରିଖରେ ଉତ୍କଳ ପ୍ରାଦେଶିକ କଂଗ୍ରେସର ପ୍ରଥମ ଅଧିବେଶନ କଟକ



ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଓ ନୃସିଂହ ଗୁରୁଙ୍କ ଭୂମିକା

ସହରରେ ଅନୁଷ୍ଠିତ ହେଲା । ଏଥିରେ ସଭାପତିତ୍ୱ କରିଥିଲେ ଭାରତର ପ୍ରଖ୍ୟାତ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟ । ସେ ଗୋପବନ୍ଧୁ ଦାସଙ୍କ ତ୍ୟାଗ ଓ ଦେଶପ୍ରାଣତାର ଉଚ୍ଚ ପ୍ରଶଂସା କରି ତାଙ୍କୁ "ଉତ୍କଳମଣି" ବୋଲି ସମ୍ବୋଧିତ କଲେ । ସେହି ଦିନରୁ ଗୋପବନ୍ଧୁ ଦାସ "ଉତ୍କଳମଣି" ରୂପେ ଅଭିହିତ ହୋଇ ରହିଲେ । ଏହି ଅଧିବେଶନରେ ମଧୁବାବୁ ମଧ୍ୟ ଉପସ୍ଥିତ ଥିଲେ ଏବଂ ତାଙ୍କୁ କଂଗ୍ରେସକୁ ଫେରାଇ ଅଣାଯାଇ ପାରିଥିଲା ।

ସମ୍ବଲପୁର ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାଗଣ ସେମାନଙ୍କ ସମର୍ଥକ ମାନଙ୍କ ସହିତ ପ୍ରାଦେଶିକ କଂଗ୍ରେସର ପ୍ରଥମ ଅଧିବେଶନରେ ଯୋଗ ଦେଇଥିଲେ । ମାତ୍ର ଭାଗୀରଥୀ ପଟ୍ଟନାୟକ, ନୃସିଂହ ଗୁରୁ ଆଦି ନିଷ୍ଠାପର କଂଗ୍ରେସ କର୍ମୀମାନେ ବିଧିବଦ୍ଧ ନିମନ୍ତ୍ରଣ ପାଇନଥିଲେ ଏବଂ ଏଥିରେ ଯୋଗ ଦେଇନଥିଲେ । ଏହାଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଘନୀଭୂତ ହେଲା । ୧୯୨୪ ଅଗଷ୍ଟ ୬ ତାରିଖ ଦିନ ଜିଲ୍ଲା କଂଗ୍ରେସ କମିଟିର ଏକ ବୈଠକର ପ୍ରସ୍ତାବରେ ବିହାରଓଡ଼ିଶା ପ୍ରଦେଶର ଛୋଟ ଲାଟଙ୍କୁ ସମ୍ବର୍ଦ୍ଧନା ଜଣାଇଥିବାରୁ ଅସନ୍ତୁଷ୍ଟ ଗୋଷ୍ଠୀ ଏହାର ପ୍ରତିବାଦ କଲେ । ସେମାନେ ଚନ୍ଦ୍ର ଶେଖରଙ୍କୁ ଆଉ ସଭାପତି ରୂପେ ଗ୍ରହଣ କଲେ ନାହିଁ ଏବଂ ଏକ ସମାନ୍ତରାଳ ଜିଲ୍ଲା କଂଗ୍ରେସ କମିଟିର ପ୍ରତିଷ୍ଠା କଲେ । ଏଥରରେ ଚିନ୍ତାମଣି ପୂଜାରୀ ସଭାପତି ଓ ଭାଗୀରଥୀ ପଟ୍ଟନାୟକ ସଂପାଦକ ଥିଲେ । ନୃସିଂହ ଗୁରୁ ଓ ଲକ୍ଷ୍ମୀନାରାୟଣ ମିଶ୍ର ଏହାର ସକ୍ରିୟ ସଦସ୍ୟ ରହିଲେ ।

୧୯୨୪ ଡିସେମ୍ବର ମାସରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ବେଳଗାଓଁ ଠାରେ ଅନୁଷ୍ଠିତ ହେଲା । ଚିନ୍ତାମଣି ପୂଜାରୀଙ୍କ ଗୋଷ୍ଠୀ ସମ୍ବଲପୁର କଂଗ୍ରେସର ଅନିୟମିତତା ଓ ଉତ୍କଳ ପ୍ରଦେଶ କଂଗ୍ରେସର ଉଦାସୀନତା ବିଷୟରେ ଭାରତୀୟ ନେତାମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଜଣେ ପ୍ରତିନିଧି ପଠାଇବା ସକାଶେ ସ୍ଥିର କଲେ । ଏଥିପାଇଁ ଭାଗୀରଥୀ ପଟ୍ଟନାୟକଙ୍କୁ ବଛାଗଲା । ଚିନ୍ତାମଣି ପୂଜାରୀ ନିଜହାତରେ ଅଭିଯୋଗ ପତ୍ର ଲେଖି ସଭାପତି ରୂପେ ଦସ୍ତଖତ କଲାପରେ ତାହା ସାଇକ୍ଲୋଷ୍ଟାଇଲ୍ ହେଲା । ଲକ୍ଷ୍ମୀନାରାୟଣ ମିଶ୍ର ଏ ବିଷୟରେ ଜବାହାରଲାଲ ନେହେରୁଙ୍କ ପାଖକୁ ଏକ ବ୍ୟକ୍ତିଗତ ପତ୍ର ଲେଖିଲେ । ଭାଗୀରଥୀ ସେ ସବୁ ନେଇ ଚାଲି ଆସିଲେ ବେଲଗାଓଁ । କଂଗ୍ରେସ ଅଧିବେଶନର ଆରମ୍ଭ ହେଲା ମାତ୍ରେ ସେ ଜବାହାରଲାଲଙ୍କୁ ଲକ୍ଷ୍ମୀନାରାୟଣଙ୍କ ପତ୍ର ଦେଇ ଅଭିଯୋଗ ପତ୍ର ବାଣ୍ଟିବାକୁ ଲାଗିଲେ । ଜାତୀୟ କଂଗ୍ରେସ ଏହି ଅଭିଯୋଗର ବିଚାର ପାଇଁ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ରାଘବେନ୍ଦ୍ର ରାଓ ଓ ରବିଶଙ୍କର ଶୁକ୍ଳଙ୍କୁ ଦାୟିତ୍ୱ ପ୍ରଦାନ କଲେ । ମାତ୍ର ଏତିକି ବେଳେ ଗୋପବନ୍ଧୁ ଗାନ୍ଧିଜୀଙ୍କ ସହିତ ସଭାସ୍ଥଳକୁ ପହଞ୍ଚିଲେ । ଅଭିଯୋଗ ପତ୍ର ପଢ଼ିବା ପରେ ଗୋପବନ୍ଧୁ ଭାଗୀରଥୀ ବାବୁଙ୍କ ପାଖକୁ ଦୌଡ଼ିଗଲେ ଏବଂ ତାଙ୍କୁ କୁଣ୍ଢାଇ ପକାଇ କହିଲେ - " ଭାଇ ମୋତେ ଏସବୁ କଥା

ଜଣାନଥିଲା । ଏଠୁଁ ଫେରିବା ପରେ ମୁଁ ଏସବୁର ସମାଧାନ କରିଦେବି । ଘର ଗୋଳମାଳ ଘରେ ଥାଉ, ପଦାରେ କାହିଁକି ପକାଇବା !" ଗୋପବନ୍ଧୁଙ୍କ ସୌମ୍ୟଶାନ୍ତ ମୂର୍ତ୍ତି ଓ ତାଙ୍କର ମଧୁର କଥାରେ ଭାଗୀରଥୀ ଅଭିଭୂତ ହୋଇ ପଡ଼ିଲେ । ସେ ଅବିଳମ୍ବେ ଅଭିଯୋଗ ପତ୍ର ଫେରାଇ ଆଣିଲେ ।

ବେଲଗାଓଁରୁ ଫେରିବା ବାଟରେ ଭାଗୀରଥୀ ନାଗପୁରରେ ଭଗବାନ ଦୀନ ନାମକ ଜଣେ କଂଗ୍ରେସ କର୍ମୀଙ୍କୁ ଭେଟିଲେ । ଦୀନ ତାଙ୍କୁ କହିଲେ " ଭାଇ, ଚାନ୍ଦା ମାଗି ଆଉ କଂଗ୍ରେସ ଅଧିବେଶନକୁ ଯାଅ ନାହିଁ । ଲୋକେ ଭାବିବେ ମାଗିଖିଆ ସନ୍ୟାସୀଙ୍କ ପରି ଏମାନେ ମଧ ଜଣେ ଜଣେ ବାସ୍ତୁହରା । ଏମିତି ମାଗିବା ଦ୍ୱାରା କଂଗ୍ରେସର ଅପଯଶ ବଢ଼ିବ । ପରିବାରର ସମସ୍ତଙ୍କୁ ସୂତାକଟା ଶିଖାଅ, ଉପାର୍ଜନ କରି ଶିଖ, ମାଗ ନାହିଁ ।" ସେହି ଦିନରୁ ଭାଗୀରଥୀ ଚାନ୍ଦା ମାଗିବା ବନ୍ଦ କରିଦେଲେ ଏବଂ ଜାତୀୟ କଂଗ୍ରେସର ଅଧିବେଶନକୁ ଗଲେ ନାହିଁ । ସେ ସବୁଦିନ ସୂତା କାଟିବା ଅଭ୍ୟାସ କଲେ ।

**ଗାନ୍ଧିଜୀଙ୍କ ଖଦୀ - ଆନ୍ଦୋଳନ** - ଗାନ୍ଧିଜୀଙ୍କର ସଂସ୍କାର ଆନ୍ଦୋଳନ ବିଶେଷ କରି ୧୯୨୫ ରୁ ଚରଖାରେ ସୂତା କାଟିବା ଓ ଖଦଡ଼ ଲୁଗା ବୁଣିବା ଉପରେ ଆଧାରିତ ହେଲା । ଏହାପରେ ଖଦଡ଼ ଭାରତର ଜାତୀୟ ପୋଷାକ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କର ଏକମାତ୍ର ପରିଧେୟ ରୂପେ ବିବେଚିତ ହେଲା । ସୂତା କାଟିବା ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କର ଦୈନନ୍ଦିନ କାର୍ଯ୍ୟ ହେଲା । ଗାନ୍ଧିଜୀ ୧୯୨୫ ରେ "ଅଖିଳ ଭାରତୀୟ ବୁଣାକାର ସଂଘ" ସ୍ଥାପନ କଲେ । ଏହି ସଂଘ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରେ କପା ଚାଷ, ତୁଳା ଭିଣା,ସୂତାକଟା, ଖଦଡ଼ ବୁଣା ଓ ବିକ୍ରୀର ବ୍ୟବସ୍ଥା ସଂଗଠିତ ରୂପେ ହୋଇ ପାରିଲା । ଗାନ୍ଧିଜୀ ଏହି ସଂଘକୁ ରାଜନୀତିରୁ ଅଲଗା ରଖିବା ପାଇଁ ଚାହିଁଲେ ଏବଂ ଏହାର କର୍ମକର୍ତ୍ତା ମାନଙ୍କୁ ଅସହଯୋଗ ପ୍ରଭୃତି ଆନ୍ଦୋଳନରେ ଅଂଶ ଗ୍ରହଣ ନକରିବା ପାଇଁ ଆଦେଶ ଦେଲେ । ଓଡ଼ିଶାର ପ୍ରାଦେଶିକ ସ୍ତରରେ ଅଖିଳ ଭାରତୀୟ ବୁଣାକାର ସଂଘର ପରିଚାଳକ ଥିଲେ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ । ସମ୍ବଲପୁରରେ ଏହି ସଂଘର ଶାଖା ସ୍ଥାପିତ ହେଲା ସେହି ୧୯୨୫ ରେ । ନୃସିଂହ ଗୁରୁ, ମହାବୀର ସିଂହ, ଦୁର୍ଗାପ୍ରସାଦ ଗୁରୁ ଓ କୃତାର୍ଥ ଆଚାର୍ଯ୍ୟଙ୍କ ଦ୍ୱାରା ଏହି ଶାଖା ପରିଚାଳିତ ହେଲା । ଏମାନଙ୍କୁ ସାହାଯ୍ୟ ଓ ସହଯୋଗ ଦେଲେ ଲକ୍ଷ୍ମୀନାରାୟଣ ମିଶ୍ର, ଚିନ୍ତାମଣି ପୂଜାରୀ ଓ ଭାଗୀରଥୀ ପଟ୍ଟନାୟକ ।

ସମ୍ବଲପୁରରେ ଖଦୀ ଆନ୍ଦୋଳନ ବସ୍ତୁତଃ ୧୯୨୨ ରୁ ଆରମ୍ଭ ହୋଇ ସାରିଥିଲା ଏବଂ ଅନେକ ସ୍ଥାନରେ ସୂତାକଟା ଓ ଲୁଗାବୁଣା କେନ୍ଦ୍ରମାନ ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ୧୯୨୫ ରୁ ଏହି କେନ୍ଦ୍ରମାନଙ୍କ ସଂଖ୍ୟା ବୃଦ୍ଧି ପାଇଲା ଏବଂ ପଞ୍ଚପଡ଼ା, ତାଲପଟିଆ, ରେମଣ୍ଡା, ମାନପୁର,ବରଗଡ ପ୍ରଭୃତି କେନ୍ଦ୍ରରେ ବୟନ କାମ ତ୍ୱରାନ୍ୱିତ





ହେଲା । ଜିଲ୍ଲାର ପ୍ରାୟ ସମସ୍ତ କର୍ମକର୍ତ୍ତା ପଞ୍ଚପଡ଼ାର ମୋଟା ଖଦଡ଼ ପିନ୍ଧୁଥିଲେ । ମାତ୍ର ଏହା ପରେ ବରଗଡ଼ର ଖଦୀ କେନ୍ଦ୍ର ମଧ ଲୋକପ୍ରିୟ ହେଲା । କୃତାର୍ଥ ଆଚାର୍ଯ୍ୟ କଟକ ଓ ବ୍ରହ୍ମପୁରରୁ ଖଦୀବସ୍ତ୍ର ଆଣି ବରଗଡ଼ ଦୋକାନରେ ବିକ୍ରୀ କଲେ ତାହା ସମ୍ବଲପୁରୀ ଖଦୀ ଅପେକ୍ଷା ଉନ୍ନତ ଥିଲା ।

ଖଦୀ ଆନ୍ଦୋଳନକୁ ଲୋକପ୍ରିୟ କରିବା ପାଇଁ ମହାତ୍ମା ଗାନ୍ଧୀ ୧୯୨୫ ରୁ ଭାରତର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ସେ ୧୯୨୭ ରେ ଖଦୀ ଗସ୍ତରେ ଓଡ଼ିଶା ଆସିଥିଲେ ମଧ ହଠାତ ଅସୁସ୍ଥ ହୋଇ ପଡ଼ିବାରୁ ସେହିଥର ସମ୍ବଲପୁର ଆସି ପାରିନଥିଲେ । ୧୯୨୮ ନଭେମ୍ବର ମାସରେ ତାଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ଲାଲା ଲଜପତ ରାୟଙ୍କ ଅକାଳ ମୃତ୍ୟୁ ଯୋଗୁଁ ସ୍ଥଗିତ ରହିଥିଲା । ୧୯୨୮ ଡିସେମ୍ବର ୨୮ ରେ କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ କଲିକତା ଯିବା ବାଟରେ ସମ୍ବଲପୁରରେ ଗୋଟିଏ ଦିନପାଇଁ ତାଙ୍କର ରହଣି ଥିଲା । ଏହା ତାଙ୍କର ଖଦୀ ଗସ୍ତର ଏକ ଅଂଶ ବୋଲି ଧରାଯାଏ ।

୧୯୨୮ ଡିସେମ୍ବର ୧୩ ତାରିଖରେ ଗାନ୍ଧିଜୀ ପତ୍ନୀ କସ୍ତୁରବା ଓ ପୁତ୍ର ଦେବଦାସଙ୍କ ସହିତ ଝାରସୁଗୁଡ଼ା ଦେଇ ସମ୍ବଲପୁର ପହଞ୍ଚିଲେ । ସେଦିନ ସକାଳରେ ସେ ବ୍ରହ୍ମପୁରା ମନ୍ଦିର ପାଖରେ ମହାନଦୀ ବାଲିପଠାରେ ଏକ ସାଧାରଣ ସଭାରେ ଭାଷଣ ଦେଲେ । ଅପରାହ୍ଣରେ ମହିଳା ମାନଙ୍କ ତରଫରୁ କସ୍ତୁରବା ଓ ଗାନ୍ଧିଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗାନ୍ଧିଜୀ ମହାନ୍ତି ପଡ଼ାର ଦୟାସାଗର ବହିଦାରଙ୍କ ସ୍ୱଦେଶୀ ବସ୍ତ୍ରାଳୟ ଦେଖି ଖୁସି ହୋଇଗଲେ । ତାଙ୍କର ସମ୍ମାନରେ ରେମଣ୍ଡା ଓ ପଞ୍ଚପଡ଼ାରେ ଦୁଇଟି ଖଦୀ ପ୍ରଦର୍ଶନୀ କରାଯାଇଥିଲା । ମାତ୍ର ସମୟ ଅଭାବରୁ ତାଙ୍କୁ ସେଠାକୁ ନିଆଯାଇ ପାରିଲା ନାହିଁ । ଚିନ୍ତାମଣି ପୂଜାରୀ, ଭାଗୀରଥୀ ପଟ୍ଟନାୟକ ପ୍ରମୁଖ ଅନେକ ନେତା ଏଥିରେ ନିରାଶ ହେଲେ ।

ଗାନ୍ଧିଜୀଙ୍କ ପରିଦର୍ଶନ ଉଦ୍ଦେଶ୍ୟରେ ଗଢ଼ାଯାଇଥିବା ଅଭ୍ୟର୍ଥନା କମିଟିରେ ଚନ୍ଦ୍ରଶେଖର ବେହେରା, ଗୌରୀଶଙ୍କର ମିଶ୍ର, ଅଚ୍ୟୁତାନନ୍ଦ ପୁରୋହିତ, ଦୁଇଜଣ ଓକିଲ ଓ ଲକ୍ଷ୍ମୀନାରାୟଣ ମିଶ୍ର ସଦସ୍ୟ ଥିଲେ । ଗାନ୍ଧିଜୀଙ୍କ ଆଗମନରେ ଠିକ ପୂର୍ବରୁ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଗିରଫ କରି ଅଟକ ରଖାଗଲା । ତେଣୁ ଅଭ୍ୟର୍ଥନା ସଭାରେ ଅସନ୍ତୁଷ୍ଟ ଗୋଷ୍ଠୀର କେହି ନଥିଲେ । ଗାନ୍ଧିଜୀଙ୍କୁ ଝାରସୁଗୁଡ଼ାରୁ ସମ୍ବଲପୁର ଆଣିବା ବେଳେ କିମ୍ବା ସମ୍ବଲପୁରରୁ ଝାରସୁଗୁଡ଼ା ନେବାବେଳେ ପଞ୍ଚପଡ଼ା ଖଦୀ ପ୍ରଦର୍ଶନୀକୁ ନେବାରେ ଅସୁବିଧା ନଥିଲା । ସେଥିପାଇଁ ସମ୍ବଲପୁର କାର୍ଯ୍ୟକ୍ରମକୁ କାଟଛାଟ୍ କରାଯାଇ ପାରିଥାନ୍ତା । ଦୟାସାଗର ବହିଦାରଙ୍କ ଖଦୀ ଦୋକାନରେ ଗାନ୍ଧିଜୀଙ୍କୁ ଅଟକାଇ ପଞ୍ଚପଡ଼ା ନ ନେବା ଫଳରେ ବିଦ୍ରୋହୀ ଗୋଷ୍ଠୀଙ୍କର ଅସନ୍ତୋଷ ବୃଦ୍ଧି ପାଇବା ସ୍ୱାଭାବିକ ଥିଲା ।

ଗାନ୍ଧିଜୀ ସମ୍ବଲପୁର ଛାଡ଼ିବା ପରେ ପରେ ଲକ୍ଷ୍ମୀନାରାୟଣ ପୋଲିସ ହାତରୁ ମୁକ୍ତ ହେଲେ । ଏହା ପରେ ଅସନ୍ତୋଷ ଗୋଷ୍ଠୀ ପରସ୍ପର ମଧ୍ୟରେ ଆଲୋଚନା କରି କଲିକତା ଅଧିବେଶନରେ ଗାନ୍ଧିଜୀ ଓ ଅନ୍ୟାନ୍ୟ ନେତା ମାନଙ୍କୁ ଏସବୁ ବିଷୟରେ ଅବହିତ କରିବା ପାଇଁ ସ୍ଥିର କଲେ । ସେହି ଉଦ୍ଦେଶ୍ୟରେ ଚିନ୍ତାମଣି ଓ ଲକ୍ଷ୍ମୀନାରାୟଣ ଚାଲିଲେ କଲିକତା । ଚନ୍ଦ୍ରଶେଖର ବେହେରାଙ୍କ ନେତୃତ୍ୱରେ ମଧ୍ୟ ଏକ ବିରାଟ ପ୍ରତିନିଧି ଦଳ କଲିକତା ଅଧିବେଶନ ପାଇଁ ସେହି ଦିନ ସମ୍ବଲପୁର ଛାଡ଼ିଲେ ।

ଚିନ୍ତାମଣି ଓ ଲକ୍ଷ୍ମୀନାରାୟଣ କଲିକତାରେ ଗାନ୍ଧିଜୀ, ମୋତିଲାଲ, ଓ ଜବାହାର ଲାଲଙ୍କ ଆଗରେ ଜିଲ୍ଲା କଂଗ୍ରେସ କମିଟୀର ଅନିୟମିତତା ଓ ତୋଷଣ ନୀତି ଏବଂ ଅସନ୍ତୁଷ୍ଟ ଗୋଷ୍ଠୀର ଗଠନ ମୂଳକ କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କଲେ । ପଞ୍ଚପଡ଼ା ଓ ରେମଣ୍ଡାରେ ଖଦୀ ପ୍ରଦର୍ଶନୀ ଏବଂ ଅଭ୍ୟର୍ଥନା କମିଟୀର ସଦସ୍ୟ ଚୟନ ପ୍ରତି ମଧ୍ୟ ସେମାନଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ଏହି ସବୁକଥା ଶୁଣିଲା ପରେ ଗାନ୍ଧିଜୀ ଓ ଅନ୍ୟମାନେ ଏତେ ପ୍ରଭାବିତ ହେଲେ ଯେ ସଙ୍ଗେ ସଙ୍ଗେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀର ପୁନର୍ଗଠନ ପାଇଁ ପ୍ରାଦେଶିକ କଂଗ୍ରେସ କମିଟୀକୁ ନିର୍ଦ୍ଦେଶ ଦିଆଗଲା । ଚିନ୍ତାମଣି ଓ ଲକ୍ଷ୍ମୀନାରାୟଣ ବିଜୟ ଉଲ୍ଲାସରେ ଫେରି ଆସିଲେ ସମ୍ବଲପୁର । ଏହାର ଅଳ୍ପ ଦିନ ପରେ ପ୍ରାଦେଶିକ କଂଗ୍ରେସ କମିଟୀର ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀ ଏକ ନୂତନ ରୂପ ନେଇ ଠିଆ ହେଲା । ନୂତନ କମିଟୀରେ ରହିଲେ - ସଭାପତି ଚିନ୍ତାମଣି ପୂଜାରୀ, ସଂପାଦକ ଭାଗୀରଥୀ ପଟ୍ଟନାୟକ ଏବଂ ସଂଗଠନ ସଂପାଦକ ଲକ୍ଷ୍ମୀନାରାୟଣ ମିଶ୍ର ଓ ନୃସିଂହ ଗୁରୁ । ଏ ସମ୍ପର୍କରେ ଭାଗୀରଥୀ ପଟ୍ଟନାୟକ ଡାଏରୀରେ ଲେଖିଛନ୍ତି " ଏହିପରି ଭାବରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀ ସେଦିନ ବଡ଼ବଡ଼ିଆ, ବଡ଼ ପାଠୁଆଙ୍କ ଅକ୍ତିଆରରୁ ଗାଁ ଗର୍ଉଲିଆଙ୍କ ହାତକୁ ଆସିଯାଇଥିଲା, କୋଠା ଉପରୁ " ଓହ୍ଲାଇ ଆସି ଗାଁ ଗହଳିର ମାଟିପରେ ପଦାର୍ପଣ କଲା । "

ମହାତ୍ମା ଗାନ୍ଧୀଙ୍କର ତୋଫାନୀ ଗସ୍ତ ସତ୍ତ୍ୱେ ଖଦୀ ଶିଳ୍ପର ଆଶାଜନକ ପ୍ରଗତି ହୋଇ ପାରି ନଥିଲା । ୧୯୩୦ ପରେ ଅନେକ ଅଞ୍ଚଳରେ ଖଦୀ ଆନ୍ଦୋଳନ ଶିଥିଳ ହୋଇପଡ଼ିଲା । କୃତାର୍ଥ ଆଚାର୍ଯ୍ୟ ସମ୍ବଲପୁର ଖଦୀ ଆନ୍ଦୋଳନର ଜଣେ ମୁଖ୍ୟ ପୁରୋଧା ଥିଲେ । ସେ ଏହାର ବିଶ୍ଳେଷଣ କରି ଦେଖିଲେ ଯେ ଚରଖା ଦ୍ୱାରା ପ୍ରସ୍ତୁତ ସୂତାରେ ଲୁଗା ବୁଣିବା କଷ୍ଟସାଧ୍ୟ ଓ ସମୟସାପେକ୍ଷ ଅଟେ । ବସ୍ତୁତଃ ଏହା ଉପରେ ନିର୍ଭର କରି ଜଣେ ଶ୍ରମିକ ପକ୍ଷରେ ତାର ପରିବାର ପୋଷଣ କରିବା ସମ୍ଭବ ନୁହେଁ । ସମ୍ବଲପୁର ଅଞ୍ଚଳର ଖଦୀ ବସ୍ତ୍ର ଅପେକ୍ଷା କଟକ ଓ ବ୍ରହ୍ମପୁରର ଖଦୀ ବସ୍ତ୍ର ଉନ୍ନତ ଥିବାରୁ ସମ୍ବଲପୁର ଖଦୀର ଲୋକପ୍ରିୟତା ହ୍ରାସ ପାଇବାକୁ ଲାଗିଲା । କୃତାର୍ଥ ଆଚାର୍ଯ୍ୟ ଉପଲବ୍ଧି କଲେ ଯେ ପଶ୍ଚିମ ଓଡ଼ିଶାର କେତେକ ଅନୁନ୍ନତ ଜାତି ଯୁଗ ଯୁଗ ଧରି ବୁଣାକାମରେ ଅଭ୍ୟସ୍ତ ହୋଇ ରହିଛନ୍ତି





ଏବଂ ଏ ଦିଗରେ ସେମାନଙ୍କ ମଧ୍ୟରେ ଏକ ପ୍ରତିଭା ଓ ଶିଳ୍ପ ଚାତୁରୀ ରହିଛି ଯାହା ସେମାନେ ଚରଖା ସୂତାରେ ଫୁଟାଇ ପାରୁନାହାନ୍ତି । ସେ ମିଲ୍ ସୂତାକୁ ବିଭିନ୍ନ ରଙ୍ଗରେ ରଞ୍ଜିତ କରାଇ ସେମାନଙ୍କୁ ଏ ବିଷୟରେ ତାଲିମ ଦେଲେ । ଅଳ୍ପକାଳ ମଧ୍ୟରେ ବୁଣାକାର ମାନେ ଏ ଦିଗରେ ଆଗେଇ ଗଲେ ଏବଂ ବୟନ ଶିଳ୍ପର ବାନ୍ଧ କାମରେ ଅଭୂତପୂର୍ବ ପ୍ରଗତି ଦେଖାଦେଲା । ତାରକସି ଶିଳ୍ପ ଭଳି ବୟନ ଶିଳ୍ପରେ ମଧ୍ୟ ସୂକ୍ଷ୍ମ ଓ ସୁନ୍ଦର କାରୁକାର୍ଯ୍ୟମାନ ପ୍ରଦର୍ଶିତ ହୋଇ ପାରିଲା । ଏହିପରି ଭାବରେ ସମ୍ବଲପୁରୀ ବସ୍ତ୍ରର ଅଭ୍ୟୁଦୟ ହେଲା ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିଷ୍ଠା ହେଲା । ସମ୍ବଲପୁର, କଟକ ବା ବ୍ରହ୍ମପୁରର ଖଦୀ ବସ୍ତ୍ର ଏହା ସହିତ ତାଳ ଦେଇ ପାରିଲା ନାହିଁ । ତେଣୁ ଏହା ସମଗ୍ର ଓଡ଼ିଶା ଓ ଭାରତର ବିଭିନ୍ନ ଅଞ୍ଚଳରେ ଆଦୃତ ହେଲା ଏବଂ କ୍ରମେ ବିଦେଶରେ ମଧ୍ୟ ପ୍ରସାରିତ ହେଲା । ଅନେକେ କୃତାର୍ଥ ଆଚାର୍ଯ୍ୟଙ୍କୁ ସମାଲୋଚନା କରି କହିଲେ ଯେ ଖଦୀରେ ଯେଉଁ ରାଷ୍ଟ୍ରୀୟ ଚେତନା ରହିଛି ତାହା ମିଲ ସୂତାର ବ୍ୟବହାର ଦ୍ୱାରା ଧ୍ୱଂସ ପାଇଲା ଏବଂ ଖଦୀ ଶିଳ୍ପର ଜଣେ ଅନ୍ୟତମ ପୂଜାରୀ ଏହି ଧ୍ୱଂସର କାରଣ ହେଲେ । ମାତ୍ର ପଶ୍ଚିମ ଓଡ଼ିଶାର ବୟନ ଶିଳ୍ପୀଙ୍କର ମୌଳିକ କଳା କୌଶଳକୁ ବଞ୍ଚାଇ ରଖିବା ପାଇଁ ଏହାଛଡ଼ା ଅନ୍ୟ ପନ୍ଥା ନଥିଲା । ପଶ୍ଚିମ ଓଡ଼ିଶାର ଏହି ମୌଳିକ ଅବଦାନରେ ରାଷ୍ଟ୍ରୀୟ ଚେତନା ନାହିଁ କହିଲେ ମଧ୍ୟ ସତ୍ୟର ଅପଳାପ ହେବ ।

<u>ଅସ୍ପୃଶ୍ୟତା ନିବାରଣ ଓ ନିଶା ନିବାରଣ</u> :- ଅସ୍ପୃଶ୍ୟତା ହିନ୍ଦୁ ସମାଜର ସବୁଠାରୁ ବଡ଼ କଳଙ୍କ ଥିଲା । ଏହି କୁସଂସ୍କାରର ଦୂରୀକରଣ ପାଇଁ ଗାନ୍ଧିଜୀ ବିଶେଷ ଗୁରୁତ୍ୱ ଦେଇ କହିଥିଲେ ଯେ ସମାଜରେ ଏହି ବ୍ୟାଧି ଥିବା ପର୍ଯ୍ୟନ୍ତ ପ୍ରକୃତ ସ୍ୱରାଜ ଲାଭ କରାଯାଇ ପାରିବ ନାହିଁ । କେତେକ ଦଳିତ ଏବଂ ଅନୁନ୍ନତ ଜାତିର ଲୋକଙ୍କୁ ଅସ୍ପୃଶ୍ୟ ଶ୍ରେଣୀର ଅନ୍ତର୍ଗତ କରାଯାଇଥିଲା ଏବଂ ସେମାନଙ୍କୁ ସ୍ପର୍ଶ କଲେ ଉଚ୍ଚବର୍ଣ୍ଣର ଲୋକେ ଅପବିତ୍ର ହୋଇଯାଉଥିଲେ ବୋଲି ଧାରଣା ଥିଲା । ତେଣୁ ସେମାନେ ହିନ୍ଦୁ ମନ୍ଦିର ମାନଙ୍କରେ ପ୍ରବେଶ କରି ପାରୁ ନଥିଲେ, ଉଚ୍ଚ ବର୍ଣ୍ଣର ଲୋକମାନଙ୍କ ସହିତ ମିଳାମିଶା କରି ପାରୁନଥିଲେ, ସେମାନଙ୍କ କୂପ ଓ ପୁଷ୍କରିଣୀ ବ୍ୟବହାର କରି ପାରୁନଥିଲେ, ଦଳିତ ଶ୍ରେଣୀର ପିଲା ମାନେ ସବର୍ଣ୍ଣ ପିଲାଙ୍କ ସହିତ ମିଶି ସ୍କୁଲରେ ପାଠ ପଢିପାରୁ ନଥିଲେ । ଚାନ୍ଦମଣି ସେନାପତି ୧୯୩୦ ସାଲରେ ନିଜର ଏକ ଅଭିଜ୍ଞତା ସମ୍ବଲପୁର ଜିଲ୍ଲା ଗେଜେଟିଅର (ପୃ:୪୫୬) ରେ ଉଲ୍ଲେଖ କରିଛନ୍ତି । ସେତେବେଳେ ସେ ଥିଲେ ସମ୍ବଲପୁରର ଡେପୁଟୀ କମିଶନର । ସେହି ବର୍ଷ ସେ ମାନେଶ୍ୱର ପରିଦର୍ଶନ ଯାଇ ସେଠାକାର ନିମ୍ନ ପ୍ରାଥମିକ ସ୍କୁଲରେ ଦେଖିଲେ ଯେ ଏକ ଶ୍ରେଣୀ- ପ୍ରକୋଷ୍ଠରେ ପାଠ ଚାଲିଥିଲା ବେଳେ ପାଖ ବାରଣ୍ଡାରେ ଜଣେ ଗଣ୍ଡା (ହରିଜନ) ବାଳକ ଏକା ବସି ରହିଛି । ସେ ବାଳକର ହାତ ଧରି ଶ୍ରେଣୀ ଭିତରକୁ ଯାଇ ବୁଝିଲେ ଯେ ପିଲାଟି ଅସ୍ପୃଶ୍ୟ ଥିବାରୁ

ଶ୍ରେଣୀରେ ବସିଲେ ଅନ୍ୟ ସବୁ ପିଲା ସ୍କୁଲ ଛାଡ଼ି ଚାଲିଯିବେ । ଡେପୁଟୀ କମିଶନର ସେନାପତି ସାହେବ କହିଲେ ଯେ ସବୁ ପିଲା ସ୍କୁଲଛାଡ଼ି ଚାଲିଗଲେ ମଧ କେବଳ ସେହି ଗୋଟିଏ ଗଣ୍ଡା ପିଲାଙ୍କୁ ନେଇ ସ୍କୁଲ ଚାଲିବ । ମାତ୍ର କୌଣସି ପିଲା କ୍ଲାସ ଛାଡ଼ି ଗଲେ ନାହିଁ । ସେନାପତି ଲେଖିଛନ୍ତି ଯେ ଏହାଦ୍ୱାରା ଅସ୍ପୃଶ୍ୟତାର ନିବାରଣ ହୋଇ ନଥିଲା; ଡେପୁଟୀ କମିଶନରଙ୍କ ଭୟରେ ହିଁ ପିଲାଏ ସ୍କୁଲ ଛାଡ଼ି ଗଲେ ନାହିଁ । ସେତେବେଳେ ଏହା ଏକ ସାଧାରଣ ଘଟଣା ଥିଲା ।

ପ୍ରାଚୀନ ହିନ୍ଦୁ ଧର୍ମ ଶାସ୍ତ୍ର ମାନଙ୍କରେ ଅସ୍ପୃଶ୍ୟତାର ଉଲ୍ଲେଖ ଆଦୌ ନାହିଁ । ସମ୍ଭବତଃ ଏହା ବ୍ରାହ୍ମଣ ପୁରୋହିତଙ୍କ ପ୍ରତିଷ୍ଠାକୁ ଦୃଢ଼ୀଭୂତ କରିବା ପାଇଁ ବର୍ଣ୍ଣାଶ୍ରମ ଧର୍ମରେ ପ୍ରବେଶ କରିଥିଲା ଏବଂ କ୍ରମେ ହିନ୍ଦୁ ସଂସ୍କୃତିର ଏକ ଅଙ୍ଗ ହୋଇ ରହିଗଲା । ମାତ୍ର ଉନବିଂଶ ଶତକରେ ଅନେକ ବିଜ୍ଞ ବ୍ୟକ୍ତି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଏହି ସମୟରେ ପଶ୍ଚିମ ଓଡ଼ିଶାରେ କବୀର ପନ୍ଥୀ, ସତ୍‌ନାମୀ ଓ ଭୀମ ଭୋଇଙ୍କ କୁମ୍ଭୀପଟିଆ ସଂପ୍ରଦାୟ ଜାତି ପ୍ରଥା ଓ ଅସ୍ପୃଶ୍ୟତା ବିରୁଦ୍ଧରେ ଗଣ ଆନ୍ଦୋଳନ ଆରମ୍ଭ କଲେ । ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ସତ୍ୟାଗ୍ରହୀ ମାନେ ଅସ୍ପୃଶ୍ୟତା - ବିରୋଧୀ ଆନ୍ଦୋଳନ ଉପରେ ଗୁରୁତ୍ୱ ଦେଲେ ।

ଗାନ୍ଧିଜୀଙ୍କ ଚରଖା ଆନ୍ଦୋଳନ ଅସ୍ପୃଶ୍ୟ ଓ ଦଳିତ ଜାତିର ଲୋକଙ୍କୁ ଆକୃଷ୍ଟ କଲା ଏବଂ ସେମାନେ ସହସ୍ର ସଂଖ୍ୟାରେ କଂଗ୍ରେସରେ ଯୋଗଦେଲେ । ସେମାନଙ୍କ ମଧ୍ୟରେ ପଞ୍ଚପଢ଼ାର ଶୁଖାରାମ ତନ୍ତୀ, ତାଳପଟିଆର କଷ୍ଟରାମ ତନ୍ତୀ ଓ ଜଉବରାମ ତନ୍ତୀ, ଝାରସୁଗୁଡ଼ାର ମହାବୀର ସିଂହ, ମୁଣ୍ଡାପଢ଼ାର ବିହାରୀରାମ ଓ ରାମ ଭରୋସେ ରାମ, ବରଗଡ଼ର ଗୋପାଳ ଗଣ୍ଡା ପ୍ରଭୃତିଙ୍କର ଉତ୍ସାହ ଓ ଉଦ୍ଦୀପନା କଂଗ୍ରେସର ସଂସ୍କାର ଆନ୍ଦୋଳନକୁ ଆଗେଇ ନେବାରେ ସାହାଯ୍ୟ କଲା । ଅସ୍ପୃଶ୍ୟତା ନିବାରଣ ସହିତ ନିଶାନିବାରଣ କାର୍ଯ୍ୟକ୍ରମ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା । ହଜାର ହଜାର ଆଦିବାସୀ ଓ ହରିଜନ ହାତରେ ତମ୍ବା, ତୁଳସୀ ଓ ଶାଳଗ୍ରାମ ଧରି ଶପଥ ନେଲେ ଯେ ଭବିଷ୍ୟତରେ ସେମାନେ ମଦ ବା ନିଷେଧ ପଶୁ ମାଂସ ଖାଇବେ ନାହିଁ । ଆର୍ଯ୍ୟସମାଜୀ ସ୍ୱାମୀ ସଚ୍ଚିଦାନନ୍ଦ ଓ ପଣ୍ଡିତ ଗୟାଧିନ ପ୍ରଭୃତିଙ୍କର ଶୁଦ୍ଧିକରଣ ଆନ୍ଦୋଳନ ଏହି କାର୍ଯ୍ୟକ୍ରମକୁ ସାହାଯ୍ୟ କଲା । ସମ୍ବଲପୁରରେ ଚନ୍ଦ୍ରଶେଖର ବେହେରା, ନୃସିଂହ ଗୁରୁ ଓ ଲକ୍ଷ୍ମୀନାରାୟଣ ମିଶ୍ର ୧୯୨୯ରେ ଏକ ଅସ୍ପୃଶ୍ୟତା ନିବାରଣ ସମିତି ଗଠନ କଲେ । ଅଳ୍ପଦିନ ପରେ ଅନେକ ହରିଜନ ଓ ଆଦିବାସୀ ଗ୍ରାମରେ ମଦ୍ୟପାନ ସଂପୂର୍ଣ୍ଣ ବନ୍ଦ ହୋଇଗଲା । ତତ୍କାଳୀନ ଜିଲ୍ଲା କଂଗ୍ରେସର ସଭାପତି ରୂପେ ଚିନ୍ତାମଣି ପୂଜାରୀ, ଜବାହାରଲାଲ ନେହେରୁଙ୍କୁ ଗର୍ବର ସହ ସମ୍ବଲପୁରର ଏହି କୃତିତ୍ୱ ଜଣାଇଥିଲେ । ନେହେରୁ ମଧ ଖୁସି ହୋଇ ଏହାର ଉତ୍ତରରେ ଧନ୍ୟବାଦ ଜଣାଇଥିଲେ ଏବଂ ତାହା ଭାଗୀରଥୀ ପଟ୍ଟନାୟକଙ୍କ ଜୀବନୀ ପୁସ୍ତକରେ ସ୍ଥାନୀତ ହୋଇଅଛି





କଂଗ୍ରେସ କର୍ମୀମାନେ ନିଶାନିବାରଣ ପାଇଁ ମଦଦୋକାନ ଓ ମଦଭାଟି ଆଗରେ ପିକେଟିଙ୍ଗ୍ ବା ଧାରଣା ଦେଲେ । ଏହି ସମୟର ପିକେଟିଙ୍ଗରେ ଭାଗୀରଥୀ ପଟ୍ଟନାୟକଙ୍କ ବାର ବର୍ଷର ଯୋଗ୍ୟପୁତ୍ର ପ୍ରଫୁଲ୍ଲ ପଟ୍ଟନାୟକ ଯୋଗଦେଇ ଯେଉଁ ତତ୍ପରତା ଦେଖାଇଲେ; ତାହା ଅନ୍ୟମାନଙ୍କୁ ପ୍ରେରଣା ଦେଲା ଏବଂ ଅନେକ ବାଳକ ବାନର ସେନାରେ ଯୋଗଦେବାପାଇଁ ଆଗେଇ ଆସିଲେ ।

ଏହା ଫଳରେ ମଦଭାଟି ମାନଙ୍କର ଅନେକ ଠିକାଦାର ଉପାୟହୀନ ହୋଇ ସରକାରଙ୍କୁ ଲାଇସେନ୍ସ ଫେରାଇ ଦେଲେ । ଅନେକ ମଦଭାଟି ବନ୍ଦ ହୋଇଗଲା ଏବଂ ସରକାରଙ୍କ ରାଜସ୍ୱ କମିଗଲା । ଏଥିପାଇଁ ଛୋଟଲାଟ ସମ୍ବଲପୁର ଡେପୁଟୀ କମିଶନର ଜନଷ୍ଟନଙ୍କୁ କୈଫିୟତ୍ ମାଗିଲେ । ଲକ୍ଷ୍ମୀନାରାୟଣ ମିଶ୍ର ଜନଷ୍ଟନ ସାହେବଙ୍କୁ ଭେଟିଲେ ଏବଂ ସମ୍ବଲପୁରରେ ନିଶାନିବାରଣର ଆବଶ୍ୟକତା ବିଷୟରେ ବୁଝାଇ ଏଥିରେ ପ୍ରତିବନ୍ଧକ ସୃଷ୍ଟି ନକରିବା ପାଇଁ ଅନୁରୋଧ କଲେ । ଆୟରଲାଣ୍ଡର ସ୍ୱାଧୀନଚେତା ଅଫିସର ଜନଷ୍ଟନଙ୍କ ମଧ ଏ ବିଷୟରେ ସମ୍ୟକ ଉପଲବ୍ଧି ହୋଇଥିଲା । ତେଣୁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଦେଲେ ଯେ ସମ୍ବଲପୁରରେ ଆରମ୍ଭ ହୋଇଥିବା ଏକ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନକୁ ପ୍ରତିହତ ନକରି ଏଥିପାଇଁ ରାଜସ୍ୱର କ୍ଷତିକୁ ସେ ଅନ୍ୟ ପ୍ରକାରେ ପୂରଣ କରିଦେଇ ପାରିବେ । ସରକାର ଏହି ଉତ୍ତରରେ ସନ୍ତୁଷ୍ଟହେଲେ ନାହିଁ ଏବଂ ଜନଷ୍ଟନ କାର୍ଯ୍ୟରୁ ନିଲମ୍ବିତ ହେଲେ । ଯୁବନେତା ହରେକୃଷ୍ଣ ମହତାବ ଜନଷ୍ଟନଙ୍କୁ ନିମନ୍ତ୍ରିତ କରିନେଇ ତାଙ୍କର ରହିବା ଆଦି ପାଇଁ ସୁବନ୍ଦୋବସ୍ତ କରିଦେଇଥିଲେ । କିଛି କାଳ ପରେ ଜନଷ୍ଟନ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇ ଯୋଗଦେବା ପାଇଁ ନିର୍ଦ୍ଦେଶ ପାଇଲେ ମାତ୍ର ସେ ମୁକ୍ତ ହେବା ସଙ୍ଗେ ସଙ୍ଗେ ଇସ୍ତଫା ଦେଇ ଇଂଲଣ୍ଡ ଫେରିଗଲେ ।

ଚନ୍ଦ୍ରଶେଖର ବେହେରା, ନୃସିଂହ ଗୁରୁ, ଲକ୍ଷ୍ମୀନାରାୟଣ ମିଶ୍ର, କୃତାର୍ଥ ଆଚାର୍ଯ୍ୟ, ଘନଶ୍ୟାମ ପାଣିଗ୍ରାହୀ ପ୍ରଭୃତି ନୈଷ୍ଠିକ ବ୍ରାହ୍ମଣମାନେ ନିୟମିତ ଭାବରେ ନିଜ ନିଜ ଅଞ୍ଚଳରେ ହରିଜନପଢ଼ାମାନଙ୍କୁ ଯାଇ ଲୋକମାନଙ୍କ ସହିତ ବସାଉଠା କଲେ, ଜଳପାନ କଲେ, ଏବଂ ସେମାନଙ୍କୁ ପବିତ୍ର ରହିବା ପାଇଁ ପ୍ରେରଣା ଦେଲେ । ଏହା ପୂର୍ବରୁ ଗଣ୍ଡାପଢ଼ା ଗୁଡ଼ିକ ସାଧାରଣତଃ ଅପରିଷ୍କାର ଓ ଅଶୋଭନୀୟ ରହୁଥିଲା । ମାତ୍ର ଅଳ୍ପ ଦିନ ମଧ୍ୟରେ ଅନେକ ପଢ଼ାର ଅବସ୍ଥା ବଦଳିଗଲା । ଲୋକେ ମଦ୍ୟପାନ ସଂପୂର୍ଣ୍ଣ ତ୍ୟାଗ କଲେ । ଘର ଗୁଡ଼ିକ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିଲା ଏବଂ ପ୍ରତ୍ୟେକ ଘରର ଅଗଣାରେ ତୁଳସୀ ଚଉରା ଶୋଭା ପାଇଲା ।

୧୯୨୯ ସେପ୍ଟେମ୍ବରରେ ଦୟାନନ୍ଦ ଶତପଥି ବାମଣ୍ଡାରୁ ସମ୍ବଲପୁର ପଳାଇଆସି କଂଗ୍ରେସରେ ଯୋଗଦେଲେ । ତାଙ୍କର ପିତା ବିଶ୍ୱନାଥ ଶତପଥି ଗଞ୍ଜାମର ବେଲଗୁଣ୍ଠାରୁ ଆସି ବାମଣ୍ଡାରେ ଶିକ୍ଷକତା କରୁଥିଲେ । ବାମଣ୍ଡାର ଦେବଗଡ଼ରେ ୧୯୦୮

ଜୁଲାଇ ୭ ତାରିଖ ଦିନ ଦୟାନନ୍ଦଙ୍କ ଜନ୍ମ । ଦରିଦ୍ରତା ଯୋଗୁଁ ଉଚ୍ଚ ଶିକ୍ଷା ପାଇ ନପାରି ଦୟାନନ୍ଦ କୁଚିଣ୍ଡାର ପରୁଆଭାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହେଡ୍‌ପଣ୍ଡିତ ରୂପେ ନିଯୁକ୍ତ ଥିଲେ । ପିଲାଦିନରୁ ସେ ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ଥିଲେ । ରାଜଦ୍ରୋହ ଅପରାଧରେ ତଡ଼ାଖାଇ ସେ ଆସିଲେ ସମ୍ବଲପୁର । ସେହିଦିନରୁ ସେ ନୃସିଂହ ଗୁରୁ, ଭାଗୀରଥୀ ପଟ୍ଟନାୟକ, ଚିନ୍ତାମଣି ପୁଜାରୀ ଓ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଅନ୍ତରଙ୍ଗ ବନ୍ଧୁ ଓ ସହଯୋଗୀ ରୂପେ ରହିଲେ । ଏହି ପାଞ୍ଚଜଣଙ୍କୁ ସମ୍ବଲପୁର କଂଗ୍ରେସର ପଞ୍ଚସଖା ବୋଲି ଅଭିହିତ କରାଯାଇଥାଏ । ସେହି ସମୟରେ ଅସ୍ପୃଶ୍ୟତା - ବିରୋଧୀ ଆନ୍ଦୋଳନ ଚାଲିଥାଏ । ଜଣେ ନୈଷ୍ଠିକ ବ୍ରାହ୍ମଣ ସନ୍ତାନ ହେଲେ ମଧ୍ୟ ଦୟାନନ୍ଦ ଏହି ଆନ୍ଦୋଳନରେ ଯୋଗଦେଲା ପରେ ପଇତା ପରିତ୍ୟାଗ କଲେ ଏବଂ ହରିଜନମାନଙ୍କର ରନ୍ଧା ଖାଦ୍ୟ ଗ୍ରହଣ କଲେ ।

୧୯୩୨ ରେ କଂଗ୍ରେସର ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନ ଏକ ନୂତନ ମୋଡ଼ ନେଲା । ୧୯୩୨ ଅଗଷ୍ଟ ୧୭ ତାରିଖ ଦିନ ବ୍ରିଟିଶ ସରକାର ନିର୍ବାଚନ ନିୟମରେ ପରିବର୍ତ୍ତନ ଆଣି "ସାଂପ୍ରଦାୟିକ ନିଷ୍ପତ୍ତି" (Communal Award) ର ଘୋଷଣା କଲେ । ଏଥିରେ ହିନ୍ଦୁ ମାନଙ୍କ ମଧ୍ୟରେ " ଦଳିତ ସଂପ୍ରଦାୟ" ବା ତପସିଲଭୁକ୍ତ ଜାତି' ନାମରେ ଏକ ନୂତନ ସଂପ୍ରଦାୟ ସୃଷ୍ଟି କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା କରାଗଲା । ଏହାଦ୍ୱାରା ସେମାନଙ୍କୁ କୁଳୀନ ହିନ୍ଦୁମାନଙ୍କଠୁ ବିଚ୍ଛିନ୍ନ କରି ଏକ ସ୍ୱତନ୍ତ୍ର ଜାତି ରୂପେ ମାନ୍ୟତା ଦିଆଗଲା । ସେତେବେଳେ ଗାନ୍ଧିଜୀ ୟାରବେଡ଼ା ଜେଲରେ ଥିଲେ । ସେ ଏହି ନିଷ୍ପତ୍ତି ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରି ଏହାର ପ୍ରତ୍ୟାହାର ନହେଲେ ଆମରଣ ଅନଶନ କରିବେ ବୋଲି ଘୋଷଣା କଲେ । ଗାନ୍ଧିଜୀଙ୍କ ଉପବାସ ଆରମ୍ଭ ହେଲା ୧୯୩୨ ସେପ୍ଟେମ୍ବର ୨୦ ରେ । ଗାନ୍ଧିଜୀଙ୍କ ଜୀବନ ରକ୍ଷା ପାଇଁ ଭାରତୀୟ ନେତାମାନେ ପୁଣେ (ପୁନା) ଠାରେ ସମ୍ମିଳିତ ହେଲେ ଏବଂ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା ଉଠାଇ ଦେଇ ଦଳିତ ସଂପ୍ରଦାୟଙ୍କ ପାଇଁ ୭୧ ଟି ସ୍ଥାନ ପରିବର୍ତ୍ତେ ୧୪୮ ଟି ସ୍ଥାନର ସଂରକ୍ଷଣ ପାଇଁ ପ୍ରସ୍ତାବ ଦେଲେ । ପୁଣେ (ପୁନା) ଚୁକ୍ତି ହିନ୍ଦୁ ମହାସଭା ଦ୍ୱାରା ଅନୁମୋଦିତ ହେଲାପରେ ସରକାର ତାହା ଗ୍ରହଣ କରିନେବାକୁ ବାଧ୍ୟ ହେଲେ । ଗାନ୍ଧିଜୀ ସେପ୍ଟେମ୍ବର ୨୬ ତାରିଖରେ ଉପବାସ ଭାଙ୍ଗିଲେ ।

ଏହାପରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଅସ୍ପୃଶ୍ୟତା ନିବାରଣ ପାଇଁ ଜୋରସୋର ଉଦ୍ୟମ ଚାଲିଲା । ୧୯୩୩ ଫେବୃୟାରୀ ୧୧ତାରିଖରେ ଗାନ୍ଧିଜୀଙ୍କ ସଂପାଦନାରେ ସାପ୍ତାହିକ ପତ୍ରିକା " ହରିଜନ" ପ୍ରକାଶ ପାଇଲା ଏବଂ ପରେ ପରେ "ସର୍ବଭାରତୀୟ ହରିଜନ ସେବକ ସଂଘ" ଗଠିତ ହେଲା । ଏଥିରେ ଘନଶ୍ୟାମ ଦାସ ବିର୍ଲା ସଭାପତି ଏବଂ ଅମୃତ ଲାଲ୍ ଠକ୍କର (ଠକ୍କର ବାପା) ସଂପାଦକ ଥିଲେ । ଓଡ଼ିଶା ପ୍ରାଦେଶିକ



ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଓ ନୃସିଂହ ଗୁରୁଙ୍କ ଭୂମିକା

ଶାଖାର ସଭାପତି ହେଲେ କବିରାଜ ବାଲୁଙ୍କେଶ୍ୱର ଆଚାର୍ଯ୍ୟ । ସମ୍ବଲପୁର ଶାଖାର ଦାୟିତ୍ୱ ନୃସିଂହ ଗୁରୁଙ୍କ ଉପରେ ନ୍ୟସ୍ତ ହେଲା । ସମ୍ବଲପୁରର ଛୋଟ ବଡ ସବୁ କଂଗ୍ରେସ କର୍ମୀ ତାଙ୍କୁ ଆନ୍ତରିକ ସାହାଯ୍ୟ ଓ ସହଯୋଗ ଦେଲେ । ଏଥିପାଇଁ ଏକ ଛଅଜଣିଆ କାର୍ଯ୍ୟକାରୀ କମିଟୀ ଗଢାଯାଇ ଚନ୍ଦ୍ରଶେଖର ବେହେରା ସଭାପତି ଓ ନୃସିଂହଗୁରୁ ସଂପାଦକ ରହିଲେ ।

୧୯୩୩ ଏପ୍ରିଲ ମାସରେ ଲୋକ ସେବକ ମଣ୍ଡଳର ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ ହରିଜନ ଆନ୍ଦୋଳନକୁ ଆଗେଇ ନେବା ପାଇଁ ସମ୍ବଲପୁର ଆସିଲେ । ତାଙ୍କର ଉଦ୍ୟମରେ ଆନ୍ଦୋଳନ ଜୋରସୋରରେ ଚାଲିଥିଲା । ସଂପାଦକ ନୃସିଂହ ଗୁରୁ ତାଙ୍କୁ ସବୁ ପ୍ରକାର ସାହାଯ୍ୟ କଲେ । ସରକାର ଏଥିରେ ପ୍ରତିବନ୍ଧକ ସୃଷ୍ଟି ପାଇଁ ଚେଷ୍ଟା କଲେ, ମାତ୍ର କିଛି ଫଳ ହେଲାନାହିଁ । ଏପ୍ରିଲ ୩୦ରେ ଅତ୍ୟନ୍ତ ଉତ୍ସାହ ସହକାରେ ହରିଜନ ଦିବସ ପାଳିତ ହେଲା । ହରିଜନମାନଙ୍କର ଉନ୍ନତି ପାଇଁ ଲୋକେ ଆନନ୍ଦରେ ଚାନ୍ଦା ଦେଲେ । ହରିଜନ ପଡାମାନଙ୍କରେ ସଫାଇ ଓ ସେବାକାମ ଚାଲିଲା । ସେହି ଦିନ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏକ ମନ୍ଦିର ବା ସାଧାରଣ କୂପ ହରିଜନମାନଙ୍କ ପାଇଁ ଉନ୍ମୁକ୍ତ ରଖିବାକୁ ଅନୁରୋଧ କରାଗଲା । ସକାଳେ ଓ ସନ୍ଧ୍ୟାରେ ସବର୍ଣ୍ଣ ଓ ହରିଜନ ଲୋକମାନେ ମିଶି କୀର୍ତ୍ତନ ଦଳରେ ବାହାରିଲେ । ଫଟାପାଲି ଗ୍ରାମରେ ହରିଜନମାନଙ୍କ ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ଖୋଲାଗଲା । ବିଭିନ୍ନ ସ୍ଥାନରେ ସଭାସମିତିମାନ କରି ହରିଜନମାନଙ୍କର ଉନ୍ନତି ପାଇଁ ଯୋଜନାମାନ ଆରମ୍ଭ ହେଲା । ୧୯୩୩ ମଇ ମାସର ପ୍ରଥମ ସପ୍ତାହରେ ସର୍ବଭାରତୀୟ ହରିଜନ ସେବକ ସଂଘର ସଂପାଦକ ଠକ୍କର ବାପା ସମ୍ବଲପୁର ପରିଦର୍ଶନରେ ଆସି ଆନ୍ଦୋଳନର ସଫଳତାରେ ଆନନ୍ଦ ପ୍ରକାଶ କରିଥିଲେ ।

ହରିଜନ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇଁ ଗାନ୍ଧିଜୀ ୧୯୩୩ ନଭେମ୍ବର ମାସରୁ ହରିଜନ ଗସ୍ତ ଆରମ୍ଭ କଲେ ଏବଂ ୧୯୩୪ ଅଗଷ୍ଟମାସ ମଧ୍ୟରେ ୧୨,୫୦୦ ମାଇଲ ପଥ ଅତିକ୍ରମ କରିଥିଲେ । ଏହି ସମୟ ମଧ୍ୟରେ ସେ ଭାରତର ପ୍ରାୟ ପ୍ରତ୍ୟେକ ପ୍ରଦେଶକୁ ସ୍ପର୍ଶ କରିଥିଲେ ।

ଗାନ୍ଧିଜୀ ଏହି ଗସ୍ତରେ ଝାରସୁଗୁଡା ଦେଇ ୧୯୩୪ ମେ ମାସ ୫ତାରିଖରେ ସମ୍ବଲପୁର ପହଞ୍ଚିଲେ । ଝାରସୁଗୁଡ଼ା ଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ରେଲଷ୍ଟେସନ୍ ସମ୍ବର୍ଦ୍ଧନାରେ ବିହାରିରାମଙ୍କ ମାତା ତୁଳସୀ ଦେବୀ ଗାନ୍ଧିଜୀଙ୍କ ଗଳାରେ ଏକ ଗେଣ୍ଡୁଫୁଲର ମାଳା ପିନ୍ଧାଇ ଦେଲେ । ତୁଳସୀ ଦେବୀ ଜଣେ ହରିଜନ ମହିଳା ବୋଲି ଜାଣିବା କ୍ଷଣି ଗାନ୍ଧିଜୀ ମାଳାଟିକୁ ଗଳାରୁ ବାହାର କରି ତୁଳସୀଙ୍କ ଗଳାରେ ଉପମାନେ ପିନ୍ଧାଇ ଦେଲେ ଏବଂ ତାଙ୍କୁ ହରିଜନ ମାତା ବୋଲି ସମ୍ବୋଧନ କଲେ । ଝାରସୁଗୁଡା ଓ ସମ୍ବଲପୁରରେ ସେ ବିରାଟ ଜନ ସମାବେଶରେ ଉଦ୍‌ବୋଧନ ଦେଲେ । ସମ୍ବଲପୁରରେ ଗାନ୍ଧିଜୀ ଡାକ୍ତର ରାମଚନ୍ଦ୍ର ମିଶ୍ରଙ୍କ ଘରେ ଅତିଥି ଥିଲେ । ନୃସିଂହ ଗୁରୁ ଓ

ଠକ୍କର ବାପାଙ୍କ ସହିତ ସେ ହରିଜନ ବସ୍ତି ଠେଲ୍‌କୋ ପଡା ପରିଦର୍ଶନ କରି ନୃସିଂହ ଗୁରୁଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ବାଟରେ ସେ କୁଷ୍ଠରୋଗୀ ମାନଙ୍କର ପଡ଼ାକୁ ଯାଇ ସେମାନଙ୍କ ଗହଣରେ କିଛି ସମୟ କଟାଇଥିଲେ ।

ଗାନ୍ଧିଜୀଙ୍କ ପରିଦର୍ଶନ ଅବସରରେ ଜନାର୍ଦ୍ଦନ ସୁପକାର ହରିଜନମାନଙ୍କ ପାଇଁ ଫାଟକ ନିକଟସ୍ଥ ତାଙ୍କର ଖମାର ଘର ଦାନ କରିଥିଲେ । ଘରଟିକୁ ଅଳ୍ପ ମରାମତି କରି ଏକ ହରିଜନ ଛାତ୍ରାବାସରେ ପରିଣତ କରିଦିଆଗଲା ଏବଂ ଗାନ୍ଧିଜୀଙ୍କ ଦ୍ୱାରା ତାହା ଉନ୍ମୋଚିତ ହେଲା । ସେହି ଛାତ୍ରାବାସର ପରିଚାଳନା ଭାର ନୃସିଂହ ଗୁରୁଙ୍କୁ ଦିଆଗଲା । ପ୍ରଥମେ ତିନିଜଣ ଛାତ୍ରଙ୍କୁ ନେଇ ଛାତ୍ରାବାସ ଆରମ୍ଭ ହୋଇଥିଲା ଏବଂ ପରେ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଲା । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ଯୋଗୁଁ ଗିରଫ ହୋଇ ଜେଲ୍ ଯିବା ପର୍ଯ୍ୟନ୍ତ ନୃସିଂହ ଗୁରୁ ଏହାର ପରିଚାଳକ ହୋଇ ରହିଥିଲେ । ଏହି ସମୟରେ ଛାତ୍ରାବାସକୁ କେନ୍ଦ୍ର କରି ହରିଜନମାନଙ୍କ ସେବାରେ ତାଙ୍କର ଜୀବନ ସମର୍ପିତ ଥିଲା ।

ଗାନ୍ଧିଜୀ ସମ୍ବଲପୁରରେ ମାତ୍ର ଗୋଟିଏ ଦିନ ରହିଥିଲେ । କିନ୍ତୁ ତାଙ୍କର ଆଦର୍ଶ ଓ ପ୍ରେରଣା ଏ ଅଞ୍ଚଳର କଂଗ୍ରେସ କର୍ମୀମାନଙ୍କୁ ହରିଜନ ସେବାରେ ବହୁଦିନଯାଏ ଅନୁପ୍ରାଣିତ କରି ରଖିଥିଲା । ୧୯୩୪ ଜୁଲାଇ ୨୯ ତାରିଖରେ ସର୍ବଭାରତୀୟ ହରିଜନ ଦିବସ ସମ୍ବଲପୁରରେ ଆନ୍ତରିକତାର ସହ ପାଳିତ ହେଲା । ଅଗଷ୍ଟ ୨୩ ତାରିଖ ଓଡ଼ିଶା ପ୍ରାଦେଶିକ ହରିଜନ ସଂଘର ସଂପାଦକ ନନ୍ଦ କିଶୋର ଦାସ ସମ୍ବଲପୁର ପରିଦର୍ଶନରେ ଆସିଥିଲେ ଏବଂ ସେହି ଅବସରରେ ଜିଲ୍ଲା ହରିଜନ କମିଟୀର ପୁର୍ନଗଠନ କରାଯାଇ ନୃସିଂହ ଗୁରୁ ପୂର୍ବ ଭଳି ସଂପାଦକ ଦାୟିତ୍ୱରେ ରହିଲେ । ସମ୍ବଲପୁରରେ ହରିଜନମାନଙ୍କ ସେବା ପାଇଁ ନନ୍ଦ କିଶୋର ଦାସ ପ୍ରାଦେଶିକ ସଂଘ ତରଫରୁ ୭୨୮ ଟଙ୍କା ମଞ୍ଜୁର କଲେ ।

୧୯୩୪ ଅକ୍ଟୋବର ଶେଷ ସପ୍ତାହରେ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନ ବମ୍ବେ ଠାରେ ଅନୁଷ୍ଠିତ ହେଲା । ଜିଲ୍ଲା ହରିଜନ ସେବକ ସଂଘର ସଂପାଦକ ନୃସିଂହ ଗୁରୁ, ସଦସ୍ୟ ମହାବୀର ସିଂହ ଓ ନାଗରମଲ କେଡ଼ିଆ ଏବଂ ହରିଜନ କଂଗ୍ରେସ କର୍ମୀ କଷ୍ଟରାମ ଗଣ୍ଡା ଏହି ଅଧିବେଶନରେ ଯୋଗ ଦେଇଥିଲେ ।

୧୯୩୫ରେ ଭାରତୀୟ କଂଗ୍ରେସର ସୁବର୍ଣ୍ଣ ଜୁବୁଲୀ ପାଳନ ଅବସରରେ ହରିଜନମାନଙ୍କ ସେବା ପାଇଁ ଅନେକ କାମ କରାଯାଇ ପାରିଲା । ଲକ୍ଷ୍ମୀନାରାୟଣ ମିଶ୍ର ପଞ୍ଚପଡାର ହରିଜନ ଆବାସ (ହରିଜନ ହୋମ)ର ଉଦ୍‌ଘାଟନ କଲେ । ବିଭିନ୍ନ ସ୍ଥାନରେ ହରିଜନମାନଙ୍କ ପାଇଁ ସ୍କୁଲମାନ ପ୍ରତିଷ୍ଠା ହେଲା ଏବଂ କୂପ ପୁଷ୍କରିଣୀ ଖୋଳା ହେଲା ।

୧୯୪୧-୪୨ ରୁ ହରିଜନ ସେବା ସମେତ କଂଗ୍ରେସର ସବୁ ସଂସ୍କାର କାର୍ଯ୍ୟକ୍ରମ ସ୍ଥଗିତ ରହିଲା । ଦ୍ୱିତୀୟ ମହାସମରର ବିଭୀଷିକାରେ ସାରା ପୃଥିବୀ ଅଥୟ ହୋଇ ପଡ଼ିଥିଲା ।





ଏହି ସମୟରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରାୟ ସବୁ ଭାରତୀୟ ନେତାଙ୍କୁ ବନ୍ଦୀ କରି ରଖାଗଲା ଏବଂ କଂଗ୍ରେସ କର୍ମୀମାନଙ୍କୁ ଦିଗଦର୍ଶନ ଦେବା ପାଇଁ କେହି ନଥିଲେ । ସମସ୍ତଙ୍କ ମନ ଓ ପ୍ରାଣରେ ଉତ୍ତେଜନା ରହିଥିଲା । ଏହାପରେ ଭାରତର ସ୍ୱାଧୀନତା ଲାଭ ନିଶ୍ଚିତ ହୋଇଯାଇଥିଲା ଏବଂ ସ୍ୱାଧୀନ ଭାରତର ରୂପରେଖ ନିର୍ଣ୍ଣୟ ପାଇଁ ସମସ୍ତେ ବ୍ୟସ୍ତ ରହିଲେ । ସେତେବେଳେ ସାଂପ୍ରଦାୟିକ ଦଙ୍ଗା ଦେଶର ଏକ ବଡ଼ ବିପଦ ରୂପେ ଦେଖାଦେଲା । ଏହି ପରିସ୍ଥିତିରେ ସଂସ୍କାର କାର୍ଯ୍ୟକ୍ରମର ପ୍ରଶ୍ନ ନଥିଲା । ୧୯୪୭ ଅଗଷ୍ଟ ୧୫ ରେ ଭାରତ ଏକ ସ୍ୱାଧୀନ, ସାର୍ବଭୌମ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହେଲ ॥ ଗାନ୍ଧିଜୀ ଆଶା କଲେ ଯେ ସ୍ୱାଧୀନତା ପରେ ନୂତନ ଭାରତର ନିର୍ମାଣ ପାଇଁ କଂଗ୍ରେସ କର୍ମୀ ଓ ନେତା ମାନେ ଗଠନ ମୂଳକ କାର୍ଯ୍ୟକ୍ରମରେ ଆତ୍ମ ନିୟୋଗ କରିବେ । ମାତ୍ର ତାଙ୍କର ଆଶା ସୁଦୂର ପରାହତ ହେଲା । କଂଗ୍ରେସ ନେତାମାନେ ସ୍ୱାର୍ଥ ଓ କ୍ଷମତା ମୋହରେ ଦିଗହରା ହୋଇ ପଡ଼ିଲେ । ସଚ୍ଚୋଟ କର୍ମୀମାନେ ରାଜନୀତିରୁ ଦୁରେଇ ଗଲେ । କେତେକ ବିଦ୍ରୋହୀ ନେତା ଓ କର୍ମୀ ଛୋଟ ଛୋଟ ଦଳମାନ ଗଠନ କଲେ । ସଂସ୍କାର କାର୍ଯ୍ୟକ୍ରମ ରାଜନୈତିକ ସ୍ୱାର୍ଥ ଉପରେ ଆଧାରିତ ହେଲା । ଦେଶ ଯେଉଁ ତିମିରକୁ ସେହି ତିମିରରେ ରହିଗଲା ।

# ଆଇନ - ଅମାନ୍ୟ ଆନ୍ଦୋଳନ

୧୯୨୮ ଡିସେମ୍ବର ମାସରେ କଲିକତାରେ ଅନୁଷ୍ଠିତ କଂଗ୍ରେସର ସାଧାରଣ ଅଧିବେଶନରେ ଭାରତର ସାମ୍ବିଧାନିକ ରୂପରେଖ ନେଇ ଆଲୋଚନା ବେଳେ ଏକ ବିବାଦ ଦେଖାଦେଲା । ମୋତିଲାଲ ନେହେରୁ ପ୍ରମୁଖ କେତେକ ନରମପନ୍ଥୀ ନେତା ଔପନିବେଶିକ ସ୍ୱାୟତ୍ତଶାସନ ସପକ୍ଷରେ ଥିଲେ । ଏହାର ଅର୍ଥ ଭାରତ ଇଂରେଜ ମାନଙ୍କ ଅଧୀନରେ ଏକ ଉପନିବେଶ ରୂପେ ରହିବ ଏବଂ ସେମାନଙ୍କ ତତ୍ତ୍ୱାବଧାନରେ ଭାରତୀୟ ମାନେ ଏ ଦେଶର ଶାସନ ପରିଚାଳନା କରିବେ । ମାତ୍ର ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ ନେହେରୁ ପ୍ରମୁଖ ଯୁବଗୋଷ୍ଠୀ ଏହାର ବିରୋଧ କରି ପୂର୍ଣ୍ଣ ସ୍ୱାଧୀନତା ପାଇଁ ଆନ୍ଦୋଳନ ଦାବିକଲେ । ଗାନ୍ଧିଜୀ କଲିକତା ଆସି ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଯେ ସ୍ୱାୟତ୍ତ ଶାସନର ପ୍ରତିଷ୍ଠା ପାଇଁ ସରକାରଙ୍କୁ ଦୁଇବର୍ଷ ସମୟ ଦିଆଯାଉ ଏବଂ ସେହି ସମୟ ମଧ୍ୟରେ ସରକାର ସେମାନଙ୍କ ଦାବି ପୂରଣ ନକଲେ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଆନ୍ଦୋଳନ ହେବ । ଜବାହାର ଲାଲଙ୍କ ସଂଶୋଧିତ ପ୍ରସ୍ତାବ କ୍ରମେ ଏହି ସମୟ ସୀମା ଦୁଇବର୍ଷରୁ ଏକ ବର୍ଷକୁ ଅର୍ଥାତ ୧୯୨୯ ଡିସେମ୍ବର ୩୧ ତାରିଖକୁ କମାଇ ଦିଆଗଲା । ଏକବର୍ଷ ପୂରିଗଲାପରେ ମଧ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଲେ ନାହିଁ । ତେଣୁ ୧୯୨୯ ଡିସେମ୍ବର ଶେଷ ସପ୍ତାହରେ ଲାହୋର ଠାରେ କଂଗ୍ରେସର ସାଧାରଣ ଅଧିବେଶନ ଜବାହାର ଲାଲଙ୍କ ଅଧକ୍ଷତାରେ ବସି ଔପନିବେଶିକ ସ୍ୱାୟତ୍ତ ଶାସନର ଦାବି ପ୍ରତ୍ୟାଖ୍ୟାନ କରାଗଲା ଏବଂ ପୂର୍ଣ୍ଣ ସ୍ୱରାଜ ପାଇଁ ଆନ୍ଦୋଳନ ଆରମ୍ଭ କରିବା ପ୍ରସ୍ତାବ ବିପୁଳ ଉତ୍ସାହର ସହ ଗୃହୀତ ହେଲା । ୧୯୨୯ ଡିସେମ୍ବର ୩୧ ତାରିଖର ଠିକ ମଧ ରାତ୍ରରେ କଂଗ୍ରେସର ସର୍ବ କନିଷ୍ଠ ସଭାପତି ଜବାହାର ଲାଲ ରାବୀ ନଦୀକୂଳରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ କହିଥିଲେ ଯେ ଏହାପରେ ବ୍ରିଟିଶ ଶାସନକୁ ମାନିନେଲେ ମାନବିକତା ଓ ଭଗବାନଙ୍କ ବିରୁଦ୍ଧରେ ଅପରାଧ ହେବ । ଗାନ୍ଧିଜୀ ଏଥରର ଆନ୍ଦୋଳନକୁ ଆଇନ-ଅମାନ୍ୟ ଆନ୍ଦୋଳନର ରୂପରେଖ ଦେବାପାଇଁ ସ୍ଥିର କଲେ । ମାତ୍ର ତା ପୂର୍ବରୁ ସେ ଲୋକଙ୍କର ଆନ୍ତରିକତାର ପରୀକ୍ଷା ପାଇଁ ୧୯୩୦ ଜାନୁୟାରୀ ୨୬ ଦିନଟିକୁ ସମଗ୍ର ଦେଶରେ ସ୍ୱାଧୀନତା ଦିବସ ରୂପେ ପାଳନ କରି ଶପଥ ପାଠ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ଗାନ୍ଧିଜୀଙ୍କ ଆହ୍ୱାନରେ ସମଗ୍ର ଭାରତ ଉନ୍ମତ୍ତ ହୋଇ ଉଠିଲା ।

ସମ୍ବଲପୁରରେ ୧୯୩୦ ଜାନୁୟାରୀ ୨୬ ତାରିଖର ସ୍ୱାଧୀନତା ଦିବସ ପାଳନ ସଂପର୍କରେ ଭିନ୍ନ ବିବରଣୀ ମିଳିଥାଏ । ସମାଜ ପତ୍ରିକାର ୫.୨.୧୯୩୦ ସଂଖ୍ୟାର ପ୍ରକାଶ





ପାଇଲା -- "ପୂର୍ଣ୍ଣ ସ୍ୱରାଜ ଦିବସ ସମଗ୍ର ସମ୍ବଲପୁର ଜିଲ୍ଲାରେ ପାଳିତ ହୋଇ ଯାଇଛି । ସେଦିନ ସକାଳ ୮ଟା ବେଳେ ବାଲିବନ୍ଧା ଘାଟ ନିକଟସ୍ଥ ଟାୱାର୍‌ରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ପତାକାରେ " ଓଁ ବନ୍ଦେ ମାତରମ୍" ଲେଖାଯାଇଥିଲା । ଲକ୍ଷ୍ମୀନାରାୟଣ ସମବେତ ଜନତାକୁ ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ । ପୋଲିସ ସତର୍କତାର ସହ ସବୁ ଅନୁଧ୍ୟାନ କରୁଥାଏ । ଏଥିରେ ଜିଲ୍ଲାସ୍କୁଲ ଓ ଛାତ୍ରାବାସର ସବୁ ଛାତ୍ର ଯୋଗ ଦେଇଥିଲେ । ଲୋକେ ଅନୁପ୍ରାଣିତ ହୋଇ ସହରର ଘରେ ଘରେ ତ୍ରିରଙ୍ଗା ପତାକା ଲଗାଇଥିଲେ ।

ମାତ୍ର ଭାଗୀରଥୀ ପଟ୍ଟନାୟକଙ୍କ ଡାଏରୀ ଏବଂ ତାଙ୍କ ଜୀବନୀ ଗ୍ରନ୍ଥରେ ଏକ ଭିନ୍ନ ବିବରଣୀ ପ୍ରଦତ୍ତ ହୋଇ ଲେଖାଅଛି-- "ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଭାଗୀରଥୀ ପଟ୍ଟନାୟକ, ନୃସିଂହ ଗୁରୁ ଆଦି ଜିଲ୍ଲାର ନେତୃ ସ୍ଥାନୀୟ କର୍ମକର୍ତ୍ତାମାନେ ଏକତ୍ରିତ ହେଲେ ସମ୍ବଲପୁରଠାରେ । ପଣ୍ଡିତ ଲକ୍ଷ୍ମୀନାରାୟଣ ସେତେବେଳେ ଜେଲ ଭିତରେ । ଏକ ସପ୍ତାହ ଆଗରୁ ନିଜେ ଡିଙ୍ଗରା ବଜାଇ ଭାଗୀରଥୀ ସମ୍ବଲପୁରର ଚତୁର୍ଦ୍ଦିଗରେ ପ୍ରଥମ ସ୍ୱାଧୀନତା ଦିବସର ପାଳନ ପାଇଁ ପ୍ରଚାର ଚଳାଇଥିଲେ । ମିଲିଟାରୀ ପୋଲିସର ପହରା ଓ କଟକଣା ସତ୍ତ୍ୱେ ସେଦିନ ସମ୍ବଲପୁରର ଅସଂଖ୍ୟ ନରନାରୀ ଅସୀମ ଉତ୍ସାହ ଓ ଉଦ୍ଦୀପନାର ସହିତ ସମବେତ ହେଲେ । ଏକ ବିରାଟ ସାଧାରଣ ସଭା ହେଲା । କାହାରି ମନରେ ପୋଲିସ ବା ସରକାରଙ୍କ ପ୍ରତି ତିଳେ ମାତ୍ର ଭୟ ନଥିଲା । ମାଜିଷ୍ଟ୍ରେଟ ଶ୍ରୀ ଭରତ ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ । ପଣ୍ଡିତ ନୃସିଂହ ଗୁରୁ କଲେ ଶଂଖ ଧ୍ୱନୀ ଏବଂ ଭାଗୀରଥୀ ପଟ୍ଟନାୟକ ପୂର୍ଣ୍ଣ ସ୍ୱାଧୀନତାର ଶପଥ ପତ୍ର ପାଠ କଲେ । ଅଗଣିତ କଣ୍ଠରୁ ଉଚ୍ଚାରିତ ହେଲା "ବନ୍ଦେ ମାତରମ୍ ,ବନ୍ଦେ ମାତରମ୍ ଆମେ ପୂର୍ଣ୍ଣ ସ୍ୱାଧୀନତା ଚାହୁଁ ।"

*(ମୁକ୍ତି ପଥର ଯାତ୍ରୀ;ପୃଷ୍ଠା ୨୯)*

ଦୟାନନ୍ଦ ଶତପଥି ସମ୍ବଲପୁରରେ ସ୍ୱାଧୀନତା ଦିବସ ପାଳନ ବିଷୟରେ କହନ୍ତି ଯେ ସେଦିନ ସେ ହାତରେ ତ୍ରିରଙ୍ଗା ପତାକା ଧରି ; ଗଳାରେ ଧେଣ୍ଟୁରା ଝୁଲାଇ ଏବଂ ବନ୍ଦେ ମାତରମ୍ ଧ୍ୱନି ଦେଇ ସମ୍ବଲପୁରର ବଡ଼ ସଡକ ଉପରେ ଦଉଡ଼ି ସହର ପରିକ୍ରମା କରୁଥାନ୍ତି । ପୋଲିସ ତାଙ୍କର ଅନୁସରଣ କରୁଥାଏ । ସମ୍ବଲପୁରର ନରନାରୀ କୌତୂହଳର ସହିତ ସେହି ଦେଶ ପ୍ରେମୀଙ୍କୁ ଦେଖୁଥାନ୍ତି । ଶେଷରେ ଦୟାନନ୍ଦ ବାଲିବନ୍ଧାର ଟାୱାର୍‌ରେ ପହଞ୍ଚି ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ ଏବଂ ପୂର୍ଣ୍ଣାଙ୍ଗ ଶପଥ ପତ୍ର ଉଚ୍ଚ କଣ୍ଠରେ ପଢ଼ିଲେ । ଅନେକ ଲୋକ ଏସବୁ ଦୂରରୁ ଦେଖୁଥାନ୍ତି । ପୋଲିସ ସେହି ସ୍ଥାନକୁ ଘେରି ରହିଥିଲେ ।

ସ୍ୱାଧୀନତା ଦିବସ ପାଳନ ପରେ ମଧ୍ୟ ନେତାମାନେ ବିଭିନ୍ନ ସ୍ଥାନରେ ସଭାସମିତି ମାନ ଆୟୋଜନ କରୁଥିଲେ ଏବଂ ପୂର୍ଣ୍ଣ ସ୍ୱାଧୀନତା ବିଷୟରେ ଲୋକଙ୍କୁ ଅବଗତ କରାଇ

ଏଥିପାଇଁ ଏକ ବଡ଼ ଧରଣର ଆନ୍ଦୋଳନ ସକାଶେ ପ୍ରସ୍ତୁତ ହୋଇ ରହିବାକୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଶେଷ ମନୋନିବେଶ କରିଥିଲେ ବାଗ୍ମୀ ଲକ୍ଷ୍ମୀନାରାୟଣ ମିଶ୍ର। ୧୯୩୦ ଫେବୃୟାରୀ ୨୬ ରେ ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବରଗଡ଼ର ଏକ ସାଧାରଣ ସଭାରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଲୋକ ସମବେତ ହୋଇଥିଲେ। ଦୟାନନ୍ଦ ଶତପଥି ମଧ ଏଥିରେ ଯୋଗ ଦେଇଥିଲେ।

<u>ଲବଣ ସତ୍ୟାଗ୍ରହ</u> :-ଭାରତର ବିଶାଳ ଉପକୂଳରେ ଅଗଣିତ ଦରିଦ୍ର ପରିବାର ସମୁଦ୍ର ଜଳରୁ ଲୁଣ ତିଆରି କରି ଆବହମାନ କାଳରୁ ଜୀବିକାର୍ଜନ କରିଆସୁଥିଲେ। ଇଂରେଜ ସରକାର ସେମାନଙ୍କୁ ସେହି ଲୁଣମରା ଅଧିକାରରୁ ବଞ୍ଚିତ କରିବା ପାଇଁ ଯେଉଁ ଆଇନ ପ୍ରଣୟନ କଲେ , ତାହା ଗାନ୍ଧିଜୀଙ୍କ ମତରେ ସବୁଠାରୁ ହୀନ ଓ ଅମାନୁଷିକ ଥିଲା। ଗାନ୍ଧିଜୀ ମନେ କଲେ ଯେ ଏହିପରି କୋଟୀ କୋଟୀ ଭାରତୀୟଙ୍କୁ ଦରିଦ୍ରତାରୁ ମୁକ୍ତ କରିବା ସ୍ୱାଧୀନତା ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ଅଟେ। ତେଣୁ ୧୯୩୦ ରେ ଯେତେବେଳେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା, ସେ ଘୋଷଣା କଲେ ଯେ ପ୍ରଥମେ ତାଙ୍କର ଆନ୍ଦୋଳନ ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କରି ଆରମ୍ଭ ହେବ।

ଗାନ୍ଧିଜୀଙ୍କ ଏହି ନିଷ୍ପତ୍ତି ଓଡ଼ିଶା ପାଇଁ ଅଭିନନ୍ଦନୀୟ ଥିଲା। ବହୁପୁରାକାଳରୁ କଟକ, ପୁରୀ,ବାଲେଶ୍ୱର, ଓ ଗଞ୍ଜାମର ଲକ୍ଷଲକ୍ଷ ଗରିବ ପରିବାର ସମୁଦ୍ରରୁ ଲୁଣ ସଂଗ୍ରହ କରି ପେଟ ପୋଷୁଥିଲେ। ମାତ୍ର ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେପରେ ଲବଣ ଶିଳ୍ପ ଉପରେ ନିୟନ୍ତ୍ରଣ ଜାରିହେଲା ଏବଂ ଅନେକ ଗରିବ ପରିବାର ଜୀବିକା ହରାଇ ବସିଲେ। ସରକାରଙ୍କର ଲବଣ ଆଇନ ୧୮୧୭ ରେ ପାଇକ ବିଦ୍ରୋହର ଅନ୍ୟତମ କାରଣ ଥିଲା।

ଲବଣ ଶିଳ୍ପରେ ସରକାର ଦୁଇଟି ଧାରାରେ ଲାଭ କରୁଥିଲେ। ପ୍ରଥମତଃ ଏ ଦେଶର ଲବଣ ବିଦେଶକୁ ରପ୍ତାନୀ ହେଉଥିଲା ଚଢ଼ାଦରରେ ଏବଂ ଇଂଲଣ୍ଡର ଲିଭରପୁଲରୁ ଶସ୍ତା ଦରରେ ଲବଣ ଆଣି ଏଠାରେ ବିକ୍ରୟ ହେଉଥିଲା ଚଢ଼ାଦରରେ। ବିଦେଶରେ ଭାରତୀୟ ଓ ବିଶେଷ କରି ଓଡ଼ିଶାର ଲବଣର ଆଦର ଥିଲା। ଗାନ୍ଧିଜୀ କହିଲେ ଯେ ଟଙ୍କା ଲୋଭରେ ଏ ଦେଶର ଗରିବ ପରିବାରମାନଙ୍କୁ ନିଃସ୍ୱ ଓ ନିଃସହାୟ କରି ରଖିବା ମାନବିକତା ବିରୁଦ୍ଧରେ ଏକ ଅପରାଧ ଅଟେ ଏବଂ ସେ ଏହା ବିରୁଦ୍ଧରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବେ। ଏହି କଥା ସେ ମାର୍ଚ୍ଚ ୧୧ ତାରିଖରେ ବଡ଼ଲାଟଙ୍କୁ ଜଣାଇ ଦେଲେ ଏବଂ ତାର ପରଦିନ ମାର୍ଚ୍ଚ ୧୨ ତାରିଖରେ ସାବରମତୀ ଆଶ୍ରମରୁ ଡାଣ୍ଡି ଅଭିମୁଖେ ଯାତ୍ରା କଲେ। ଆରବସାଗର ଉପକୂଳରେ ଡାଣ୍ଡି ଲୁଣ ମାରିବା ପାଇଁ ସୁବିଧା ଜନକ ହୋଇ ପାରିବ ବୋଲି ମନେ କରାଯାଇଥିଲା। ସେ ୭୯ ଜଣ ସହକର୍ମୀଙ୍କୁ ନେଇ





ମାର୍ଚ୍ଚ ୧୨ ରେ ସାବରମତୀ ଛାଡ଼ିଲେ ଏବଂ ୨୪ ଦିନରେ ଦୁଇଶହ ମାଇଲ ଅତିକ୍ରମ କରି ଏପ୍ରିଲ ୫ ତାରିଖ ଦିନ ଡାଣ୍ଡିରେ ପହଞ୍ଚିଲେ। ତାଙ୍କର ଯାତ୍ରା ପଥରେ ସହସ୍ର ସହସ୍ର ନରନାରୀ ପୋଲିସକୁ ଭୟ ନକରି ତାଙ୍କୁ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇଥିଲେ। ସୁଭାଷ ଚନ୍ଦ୍ର ବୋଷ ଗାନ୍ଧୀଙ୍କର ଡାଣ୍ଡି ଯାତ୍ରାକୁ ଏଲବା ଦ୍ୱୀପରୁ ପ୍ରତ୍ୟାବର୍ତ୍ତନ ପରେ ନେପୋଲିଅନଙ୍କ ପ୍ୟାରିସ ଯାତ୍ରା ସହିତ ତୁଳନା କରିଛନ୍ତି। ଗାନ୍ଧିଜୀ ଡାଣ୍ଡିଠାରେ ୫ ତାରିଖ ଦିନଟି ଉପାସନା ଓ ଉପବାସରେ କଟାଇ ଏପ୍ରିଲ ୬ ତାରିଖରୁ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲେ।

ଓଡ଼ିଶାରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା ବାଲେଶ୍ୱରରୁ ବାର ମାଇଲ ଦୂର ସମୁଦ୍ର କୂଳସ୍ଥ ଇଞ୍ଚୁଡ଼ି ନାମକ ଛୋଟ ଗ୍ରାମରେ। ଏଠାରେ ଯେଉଁ ଉତ୍ସାହ ଓ ଉନ୍ମାଦନା ଦେଖାଦେଇଥିଲା ତାହା ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଅଭୁତପୂର୍ବ ଥିଲା। ଲବଣ ଆନ୍ଦୋଳନରେ ଇଞ୍ଚୁଡ଼ିରେ ସ୍ଥାନ ଡାଣ୍ଡି ପରେ ଦ୍ୱିତୀୟ ଥିଲା ବୋଲି କୁହାଯାଏ। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଗୋପବନ୍ଧୁ ଚୌଧୁରୀ। ସେ ପ୍ରଥମ ଦଳର ସତ୍ୟାଗ୍ରହୀଙ୍କୁ ନେଇ ଏପ୍ରିଲ ୬ ରେ କଟକରୁ ବାଲେଶ୍ୱର ଅଭିମୁଖେ ପଦଯାତ୍ରା କଲେ।

ସମ୍ବଲପୁରରେ ଉତ୍ସାହ ଓ ଉଦ୍ଦୀପନାର ସହ ଲବଣ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତି ଚାଲିଥିଲା। ମାର୍ଚ୍ଚ ୧୨ ତାରିଖରେ ଗାନ୍ଧିଜୀଙ୍କ ଡାଣ୍ଡିଯାତ୍ରା ଆରମ୍ଭ ଦିନ ଜିଲ୍ଲା ସ୍କୁଲର ଛାତ୍ରମାନେ ସ୍କୁଲ ଘର ଉପରେ ଜାତୀୟ ପତାକା ଉତ୍ତୋଳନ କରି ସ୍କୁଲ ବର୍ଜନ କରିଥିଲେ ଏବଂ ମନ୍ଦିରମାନଙ୍କରେ ଗାନ୍ଧିଜୀଙ୍କର ସଫଳତା ପାଇଁ ପୂଜା ଓ ପ୍ରାର୍ଥନା କରିଥିଲେ। ମାର୍ଚ୍ଚ ୧୬ ରେ ଲକ୍ଷ୍ମୀନାରାୟଣଙ୍କ ନେତୃତ୍ୱରେ ବାଲିବନ୍ଧାଠାରେ ଏକ ସାଧାରଣ ସଭା ହେବାର ଥିଲା। ମାତ୍ର ତାର ପୂର୍ବରୁ ସେଠାରେ ୧୪୪ ଧାରା ଜାରିହେବାରୁ ଲକ୍ଷ୍ମୀନାରାୟଣ ମ୍ୟୁନିସିପାଲିଟୀ ପଡ଼ିଆରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଲେ। ତା ପରଦିନ ଲେନପାର୍କ ଠାରେ ସେ ଆଉ ଏକ ଜନସଭାରେ ହରତାଳ ପାଇଁ ଆହ୍ୱାନ ଦେବାରୁ ତାଙ୍କୁ ଗିରଫ କରାଗଲା। ଭାଗୀରଥୀ, ଦୟାନନ୍ଦ, ନୃସିଂହ ଗୁରୁ, ଚିନ୍ତାମଣି, ଦୁର୍ଗା ଗୁରୁ ପ୍ରଭୃତି ବଡ଼ ବଡ଼ ନେତାମାନଙ୍କ ଉପରେ ମୋକଦ୍ଦମା ଦାଏର ହୋଇ କୋର୍ଟକୁ ଚାଲାଣ କରାଗଲା ଏହା ସତ୍ତ୍ୱେ ପ୍ରସ୍ତୁତି ଆନ୍ଦୋଳନ ଦବି ଯାଇନଥିଲା। ୧୯୩୦ ମାର୍ଚ୍ଚ ୩୧ ତାରିଖରେ ବରଗଡ଼ ଜୀରାନଦୀ କୂଳରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଲକ୍ଷ୍ମୀନାରାୟଣ ଓ ଭାଗୀରଥୀ ଆଦି ନେତାମାନେ ଉଦ୍‌ବୋଧନ ଦେଇଥିଲେ। ଇତି ମଧ୍ୟରେ ଆନ୍ଦୋଳନର ପରିଚାଳନା ପାଇଁ ଏକ କମିଟୀ ଗଢାଯାଇଥିଲା। ତହିଁରେ ଘନଶ୍ୟାମ ପାଣିଗ୍ରାହୀ ଅଧକ୍ଷ ଏବଂ ଦୟାନନ୍ଦ ଶତପଥୀ ଓ ହରିହର ବେହେରା ଯୁଗ୍ମ ସଂପାଦକ ହୋଇଲେ। ଏହି କମିଟୀ ଇଞ୍ଚୁଡ଼ିରେ ଯୋଗଦେବା ପାଇଁ ସମ୍ବଲପୁରର ନେତାମାନଙ୍କୁ ମନୋନୀତ କରି ସେମାନଙ୍କୁ ନିମ୍ନମତେ ଚାରୋଟି ଦଳରେ ବିଭକ୍ତ କଲେ।

ପ୍ରଥମ ଦଳ - ସୁଧାଂଶୁ ଶେଖର ଗୁପ୍ତ, ଦୁର୍ଗାପ୍ରସାଦ ଗୁରୁ ଓ ରାମପ୍ରସାଦ ଗୁରୁ ।
ଦ୍ୱିତୀୟ ଦଳ - ଦୟାନନ୍ଦ ଶତପଥି, ପ୍ରେମଶଙ୍କର ପଟ୍ଟନାୟକ ।
ତୃତୀୟ ଦଳ - ମହାବୀର ସିଂହ, ଶିବଦେଓ ମହାରାଜ ଓ ବିନାୟକ ପାଢ଼ୀ ।
ଚତୁର୍ଥ ଦଳ - ଘନଶ୍ୟାମ ପାଣିଗ୍ରାହୀ, ଲକ୍ଷ୍ମଣ ଗିରି ଓ ଗୌରାଙ୍ଗ ମେହେର ।

ପ୍ରଥମ ଦଳ ଏପ୍ରିଲର ପ୍ରାରମ୍ଭରୁ ସମ୍ବଲପୁରରୁ କଟକରେ ଗୋପବନ୍ଧୁ ଚୌଧୁରୀଙ୍କ ଦଳ ସହ ଯୋଗଦେଲେ । କଟକରୁ ଅଳ୍ପ ବାଟ ପରେ କେନ୍ଦ୍ରାପଡ଼ା ନିକଟ ଚାନ୍ଦୋଳ ଠାରେ ଗୋପବନ୍ଧୁ ଗିରଫ ହେବାରୁ ଏହି ଦଳର ନେତୃତ୍ୱ ନେଲେ ଆଚାର୍ଯ୍ୟ ହରିହର ଦାଶ ।

ଦ୍ୱିତୀୟ ଦଳ ବାଲେଶ୍ୱର ଯିବା ପୂର୍ବରୁ କଟକ ଯାଇ ସେଠାରେ ଟ୍ରେନିଂ କ୍ୟାମ୍ପରେ ତାଲିମ୍ ନେଲେ । ତୃତୀୟ ଦଳ ସମ୍ବଲପୁର ଅଞ୍ଚଳର ଗାଁ ଗାଁ ବୁଲି ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରସ୍ତୁତ କଲେ । ଚତୁର୍ଥ ଦଳ ଏପ୍ରିଲ ୨୬ ରେ ବାଲେଶ୍ୱର ଅଭିମୁଖେ ସମ୍ବଲପୁର ଛାଡ଼ିଲେ । ହୀରାଖଣ୍ଡ ଶାନ୍ତି ବାହିନୀ ନାମରେ ଅଭିହିତ ଏହିଦଳ ପ୍ରଥମେ ଝାରସୁଗୁଡ଼ା ଯାଇ ସେଠାରୁ ଟ୍ରେନରେ ଯାତ୍ରା କଲେ । ଏ ଅଞ୍ଚଳର ଦଶ ଜଣ ମହିଳା ସତ୍ୟାଗ୍ରହୀ ମଧ ରମାଦେବୀ ଓ ମାଳତୀ ଦେବୀଙ୍କ ସହିତ ଇଞ୍ଚୁଡ଼ିରେ ଯୋଗ ଦେବାପାଇଁ ଏପ୍ରିଲ ୨୦ ରେ ସମ୍ବଲପୁର ଛାଡ଼ିଲେ ।

ଲକ୍ଷ୍ମୀନାରାୟଣ ମିଶ୍ର, ନୃସିଂହ ଗୁରୁ, ଓ ବରଗଡର ଫକୀର ବେହେରା ପ୍ରଭୃତି ନେତାମାନେ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ସଭା, ଶୋଭାଯାତ୍ରା, ପିକେଟିଙ୍ଗ ପ୍ରଭୃତି ମାଧ୍ୟମରେ ଆଇନ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ନେଲେ ।

ଗାନ୍ଧିଜୀଙ୍କ ଲବଣ ଆନ୍ଦୋଳନ ଡାଣ୍ଡିରେ ଆରମ୍ଭ ହେଲା ଏପ୍ରିଲ ୬ ତାରିଖରେ । ମାତ୍ର ଓଡ଼ିଶାରେ ଇଞ୍ଚୁଡ଼ି ଆନ୍ଦୋଳନ ଆରମ୍ଭ ହେଲା ଏପ୍ରିଲ ୧୪ ତାରିଖରୁ । ମଧ୍ୟବର୍ତ୍ତୀ ସପ୍ତାହଟି ସେଠାରେ ଉତ୍ତେଜନା ପୂର୍ଣ୍ଣ ଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସତ୍ୟାଗ୍ରହୀମାନେ ଦଳ ଦଳ ହୋଇ ପହଞ୍ଚୁଥିଲେ । ଗୁଜୁରାଟରୁ ମଧ ଦଳେ ସତ୍ୟାଗ୍ରହୀ ଇଞ୍ଚୁଡ଼ିରେ ଯୋଗଦେବା ପାଇଁ ଆସିଥିଲେ । ହରେକୃଷ୍ଣ ମହତାବ ବାଲେଶ୍ୱରରେ ଅବସ୍ଥାନ କରି ସେଠାକାର ସଂଗଠନ ଦାୟିତ୍ୱ ବହନ କରିଥିଲେ । ରମାଦେବୀ ଓ ମାଳତୀ ଦେବୀଙ୍କ ନେତୃତ୍ୱରେ ଶହ ଶହ ମହିଳା ସତ୍ୟାଗ୍ରହୀ ପରଦା ଅନ୍ତରାଳରୁ ଆସି ସେଠାରେ ପହଞ୍ଚିଥିଲେ । ଅତି କ୍ଷୁଦ୍ରଗ୍ରାମ ଇଞ୍ଚୁଡ଼ି ସେଦିନ ଏକ ଐତିହାସିକ ରଣକ୍ଷେତ୍ରରେ ପରିଣତ ହୋଇଯାଇଥିଲା । ଇଞ୍ଚୁଡ଼ି ବ୍ୟତିତ କଟକର କୁଜଙ୍ଗ, ପୁରୀର କୁହୁଡ଼ି ଓ ଗଞ୍ଜାମର ହୁମ୍ମା ପ୍ରଭୃତି ଓଡ଼ିଶାର ଉପକୂଳର ଅନେକ ସ୍ଥାନରେ ଲବଣ ଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ସମୟରେ ସମଗ୍ର ଭାରତରେ ଉତ୍ତେଜନା ଦେଖାଦେଇଥିଲା ।





ଇଂରେଜ ସରକାର ପ୍ରଥମେ ଗାନ୍ଧିଜୀଙ୍କର ଲୁଣ ମରା ଉପରେ ବିଶେଷ ଗୁରୁତ୍ୱ ଦେଇନଥିଲେ । ମାତ୍ର ପରେ ଯେତେବେଳେ ଆନ୍ଦୋଳନ ତୀବ୍ର ହୋଇଉଠିଲା, ସରକାର ମଧ ଉଗ୍ର ହୋଇଉଠିଲେ । ସଭା, ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଆଦି ବେଆଇନ ଘୋଷଣା କରି ହଜାର ହଜାର ଲୋକଙ୍କୁ ଗିରଫ କରି ଜେଲ ପଠାଗଲା । ପୋଲିସର ଲାଠିମାଡ଼ ଓ ଗୁଳିଚାଳନା ଫଳରେ ଶହ ଶହ ମୃତାହତ ହେଲେ । କଂଗ୍ରେସକୁ ବେଆଇନ ଘୋଷଣାକରି କଂଗ୍ରେସ ଅଫିସ ମାନଙ୍କୁ ପୋଲିସ ଦଖଲ କରିନେଲେ । ଗାନ୍ଧିଜୀ, ଜବାହରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମେତ ଦେଶର ସବୁ ବଡ଼ ବଡ଼ ନେତା ଗିରଫ ହେଲେ । ସମ୍ବଲପୁରର ଲକ୍ଷ୍ମୀନାରାୟଣ ମିଶ୍ର, ଦୟାନନ୍ଦ ଶତପଥି, ସୁଧାଂଶୁ ଶେଖର ଗୁପ୍ତ, ମହାବୀର ସିଂହ, ଲକ୍ଷ୍ମଣ ଗିରି ଓ ରାମପ୍ରସାଦ ସିଂହ ପ୍ରମୁଖ ଗିରଫ ହୋଇ ଜେଲ ଗଲେ । ଆନ୍ଦୋଳନର ପରିଚାଳନା ପାଇଁ କେହି ବଡ଼ ନେତା ପ୍ରାୟ ରହିଲେ ନାହିଁ । ଏହି ସମୟରେ ବର୍ଷାଋତୁ ମାଡ଼ି ଆସୁଥିଲା । ଲୋକେ ନିଜ ନିଜର କୃଷିକାମ ବା ବ୍ୟବସାୟରେ ମନ ଦେଲେ । ଆନ୍ଦୋଳନ ସ୍ଥଗିତ ରହିଲା ।

ଇତି ମଧ୍ୟରେ ୧୯୩୦ ଜୁନ ମାସରେ ସାଇମନ୍ କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା ଏବଂ ତା ଉପରେ ଆଲୋଚନା ପାଇଁ ସରକାର ଲଣ୍ଡନର ସେଣ୍ଟଜେମ୍ସ ପ୍ରାସାଦରେ ପ୍ରଥମ ଗୋଲଟେବୁଲ ବୈଠକ ଡକାଇଲେ । ଏହି ବୈଠକ ୧୯୩୦ ନଭେମ୍ବର ୧୨ ରୁ ୧୯୩୧ ଜାନୁୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ କଂଗ୍ରେସର କୌଣସି ପ୍ରତିନିଧି ଯୋଗ ଦେଇନଥିଲେ । ବ୍ରିଟିଶ ପ୍ରଧାନମନ୍ତ୍ରୀ ଉଦ୍‌ଯାପନୀ ଭାଷଣରେ କହିଲେ ଯେ ବଡଲାଟଙ୍କ (ଭାଇସରୟ) ଅନୁରୋଧ କ୍ରମେ କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର କଲେ ସରକାର ଦ୍ୱିତୀୟ ଗୋଲଟେବୁଲ ବୈଠକରେ କଂଗ୍ରେସକୁ ସ୍ୱାଗତ କରିବେ ।

ଏହାପରେ କଂଗ୍ରେସ ଓ ସରକାରଙ୍କ ମଧ୍ୟରେ ଆଲୋଚନାର ସୁଗମତା ପାଇଁ କଂଗ୍ରେସ କାର୍ଯ୍ୟକାରୀ ସମିତିର ସବୁ ସଦସ୍ୟଙ୍କୁ ବିନା ସର୍ତ୍ତରେ ମୁକ୍ତ କରାଗଲା । ଭାଇସରୟ ଲର୍ଡ଼ଇରୱଇନ ଓ ଗାନ୍ଧିଜୀଙ୍କ ମଧ୍ୟରେ ୧୯୩୧ ଫେବୃୟାରୀ ୧୭ ରୁ ଆରମ୍ଭ ହୋଇ ୧୯୩୧ ମାର୍ଚ୍ଚ ୫ ରେ ଐତିହାସିକ ଗାନ୍ଧୀ-ଇରୱଇନ ଚୁକ୍ତି ସ୍ୱାକ୍ଷରିତ ହେଲା । ଏହି ଚୁକ୍ତି ଅନୁସାରେ ସରକାର ଆଇନ ଅମାନ୍ୟ ଆନ୍ଦୋଳନରେ ସଂଶ୍ଳିଷ୍ଟ ସବୁ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରିଦେବା ପାଇଁ ରାଜି ହେଲେ, ସମୁଦ୍ର କୂଳରେ ବାସ କରୁଥିବା ଲୋକମାନେ କୌଣସି ଶୁଳ୍କ ନଦେଇ ଲବଣ ତିଆରି ପାଇଁ ଅଧିକାର ପାଇଲେ, ବିଦେଶୀ ଲୁଗା ଓ ମଦ ଦୋକାନ ଆଗରେ ଶାନ୍ତିପୂର୍ଣ୍ଣ ପିକେଟିଙ୍ଗ ପାଇଁ ଅନୁମତି ମିଳିଲା । ଅନ୍ୟ ପକ୍ଷରେ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର କରିନେଲେ ଏବଂ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ରାଜିହେଲେ ।

ସମ୍ବଲପୁରର ନେତା ଓ କର୍ମୀମାନେ ଗାନ୍ଧୀ-ଇରଉଇନ ଚୁକ୍ତିକୁ କଂଗ୍ରେସ ପାଇଁ ଏକ ବଡ଼ ବିଜୟ ବୋଲି ମନେ କଲେ ଏବଂ ନୂତନ ପ୍ରେରଣା ଓ ଉତ୍ସାହରେ ସଂଗଠନ କାମରେ ଲାଗିଗଲେ । ଏହି ସମୟରେ ନାରୀନେତ୍ରୀ କୃଷ୍ଣା ଦେବୀ ସମ୍ବଲପୁରରେ ଅବସ୍ଥାନ କରୁଥିଲେ । ପଞ୍ଜାବର ଜଣେ ବିଡ଼ି ବ୍ୟବସାୟୀଙ୍କ ପତ୍ନୀ କୃଷ୍ଣା ନାଗପୁର ଓ ରାୟପୁରରେ କଂଗ୍ରେସ ଆନ୍ଦୋଳନରେ ଯୋଗଦେଇ ନିଜର ସାହସ ଓ ଦେଶ ପ୍ରେମର ପରିଚୟ ଦେଇଥିଲେ । ୧୯୨୮ ଡିସେମ୍ବର ମାସରେ ସେ ପତିଙ୍କ ସହିତ ସମ୍ଭବତଃ ବ୍ୟବସାୟ କ୍ରମରେ ସମ୍ବଲପୁର ଆସିଥିଲେ ଏବଂ ଏଠାରେ ତିନି ବର୍ଷ ରହିବା ପରେ ପୁଣି ପତିଙ୍କ ପାଖକୁ ଫେରିଯାଇଥିଲେ । ଫକୀର ବେହେରା ବରଗଡ଼ରେ ଥିବା ନିଜର ଏକ ବଡ଼ ଘର କଂଗ୍ରେସକୁ ଦାନ କରିଥିଲେ ଏବଂ କୃଷ୍ଣାଦେବୀ ସେଠାରେ କଂଗ୍ରେସ ଅଫିସ ଉଦ୍‌ଘାଟନ କରିଥିଲେ । ସେହିଦିନରୁ ଏହାର ନାମ କୃଷ୍ଣାଶ୍ରମ ହୋଇ ରହିଲା । ଭାଗୀରଥୀ ପଟ୍ଟନାୟକଙ୍କ ପତ୍ନୀ ଜ୍ୟୋତିବତୀ ଦେବୀଙ୍କୁ ପରଦାର ଅନ୍ତରାଳରୁ କଂଗ୍ରେସ ଆନ୍ଦୋଳନ ଓ ସେବାକ୍ଷେତ୍ରକୁ ଆଣିବା ପାଇଁ କୃଷ୍ଣା ଦେବୀଙ୍କ ପ୍ରଭାବ ଓ ଭୂମିକା ଅସ୍ୱୀକାର କରିହେବ ନାହିଁ । ବାଲିଟିକ୍ରା ଫକୀର ବେହେରାଙ୍କ ପୁତ୍ରବଧୂ ଗାର୍ନ୍ଧବୀ ଦେବୀ, ଟୁକୁଲାର କୃଷ୍ଣବିହାରୀଙ୍କ ପତ୍ନୀ ଇଲା ମେହେର ଆଦି ଅନେକ ନେତା ଓ କର୍ମୀଙ୍କର ପତ୍ନୀ ଓ ଆତ୍ମୀୟାଗଣ ଏହିସମୟରୁ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇପଡିଥିଲେ ।

ଏହି ପରିସ୍ଥିତିରେ ୧୯୩୧ ମାର୍ଚ୍ଚ ୧୨ ରେ ଦାଣ୍ଡିସ୍ମୃତି ବାର୍ଷିକୀ ସମ୍ବଲପୁରରେ ବିପୁଳ ଉତ୍ସାହରେ ପାଳିତ ହେଲା । ସେଦିନର ଅପରାହ୍ଣ କାର୍ଯ୍ୟକ୍ରମରେ କୃଷ୍ଣାଦେବୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ତ୍ରିରଙ୍ଗା ପତାକା ନେଇ ସହର ପରିକ୍ରମା କରିବା ପରେ ଗାନ୍ଧୀ ଘାଟରେ ପହଞ୍ଚିଲା । ସେଠାରେ ହଜାର ହଜାର ଲୋକ ସମବେତ ଥିଲେ । ଏହାପରେ କୃଷ୍ଣା ଦେବୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ଲକ୍ଷ୍ମୀନାରାୟଣ ଓ ଭାଗୀରଥୀ ପଟ୍ଟନାୟକ ଆଦି ନେତା ସେଦିନରେ ବିଶେଷତ୍ୱ ଉପରେ ଉଦ୍‌ବୋଧନ ଦେଲେ ।

୧୯୩୧ ମାର୍ଚ୍ଚ ୩୧ ରେ କୃଷ୍ଣାଦେବୀଙ୍କ ସଭାପତିତ୍ୱରେ ସମ୍ବଲପୁରରେ ଅନ୍ୟ ଏକ ସଭା ହୋଇ ନିଶାନିବାରଣ ପାଇଁ ପିକେଟିଙ୍ଗ ଓ ପୌଢ ଶିକ୍ଷା ପ୍ରଭୃତି କାର୍ଯ୍ୟକ୍ରମର ଆରମ୍ଭ ହେଲା । ଫଳରେ କୃଷ୍ଣାଦେବୀ, ଜ୍ୟୋତିବତୀ, ଭାଗୀରଥୀ, ସୁଧାଂଶୁ ଶେଖର, ଦୁର୍ଗାଗୁରୁ, ବିନାୟକ ପାଢୀ ଓ ପ୍ରଫୁଲ୍ଲ ପଟ୍ଟନାୟକ ଗିରଫ ହେଲେ । କୃଷ୍ଣା ଓ ଜ୍ୟୋତିବତୀଙ୍କୁ ପୋଲିସ ଛାଡ଼ି ଦେଲେ ଏବଂ ଅନ୍ୟମାନଙ୍କୁ ଡେପୁଟୀ କମିଶନର ନୀଳମଣି ସେନାପତିଙ୍କ କୋର୍ଟରେ ହାଜର କରାଗଲା । ବିନାୟକ ଓ ପ୍ରଫୁଲ୍ଲ ଅଳ୍ପ ବୟସ୍କ ଥିବାରୁ ସେନାପତି ସାହେବ ସେମାନଙ୍କୁ କ୍ଷମାମାଗି ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ପ୍ରଫୁଲ୍ଲ କଠୋର ଭାଷାରେ ତାଙ୍କୁ କହିଲେ ଯେ ଜଣେ ଭାରତୀୟ ହୋଇ ଇଂରେଜ ମାନଙ୍କ





ଗୋଲାମ ହୋଇଥିବାରୁ ସେ କଦାପି ସମ୍ଭବଙ୍କ ଠାରେ କ୍ଷମା ମାଗି ଘରକୁ ଯା'ନ୍ତୁ । ସେନାପତି ସେଦୁହିଁଙ୍କୁ ଛାଡ଼ିଦେଲେ ଏବଂ ଅନ୍ୟମାନଙ୍କୁ ଛ' ମାସ ଲେଖାଏଁ ଜେଲଦଣ୍ଡ ଦେଲେ । ଏହି ସମୟରେ ଲକ୍ଷ୍ମୀନାରାୟଣ, ଚିନ୍ତାମଣି ପ୍ରମୁଖ ଅନ୍ୟ କେତେକ ନେତା ମଧ୍ୟ ଗିରଫ ହୋଇ ଜେଲ ବରଣ କରିଥିଲେ ।

ସରକାରଙ୍କ ଦମନ ଲୀଳା ଓ ଗିରଫଦାରୀର ପ୍ରତ୍ୟକ୍ଷ ବିବରଣୀ ସଂଗ୍ରହ ପାଇଁ ନୀଳକଣ୍ଠ ରଥ ଓ ଗୋପବନ୍ଧୁ ଚୌଧୁରୀ ସମ୍ବଲପୁର ଆସିଲେ । ସେମାନେ ବିକ୍ଷୁବ୍ଧ ହୋଇ ଛୋଟଲାଟ ଓ ବଡ଼ଲାଟଙ୍କ ପାଖରେ ଏହାର ଦୃଢ଼ ପ୍ରତିବାଦ ଜଣାଇଲେ । ଫଳରେ ଗିରଫ ହୋଇଥିବା ସବୁ ନେତାଙ୍କୁ ଜାମିନରେ ଛାଡ଼ିଦିଆଗଲା ।

ନେତାମାନେ ମୁକ୍ତ ହେଲାପରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀର ପୁର୍ନଗଠନ ହେଲା । ନୂତନ କମିଟିକୁ ନିମ୍ନଲିଖିତ ସଦସ୍ୟମାନେ ନିର୍ବାଚିତ ହେଲେ ।

ସଭାପତି - ଲକ୍ଷ୍ମୀନାରାୟଣ ମିଶ୍ର

ଉପସଭାପତି - ନାଗରମଲ କେଡ଼ିଆ

ସଂପାଦକ - ଭାଗୀରଥୀ ପଟ୍ଟନାୟକ ଓ ଦୟାନନ୍ଦ ଶତପଥି

କୋଷାଧକ୍ଷ - - ପ୍ରହଲ୍ଲାଦରାୟ ଲାଠ୍

ସଦସ୍ୟ - ଚିନ୍ତାମଣି,ନୃସିଂହ, ସୁଧାଂଶୁ ଶେଖର ଓ ଦୁର୍ଗା ଗୁରୁ । ଏହି କମିଟୀର ଗଠନ ବେଳକୁ ଭାରତର ରାଜନୈତିକ ଅବସ୍ଥା ଭିନ୍ନ ରୂପ ନେଉଥିଲା । ଲଣ୍ଡନରେ ଦ୍ୱିତୀୟ ଗୋଲଟେବୁଲ ବୈଠକର ଫଳାଫଳକୁ ଅପେକ୍ଷା କରି କମିଟୀ ସମ୍ବଲପୁରରେ କଂଗ୍ରେସ ଆନ୍ଦୋଳନକୁ ସ୍ଥଗିତ ରଖିଲେ ।

ଲଣ୍ଡନରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ଆରମ୍ଭ ହେଲା ୧୯୩୧ ସେପ୍ଟେମ୍ବର ମାସ ୭ ତାରିଖରେ । ଏଥିରେ ଭାରତୀୟ କଂଗ୍ରେସ ପାଇଁ ୧୬ ଟି ସ୍ଥାନ ସଂରକ୍ଷିତ ହୋଇଥିଲା ମାତ୍ର କଂଗ୍ରେସ କେବଳ ଏକମାତ୍ର ପ୍ରାର୍ଥୀରୂପେ ମହାତ୍ମା ଗାନ୍ଧୀଙ୍କୁ ପଠାଇଥିଲା ବସ୍ତୁତଃ ଗାନ୍ଧୀଥିଲେ କଂଗ୍ରେସର ଅପ୍ରତିଦ୍ୱନ୍ଦୀ ନେତା । ଗାନ୍ଧିଜୀ ବୈଠକ ଆରମ୍ଭ ହେବା ପାଞ୍ଚଦିନ ପରେ ସେପ୍ଟେମ୍ବର ୧୨ ତାରିଖରେ ଲଣ୍ଡନରେ ପହଞ୍ଚିଲେ । ସେ ଦେଖିଲେ ତାଙ୍କ ବିରୁଦ୍ଧରେ ଏକ ପରିବେଶ ସୃଷ୍ଟି ହୋଇ ଯାଇଛି । ମୁସଲିମ ପ୍ରତିନିଧି ଦଳଙ୍କର ନେତୃତ୍ୱ ନେଇଥିଲେ ମହମ୍ମଦ ଅଲ୍ଲି ଜିନ୍ନା ଏବଂ ସେ ହିନ୍ଦୁ-ବିରୋଧୀ ମନୋଭାବ ପାଇଁ ପ୍ରଖ୍ୟାତ ଥିଲେ । ଦଳିତ ସଂପ୍ରଦାୟର ପ୍ରତିନିଧି ରୂପେ ଆମ୍ବେଦକର ଭାରତ ଛାଡ଼ିବା ପୂର୍ବରୁ ଘୋଷଣା କରିଥିଲେ ଯେ ସେ ଦଳିତ ମାନଙ୍କ ପାଇଁ ଗୋଲଟେବୁଲ ବୈଠକରେ ଝଡ଼ ସୃଷ୍ଟି କରିବେ । ବ୍ରିଟିଶ ସରକାର ଏମାନଙ୍କୁ ପୃଷ୍ଠପୋଷକତା ଓ ପ୍ରେରଣା ଦେଉଥିଲେ । ବସ୍ତୁତଃ ସରକାର ବୈଠକରେ ସଫଳତା ଚାହୁଁନଥିଲେ ଏବଂ ସେଥିପାଇଁ ଚତୁରତାର ସହ କାମ କରାଯାଉଥିଲା । ଏହି

ଗୋଳମାଳିଆ ପରିସ୍ଥିତିରେ ଗାନ୍ଧିଜୀ ଥିଲେ ଏକମାତ୍ର ବ୍ୟକ୍ତି ଯେ କି ହୀନସ୍ୱାର୍ଥ ବିଜଡ଼ିତ ସାଂପ୍ରଦାୟିକତାଠାରୁ ବହୁ ଊର୍ଦ୍ଧ୍ୱରେ ରହି ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ସମଗ୍ର ଭାରତର ମଙ୍ଗଳ ଚିନ୍ତା କରୁଥିଲେ । ଭାରତୀୟ ନେତାମାନଙ୍କ ମଧ୍ୟରେ ଏକତା ସ୍ଥାପନା ପାଇଁ ତାଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା ଏବଂ ବ୍ରିଟିଶ ପ୍ରଧାନ ମନ୍ତ୍ରୀ ସାଂପ୍ରଦାୟିକ ପ୍ରଶ୍ନର ବିଚାର ସେ ନିଜେ କରିବେ ବୋଲି ଘୋଷଣା କଲେ । ତେଣୁ ଗାନ୍ଧିଜୀ ରିକ୍ତ ହସ୍ତରେ ଇଂଲଣ୍ଡ ପରିତ୍ୟାଗ କରି ୧୯୩୧ ଡିସେମ୍ବର ୩୧ ରେ ବମ୍ବେରେ(ମୁମ୍ବାଇ) ପହଞ୍ଚିଲେ ।

ଗାନ୍ଧିଜୀ ଗୋଲଟେବୁଲ ବୈଠକରେ ଯୋଗଦେବାକୁ ଯାଇଥିବାରୁ କଂଗ୍ରେସର ସାଧାରଣ ଅଧିବେଶନ ୧୯୩୧ ଡିସେମ୍ବର ପରିବର୍ତ୍ତେ ୧୯୩୨ ଜାନୁଆରୀ ଶେଷ ସପ୍ତାହରେ ପୁରୀରେ କରିବା ପାଇଁ ସ୍ଥିର ହୋଇଥିଲା । ଏହାର ସଫଳତା ପାଇଁ ଉତ୍କଳ ପ୍ରଦେଶ କଂଗ୍ରେସ କମିଟୀ ପ୍ରବଳ ଉଦ୍ୟମ ଚଳାଇଥିଲେ । ଏହା ଓଡ଼ିଶା ପାଇଁ ଏକ ସମ୍ମାନର ପ୍ରଶ୍ନ ବୋଲି ମନେ କରାଯାଉଥିଲା । ଏହି ଅଧିବେଶନ ପାଇଁ ସମ୍ବଲପୁର କଂଗ୍ରେସକର୍ମୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଓ ପ୍ରେରଣା ଦେଖାଦେଇଥିଲା । ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟିକରି ଅଧିକ ଚାନ୍ଦା ସଂଗ୍ରହ ପାଇଁ ରମାଦେବୀ ୧୯୩୧ ଡିସେମ୍ବର ମାସରେ ସମ୍ବଲପୁର ଆସିଥିଲେ । ସେ ନୃସିଂହ ଗୁରୁ, ଦୟାନନ୍ଦ ଶତପଥି ଓ ଦାଶରଥୀ ନାୟକଙ୍କୁ ନେଇ ଅନେକ ଗ୍ରାମ ବୁଲିଥିଲେ । ଏହି ସମୟରେ ପୁରୀରୁ ପଣ୍ଡିତ ରଘୁନାଥ ମିଶ୍ର ମଧ ବରଗଡ଼ ଆସି ଫକୀର ବେହେରା, ଭାଗୀରଥୀ ପଟ୍ଟନାୟକ ଓ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ସହିତ ପଦ୍ମପୁର ଅଞ୍ଚଳ ଗସ୍ତ କରିଥିଲେ । ଶେଷରେ ଗ୍ରାମାଞ୍ଚଳରେ ବହୁ ସଂଖ୍ୟକ ବ୍ୟକ୍ତି ୧୫ ତାରିଖ ଜାନୁଆରୀ ୧୯୩୨ ରେ ସମ୍ବଲପୁରରେ ସମବେତ ହେଲେ ଏବଂ ସେଠାରୁ କଟକ ଅଭିମୁଖେ ଯାତ୍ରା କଲେ । ଗୋଟିଏ ଦଳ ବରଗଡ଼ରୁ ବାହାରି ବିନିକା ଯାଇ ସେଠାରୁ ନୌକା ଯୋଗେ କଟକ ଯାତ୍ରା କଲେ । ପୁରୀଯାତ୍ରୀ ଦଳଗୁଡ଼ିକୁ ଜଣାନଥିଲା ଯେ ସରକାର ଇତିମଧ୍ୟରେ ଏକ ବଡ଼ ଧରଣର ଦମନଲୀଳା ଆରମ୍ଭ କରିଦେଇଛନ୍ତି ।

ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଗାନ୍ଧିଜୀଙ୍କର ନୈରାଶ୍ୟ ଓ ବିଫଳତା ଭାରତରେ ପୁଣି ଏକ ଆନ୍ଦୋଳନର ସୂତ୍ରପାତ କରିବ ବୋଲି ସରକାର ଆଶଙ୍କା କରିଥିଲେ ଏବଂ ତାର ପ୍ରତିକାର ପାଇଁ ବଡ଼ଲାଟଙ୍କୁ ପ୍ରସ୍ତୁତି ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହି ସମୟରେ ଲର୍ଡ ଇରଉଇନଙ୍କ ସ୍ଥାନରେ ଲର୍ଡ଼ ଉଇଲିଙ୍ଗଡନ୍ ବଡ଼ଲାଟ ପଦବୀରେ ଅଧିଷ୍ଠିତ ଥିଲେ । ସେ ଜଣେ କଠୋର ଓ ବର୍ବର ପ୍ରକୃତିର ଲୋକ ଥିଲେ । ସେ ଘୋଷଣା କରି କହିଥିଲେ ଯେ ସେ ମାତ୍ର ଛଅ ସପ୍ତାହ ମଧ୍ୟରେ କଂଗ୍ରେସ ଅନୁଷ୍ଠାନକୁ ମୂଳ ପୋଛି କରିଦେବେ । ତାଙ୍କ ନିର୍ଦ୍ଦେଶରେ ଗାନ୍ଧିଜୀଙ୍କ ସମେତ କଂଗ୍ରେସ କାର୍ଯ୍ୟକାରୀ କମିଟୀର ସବୁ ସଦସ୍ୟଙ୍କୁ ଅଚାନକ ଗିରଫ କରି ଜେଲରେ ରଖାଗଲା । ଗୋଟିଏ ସପ୍ତାହ ମଧ୍ୟରେ ବିଭିନ୍ନ ପ୍ରଦେଶରେ କଂଗ୍ରେସ ସଂଗଠନ ସହିତ ସଂପୃକ୍ତ ଅଧିକାଂଶ





ବ୍ୟକ୍ତିଙ୍କୁ ଗିରଫ କରି ନିଆଗଲା । ଭାରତରେ ସର୍ବତ୍ର କଂଗ୍ରେସ ଅଫିସ ଗୁଡ଼ିକୁ ବାଜ୍ୟାପ୍ତ କରି ସିଲ କରି ଦିଆଗଲା । ୧୯୩୨ ର ଜାନୁଆରୀ ମାସରୁ ଏପ୍ରିଲ ମାସ ମଧ୍ୟରେ ସରକାର ପ୍ରାୟ ୮୦ ହଜାର କଂଗ୍ରେସ କର୍ମୀ ଓ ନେତାଙ୍କୁ ଗିରଫ କରିଥିଲେ । ଏହା ସତ୍ତ୍ୱେ କଂଗ୍ରେସର ମନୋବଳ ଭାଙ୍ଗି ପଡ଼ିନଥିଲା ବା ଆନ୍ଦୋଳନ ଦବିଯାଇନଥିଲା ।

ସମ୍ବଲପୁରରୁ ପୁରୀ କଂଗ୍ରେସ ପାଇଁ ଯାଉଥିବା କର୍ମୀ ଓ ନେତାମାନେ କଟକରେ ପହଞ୍ଚି ଏସବୁ ବିଷୟରେ ଜାଣିବାକୁ ପାଇଲେ । ସେତେବେଳେ ପୁରୀରେ ହେବାକୁ ଥିବା କଂଗ୍ରେସର ବାର୍ଷିକ ଅଧିବେଶନ ବେଆଇନ ଘୋଷିତ ହୋଇସାରିଥିଲା ଏବଂ ତାର ଆୟୋଜକ ମାନେ ଜେଲରେ ଥିଲେ । ସମ୍ବଲପୁରରୁ ଆସିଥିବା କର୍ମୀମାନେ କଟକର ଜୈନ ମନ୍ଦିରରେ ଆଶ୍ରୟ ନେଲେ । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପୋଲିସ ଧରି ନେଇ ଦଶଟି ଲେଖାଏଁ ବେତ୍ରାଘାତ ପରେ ଛାଡ଼ିଦେଲେ । ସେମାନେ ସମସ୍ତେ ସେଠାରୁ ସମ୍ବଲପୁର ଫେରିଆସିଲେ ।

ସମ୍ବଲପୁରରେ ଆଇନ ଅମାନ୍ୟ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ୧୯୩୨ ଜୁଲାଇରୁ ଆରମ୍ଭ ହେଲା । ଏହା ଲବଣ ସତ୍ୟାଗ୍ରହ ଅପେକ୍ଷା ଏହା ଅଧିକ ବ୍ୟାପକ ଓ ଭୟଙ୍କର ଥିଲା । କଟକରୁ କଂଗ୍ରେସ ପ୍ରଚାରପତ୍ର ଅଣାଯାଇ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ବଣ୍ଟାଗଲା ଏବଂ ମନ୍ଦିର ଓ ଅନୁଷ୍ଠାନ ମାନଙ୍କ କାନ୍ଥରେ ଛାପି ଦିଆଗଲା । ନୃସିଂହ ଗୁରୁ ଓ ବୃନ୍ଦାବନ ଗୁରୁ ପ୍ରଚାର ପତ୍ର ବାଣ୍ଟିବା ଅଭିଯୋଗରେ ଗିରଫ ହେଲେ ।

ଜୁଲାଇ ୧୫ ରେ ପ୍ରଫୁଲ୍ଲ ପଟ୍ଟନାୟକ ଏକ ଦଳ ସହ ବରଗଡ଼ ଏସ.ଡି.ଓ. ଅଫିସ ଭିତରକୁ ପଶିଗଲେ । ସେତେବେଳେ ଏସ.ଡି.ଓ. ରାମସ୍ୱାମୀ ସାହେବ ନଥିଲେ । ସେ ଅଫିସ ଆସିଲା ସମୟରେ ପ୍ରଫୁଲ୍ଲ ଏସ.ଡି.ଓ. ଙ୍କ ଚୌକିରେ ବସି ରହିଥିଲେ ଏବଂ ରାମସ୍ୱାମୀ ସାହେବଙ୍କୁ ଗିରଫ କରିବା ପାଇଁ ନିଜର ତଥାକଥିତ ଅର୍ଡର୍ଲିକୁ ଆଦେଶ ଦେଲେ । କିନ୍ତୁ ପ୍ରଫୁଲ୍ଲ ଓ ତାଙ୍କର ଦଳକୁ ଗିରଫ କରିବା ପାଇଁ ପୋଲିସକୁ ସମୟ ଲାଗିନଥିଲା ।

କଷ୍ଟରାମ ତନ୍ତ୍ରୀ କେତେକ ଲୋକଙ୍କୁ ନେଇ ସମ୍ବଲପୁର ବଡ଼ବଜାରରେ ଥିବା ପୁରୁଣା ପ୍ରାସାଦର ରାଜାଙ୍କ "ତେଲ ମଖା ମହଲ" କୁ ଅଧିକାର କରିନେଲେ ଏବଂ ତାର ଫାଟକରେ ଏକ ହାତଲେଖା ବୋର୍ଡ଼ ଝୁଲାଇ ଦେଲେ ଯହିଁରେ ଲେଖାଥିଲା "କଷ୍ଟରାମ ତନ୍ତ୍ରୀଙ୍କ କଂଗ୍ରେସ କାର୍ଯ୍ୟାଳୟ" । ପୋଲିସ ଏହି ଦଳକୁ ଅନାୟାସରେ ଗିରଫ କରିନେଲେ । ସେହିପରି ଜ୍ୟୋତ୍ସ୍ନା ଦେବୀ ବରପାଲି ବଜାରରେ ପ୍ରଚୁର ସଂଖ୍ୟାରେ ବିଦେଶୀ ବସ୍ତ୍ର ଠୁଳକରି ତହିଁରେ ନିଆଁ ଲଗାଇଦେଲେ ଏବଂ ଗିରଫ ହୋଇ ଜେଲ ଗଲେ ।

୧୯୩୨ର ଆନ୍ଦୋଳନରେ ଅଂଶ ଗ୍ରହଣ କରି ସମ୍ବଲପୁରର ଶହ ଶହ କର୍ମୀ ... ହୋଇ ଜେଲ ବରଣ କରିଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଜେଲଦଣ୍ଡର ସମୟ

ପ୍ରାୟ ଛଅ ମାସ ଥିଲା । ତେଣୁ ଛଅମାସ ପରେ ଜଣକ ପରେ ଜଣେ ଫେରି ଆସିଲେ । ଫଳରେ ୧୯୩୩ର ଜାନୁଆରୀ ୨୬ ରେ ସ୍ୱାଧୀନତା ଦିବସ ଉତ୍ସାହ ସହକାରେ ପାଳିତ ହୋଇ ପାରିଲା । ସେହି ବର୍ଷ ଏପ୍ରିଲ ମାସରେ ଜାତୀୟ କଂଗ୍ରେସର ସାଧାରଣ ଅଧିବେଶନ କଲିକତାରେ ବସି ଆଇନ ଅମାନ୍ୟ ଆନ୍ଦୋଳନକୁ ଦୃଢତାର ସହ ଆଗେଇ ନେବାକୁ ଏକ ପ୍ରସ୍ତାବ ଗୃହୀତ ହେଲା ।

୧୯୩୩ ମେ ମାସ ୮ ତାରିଖ ଦିନ ଗାନ୍ଧିଜୀଙ୍କୁ ବିନା ସର୍ତ୍ତରେ ଜେଲରୁ ଖଲାସ କରିଦିଆଗଲା । ଗାନ୍ଧିଜୀ ଏହାର ସୁଯୋଗ ନେଇ ଆଇନ ଅମାନ୍ୟ ଆନ୍ଦୋଳନକୁ ଆଗେଇ ନେବା ପାଇଁ ଚାହିଁଲେ ନାହିଁ । ସେ କିଛିକାଳ ପାଇଁ ଆନ୍ଦୋଳନ ସ୍ଥଗିତ ରଖି ସରକାରଙ୍କ ସହିତ ଏକ ରାଜିନାମାରେ ପହଞ୍ଚିବା ପାଇଁ ଉଦ୍ୟମ କଲେ । ମାତ୍ର ବଡଲାଟ ଉଇଲିଙ୍ଗଡନ୍ ଗାନ୍ଧିଜୀଙ୍କ ସହିତ ସାକ୍ଷାତ କରିବା ପାଇଁ ମନା କରିଦେଲେ । ଗାନ୍ଧିଜୀ ବାଧ ହୋଇ ଗଣଆନ୍ଦୋଳନ ବନ୍ଦ କରିଦେଲେ ଏବଂ ଅଗଷ୍ଟ ୧ ତାରିଖରୁ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ପାଇଁ ଆହ୍ୱାନ ଦେଲେ ।

ଯେଉଁମାନେ ଗୃହଜଞ୍ଜାଳରୁ ମୁକ୍ତଥିବେ ଏବଂ ଯେଉଁମାନଙ୍କ ଉପରେ କେହି ନିର୍ଭରଶୀଳ ନଥିବେ କେବଳ ସେମାନେ ହିଁ ବ୍ୟକ୍ତିଗତ ଆନ୍ଦୋଳନରେ ଯୋଗଦେଇ ପାରିବେ ବୋଲି ସ୍ଥିର ହେଲା । ଏହିପରି ବ୍ୟକ୍ତି ଗଣ ଆନ୍ଦୋଳନ ପରିବର୍ତ୍ତେ ସତ୍ୟାଗ୍ରହି କେବଳ ସ୍ଲୋଗାନ ଦେଇ କିମ୍ବା ବିଦେଶୀ ଲୁଗା ବା ମଦଦୋକାନ ଆଗରେ ପିକେଟିଙ୍ଗ୍ କରି ଜେଲଯିବେ ।

ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମ ବନ୍ଦ କରିଦେଲେ ଏବଂ ପତ୍ନୀ କସ୍ତୁରବାଙ୍କ ସହିତ ୧୯୩୩ ଅଗଷ୍ଟ ୧ ତାରିଖ ଦିନ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲେ । ତାଙ୍କୁ ହଠାତ ଗିରଫ କରି ଯେରବାଡା ଜେଲରେ ରଖାଗଲା । ତାଙ୍କ ପରେ ଜବାହାରଲାଲ ପ୍ରମୁଖ ଅନେକ ବଡ଼ ନେତା ବ୍ୟକ୍ତିଗତ ଆନ୍ଦୋଳନ କରି ଜେଲ ବରଣ କଲେ । ଓଡ଼ିଶାରେ ପୁରୀରୁ ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ, ଯାଜପୁରରୁ ବିପିନ ବିହାରୀ ମହାନ୍ତି ଏବଂ କଟକରୁ ବିନୋଦ କାନୁନଗୋ ଓ ସୁରେନ୍ଦ୍ର ପଟ୍ଟନାୟକ ଆଦି ନେତାମାନେ ଗିରଫ ହେଲେ ।

ସମ୍ବଲପୁର ଅଞ୍ଚଳରୁ ନୃସିଂହ ଗୁରୁ, ବୃନ୍ଦାବନ ଗୁରୁ, ମହାବୀର ସିଂହ, ଭାଗୀରଥୀ ପଟ୍ଟନାୟକ, ଜନ୍ମୋବତୀ ଓ ପ୍ରଫୁଲ୍ଲ ବ୍ୟକ୍ତିଗତ ଆନ୍ଦୋଳନ ଆରମ୍ଭ କରି ଗିରଫ ହେଲେ । ଭାଗୀରଥୀ ପଟ୍ଟନାୟକ ଲେଖିଛନ୍ତି ଯେ ସେ ପ୍ରଥମେ ବରଗଡ଼ର ଏସ.ଡି.ଓ.ଙ୍କୁ ଲିଖିତ ଆକାରରେ ଜଣାଇ ଦେଲେ ଯେ,ସେ ତାଙ୍କ ସ୍ତ୍ରୀ ଜନ୍ମୋବତୀ ଓ ପୁତ୍ର ପ୍ରଫୁଲ୍ଲ ୨୨.୯.୧୯୩୩ ରେ ବରଗଡ଼ର ଏକ ବିଦେଶୀ ଲୁଗା ଦୋକାନ ଆଗରେ ପିକେଟିଙ୍ଗ୍ କରିବେ । ଏହାପରେ ସେଦିନ ପିକେଟିଙ୍ଗ୍ ଆରମ୍ଭ କରିବା ମାତ୍ରେ ସେମାନଙ୍କୁ ଗିରଫ





କରି ନିଆଗଲା । ଭାଗୀରଥୀଙ୍କୁ ଛଅମାସ, ଜନ୍ମୋବତୀଙ୍କୁ ପାଞ୍ଚମାସ, ଓ ପ୍ରଫୁଲ୍ଲଙ୍କୁ ଚାରି ମାସ ଜେଲଦଣ୍ଡ ଆଦେଶ ହେଲା ।

ବ୍ୟକ୍ତିଗତ ସତ୍ୟାଗ୍ରହ ଫଳରେ ଭାଗୀରଥୀ, ନୃସିଂହ ଗୁରୁ, ବୃନ୍ଦାବନ ଗୁରୁ, ମହାବୀର ସିଂହ ଓ ପ୍ରଫୁଲ୍ଲ ପଟ୍ଟନାୟକଙ୍କୁ ପାଟଣା କେମ୍ପ୍ ଜେଲ୍‌କୁ ପଠାହେଲେ । ଜନ୍ମୋବତୀ ଦେବୀଙ୍କୁ ଭାଗଲପୁର ସେଣ୍ଟ୍ରାଲ ଜେଲରେ ଭର୍ତ୍ତିକରାଗଲା । ସେଠାରେ ଜନ୍ମୋବତୀ ଓଡ଼ିଶାର ନାରୀନେତ୍ରୀ ସରଳା ଦେବୀଙ୍କ ସହିତ ଏକସାଥିରେ ଥିବାରୁ ତାଙ୍କୁ ଜେଲକଷ୍ଟ ଜଣାପଡିନଥିଲା । ଲକ୍ଷ୍ମୀନାରାୟଣ ମିଶ୍ର ବନ୍ଧୁ ଆଗରୁ ୧୯୩୨ ଡିସେମ୍ବର ମାସରୁ ଜେଲରେ ଥିଲେ । ତାଙ୍କୁ ପ୍ରଥମେ ହଜାରୀବାଗ ଜେଲରେ ରଖାଯାଇଥିଲା । ପରେ ସେ ଓ ହରେକୃଷ୍ଣ ମହତାବ ପାଟଣା କେମ୍ପ ଜେଲକୁ ସ୍ଥାନାନ୍ତରିତ ହେଲେ ଏବଂ ସେଠାରୁ ପୁଣି ତାଙ୍କୁ ଅଣାଯାଇଥିଲା । ଏହି ସମୟରେ ସେ ଭାଗଲପୁର ସେଣ୍ଟ୍ରାଲ ଜେଲରେ ଥିଲେ ।

ଏମାନେ ସମସ୍ତେ ଜେଲରେ ଥିବାବେଳେ ୧୯୩୪ ଜାନୁୟାରୀ ୧୫ ତାରିଖରେ ପ୍ରଳୟଙ୍କରୀ ବିହାର ଭୂମିକମ୍ପ ହୋଇଥିଲା । ଏହି ଦାରୁଣ ପ୍ରାକୃତିକ ବିପର୍ଯ୍ୟୟ ପରେ ସରକାର ଅଧିକାଂଶ ରାଜବନ୍ଦୀଙ୍କୁ ଜେଲରୁ ଖଲାସ କରିଦେଲେ । ମାତ୍ର ଏହାପରେ ବି ଲକ୍ଷ୍ମୀନାରାୟଣ ଜେଲରେ ଅଟକ ରହିଲେ । ସମ୍ବଲପୁରର ଅନ୍ୟମାନେ ମୁକ୍ତ ହେଲା ପରେ ନିଜ ଅଞ୍ଚଳକୁ ସଜାଡ଼ିବା ପାଇଁ ଫେରିଆସିଲେ । ମାତ୍ର ଭାଗୀରଥୀ, ଜନ୍ମୋବତୀ, ଓ ପ୍ରଫୁଲ୍ଲ ଭୂମିକମ୍ପ ପ୍ରପୀଡ଼ିତ ଲୋକଙ୍କର ସେବା କରିବା ପାଇଁ ତିନି ମାସ ସେଠାରେ ରହିଗଲେ । ଏହି ସମୟ ମଧ୍ୟରେ ସେମାନଙ୍କ କାମ ଓ ଆଦର୍ଶ ଅନେକ ବଡ଼ ବଡ଼ ବିହାରୀ ନେତାଙ୍କୁ ପ୍ରଭାବିତ କଲା ଏବଂ ଏହାପରେ ସେମାନଙ୍କ ସଂପର୍କ ବିହାର ସହିତ ଘନିଷ୍ଠ ହେଲା । ଦେଓଘରର ନେତା ଶଶୀଭୂଷଣ ରାୟ ପ୍ରଫୁଲ୍ଲଙ୍କୁ ନିଜର ଅଭିଭାବକତ୍ୱରେ ଉଚ୍ଚଶିକ୍ଷା ଦେବା ପାଇଁ ରଖିନେଲେ ଏବଂ ଭାଗୀରଥୀ ଓ ଜନ୍ମୋବତୀ ସମ୍ବଲପୁର ଫେରିଆସିଲେ । ପ୍ରଫୁଲ୍ଲ ଦେଓଘରରେ ରହି ହିନ୍ଦୀ ବିଦ୍ୟାପୀଠରେ ପାଠ ପଢିଲେ ଏବଂ ୧୯୪୦ ରେ ହିନ୍ଦୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କଲେ । ଏହା ପରେ ବିହାର ତାଙ୍କର ମୁଖ୍ୟ କର୍ମଭୂମି ହୋଇ ରହିଲା ଏବଂ ହିନ୍ଦୀ ଭାଷା ଓ ସାହିତ୍ୟ ପ୍ରତି ସେ ଅନୁଗତ ହୋଇ ରହିଲେ ।

ଏହି ସମୟରେ ୧୯୩୪ ମେ ମାସ ୫ ତାରିଖରେ ଗାନ୍ଧିଜୀ ହରିଜନ ଗସ୍ତ କ୍ରମରେ ସମ୍ବଲପୁର ଆସିଲେ । ତାଙ୍କ ଏହି ଗସ୍ତର ସଫଳତା ପାଇଁ ସମ୍ବଲପୁରର ନେତା ଓ କର୍ମୀମାନେ ଜେଲରୁ ମୁକ୍ତିଲାଭ ପରେ ପରେ ଲାଗି ପଡ଼ିଥିଲେ । ସେତେବେଳେ ଲକ୍ଷ୍ମୀନାରାୟଣ ଜେଲରେ ଥିବାରୁ ତାଙ୍କର ସାଂଗଠନିକ ନେତୃତ୍ୱ ସମ୍ବଲପୁର ପାଇନଥିଲା । ଗାନ୍ଧିଜୀ ସମ୍ବଲପୁରରେ ହରିଜନ ଆବାସ ଉଦ୍‌ଘାଟନ କଲେ ଏବଂ ନୃସିଂହ ଗୁରୁ ଏହାର ଆଜୀବନ ପରିଚାଳକ ହୋଇ ରହିଲେ । ଗାନ୍ଧିଜୀଙ୍କ ପରାମର୍ଶ କ୍ରମେ ନୃସିଂହ

ସେହି ଦିନରୁ ହରିଜନ ସେବା କାର୍ଯ୍ୟରେ ବ୍ରତୀ ହୋଇ ରହିଲେ । ସେ ୧୯୪୨ ର ଆନ୍ଦୋଳନ ଠାରୁ ମଧ୍ୟ ଦୂରରେ ଥିଲେ ଏବଂ ହରିଜନ ସେବାରେ ନିଯୁକ୍ତ ଥିବାବେଳେ ତାଙ୍କୁ ହରିଜନ ଆବାସରୁ ଗିରଫ କରି ନିଆଯାଇଥିଲା ।

୧୯୩୪ ମେ ମାସରେ କଂଗ୍ରେସ କମିଟୀର ପାଟନା ଅଧିବେଶନରେ ସେହି ବର୍ଷ ନଭେମ୍ବର ମାସରେ ହେବାକୁ ଥିବା କେନ୍ଦ୍ର ବିଧାନ ସଭାର ନିର୍ବାଚନରେ ଅଂଶଗ୍ରହଣ ପାଇଁ ଏକ ପ୍ରସ୍ତାବ ଗୃହୀତ ହେଲା । ନିର୍ବାଚନ ପ୍ରଚାର ପାଇଁ ନୀଳକଣ୍ଠ ସମ୍ବଲପୁର ଆସିଥିଲେ । ନୃସିଂହ ଗୁରୁ ନୀଳକଣ୍ଠଙ୍କୁ ଗୁରୁ ରୂପେ ସମ୍ମାନ ଦେଇ ଆସୁଥିଲେ । ତେଣୁ ତାଙ୍କ ପାଇଁ ସେ ପ୍ରଚାର କରିବାକୁ ରାଜି ହେଲେ । ନୃସିଂହ ଗୁରୁଙ୍କ ଅନୁରୋଧ କ୍ରମେ ଭାଗୀରଥୀ ପଟ୍ଟନାୟକ ମଧ୍ୟ ପଦ୍ମପୁର-ବୋଡ଼ାସମ୍ବର ଅଞ୍ଚଳରେ ପ୍ରଚାର କଲେ । କେନ୍ଦ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ଆଶାତୀତ ଭାବେ ସଫଳତା ଲାଭ କଲା ।

ଲକ୍ଷ୍ମୀନାରାୟଣ ମିଶ୍ର ଜେଲରୁ ମୁକ୍ତ ହୋଇ ଦୀର୍ଘ ଦୁଇବର୍ଷ ପରେ ୧୯୩୪ ଡିସେମ୍ବର ୧୩ ରେ ସମ୍ବଲପୁର ପହଞ୍ଚିଲେ । ତାଙ୍କୁ ସମ୍ବଲପୁରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ସେ ଗଠନମୂଳକ କାର୍ଯ୍ୟରେ ବିଶେଷତଃ ହରିଜନ ସେବାରେ ଆତ୍ମ ନିୟୋଗ କଲେ ।

୧୯୩୫ ରେ କଂଗ୍ରେସର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଲା । ମାତ୍ର ଏଥିରେ କୌଣସି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇନଥିଲା । ଏହି ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା ଏବଂ ଏହା ଉପରେ ଓଡ଼ିଶାର ସବୁ ନେତାଙ୍କର ଧ୍ୟାନ କେନ୍ଦ୍ରୀଭୂତ ହୋଇ ରହିଥିଲା ।





# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସମ୍ବଲପୁରର ଭୂମିକା (୧୯୨୦-୧୯୩୬)

ଉନବିଂଶ ଶତକର ଭାଷା ଆନ୍ଦୋଳନ ଫଳରେ ୧୯୦୨ରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରତିଷ୍ଠା ହେଲା ଏବଂ ୧୯୦୫ରେ ଏହା ଓଡ଼ିଶା ଡ଼ିଭିଜନ୍ ସହିତ ସମ୍ମିଳିତ ହେଲା । ମାତ୍ର ଏହା ପରେ ମଧ୍ୟ ଏହି ଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳ ମଧ୍ୟପ୍ରଦେଶ ସହିତ ମିଶି ରହିଲା ଏବଂ ସେହି ଅଞ୍ଚଳର ଉଦ୍ଧାର ନ ହେଲା ପର୍ଯ୍ୟନ୍ତ ସମ୍ବଲପୁରର ସମ୍ମିଶ୍ରଣ ସଂପୂର୍ଣ୍ଣ ବୋଲି ମନେକରାଯାଇ ପାରିଲା ନାହିଁ । ଏହି ବିଚ୍ଛିନ୍ନାଞ୍ଚଳ ହେଲା

୧. ରାୟପୁର ଜିଲ୍ଲା ମହାସମୁନ୍ଦ ତହସିଲର ଖରିଆର, ଫୁଲଝର ଓ ବିନ୍ଦ୍ରା ନୂଆଗଡ଼ ।

୨. ବିଳାସପୁର ଜିଲ୍ଲାର ଚନ୍ଦ୍ରପୁର ଓ ମାଲଖୋର୍ଦ୍ଦା ଜମିଦାରୀ

୩. ଦେଶୀୟ ରାଜ୍ୟମାନଙ୍କ ମଧ୍ୟରୁ ବସ୍ତର, ରାଏଗଡ, ସାରଙ୍ଗଗଡ଼ ଇତ୍ୟାଦି ।

ଇତିହାସରୁ ଜଣାଯାଏ ଯେ ଏହି ସବୁ ଅଞ୍ଚଳ ବହୁ ଦିନ ପର୍ଯ୍ୟନ୍ତ ସମ୍ବଲପୁର ଚୌହାନ୍ ରାଜାଙ୍କ ଅଧୀନରେ ଅଷ୍ଟାଦଶ ଗଡ଼ର ଅନ୍ତର୍ଗତ ଥିଲା । ଚୌହାନ୍ ରାଜାମାନେ ଏହି ଅଞ୍ଚଳର ଭାଷା ଓ ସଂସ୍କୃତିର ପୃଷ୍ଠପୋଷକତା କଲେ । ଏକ ଶାସନାଧୀନରେ ଥିବାରୁ ସମ୍ବଲପୁର ଓ ଏମାନଙ୍କ ମଧ୍ୟରେ ସଂସ୍କୃତିର ଆଦାନ-ପ୍ରଦାନ ହୋଇ ଐକ୍ୟ ଭାବ ପ୍ରତିଷ୍ଠିତ ଥିଲା । ଚୌହାନମାନଙ୍କ ପରେ ବ୍ରିଟିଶ ଶାସନାଧୀନରେ ମଧ୍ୟପ୍ରଦେଶ ସରକାର ଏ ଅଞ୍ଚଳରେ ହିନ୍ଦୀ ଭାଷା ଓ ସଂସ୍କୃତି ଲଦି ଦେବା ପାଇଁ ପ୍ରବଳ ଉଦ୍ୟମ କଲେ । ପଚାଶ ବର୍ଷରୁ ଊର୍ଦ୍ଧ୍ୱକାଳ ଯାଏ ସରକାରୀ ଉଦ୍ୟମ ବିଶେଷ ସଫଳ ହୋଇ ପାରିନଥିଲେ ମଧ୍ୟ ଏହା ଫଳରେ ହିନ୍ଦୀ ଭାଷା ଓ ସଂସ୍କୃତିର ଏକ ଛାପ ଏଠାରେ ଅନୁଭୂତ ହେଲା ଏବଂ ସରକାର ଏସବୁ ଅଞ୍ଚଳ ମଧ୍ୟପ୍ରଦେଶର ଅନ୍ତର୍ଗତ ବୋଲି ଦାବି କଲେ । ଉଦାହରଣ ସ୍ୱରୂପ ଛତିଶଗଡ଼ୀ ବା ଲରିଆ ଭାଷାର ଲିପି ନ ଥିଲା ଏବଂ ଚୌହାନ୍ ରାଜତ୍ୱରେ ତାହା ସମ୍ବଲପୁରୀ ଭାଷା ସହ ସଂପୃକ୍ତ ଥିଲା । ମାତ୍ର ତାହା ହିନ୍ଦୀ ଭାଷା ସହ ସଂପୃକ୍ତ ବୋଲି କୁହାଗଲା ।

ଭୌଗୋଳିକ ଦୃଷ୍ଟିରୁ ଏହି ଅଞ୍ଚଳ ପଶ୍ଚିମ ଓଡ଼ିଶାର ସନ୍ନିହିତ ଅଟେ । ବର୍ତ୍ତମାନ ରାଏପୁର ଜିଲ୍ଲାର ଫୁଲଝର, ରାଏପୁର ଠାରୁ ବହୁଦୂରରେ, ଅଥଚ ଏହା ସମ୍ବଲପୁରର ସୀମାରେ ଲାଗି ରହିଛି । ଖରିଆର ଓ ବିନ୍ଦ୍ରା ନୂଆଗଡ଼ ନୂଆପଡ଼ା ଓ କଳାହାଣ୍ଡିର ସଂଶ୍ଳିଷ୍ଟ

ଅଟେ । ଅନ୍ୟ ଅଞ୍ଚଳଗୁଡ଼ିକର ଭୌଗୋଳିକ ଅବସ୍ଥିତି ମଧ୍ୟ ଠିକ୍ ଏହିପରି । ତେଣୁ ଗ୍ରିଏରସନ ସାହେବ ଏହି ଅଞ୍ଚଳ ନିଃସନ୍ଦେହ ଭାବେ ଓଡ଼ିଶାର ଥିଲା ବୋଲି ମତ ଦେଇଛନ୍ତି ।

ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ବିବାହ, ବନ୍ଦାପନା,କଥାଭାଷା, ନାଚଗୀତ,ପର୍ବପର୍ବାଣୀ, ପୁଅଜିଉଁତିଆ, ଭାଇଜିଉଁତିଆ,ମାର୍ଗଶୀର ଗୁରୁବାରଠୁଁ ଆରମ୍ଭ କରି ଛିନାଅମେଳା, ଓଡ଼ିଆ ଭାଗବତ ଓ ପୁରାଣ ପାଠ, ଓଡ଼ିଆ ପାଲା ଓ ଦାସକାଠିଆ ଆଦି ସବୁଥିରେ ଏହି ଅଞ୍ଚଳ ସମ୍ବଲପୁରର ଅନୁରୂପ ଅଟେ । ମାତ୍ର ଭାଗ୍ୟର ବିଡ଼ମ୍ବନା ଯେ ୧୯୩୬ ପୂର୍ବରୁ ମଧ୍ୟପ୍ରଦେଶର ଶକ୍ତିଶାଳୀ ସରକାର ଏହା ଉପରେ ଦାବି କରୁଥିବା ବେଳେ ତାର ଉତ୍ତର ଦେବା ପାଇଁ ସେତେବେଳ ଓଡ଼ିଆମାନଙ୍କର କୌଣସି ସରକାର ନ ଥିଲା ।

ସମ୍ବଲପୁରର ନେତାମାନେ ଉତ୍କଳ ସମ୍ମିଳନୀକୁ ଆଶ୍ରୟ କରି ବିଚ୍ଛିନ୍ନାଞ୍ଚଳର ପୁନରୁଦ୍ଧାର ପାଇଁ ଉଦ୍ୟମ କରୁଥିଲେ । ଉତ୍କଳ ସମ୍ମିଳନୀ କେବେହେଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ଦାବି କରିନଥିଲା । ତାର ଲକ୍ଷ୍ୟ ଥିଲା ଯେ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି କୌଣସି ପ୍ରାଦେଶିକ ସରକାରଙ୍କ ଅଧୀନରେ ଏକ ଉପ-ପ୍ରଦେଶ (Sub-Province) ରୂପେ ରଖାଯାଉ, ସେହି ସରକାର ବିହାର ହେଉ ,ବଙ୍ଗ ହେଉ, ମାନ୍ଦ୍ରାଜ ହେଉ ବା ମଧ୍ୟପ୍ରଦେଶ ହେଉ । ମାତ୍ର ଏହା ମଧ୍ୟ ସେତେବେଳେ ଆଦୌ ସମ୍ଭବ ନ ଥିଲା । ଉତ୍କଳ ସମ୍ମିଳନୀର ଏଥିପାଇଁ ବର୍ଷକୁ ବର୍ଷ ଆବେଦନ ଅରଣ୍ୟରୋଦନ ହୋଇ ରହୁଥିଲା । ତେଣୁ ଶେଷରେ ୧୯୨୦ରେ ଓଡ଼ିଆ ଯୁବନେତାମାନେ ସମ୍ମିଳନୀକୁ ଭାଙ୍ଗିଦେବା ପାଇଁ ସଂକଳ୍ପ ନେଲେ ।

ଏହାର ଠିକ୍ ପୂର୍ବରୁ ସମ୍ମିଳନୀର ପ୍ରବୀଣ ନେତା ମାନେ ଓଡ଼ିଆ ମାନଙ୍କର ଏହି ସମସ୍ୟା ଇମ୍ପେରିଆଲ କାଉନସିଲରେ ଆଲୋଚନା ପାଇଁ ବିହାରର ସଚ୍ଚିଦାନନ୍ଦ ସିହ୍ନା ଓ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଙ୍କୁ ଅନୁରୋଧ କଲେ । ସଚ୍ଚିଦାନନ୍ଦ ସିହ୍ନା ୧୯୨୦ ମସିହା ଫେବୃୟାରୀ ୨୦ ତାରିଖରେ ଏକ ପ୍ରସ୍ତାବ ଦେଲେ ଯେ ମାନ୍ଦ୍ରାଜ, ବଙ୍ଗ ଓ ମଧ୍ୟପ୍ରଦେଶର ରେ ଥିବା ଓଡ଼ିଆ ଅଞ୍ଚଳକୁ ବିହାର ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନ ସହିତ ମିଶାଇ ଦେବା ପାଇଁ ବଡ଼ଲାଟ ଏକ କମିଟୀ ଗଠନ କରନ୍ତୁ । କନିକାର ରାଜା ପ୍ରସ୍ତାବର ସମର୍ଥନ କଲେ । ଏହା ସିହ୍ନା ପ୍ରସ୍ତାବ ନାମରେ ଅଭିହିତ ଥିଲା । ମାନ୍ଦ୍ରାଜ ଆଦି ପ୍ରଦେଶର ସଦସ୍ୟ ମାନେ ଏହାର ତୀବ୍ର ବିରୋଧ କଲେ । ଶେଷରେ ସରକାରୀ ପ୍ରତିନିଧି (Home Member) ପ୍ରକାଶକଲେ ଯେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଯଦ୍ୟପି ହଠାତ୍ ସମ୍ଭବ ନୁହେଁ, ତେବେ ଏଥିପାଇଁ ପ୍ରାଦେଶିକ ସରକାରଙ୍କ ପରାମର୍ଶ ନିଆଯାଇପାରେ । ତେଣୁ କେନ୍ଦ୍ର ସରକାର ବଙ୍ଗ, ବିହାର ଓ ମଧ୍ୟପ୍ରଦେଶର ସରକାରଙ୍କୁ ପତ୍ରଲେଖିଲେ । ମାତ୍ର





ସମସ୍ତଙ୍କର ମନୋଭାବ ସମାନ ଭାବରେ କଠୋର ଥିଲା । ତେଣୁ ସିହ୍ନା ପ୍ରସ୍ତାବ ସେଇଠି ଅଟକି ରହିଲା ।

୧୯୨୪ ରେ କେନ୍ଦ୍ର ସରକାର ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆ ଅଞ୍ଚଳରେ ଲୋକମତ ପରୀକ୍ଷା ପାଇଁ ଏକ ଦୁଇଜଣିଆ କମିଟୀ ନିଯୁକ୍ତ କଲେ । ଏହାର ସଦସ୍ୟ ଦ୍ୱୟ ସି.ଏଲ. ଫିଲିପ୍ ଓ ଏ.ସି. ଡଫ୍ ଥିବାରୁ ଏହାକୁ ଫିଲିପ୍-ଡଫ୍ କମିଟୀ ବୋଲି କୁହାଗଲା । ଏହିପରି ଏକ କମିଟୀର ନିଯୁକ୍ତି ଫଳରେ ଦକ୍ଷିଣାଞ୍ଚଳ ଓଡ଼ିଆ ମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ଦେଖା ଦେଲା । ଏଥିପାଇଁ ଗଞ୍ଜାମ ଓ କୋରାପୁଟର ବିଭିନ୍ନ ସ୍ଥାନରେ ସଭାସମିତି ମାନ ଆୟୋଜିତ ହୋଇଥିଲା । ଏହି ସୁଯୋଗରେ ଶଶିଭୂଷଣ ରଥ ଉତ୍କଳ ସମ୍ମିଳନୀର ପୁନଃ ପ୍ରତିଷ୍ଠା କଲେ । ହରିହର ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ, ଗୋଦାବରୀଶ ସାମନ୍ତରାୟ, ନରସିଂହ ପାଣିଗ୍ରାହୀ, ଚନ୍ଦ୍ରଶେଖର ଦଳାଇ ପ୍ରମୁଖ ନେତାମାନେ କମିଟୀକୁ ସାକ୍ଷାତ କରିବା ପାଇଁ ଗଞ୍ଜାମ ଗଲେ । ସମ୍ବଲପୁରର ନେତାମାନେ ମଧ ୧୯୨୪ ସେପ୍ଟେମ୍ବର ୧୭ ରେ ବିଧାନ ସଭା ସଦସ୍ୟ ରାମନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭାକରି ଗଞ୍ଜାମ ବାସୀଙ୍କୁ ସମର୍ଥନ ଜଣାଇବା ସଙ୍ଗେ ସଙ୍ଗେ ଏକ ପ୍ରତିନିଧି ଦଳ ପଠାଇବା ପାଇଁ ବ୍ୟବସ୍ଥା କଲେ । କମିଟୀ ଅଳ୍ପଦିନ ପରେ ବହୁସ୍ଥାନ ପରିଦର୍ଶନ କରିବା ସହ ରାଜା,ଜମିଦାର, ଓ ବିଶିଷ୍ଟ ନାଗରିକଙ୍କଠାରୁ ସାକ୍ଷ୍ୟ ସଂଗ୍ରହ କରି ୧୯୨୪ ଡିସେମ୍ବର ୨୭ ତାରିଖରେ ତାଙ୍କର ରିପୋର୍ଟ ଉପସ୍ଥାପିତ କଲେ । ଏଥିରେ ଓଡ଼ିଆ ମାନଙ୍କ ସପକ୍ଷରେ ଅନୁକୂଳ ମତ ପ୍ରକାଶ କରି କମିଟୀ ଲେଖିଲେ ଯେ ମାନ୍ଦ୍ରାଜରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଶିକ୍ଷିତ ଓଡ଼ିଆ ମାନେ ଓଡ଼ିଶା ସହିତ ଏକ ସ୍ଥାନରେ ସମ୍ମିଳିତ ହୋଇ ରହିବା ପାଇଁ ଅନେକ ଦିନରୁ ଆନ୍ତରିକ ଇଚ୍ଛା ପୋଷଣ କରି ଆସୁଛନ୍ତି । ଏହି ରିପୋର୍ଟର ପ୍ରକାଶ ପରେ ମାନ୍ଦ୍ରାଜ ନେତା ମାନଙ୍କର ଗାତ୍ରଦାହ ହେଲା ଏବଂ ସେମାନେ ଏହା ଫଳରେ ସାଂପ୍ରଦାୟିକ ବିଦ୍ୱେଷଭାବ ସୃଷ୍ଟି ହୋଇପାରେ ବୋଲି ଚେତାଇ ଦେଲେ । ଏହି ସମୟରେ ଇଂଲଣ୍ଡ ସରକାର ଭାରତର ଶାସନ ସଂସ୍କାର ପାଇଁ ସାର୍ ଜନ୍‌ସାଇମନଙ୍କ ଅଧ୍ୟକ୍ଷତାରେ ଇଂଲଣ୍ଡ ପାର୍ଲିଆମେଣ୍ଟର ସାତ ଜଣ ସଦସ୍ୟଙ୍କୁ ନେଇ ଏକ କମିଶନ ଏ ଦେଶକୁ ପଠାଇବେ ବୋଲି ସ୍ଥିର କରିଥିଲେ । ତେଣୁ ଭାରତ ସରକାର ଫିଲିପ୍-ଡଫ୍ କମିଟୀର ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସାଇମନ୍ କମିଶନଙ୍କ ଆଗମନକୁ ଅପେକ୍ଷା କରିବା ଉଚିତ ହେବ ବୋଲି ମନେ କଲେ ।

ପ୍ରାୟ ଏହି ସମୟରେ ଫୁଲଝରରେ ଏକ ଜନଚେତନା ଦେଖାଦେଲା । ସେଠାରେ ଓଡ଼ିଆ ମାନଙ୍କର ଅଭିଯୋଗ ଥିଲା ଯେ ଜନଗଣନା (ସେନସସ୍ ) କର୍ମଚାରୀ ମାନେ ସେମାନଙ୍କ ସଂପର୍କରେ ଭୁଲ ତଥ୍ୟମାନ ଉଲ୍ଲେଖ କରୁଛନ୍ତି ଏବଂ ସେମାନଙ୍କୁ ଅଣ ଓଡ଼ିଆ ବୋଲି ଦର୍ଶାଯାଉଅଛି । ଏହା ଜାଣିଲା ପରେ ସମ୍ବଲପୁରର ଅନେକ ନେତା

ଫୁଲଝର ଯାଇ ଲୋକଙ୍କ ମଧ୍ୟରେ ଜାଗରଣ ଓ ଆନ୍ଦୋଳନ ପାଇଁ ଉଦ୍ୟମ କଲେ । ମାତ୍ର ଫୁଲଝର ଜମିଦାର ଓ ତାଙ୍କର ସମର୍ଥକ ଗୋଷ୍ଠୀକୁ ମଧ୍ୟପ୍ରଦେଶର ନେତାମାନେ ଉତ୍କୋଚ ଓ ପ୍ରତିଶ୍ରୁତି ମାନ ଦେଇ ବଶୀଭୂତ କରି ରଖିଥିଲେ । ସମ୍ବଲପୁରର ନେତାମାନେ ଏହି ଦଳକୁ ପ୍ରଭାବିତ କରି ପାରିଲେ ନାହିଁ । ସେମାନଙ୍କ ଉଦ୍ୟମ ତଳସ୍ତରରେ ଅଟକି ରହିଲା । ସମ୍ବଲପୁର ଫେରି ସେମାନେ ଡେପୁଟୀ କମିଶନର ଏଫ୍.ସି.କିଙ୍ଗଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କଲେ । କିଙ୍ଗ୍ ସାହେବ ସେମାନଙ୍କ କଥା ଶୁଣିଲେ ଓ ଅଭିଯୋଗ ପତ୍ର ରଖିଲେ । ମାତ୍ର ସେ ସେମାନଙ୍କୁ ସାହାଯ୍ୟ ଦେବାର ସ୍ଥିତିରେ ନଥିଲେ ।

ଏହି ସମୟରେ ଗୋଟିଏ କଥା ସ୍ପଷ୍ଟ ହୋଇ ଉଠୁଥିଲା ଯେ କେତେକ ଇଂରେଜ ଅଫିସର ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ମାନଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ ମଧ୍ୟ ପଡୋଶୀ ରାଜ୍ୟ ଗୁଡ଼ିକର ନେତାମାନଙ୍କର ଜିଦ୍‌ଖୋର ମନୋବୃତ୍ତି ଯୋଗୁଁ ସେମାନେ କିଛି ପଦକ୍ଷେପ ନେଇପାରୁ ନଥିଲେ । ଭାରତୀୟ ନେତାମାନଙ୍କ ଏତାଦୃଶ ମନୋଭାବର ପରିବର୍ତ୍ତନ ଆଶା କରାଯାଉ ନଥିଲା । ତେଣୁ କେତେକ କ୍ଷମତାସୀନ ଇଂରେଜ ଅଫିସର ଭାରତୀୟ ନେତାମାନଙ୍କ ବିରୋଧ ସତ୍ତ୍ୱେ ସକ୍ରିୟ ସମର୍ଥନ ଦେଇପାରିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ଭବ ହୋଇପାରିବ ବୋଲି ଉତ୍କଳ ସମ୍ମିଳନୀର କେତେକ ନେତା ଉପଲବ୍ଧି କରୁଥିଲେ । ଏକଥା ସତ୍ୟ ଯେ ଫ୍ରେଜର ସାହେବଙ୍କ ସମର୍ଥନ ଓ ସହାନୁଭୂତି ଲାଭ କରିନଥିଲେ ସମ୍ବଲପୁର ଅଞ୍ଚଳ ମଧ୍ୟପ୍ରଦେଶରୁ ଅଣାଯାଇ ଓଡିଶା ଡିଭିଜନରେ ମିଶାଇବା ସମ୍ଭବ ନଥିଲା । ମାତ୍ର ଏହି ପରିସ୍ଥିତିରେ ଆଉ ଏକ ଫ୍ରେଜର ସାହେବ ମିଳିବା ସମ୍ଭବ ନଥିଲା ।

ଏହି ସମୟରେ ୧୯୨୮ ଫେବୃୟାରୀ ୩ ରେ ସାଇମନ୍ କମିଶନ ବମ୍ବେରେ ପହଞ୍ଚି ଭାରତର ବିଭିନ୍ନ ଅଞ୍ଚଳ ଗସ୍ତ କଲେ । ଏହି କମିଶନରେ ଜଣେ ବି ଭାରତୀୟଙ୍କୁ ନିଆଯାଇ ନଥିବାରୁ କଂଗ୍ରେସ ଏହାକୁ ପ୍ରତ୍ୟାଖ୍ୟାନ କଲା । କଂଗ୍ରେସର ଆହ୍ୱାନରେ ଭାରତର ସର୍ବତ୍ର ସାଇମନ୍‌ଙ୍କ ବିରୁଦ୍ଧରେ ଶୋଭାଯାତ୍ରା ଓ ବିକ୍ଷୋଭ ମାନ ପ୍ରଦର୍ଶିତ ହେଲା । ମାତ୍ର ଉତ୍କଳ ସମ୍ମିଳନୀର କେତେକ ନେତା ଏହା ଏକ ଆଶୀର୍ବାଦ ବୋଲି ମନେ କଲେ । ଏଥିରେ କୌଣସି ଭାରତୀୟ ନେତା ନଥିବାରୁ ଏହା ଏକ ଅପୂର୍ବ ସୁଯୋଗ ବୋଲି ଧରିନିଆଗଲା । ତେଣୁ ସେମାନେ ଭାରତୀୟ ଭାବ ପରିତ୍ୟାଗ କରି ଓଡ଼ିଆ ଜାତିର ସ୍ୱାର୍ଥ ଦୃଷ୍ଟିରୁ କମିଶନଙ୍କୁ ସ୍ୱାଗତ କରିବା ପାଇଁ ସ୍ଥିର କଲେ । ତଦନୁସାରେ ସେମାନଙ୍କର ୧୧ ଜଣ ପ୍ରତିନିଧି ବିହାରର ପାଟଣା ରେଲ-ଷ୍ଟେସନରେ କମିଶନଙ୍କୁ ସାକ୍ଷାତ କରି ଏକ ମାନପତ୍ର ପ୍ରଦାନ କଲେ । ଏହି ଦଳର ବ୍ରଜସୁନ୍ଦର ଦାସ, ବ୍ରଜାନନ୍ଦ ଦାସ, ଲକ୍ଷ୍ମୀଧର ମହାନ୍ତି, ଓ କନିକାର ରାଜା ସାହେବ ବିହାର ଓଡ଼ିଶା ବିଧାନ ପରିଷଦର ସଦସ୍ୟ ଥିଲେ । ପାଟଣା ଷ୍ଟେସନରେ କମିଶନଙ୍କ ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ବିରାଟ ବିକ୍ଷୋଭ ପ୍ରଦର୍ଶନ





ହୋଇଥିଲା । ଉତ୍କଳ ସମ୍ମିଳନୀ ଦଳର ଅଳ୍ପ ସଂଖ୍ୟକ ସମର୍ଥକ ଥିଲେ ମଧ୍ୟ ସେମାନଙ୍କ ସମ୍ବର୍ଦ୍ଧନାରେ ଭାବପ୍ରବଣତା ଥିଲା । ଏମାନଙ୍କ ଅନୁରୋଧ କ୍ରମେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ବ୍ୟକ୍ତି କମିଶନଙ୍କୁ ଟେଲିଗ୍ରାମ ମାନ ପଠାଇ ଓଡ଼ିଶା ବିଷୟରେ ସୁବିଚାର କରିବା ପାଇଁ ଅନୁରୋଧ ଜଣାଇଥିଲେ । ଏପରିକି ପାଟଣା ଷ୍ଟେସନରେ କେତେକ ଓଡ଼ିଆ କୁଲିଙ୍କ ପଛପଟେ ଝୁଲୁଥିବା ପ୍ଲେକାର୍ଡ଼ରେ ଲେଖାଥିଲା- "Welcome Simon" । ଅନ୍ୟ ସବୁଠାରେ ବିକ୍ଷୋଭର ସମ୍ମୁଖୀନ ହୋଇ ଆସିଥିବାରୁ ପାଟଣାରେ ଓଡ଼ିଆ ମାନଙ୍କର ସମ୍ବର୍ଦ୍ଧନା କମିଶନଙ୍କୁ ଆହ୍ଲାଦିତ କଲା । କମିଶନର ସଦସ୍ୟ ମାନେ ଓଡ଼ିଆ ମାନଙ୍କ ଦାବି ବିଷୟରେ ଧୀରସ୍ଥିର ଭାବରେ ଶୁଣିଲେ । ଏହା ପରେ ସେମାନଙ୍କର ହୃଦବୋଧ ହେଲା ଯେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆବଶ୍ୟକତା ନିଶ୍ଚୟ ରହିଛି । ଇଂଲଣ୍ଡ ସରକାର କମିଶନଙ୍କୁ ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ସିନ୍ଧୁ ପ୍ରଦେଶ ଗଠନର ସୁବିଚାର ସକାଶେ ପରାମର୍ଶ ଦେଇଥିଲେ । କମିଶନ ଉପଲବ୍ଧି କଲେ ଯେ ଭାରତର ଗୋଟିଏ କୋଣରେ ନୂତନ ମୁସଲମାନ ପ୍ରଦେଶ ସିନ୍ଧୁ ଓ ଅନ୍ୟ କୋଣରେ ନୂତନ ହିନ୍ଦୁ ପ୍ରଦେଶ ଓଡ଼ିଶା ପ୍ରତିଷ୍ଠିତ ହେଲେ ସାମ୍ପ୍ରଦାୟିକ ଭାରସାମ୍ୟ ରକ୍ଷା କରାଯାଇପାରିବ ।

ଉତ୍କଳ ସମ୍ମିଳନୀର ଏହି ଦଳକୁ ବିଶ୍ୱାସ ଘାତକ ରୂପେ ଚିତ୍ରଣ କରାଯାଇ ସର୍ବତ୍ର ନିନ୍ଦା କରାଯାଇଥିଲା । ସମ୍ବଲପୁରରେ ମଧ୍ୟ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ବିରାଟ ସାଧାରଣ ସଭା ହୋଇ ଏହି ଦଳକୁ କଠୋର ସମାଲୋଚନା କରାଗଲା । ଏହାର କିଛିକାଳ ପରେ ୧୯୨୯ ଫେବୃୟାରୀ ୮ ଓ ୯ ତାରିଖରେ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ମଧୁବାବୁ ସମ୍ବଲପୁର ପରିଦର୍ଶନରେ ଆସି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ଉଦ୍ୟମ ଅବ୍ୟାହତ ରଖିବାକୁ ଉଦବୋଧନ ଦେଲେ । ସମ୍ବଲପୁରରେ ମଧୁବାବୁଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଗଲା ।

୧୯୩୦ ଜୁନ୍ ମାସରେ ସାଇମନ କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା ଏବଂ ଏହାର ଏକ ପ୍ରସ୍ତାବ ଅନୁସାରେ ଓଡ଼ିଆ ମାନଙ୍କର ସମସ୍ୟା ଅନୁଧ୍ୟାନ କରି ସ୍ୱତନ୍ତ୍ର ପ୍ରଦେଶ ପାଇଁ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିବା ସକାଶେ ସି.ଆର. ଆଟଲୀଙ୍କ ଅଧ୍ୟକ୍ଷତାରେ ଏକ ସବ- କମିଟୀ ଗଠିତ ହେଲା । ମିଷ୍ଟର ସୁରାବର୍ଦ୍ଦି, କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଓ ଲକ୍ଷ୍ମୀଧର ମହାନ୍ତି ଏହି ସବ୍-କମିଟିର ସଦସ୍ୟ ଥିଲେ । ଏହା ପରେ ସବ୍-କମିଟିର ସୁପାରିଶ ଅନୁଯାୟୀ ୧୯୩୧ ରେ ଓଡ଼ିଶା ପାଇଁ ଏକ ସୀମା ନିର୍ଦ୍ଧାରଣ କମିଟି ଗଢାଗଲା । ସାର୍ ସାମୁଏଲ ଓଡୋନେଲ୍ କମିଟୀର ଅଧ୍ୟକ୍ଷ ଥିଲେ । ତେଣୁ ଏହାକୁ ଓଡୋନେଲ କମିଟୀ କୁହାଗଲା । ଏହାର ଅନ୍ୟାନ୍ୟ ସଦସ୍ୟ ଥିଲେ-ତରୁଣ ରାମ ଫୁକନ୍, ଏଚ.ଏମ.ମେହେଟ୍ଟା, ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତି, ସଚ୍ଚିଦାନନ୍ଦ ସିହ୍ନା ଏବଂ ନରସିଂହ ରାଜୁ । ଶେଷୋକ୍ତ ତିନିଜଣ ଯଥାକ୍ରମେ ଓଡ଼ିଆ, ବିହାରୀ ଓ ତେଲେଗୁ ମାନଙ୍କର ପ୍ରତିନିଧି

ରୂପେ ବଛା ହୋଇଥିଲେ । ବଙ୍ଗାଳୀ ମାନଙ୍କର ପ୍ରତିନିଧିତ୍ୱ କରୁଥିଲେ ବି.ସି. ମୁଖାର୍ଜି ଏବଂ ସେ କମିଟୀର ସଂପାଦକ ରୂପେ ନିଯୁକ୍ତ ଥିଲେ । ପ୍ରତିନିଧି ସଦସ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିପାରିବେ ; ମାତ୍ର ଚୂଡ଼ାନ୍ତ ରିପୋର୍ଟରେ ଦସ୍ତଖତ ଦେବା ଅଧିକାର ସେମାନଙ୍କ ନଥିଲା ।

ସୁତରାଂ ୧୯୩୦ ପୂର୍ବରୁ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଏକ କଳ୍ପନାର ବିଷୟ ହୋଇ ରହିଥିଲା, ୧୯୩୧ ବେଳକୁ ତାହା ବାସ୍ତବତାର ରୂପ ନେବାକୁ ବସିଲା । ସୀମା ନିର୍ଦ୍ଧାରଣ କମିଟୀର ନିଯୁକ୍ତି ପରେ ଉଭୟ ଓଡ଼ିଆ ନେତା ଓ ପଡୋଶୀ ଭାରତୀୟ ନେତା ମାନଙ୍କ ମଧ୍ୟରେ ଜାଗରଣ ଦେଖାଦେଲା । ଓଡ଼ିଆ ନେତାମାନେ ଡାକେଡାକେ ଗଲେ ଭାରତୀୟ ନେତାମାନେ ପଦ୍ରେ ପଦ୍ରେ ଗଲେ । ଉଦାହରଣ ସ୍ୱରୂପ ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର କମିଟୀର ଜଣେ ପ୍ରତିନିଧି ସଦସ୍ୟ ଥିଲେ । ସେ କମିଟୀର ସବୁ ସଦସ୍ୟଙ୍କୁ ପାରଳାଖେମୁଣ୍ଡି ନେଇ ତାଙ୍କର ପ୍ରାସାଦରେ ବିପୁଳ ଅଭ୍ୟର୍ଥନା ଦେଇଥିଲେ । ମାନ୍ଦ୍ରାଜର ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ମାନଙ୍କ ସପକ୍ଷରେ ସେ ନିଜେ ସବୁ ତଥ୍ୟ ଯୋଗାଉଥିଲେ ଏବଂ କମିଟୀର ଅନୁକୂଳ ମନୋଭାବରେ ଆଶ୍ୱସ୍ତ ଥିଲେ । ମାତ୍ର ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ସେ ଦେଖିଲେ ଯେ କମିଟୀଙ୍କ ପ୍ରସ୍ତାବିତ ସ୍ୱତନ୍ତ୍ର ଓଡ଼ିଶାରେ ପାରଳାଖେମୁଣ୍ଡି ବା ଜୟପୁରର ସ୍ଥାନ ନାହିଁ । ସୀମା କମିଟୀର ଅନ୍ୟତମ ସଦସ୍ୟ ତରୁଣରାମ ଫୁକନ ଆଶ୍ଚର୍ଯ୍ୟ ହେଲେ ଯେ ଜୟପୁର ରାଜ୍ୟରେ ଶତକଡା ୯୬ ଭାଗ ଓଡ଼ିଆ ଥିବା ବେଳେ ଓଡୋନେଲ ତାକୁ ଓଡିଶାରୁ ଅଲଗା କରି ଦେଲେ । ଏହାପରେ ପାରଳାଖେମୁଣ୍ଡି ଓ ଜୟପୁରର ଉଦ୍ଧାର ପାଇଁ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ବହୁତ ହଇରାଣ ହେବାକୁ ପଡ଼ିଲା ଓ ଅଜସ୍ର ଅର୍ଥ ବ୍ୟୟ କରି ଏକାଧିକ ବାର ଲଣ୍ଡନ ଦଉଡ଼ିବାକୁ ପଡିଲା । ଶେଷରେ ଓଡିଶା ପାରଳାଖେମୁଣ୍ଡି ଓ ଜୟପୁର ଫେରି ପାଇଲା ।

ସୀମା ନିର୍ଦ୍ଧାରଣ କମିଟୀ ସମ୍ବଲପୁରରେ ପହଞ୍ଚିଲେ ୧୯୩୧ ଡିସେମ୍ବର ୧ ତାରିଖରେ । ଡେପୁଟୀ କମିଶନର ନୀଳମଣି ସେନାପତିଙ୍କ ସହିତ ଯେଉଁ ନେତାମାନେ କମିଟୀକୁ ସ୍ୱାଗତ କରିବା ପାଇଁ ରହିଥିଲେ, ସେମାନେ ହେଲେ - ଚନ୍ଦ୍ରଶେଖର ବେହେରା, ଅଚ୍ୟୁତାନନ୍ଦ ପୁରୋହିତ, ବାଳମୁକୁନ୍ଦ ବହିଦାର, ରାମନାରାୟଣ ମିଶ୍ର, ପରଶୁରାମ ମିଶ୍ର ଓ ଗୋକୁଳାନନ୍ଦ ବାବୁ । ଏମାନେ କମିଟୀର ସଦସ୍ୟମାନଙ୍କ ସହିତ ଆଲୋଚନା କରି ନିଜ ନିଜର ଯୁକ୍ତି ବାଢ଼ିଥିଲେ । ସେନାପତି ସାହେବ ମଧ୍ୟ ଓଡ଼ିଆ ମାନଙ୍କର ସପକ୍ଷରେ ଅନେକ ତଥ୍ୟ କମିଶନଙ୍କୁ ପ୍ରଦାନ କରିଥିଲେ । ମାତ୍ର କମିଟୀର ଚୂଡ଼ାନ୍ତ ରିପୋର୍ଟରେ ବିସ୍ତୃତ ବିଚ୍ଛିନ୍ନାଞ୍ଚଳରୁ ଏକମାତ୍ର କ୍ଷୁଦ୍ରରାଜ୍ୟ ଖରିଆରକୁ ଓଡ଼ିଶାକୁ ପ୍ରଦାନକରି ଓଡ଼ିଆ ନେତାମାନଙ୍କୁ ଅନୁଗୃହୀତ କରାଯାଇଥିଲା । "ଓଡିଶାର ବିଚ୍ଛିନ୍ନାଞ୍ଚଳ" ନାମକ ପୁସ୍ତିକାରେ ଗୋଦାବରୀଶ ମିଶ୍ର ଲେଖିଛନ୍ତି, "XXX ଯେକେହି ନିରପେକ୍ଷ ଲୋକ ଫୁଲଝରକୁ





ଓଡ଼ିଶାରେ ମିଶାଇବା ପାଇଁ ମତ ଦେଇଥାନ୍ତେ । ମାତ୍ର ଆଶ୍ଚର୍ଯ୍ୟର କଥା ଓଡୋନେଲ କମିଟୀ ତାହା କଲେ ନାହିଁ । ବରଂ ଫୁଲଝରର ଜମିଦାର ଭଳି କେବଳ ଜଣେ ବ୍ୟକ୍ତି ଏହାର ବିରୁଦ୍ଧରେ ମତ ଦେଲେ ବୋଲି ଏହା ଓଡ଼ିଶାରେ ମିଶାଇଲେ ନାହିଁ । ଏହା ଏକ ହାସ୍ୟାସ୍ପଦ କଥା ।" ଏହି ପୁସ୍ତକରେ ଗୋଦାବରୀଶ ସ୍ୱୀକାର କରିଛନ୍ତି ଯେ, "ବିନ୍ଦ୍ରା ନୂଆଁଗଡ଼ ବା ଫୁଲଝରକୁ ସାକ୍ଷ୍ୟ ଆଦି ଦେବାରେ ଆମ୍ଭମାନଙ୍କ ତରଫରୁ ହେଳା ହୋଇଥିଲା ।" ଏଠାରେ ଉଲ୍ଲେଖ କରାଯାଇପାରେ ଯେ କମିଟୀ ସମ୍ବଲପୁର ପରିଦର୍ଶନରେ ଆସିଥିଲେ ୧୯୩୧ ଡିସେମ୍ବର ମାସରେ । ତାର ପରବର୍ତ୍ତୀ ଜାନୁଆରୀ ମାସରେ ଓଡିଶାର ପୁରୀଠାରେ ଜାତୀୟ କଂଗ୍ରେସର ସାଧାରଣ ଅଧିବେଶନ ପାଇଁ ଆୟୋଜନ ଚାଲିଥିଲା । ସେହି ସମୟରେ ପୁରୀ ଅଧିବେଶନର ନିଶା ଓଡିଶା କଂଗ୍ରେସର ସବୁ ସ୍ତରର ଲୋକଙ୍କୁ ଘାରିଥିଲା । ଏହା ଉପରେ ସମସ୍ତଙ୍କର ଧ୍ୟାନ କେନ୍ଦ୍ରୀଭୂତ ଥିଲା । ଓଡୋନେଲ କମିଟୀ ପ୍ରତି ଯେଉଁ ଗୁରୁତ୍ୱ ଦେବା କଥା ତାହା ହୋଇ ପାରିଲା ନାହିଁ । ଓଡୋନେଲ କମିଟୀ ରିପୋର୍ଟ ଇଂଲଣ୍ଡ ସରକାରଙ୍କ ଦ୍ୱାରା ଗୃହୀତ ହେଲା ପରେ ତାହା ସେଠାକାର ପାର୍ଲିଆମେଣ୍ଟର ଜଏଣ୍ଟ କମିଟୀକୁ ପଠାଗଲା ଏବଂ ସେଠାର ସାମାନ୍ୟ ଅଦଳବଦଳ ସହିତ ଗୃହୀତ ହେଲା ପରେ ୧୯୩୬ ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ପ୍ରତିଷ୍ଠିତ ହେଲା । ଏହି ରାଜନୀତି ଖେଳରେ ଭାଗନେଇ ଓଡିଆ ଅଞ୍ଚଳର ମଧ୍ୟପ୍ରଦେଶ ପାଇଲା ଫୁଲଝର, ବିନ୍ଦ୍ରାନୂଆଁଗଡ଼, ଚନ୍ଦ୍ରପୁର, ବସ୍ତର, ରାୟଗଡ଼, ସାରଙ୍ଗଗଡ ଇତ୍ୟାଦି, ବଙ୍ଗ ପ୍ରଦେଶ ଲାଭ କଲା ମେଦନୀପୁର ଜିଲ୍ଲା ଏବଂ ବିହାର ରଖିଲା ସିଂହଭୂମ ଜିଲ୍ଲା । ସେହିପରି ଗଂଜାମର ମଞ୍ଜୁଷା, ତରଳା, ଟେକ୍କାଲୀ, ଜଳନ୍ତର, ଓ ପାରଳାଖେମୁଣ୍ଡିର ଏକ ଅଂଶ ଇତ୍ୟାଦି ଓଡିଆ ଅଞ୍ଚଳ ତେଲେଗୁ ଅଞ୍ଚଳସହ ସମ୍ମିଳିତ ହେଲା । ଏହିପରି ଏକ ବିକଳାଙ୍ଗ ଓଡିଶାକୁ ଗ୍ରହଣ କରିନେବା ଛଡା ଓଡିଆ ନେତାମାନଙ୍କର ଅନ୍ୟ ଉପାୟ ନଥିଲା ।

୧୯୩୦ ପରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଚୂଡାନ୍ତ ରୂପରେଖ ସ୍ଥିର କରିବା ପାଇଁ ଉଦ୍ୟମ ଚାଲିଥିବା ବେଳେ ଓଡିଶାର କଂଗ୍ରେସ ନେତାମାନଙ୍କର ଭୂମିକା ଦୁର୍ଭାଗ୍ୟଜନକ ଥିଲା । ୧୯୨୮ ଜୁନ ୧୭ ରେ ଗୋପବନ୍ଧୁ ଦାସଙ୍କର ଅକାଳ ବିୟୋଗ ପରେ ଓଡିଶା କଂଗ୍ରେସର ସବୁ ସ୍ତରର ଲୋକଙ୍କ ଶ୍ରଦ୍ଧାଭାଜନ ହେବା ଭଳି କୌଣସି ନେତା ନଥିଲେ । ଫଳରେ କଂଗ୍ରେସ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଗଲା । ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇଥିଲେ ହରେକୃଷ୍ଣ ମହତାବ ଓ ଗୋପବନ୍ଧୁ ଚୌଧୁରୀ ଏବଂ ଅନ୍ୟ ଦଳର ନେତା ଥିଲେ ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ର । ଏହି ଦୁଇ ଗୋଷ୍ଠୀ ମଧ୍ୟରେ ବାଦବିବାଦ ଲାଗିରହିଥିଲା । ୧୯୩୦ ରେ ଦୁଇଗୋଷ୍ଠୀ ପରସ୍ପର ଭିତରେ ବିବାଦ ଭୁଲି ଯାଇ ଲବଣ ସତ୍ୟାଗ୍ରହରେ ଲାଗିପଡିଥିଲେ । ଏହି ସମୟରେ ସାଇମନ୍ କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା । ଗୋପବନ୍ଧୁ ଜୀବିତ ଥିବା ବେଳେ କଂଗ୍ରେସ ଏହି କମିଶନକୁ

ବର୍ଜନ କରିଥିଲା । ତେଣୁ କଂଗ୍ରେସ ନେତାମାନେ ଆନ୍ଦୋଳନରେ ବ୍ୟସ୍ତ ରହି କମିଶନଙ୍କ ରିପୋର୍ଟ ଉପରେ ଗୁରୁତ୍ୱ ଦେଲେ ନାହିଁ । ଆନ୍ଦୋଳନରେ ଭାଗ ନେଇ ବଡ ବଡ ନେତାମାନେ ଜେଲଗଲେ । ୧୯୩୧ ପ୍ରାରମ୍ଭରେ ଏହି ନେତାମାନେ ଜେଲରୁ ଫେରିବା ପରେ ପ୍ରାଦେଶିକ କଂଗ୍ରେସ କମିଟୀ ପାଇଁ ମାର୍ଚ୍ଚ ମାସରେ ନିର୍ବାଚନ ହେଲା । ମହତାବ ସେତେବେଳକୁ ମଧ ଜେଲରେ ଥିଲେ । ଏଥର ନିର୍ବାଚନରେ ସଭାପତି ପଦ ପାଇଁ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଚୌଧୁରୀଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହେଲା । ପରିସ୍ଥିତି ଅପ୍ରୀତିକର ହେବା ଆଶଙ୍କାରେ ସବୁନେତା ଓ କର୍ମୀ ଏକତ୍ରିତ ହୋଇ ଉଭୟଙ୍କ ମଧ୍ୟରେ ମିଳାମିଶା କରାଇଲେ । ଏହା ପରେ ଉଭୟଙ୍କୁ ଯୁଗ୍ମ ସଂପାଦକ ପଦବୀରେ ରଖି ଆଚାର୍ଯ୍ୟ ହରିହର ଦାସଙ୍କୁ ସଭାପତି ରୂପେ ନିର୍ବାଚିତ କରାଗଲା । ଏହି ସମୟ ବେଳକୁ ଓଡିଶାର ପୁରୀଠାରେ ଜାତୀୟ କଂଗ୍ରେସର ସାଧାରଣ ଅଧିବେଶନ କରିବା ପାଇଁ ସ୍ୱୀକୃତ ହୋଇସାରିଥିଲା । ଏହା ଓଡିଶା ପାଇଁ ଏକ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିଲା ଏବଂ ସାରା ଓଡିଶାର କର୍ମୀ ଓ ନେତାମାନେ ଏଥିରେ ମାତି ଯାଇଥିଲେ । କିନ୍ତୁ ଏହି ସମୟରେ ଅଭ୍ୟର୍ଥନା କମିଟୀର ସଭାପତି ପଦପାଇଁ ପ୍ରାଦେଶିକ କମିଟୀରେ ପୁଣି କନ୍ଦଳ ଆରମ୍ଭ ହେଲା । ଶେଷରେ ସ୍ଥିର ହେଲା ଯେ ଯେଉଁ ଗୋଷ୍ଠୀ ବେଶୀ ସଂଖ୍ୟକ ଅଭ୍ୟର୍ଥନା କମିଟୀ ପାଇଁ ସଦସ୍ୟ ସଂଗ୍ରହ କରିବେ , ସେହି ଗୋଷ୍ଠୀର ନେତା ହିଁ ଅଭ୍ୟର୍ଥନା କମିଟୀର ସଭାପତି ହେବେ । ଏହି ଦୌଡ଼ରେ ନୀଳକଣ୍ଠ ଜିଣି ସଭାପତି ହେଲେ । ଏହି ସମୟରେ ଓଡ଼ୋନେଲ୍ କମିଟୀ ଓଡ଼ିଶାରେ ତାଙ୍କ କାମ ଆରମ୍ଭ କରିଦେଇଥିଲେ । ମାତ୍ର ସେତେବେଳେ କଂଗ୍ରେସର ବଡ଼ବଡ଼ ନେତାମାନେ କମିଟୀ ପ୍ରତି ଧ୍ୟାନ ବା ସମୟ ଦେବା ଅବସ୍ଥାରେ ନ ଥିଲେ । ୧୯୩୧ ଡ଼ିସେମ୍ବର ମାସରେ ଓଡୋନେଲ କମିଟୀ ସମ୍ବଲପୁର ପରିଦର୍ଶନରେ ଗଲାବେଳେ ସମ୍ବଲପୁରର ନେତାମାନେ ପ୍ରାଦେଶିକ ନେତାମାନଙ୍କ ସହିତ ଗାଁ ଗାଁ ବୁଲି ପୁରୀ ଅଧିବେଶନ ପାଇଁ ଚାନ୍ଦା ସଂଗ୍ରହ କରୁଥିଲେ ।

ଏହି ସମୟରେ କଂଗ୍ରେସରେ ପୁଣି ଗୋଷ୍ଠୀ କନ୍ଦଳ ଦେଖାଦେଲା ଏବଂ ନୀଳକଣ୍ଠ ଦାସ , ହରେକୃଷ୍ଣ ମହତାବ ଓ ଗୋପବନ୍ଧୁ ଚୌଧୁରୀ ଅଭ୍ୟର୍ଥନା କମିଟୀରୁ ଓହରି ଆସିଲେ । ଏଥର ଉଭୟ ଗୋଷ୍ଠୀ ମଧ୍ୟରେ ବିଭେଦର କାରଣ ଭିନ୍ନ ଥିଲା । ନୀଳକଣ୍ଠ ଦାସ ହଠାତ୍ ଦାବି ଉଠାଇଲେ ଯେ ବର୍ତ୍ତମାନ ଜାତୀୟ ସମସ୍ୟା ଅପେକ୍ଷା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ । ସେ ବୋଧହୁଏ ଉପଲବ୍ଧି କଲେ ଯେ ଏ ବିଷୟରେ ପରିସ୍ଥିତି ପଡେଶୀ ରାଜ୍ୟର ନେତାମାନଙ୍କ ଯୋଗୁଁ ଜଟିଳ ହୋଇ ପଡୁଛି । ଲିଙ୍ଗରାଜ ପାଣିଗ୍ରାହୀ ଓ ଶଶିଭୂଷଣ ରଥ ନୀଳକଣ୍ଠଙ୍କୁ ସମର୍ଥନ ଦେଲେ । ଅନ୍ୟ ପକ୍ଷରେ ମହାତାବ ଗୋଷ୍ଠୀଙ୍କର ମତ ହେଲା ଯେ ସ୍ୱାଧୀନତା ଆନ୍ଦୋଳନ କଂଗ୍ରେସର ଏକ ମାତ୍ର ଲକ୍ଷ୍ୟ ଅଟେ ଏବଂ ସ୍ୱାଧୀନତା ପରେ ଓଡ଼ିଆମାନଙ୍କ ଅଭିଯୋଗ





ପୂରଣ ହୋଇ ପାରିବ । ମହତାବଙ୍କୁ ସମର୍ଥନ କଲେ ଗୋପବନ୍ଧୁ ଚୌଧୁରୀ ଓ ପ୍ରାଣକୃଷ୍ଣ ପଢିଆରୀ । ଓଡ଼ିଶାର ସୌଭାଗ୍ୟ ଯେ ସେହି ବର୍ଷ ପୁରୀଠାରେ ହେବାକୁ ଥିବା କଂଗ୍ରେସ ଅଧିବେଶନ ହଠାତ୍ ବନ୍ଦ ହୋଇଗଲା ଏବଂ ଘର କଳହ ଘରେ ରହିଗଲା ।

୧୯୦୫ରେ ବଙ୍ଗରାଜ୍ୟର ସାମୟିକ ବିଭାଜନ ବେଳେ ଆକୁମାରୀ ହିମାଚଳ ସବୁ ଭାରତୀୟ ନେତା ଦୁଃଖ ପ୍ରକାଶ କଲେ । କିନ୍ତୁ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବେଳେ ଓଡ଼ିଶା କେତେ ଯେ ଓଡ଼ିଆ ଅଞ୍ଚଳ ହରାଇ ବସିଲା, ସେଥିପାଇଁ କୌଣସି ଭାରତୀୟ ନେତା କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିଥିବା ଜଣାଯାଏ ନାହିଁ । ଆମେ ସ୍ୱାଧୀନତା ପାଇ ସାରିଲା ପରେ ୧୯୪୮ ଜାନୁଆରୀରେ ଓଡ଼ିଶା ସହିତ ଷଢେଇକେଳା ଓ ଖରସୁଆଁର ବୃତ୍ତାନ୍ତ ମିଶ୍ରଣ ହୋଇଥିଲା । ମାତ୍ର ଏହାର ଚାରିମାସ ପରେ ବିହାର ନେତାମାନେ ଏହି ଦୁଇରାଜ୍ୟକୁ ମୁକ୍ତ ଦିବାଲୋକରେ ଝାମ୍ପି ନେଇଗଲେ । ଓଡ଼ିଆ ନେତାମାନେ କେବଳ ଚାହିଁରହିଥିଲେ ।୧୯୫୫ରେ ରାଜ୍ୟ ପୁନର୍ଗଠନ କମିଶନ୍ ଓଡ଼ିଶା ପରିଦର୍ଶନରେ ଆସିଲେ । କମିଶନର ସଦସ୍ୟ ଥିଲେ ଅଫଜଲ୍ ଅଲ୍ଲୀ ,ପଣ୍ଡିତ କୁଞ୍ଜରୁ ଓ ସର୍ଦ୍ଦାର ପାଣିକର । ସେହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ନବକୃଷ୍ଣ ଚୌଧୁରୀ ଓ କଂଗ୍ରେସ ସଭାପତି ଥିଲେ ବିଶ୍ୱନାଥ ଦାସ । ଓଡ଼ିଆ ନେତାମାନେ ନିଶ୍ଚିନ୍ତ ଥିଲେ ଯେ ସେମାନେ ଅନ୍ତତଃ ଷଢେଇକେଳା - ଖରସୁଆଁ ପାଇଯିବେ । ସମ୍ବଲପୁର ନେତାମାନେ ସ୍ୱପ୍ନ ଦେଖୁଥିଲେ ଫୁଲଝର ,ଚନ୍ଦ୍ରପୁର, ସାରଙ୍ଗଡ଼ରୁ କିଛି ମିଳିଯିବ ବୋଲି । ଗଞ୍ଜାମ ନେତାମାନଙ୍କ ମଧ୍ୟ ବହୁତ ଆଶା ଥିଲା । ମାତ୍ର କମିଶନ ଓଡ଼ିଶାକୁ ଏକ ଇଞ୍ଚ ଜମି ମଧ୍ୟ ଦେଲେ ନାହିଁ । ସୌଭାଗ୍ୟ ଯେ କମିଶନ୍ ଓଡ଼ିଶାରୁ କିଛି ଅଞ୍ଚଳ ନେଇ ଅନ୍ୟ ପଡ଼ୋଶୀ ରାଜ୍ୟକୁ ଦେଇନଥିଲେ ।

ଏହି ସବୁ ଘଟଣାର ବିଶ୍ଳେଷଣ କଲେ ଆଶ୍ଚର୍ଯ୍ୟ ଲାଗେ ଯେ ସ୍ୱାଧୀନତା ଆନ୍ଦୋଳନ ବେଳେ କଂଗ୍ରେସ ନେତାମାନେ କିପରି ଆଶା କରୁଥିଲେ ଯେ ସ୍ୱାଧୀନତା ଲାଭ ପରେ ଭାରତୀୟ ନେତାମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆଗେଇ ଆସିବେ ! ବସ୍ତୁତଃ ସାଇମନ୍ କମିଶନ୍‌କୁ ସନ୍ତୁଷ୍ଟ କରିନଥିଲେ ୧୯୩୬ରେ ବା ସ୍ୱାଧୀନତା ପରେ କେବେହେଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇ ପାରିନଥାନ୍ତା । ସ୍ୱାଧୀନ ଭାରତର ରାଜନୈତିକ ମାନଚିତ୍ରରେ ଓଡ଼ିଶା ନାମରେ ପ୍ରଦେଶଟିଏ ନ ଥାନ୍ତା । ଗୋପବନ୍ଧୁ ଦାସ ଉତ୍କଳ ସମ୍ମିଳନୀର ସମାଧି ଦେବା ପାଇଁ ଉଦ୍ୟମ କଲା ବେଳେ ଏ ଜାତିକୁ ଦଧିଚୀଙ୍କର ତ୍ୟାଗ ବିଷୟରେ ମନେ ପକାଇ ଦେଇଥିଲେ ଏବଂ କହିଥିଲେ ଯେ ଭାରତର ବୃହତ୍ତର ସ୍ୱାର୍ଥ ପାଇଁ ଯଦି ଓଡ଼ିଆ ଜାତିକୁ ବଳି ଦିଆଯାଏ , ତେବେ ଏ ଜାତି ସେଥିପାଇଁ ଇତିହାସର ପୃଷ୍ଠାରେ ସ୍ମରଣୀୟ ହୋଇ ରହିଯିବ । ଓଡ଼ିଆ ନେତା ମାନଙ୍କର ଏହିପରି ଉଦ୍‌ଭଟ ଉଦାରତା ଯୋଗୁଁ ଓଡ଼ିଶାକୁ ଅନେକ କିଛି ହରାଇବାକୁ ପଡ଼ିଛି ଓ ପଡୁଛି ।

# ସ୍ୱାଧୀନତା ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ସମ୍ବଲପୁର

<u>ହସ୍ତମୁକ୍ତି ମାହାଲ</u> :- ୧୯୩୬ ମସିହା ଏପ୍ରିଲ ୧ ତାରିଖରୁ ଓଡିଶା ରାଜ୍ୟ ଭାରତର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠିତ ହୋଇ ଜଣେ ଗଭର୍ଣ୍ଣର ବା ଛୋଟଲାଟଙ୍କ ଅଧୀନରେ ରହିଲା । ସାର ଜନ ଅଷ୍ଟିନ ହବାକ୍ ଏହାର ପ୍ରଥମ ଛୋଟଲାଟ ହେଲେ । ଏହି ନୂତନ ପ୍ରଦେଶରେ ସମ୍ବଲପୁର ଏକ ଜିଲ୍ଲା ରୂପେ ପରିଗଣିତ ହେଲା - ଅନ୍ୟ ଜିଲ୍ଲାମାନ ହେଲେ କଟକ, ପୁରୀ, ବାଲେଶ୍ୱର, କୋରାପୁଟ ଓ ଗଞ୍ଜାମ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଏଥିରେ ସମ୍ବଲପୁର ଜିଲ୍ଲା ହସ୍ତମୁକ୍ତି ମାହାଲ (Partially excluded Area) ରୂପେ ଘୋଷିତ ହେଲା । ହସ୍ତମୁକ୍ତି ମାହାଲରେ ଛୋଟଲାଟ ସର୍ବେସର୍ବା ହୋଇ ରହନ୍ତି । ଏଥିରେ ବିଧାନ ସଭା (ଆସେମ୍ବ୍ଲି) ବା ବିଧାନ ପରିଷଦ (କାଉନସିଲ) ର କୌଣସି କର୍ତ୍ତୃତ୍ୱ ନଥାଏ । ବିଧାନ ସଭାରେ ଗୃହୀତ ଆଇନ ହସ୍ତମୁକ୍ତି ମାହାଲ ପାଇଁ ପ୍ରଯୁଜ୍ୟ ହୁଏ ନାହିଁ, ଏଥିପାଇଁ ଛୋଟଲାଟଙ୍କ ସ୍ୱତନ୍ତ୍ର ଘୋଷଣାନାମା ଆବଶ୍ୟକ ହୁଏ । ସେହିପରି କେନ୍ଦ୍ର ପରିଷଦର ଗୃହୀତ ଆଇନ ବଡଲାଟଙ୍କ ସ୍ୱତନ୍ତ୍ର ଘୋଷଣା ନାମାର ବଳରେ ହିଁ କାର୍ଯ୍ୟକାରୀ ହୋଇପାରେ । ଏପରିକି ହାଇକୋର୍ଟ ବା ସୁପ୍ରିମ କୋର୍ଟ ସହିତ ମଧ ଏହି ଅଞ୍ଚଳର କୌଣସି ସଂପର୍କ ରହେ ନାହିଁ । ବସ୍ତୁତଃ ହସ୍ତମୁକ୍ତି ମାହାଲ ଆଧୁନିକ ସମ୍ବିଧାନରେ ଗଭର୍ଣ୍ଣର ଶାସନର ପ୍ରାୟ ଅନୁରୂପ ଅଟେ । କୌଣସି ଅଞ୍ଚଳରେ ଆଦିବାସୀ ଓ ଦଳିତ ସଂପ୍ରଦାୟର ସ୍ୱାର୍ଥରକ୍ଷାର ଆବଶ୍ୟକତା ଉପଲବ୍ଧ କରାଗଲେ କିମ୍ବା କୌଣସି ଅଞ୍ଚଳ ସମସ୍ୟାବହୁଳ ଓ ସରକାରଙ୍କ ପାଇଁ ବିପଜ୍ଜନକ ବୋଲି ମନେ ହେଲେ, ସେହି ଅଞ୍ଚଳ ହସ୍ତମୁକ୍ତି ମାହାଲ ରୂପେ ଘୋଷିତ ହୋଇଥାଏ । ୧୮୭୪ ରେ ଏହି ଆଇନ (Scheduled District Act, 1874) ଗୃହୀତ ହୋଇଥିଲା ଏବଂ ଏହା ବଳରେ ବୋଡ଼ାସମ୍ବର, ଖରିଆର, ରାମପୁର ଓ କୋଲାବିରା ଅଞ୍ଚଳ ହସ୍ତମୁକ୍ତି ମାହାଲ ରୂପେ ବିବେଚିତ ହୋଇଥିଲା । ମାତ୍ର ୧୯୩୫ ର ଆଇନରେ ସରକାର ସମଗ୍ର ସମ୍ବଲପୁରକୁ ହସ୍ତମୁକ୍ତି ମାହାଲରେ ପରିଣତ କରିଦେବା ଦ୍ୱାରା ଏହା ଏହି ଅଞ୍ଚଳ ପ୍ରତି ଅନ୍ୟାୟ ଓ ଅପମାନଜନକ ଥିଲା ଏବଂ ସମ୍ବଲପୁର ବାସୀଙ୍କ ପାଇଁ ଏକ ଆହ୍ୱାନ ଥିଲା । ଏହାର ପ୍ରତିବାଦରେ ୧୯୩୬ ଏପ୍ରିଲ ୧ ତାରିଖର ଉତ୍ସବ ଦିବସର ରାତିରେ ସମ୍ବଲପୁରବାସୀ ଆଲୋକ ସଜ୍ଜାରୁ ବିରତ ରହିଲେ । ସମ୍ବଲପୁରର ଶିକ୍ଷିତ ଯୁବ ସଂପ୍ରଦାୟ ଏ ବିଷୟରେ ସଚେତନ ଥିଲେ ଏବଂ ସେମାନେ ବିଭିନ୍ନ ସ୍ଥାନରେ ସଭାସମିତି ମାନ କରି ଜନ ଆନ୍ଦୋଳନର ସୃଷ୍ଟି ପାଇଁ ଉଦ୍ୟମ କଲେ । ଲକ୍ଷ୍ମୀନାରାୟଣ





ମିଶ୍ର ଓ ନୃସିଂହ ଗୁରୁ ପ୍ରମୁଖ ନେତା ମାନେ ଏଥିରେ ପୁରୋଧା ଥିଲେ । ୧୯୩୮ ଅକ୍ଟୋବର ୩୦ ତାରିଖ ଦିନକୁ ସମଗ୍ର ସମ୍ବଲପୁରରେ " ହସ୍ତମୁକ୍ତି ବିରୋଧ " ଦିବସ ରୂପେ ପାଳନ କରାଗଲା । ଏହି ଆଇନ ଇଂଲଣ୍ଡ ପାର୍ଲିଆମେଣ୍ଟ ଦ୍ୱାରା ଗୃହୀତ ହୋଇଥିବାରୁ ଏହାର ପରିବର୍ତ୍ତନ ପାଇଁ ସେହି ପାର୍ଲିଆମେଣ୍ଟର ସମ୍ମତି ଆବଶ୍ୟକ ଥିଲା । ଏହା ଭାରତରେ ଛୋଟଲାଟ ବା ବଡଲାଟଙ୍କ କ୍ଷମତାର ବହିର୍ଭୂତ ଥିଲା । ତେଣୁ ଆନ୍ଦୋଳନ ଦ୍ୱାରା ଉଠେଇଦେବା ସହଜସାଧ୍ୟ ନଥିଲା । କେବଳ ସମ୍ବଲପୁର ନୁହେଁ, ଏହା ସହିତ କଟକ ଜିଲ୍ଲାର ଅନୁଗୁଳ ସବଡିଭିଜନ, କୋରାପୁଟର ଜୟପୁର ଏଜେନ୍ସି ଏବଂ ଗଞ୍ଜାମର ଏକ ବିରାଟ ଅଂଶ, ଏହିପରି ପ୍ରାୟ ୨୧ ହଜାର ବର୍ଗମାଇଲ ପରିମିତ ଅଞ୍ଚଳକୁ ୧୯୩୫ ର ଆଇନରେ ହସ୍ତମୁକ୍ତି ମାହାଲର ଅନ୍ତର୍ଗତ କରିଦିଆଯାଇଥିଲା । ଓଡିଶାର ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା ପରେ ଓଡିଶା ବିଧାନ ସଭାରେ ୧୯୩୮ ସେପ୍ଟେମ୍ବର ୮ ତାରିଖ ଦିନ ଏହି ଘୃଣ୍ୟ ଆଇନ୍ ଆଲୋଚିତ ହେଲା ଏବଂ ଏହାକୁ ତୁରନ୍ତ ଉଠାଇ ଦେବାକୁ ବ୍ୟବସ୍ଥା କରିବା ପାଇଁ ବଡଲାଟଙ୍କ ମାଧ୍ୟମରେ ଛୋଟଲାଟ ଇଂଲଣ୍ଡ ସରକାରଙ୍କୁ ଅନୁରୋଧ କରନ୍ତୁ ବୋଲି ଏକ ପ୍ରସ୍ତାବ ଗୃହୀତ ହେଲା । କିନ୍ତୁ ଏହା ପରେ ଦ୍ୱିତୀୟ ମହାସମର ମାଡି ଆସିଲା ଏବଂ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନ ଏକ ଉଗ୍ର ରୂପ ଧାରଣ କରିବାକୁ ଯାଉଥିଲା । ଏହି ପରିସ୍ଥିତିରେ ସମ୍ବଲପୁର ଭାରତର ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ହସ୍ତମୁକ୍ତି ମାହାଲ ହୋଇ ରହିଗଲା ।

<u>ଯୁବକ ସମ୍ମିଳନୀ</u> :- ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଉଦ୍ୟମରେ କଂଗ୍ରେସର ଯୁବକମାନେ ସମ୍ବଲପୁରରେ ମିଳିତ ହୋଇ ୧୯୩୬ ଏପ୍ରିଲ ୧୭ ରେ ଏକ ଯୁବକ ସମ୍ମିଳନୀର ପ୍ରତିଷ୍ଠା କଲେ । ଏହାର ଉଦ୍ଦେଶ୍ୟ ଥିଲା; ୧. ସମ୍ବଲପୁରର ସମ୍ମାନ ଓ ପ୍ରତିଷ୍ଠାର ଅଭିବୃଦ୍ଧି ସାଧନ, ୨. ଏକ ଓଡ଼ିଆ ପତ୍ରିକାର ପ୍ରକାଶନ, ୩. ସମ୍ବଲପୁରକୁ ଓଡ଼ିଶା ପ୍ରଦେଶର ରାଜଧାନୀ କରିବା ପାଇଁ ସରକାରଙ୍କୁ ନିବେଦନ, ୪. ଦଳିତ ଶ୍ରେଣୀଙ୍କର ଉନ୍ନତି ବିଧାନ ଏବଂ ୫. ସମ୍ବଲପୁରରେ ଏକ ସରକାରୀ କଲେଜ ସ୍ଥାପନ । ଏହି ସମ୍ମିଳନୀର ଉଦ୍ୟମରେ ୧୯୩୬ ଜୁନ ମାସରୁ "ଜାଗରଣ" ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଲା । ବୋଧରାମ ଦୁବେ ଏହି ସମ୍ମିଳନୀର ସଭାପତି ଥିଲେ । ମାତ୍ର ସେ ବିଶ୍ୱନାଥ ଦାସଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହେବା ପରେ ଅଚ୍ୟୁତା ନନ୍ଦ ପୁରୋହିତ ଯୁବକ ସମ୍ମିଳନୀର ସଭାପତି ରହିଲେ । ଦଳିତ ମାନଙ୍କର ସେବାରେ ସମ୍ମିଳନୀକୁ ଦିଗଦର୍ଶନ ଦେବା ପାଇଁ ନୃସିଂହ ଗୁରୁଙ୍କୁ ଏହାର ଅନ୍ୟତମ ସଦସ୍ୟ ରୂପେ ନିଆଯାଇଥିଲା । ନୃସିଂହ ହରିଜନ ସେବାସଂଘର ସମର୍ପିତ ସଂପାଦକ ଥିଲେ ।

<u>ମନ୍ତ୍ରୀ ମଣ୍ଡଳ ଗଠନ</u> :- ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା ପରେ ବ୍ୟବସ୍ଥାପକ ସଭା (ଆସେମ୍ବ୍ଲି) ଗଠନ ପାଇଁ ନିର୍ବାଚନ ପ୍ରଚାରରେ ନେତାମାନେ ଲାଗି ପଡ଼ିଲେ ।

ଏଥିପାଇଁ ୧୯୩୭ ମସିହାର ଜାନୁଆରୀ ଶେଷ ସପ୍ତାହରେ ଯେଉଁ ନିର୍ବାଚନ ହେଲା ତହିଁରେ ସର୍ବମୋଟ ୬୦ ଟି ସ୍ଥାନରୁ କଂଗ୍ରେସ ୩୬ ଟି ସ୍ଥାନରେ ବିଜୟୀ ହେଲା ଏବଂ ଅଣ କଂଗ୍ରେସ ଦଳ ୧୦ ଟି ସ୍ଥାନ ଓ ସ୍ୱାଧୀନ ସଦସ୍ୟ ୧୦ ଟି ସ୍ଥାନ ଲାଭ କଲେ । ଚାରିଜଣ ସଦସ୍ୟ ଛୋଟଲାଟଙ୍କ ଦ୍ୱାରା ମନୋନୀତ ହେଲେ । ସମ୍ବଲପୁର କଂଗ୍ରେସ ଦଳରୁ ବୋଧରାମ ଦୁବେ, ଫକୀର ବେହେରା ଓ ପ୍ରହଲ୍ଲାଦ ରାୟ ଲାଠ ବିଜୟ ଲାଭ କଲେ । ଏହା ପରେ କଂଗ୍ରେସ ବ୍ୟବସ୍ଥାପକମାନଙ୍କ ମଧରେ ହରେକୃଷ୍ଣ ମହତାବ ଓ ନୀଳକଣ୍ଠଙ୍କ ମଧରେ ପ୍ରତିଦ୍ୱନ୍ଦିତାକୁ ଏଡାଇବା ପାଇଁ ଉଦ୍ୟମ ହୋଇ ଶେଷରେ କଂଗ୍ରେସ ସଦସ୍ୟ ମାନେ ବିଶ୍ୱନାଥ ଦାସଙ୍କୁ କଂଗ୍ରେସ ବ୍ୟବସ୍ଥାପକମାନଙ୍କ ନେତା ରୂପେ ନିର୍ବାଚିତ କଲେ ।

ଏହି ସମୟରେ କଂଗ୍ରେସ କର୍ତ୍ତୃପକ୍ଷଙ୍କର ନିର୍ଦ୍ଦେଶ ପହଞ୍ଚିଲା ଯେ ୧୯୩୫ ର ଭାରତ ଆଇନ ଅନୁସାରେ ଛୋଟଲାଟ ଯେଉଁ ଅତିରିକ୍ତ କ୍ଷମତା ପ୍ରାପ୍ତ ହୋଇଛନ୍ତି, ତାକୁ ସେ ପ୍ରୟୋଗ କରିବେ ନାହିଁ ବୋଲି ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ କଂଗ୍ରେସ କୌଣସି ପ୍ରଦେଶରେ ମନ୍ତ୍ରୀ ମଣ୍ଡଳ ଗଠନ କରିବ ନାହିଁ । ତଦନୁସାରେ ବିଶ୍ୱନାଥ ଦାସ ମନ୍ତ୍ରୀମଣ୍ଡଳ ଗଠନ ପାଇଁ ମନା କଲେ । ଏହା ପରେ ପରିସ୍ଥିତିର ଚାପରେ ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଧାନ ମନ୍ତ୍ରୀ ଦାୟିତ୍ୱ ବହନ କଲେ ଏବଂ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ମୌଲବି ଲତିଫୁର ରହମାନ ତାଙ୍କର ସହଯୋଗୀ ମନ୍ତ୍ରୀ ହେଲେ । ଏହାର ଅଳ୍ପଦିନ ପରେ ସରକାର ଓ କଂଗ୍ରେସ ମଧରେ ଏକ ବୁଝାମଣା ହୋଇ ୧୯୩୭ ଜୁନ ମାସରେ ବଡ଼ଲାଟ ଘୋଷଣା କଲେ ଯେ ସରକାର ପ୍ରାଦେଶିକ ମନ୍ତ୍ରୀମଣ୍ଡଳର ଦୈନନ୍ଦିନ ଶାସନରେ ହସ୍ତକ୍ଷେପ କରିବେ ନାହିଁ । ତଦନୁସାରେ ଓଡ଼ିଶାରେ ବିଶ୍ୱନାଥ ଦାସ ୧୯୩୭ ଜୁଲାଇ ୧୯ ତାରିଖ ଦିନ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଗଠନ କଲେ । ଏଥିରେ ଅନ୍ୟ ଦୁଇଜଣ ମନ୍ତ୍ରୀ ହେଲେ - କଟକ ର ନିତ୍ୟାନନ୍ଦ କାନୁନଗୋ ଓ ସମ୍ବଲପୁରର ବୋଧରାମ ଦୁବେ । ସେତେବେଳେ ପ୍ରଦେଶର ମୁଖ୍ୟମନ୍ତ୍ରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା । ବୋଧରାମ ଦୁବେଙ୍କୁ ମନ୍ତ୍ରୀମଣ୍ଡଳରେ ନିଆଯାଇଥିବାରୁ ସମ୍ବଲପୁରରେ ଆନନ୍ଦର ଲହରୀ ଖେଳିଗଲା ।

ଏହି ସମୟରେ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ବଲପୁର ଅଞ୍ଚଳରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଥିଲା । ଝାରସୁଗୁଡ଼ାର ଭାନୁଶଙ୍କର ମୋହନ ଲାଲ ଯୋଶୀ ମଧ ଲୋକପ୍ରିୟ ହୋଇ ଉଠୁଥିଲେ । ପ୍ରଦେଶ କଂଗ୍ରେସର ନେତାମାନେ ଏ ଅଞ୍ଚଳ ପ୍ରତି ଆକୃଷ୍ଟ ହୋଇ ବାରମ୍ବାର ଗସ୍ତରେ ଆସୁଥିଲେ । ୧୯୩୭ ମେ ୯ ଓ ୧୦ ତାରିଖରେ ଲକ୍ଷ୍ମୀନାରାୟଣଙ୍କ ଉଦ୍ୟମରେ ରାଜନୈତିକ ସମ୍ମିଳନୀ ଓ ଜିଲ୍ଲା କୃଷକ ସମ୍ମିଳନୀ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହେଲା । ଏଥିରେ ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ ଓ ରାୟପୁରର ରବିଶଙ୍କର ଶୁକ୍ଳ ଯୋଗଦେଇଥିଲେ । ୧୯୩୭ ଜୁନ ୬ ତାରିଖରେ





ଲକ୍ଷ୍ମୀନାରାୟଣ ଚାନ୍ଦପୁରଠାରେ ପୁରୀ ଜିଲ୍ଲା ରାଜନୈତିକ ସମ୍ମିଳନୀରେ ଯୋଗଦେଇ ଉତ୍ତେଜନା ମୂଳକ ଭାଷଣ ଦେଇଥିବାରୁ ସେଠାକାର ଶାସନ କର୍ତ୍ତୃପକ୍ଷ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ଦାୟର କରିଥିଲେ । ହରେକୃଷ୍ଣ ମହତାବ ଅକ୍ଟୋବର ୨୦ ରେ ଝାରସୁଗୁଡ଼ାରେ ଓ ୨୧ ରେ ସମ୍ବଲପୁରର ସଭାମାନଙ୍କରେ ଯୋଗଦାନ କରିଥିଲେ । ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସ ୨୪ ଅକ୍ଟୋବରରେ ଝାରସୁଗୁଡ଼ା ପରିଦର୍ଶନରେ ଆସିଥିଲେ । ମାଳତୀ ଚୌଧୁରୀ ୧୯୩୭ - ୩୮ ରେ କୃଷକ ସଂଘର ପ୍ରତିଷ୍ଠା ଓ ପ୍ରସାର ପାଇଁ ସମ୍ବଲପୁରର ବିଭିନ୍ନ ଅଞ୍ଚଳ ଗସ୍ତ କଲେ । ୧୯୩୮ ଫେବୃୟାରୀ ୭ ରେ ଆଚାର୍ଯ୍ୟ ହରିହର ଦାସ ସମ୍ବଲପୁର ପରିଦର୍ଶନରେ ଆସିଥିଲେ ।

୧୯୩୮ ରେ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର କାର୍ଯ୍ୟକ୍ରମ ସମସ୍ତଙ୍କୁ ବଳିଯାଇଥିଲା । ସେହି ବର୍ଷ ସେ ପ୍ରାଦେଶିକ କଂଗ୍ରେସ କମିଟିର ସଂପାଦକ ହେଲେ ଏବଂ ପରେ ପରେ ଅଖିଳ ଭାରତୀୟ କଂଗ୍ରେସ କମିଟିକୁ ନିର୍ବାଚିତ ହେଲେ । ସେ ୧୯୩୮ ଡିସେମ୍ବର ମାସରେ ସତ୍ୟାଗ୍ରହ ପାଇଁ ଢେଙ୍କାନାଳ ଯାଉଥିବା ବେଳେ ବାଟରେ ଅନୁଗୁଳଠାରେ ଗିରଫ ହେଲେ ।

<u>ପାର୍ବତୀ ଓ ପ୍ରଭାବତୀ</u> :-ମାଳତୀ ଚୌଧୁରୀ ୧୯୩୭ ରେ ବରଗଡ଼ ଗସ୍ତ ସମୟରେ ସମଲାଇ ପଦର ନାମକ ଏକ ଛୋଟ ଗ୍ରାମକୁ ଯାଇଥିଲେ । ସେଠାରେ ଚାର ବର୍ଷର ଏକ ଛୋଟ ଝିଅ ପାର୍ବତୀ ତାଙ୍କ ପାଖକୁ ଆସି ଅଳିକଲା ଯେ ସେ ତାଙ୍କ ସହିତ ରହି କଂଗ୍ରେସର ସେବା କାମ କରିବ । ମାଳତୀ ଦେବୀ ତାକୁ ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବୁଝାଇଲେ ମଧ ସେ ମାନିଲା ନାହିଁ । ତାର ବାପା ଧନଞ୍ଜୟ ଗିରି ମଧ ଝିଅକୁ ଛାଡ଼ିଦେବା ପାଇଁ ଅଗତ୍ୟା ରାଜି ହେଲେ । ମାଳତୀ ଦେବୀ ଝିଅର ଭାର ଭାଗୀରଥୀ ପଟ୍ଟନାୟକ ଓ ଲାବଣ୍ୟବତୀଙ୍କ ହାତରେ ଅର୍ପଣ କଲେ ଏବଂ ତାକୁ ରମାଦେବୀଙ୍କର ବରୀ ଆଶ୍ରମରେ ପହଞ୍ଚାଇ ଦେବାକୁ କହିଲେ । ପଟ୍ଟନାୟକ ଦଂପତି ୧୯୩୭ ନଭେମ୍ବର ୧୭ ତାରିଖ ଦିନ ପାର୍ବତୀ ଗିରିଙ୍କୁ କଂଗ୍ରେସ ନୀତିରେ ଦୀକ୍ଷା ଦେଇ ତାଙ୍କୁ ଏକ ଖଦଡ଼ ଶାଢୀ ପିନ୍ଧିବାକୁ ଦେଲେ ।

କିଛି କାଳ ପୂର୍ବରୁ ମାଳତୀ ଦେବୀ ବରଗଡ଼ର ଏକ ସଭାରେ ଠିକ୍ ଏହିପରି ଏକ ଘଟଣାର ସମ୍ମୁଖୀନ ହୋଇଥିଲେ । ସେଠାରେ ବ୍ରାହ୍ମଣ ଜାତିର ଜଣେ ବିଧବା ବାଳିକା ପ୍ରଭାବତୀ ଦେବୀ ତାଙ୍କ ସହିତ ସବୁଦିନ ପାଇଁ ରହିବାକୁ ଜିଦ୍ କଲେ । ପ୍ରଭାବତୀ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଜାଣିବାକୁ ପାଇଲେ ଯେ ସେ ବିଧବା ହୋଇ ଯାଇଛନ୍ତି । ପିଲା ଦିନରୁ ପିତାମାତା ତାଙ୍କୁ ବିବାହ କରିଦେଇଥିଲେ ଏବଂ ସେ ପତିକୁ କେବେ ଦେଖିନଥିଲେ । ଏହାପରେ ତାଙ୍କୁ ବ୍ରାହ୍ମଣ ପରିବାରର ବୈଧବ୍ୟ କଟକଣାରେ ରହିବାକୁ ବାଧ୍ୟ କରାଗଲା । ମାଳତୀ ଦେବୀ ତାଙ୍କୁ ମଧ ବରୀ ଆଶ୍ରମରେ ପହଞ୍ଚାଇ ଦେବାକୁ

କହିଥିଲେ । ତେଣୁ ୧୯୩୮ ରେ ପ୍ରଭାବତୀ ଦେବୀ ଓ ପାର୍ବତୀ ଗିରି ରମାଦେବୀଙ୍କର ବରୀ ଆଶ୍ରମରେ ଏକତ୍ର ଅବସ୍ଥାନ କରି ସେବା କାମରେ ତାଲିମ ପାଇଲେ । ଆଗ୍ରହ ଓ ଆନ୍ତରିକତା ଥିବାରୁ ସେମାନେ ଅଳ୍ପଦିନ ମଧ୍ୟରେ ଅନେକ କଥା ଶିଖିଥିଲେ ।

<u>କଂଗ୍ରେସ ମନ୍ତ୍ରୀମଣ୍ଡଳର ଇସ୍ତଫା</u> :- ୧୯୩୯ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେଲା ଏବଂ ସାରା ପୃଥିବୀରେ ଭୟ ଓ ଆତଙ୍କ ଖେଳିଗଲା । ଇଂଲଣ୍ଡ ଯୁଦ୍ଧରେ ଯୋଗଦାନ କରିବା ସଙ୍ଗେ ସଙ୍ଗେ ଭାରତକୁ ମଧ୍ୟ ତହିଁରେ ଜଡ଼ିତ କରିଦେଲା । ଏଥିପାଇଁ ଇଂଲଣ୍ଡ ସରକାର ଜାତୀୟ କଂଗ୍ରେସର ନେତାମାନଙ୍କ ସହିତ ବା ପ୍ରାଦେଶିକ ସରକାରମାନଙ୍କ ସହିତ ପରାମର୍ଶ କଲେ ନାହିଁ । କଂଗ୍ରେସର ସ୍ୱାଭିମାନ ଓ ଜାତୀୟତାରେ ଏହା ଗଭୀର ଆଘାତ ଦେଲା । ଗାନ୍ଧିଜୀ ଏହାର ଦୃଢ଼ ପ୍ରତିବାଦ କରି ଭାରତ ଯୁଦ୍ଧରେ ଯୋଗଦେବା ପାଇଁ ଦୁଇଟି ସର୍ତ୍ତ ରଖିଲେ । ପ୍ରଥମ ସର୍ତ୍ତରେ ସେ ମଧ୍ୟବର୍ତ୍ତୀ କାଳୀନ ବ୍ୟବସ୍ଥା ସ୍ୱରୂପ ହଠାତ୍ ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠା ପାଇଁ ଦାବି କଲେ ଏବଂ ଦ୍ୱିତୀୟତଃ ଯୁଦ୍ଧ ପରେ ନୂତନ ସମ୍ବିଧାନ ପ୍ରଣୟନ ଓ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଚାହିଁଲେ । ଇଂରେଜ ସରକାର ଏପରି ଏକ ଦାବି ମାନିନେବା ପାଇଁ ପ୍ରସ୍ତୁତ ନଥିଲେ । ତେଣୁ ଗାନ୍ଧିଜୀ ସବୁ କଂଗ୍ରେସ ସଦସ୍ୟଙ୍କୁ ଇସ୍ତଫା ଦେଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ତଦନୁସାରେ ୧୯୩୯ ନଭେମ୍ବର ୪ ତାରିଖରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସ ତାଙ୍କର ଇସ୍ତଫା ପ୍ରଦାନ କଲେ ଏବଂ ଛୋଟ ଲାଟ ସାର୍ ଜନ୍ ଅଷ୍ଟିନ୍ ହବାକ୍ ୧୯୩୫ ଭାରତ ଆଇନର ୯୩ ଧାରା ଅନୁଯାୟୀ ଓଡ଼ିଶାର ଶାସନ ଦାୟିତ୍ୱ ବହନ କଲେ । ଏହା ପରେ ଓଡ଼ିଶା କଂଗ୍ରେସ ଏକ ବଡ଼ ଧରଣର ବିପ୍ଳବ ପାଇଁ ପ୍ରସ୍ତୁତ ହୋଇ ରହିଲା । ବୋଧରାମ ଦୁବେ ସମ୍ବଲପୁର ଫେରି ଆସି ଅନ୍ୟ ନେତା ମାନଙ୍କ ସହିତ ମିଶି ପଶ୍ଚିମାଞ୍ଚଳରେ ଏକ ଜନଜାଗରଣ ପାଇଁ ଲାଗି ପଡ଼ିଲେ । ଏହି ସମୟରେ ନାରୀ ଜାଗରଣ ପାଇଁ ନାରୀ କର୍ମୀଙ୍କର ଅଭାବ ଉପଲବ୍ଧି କରି ପ୍ରଭାବତୀ ଓ ପାର୍ବତୀଙ୍କୁ ବରୀ ଆଶ୍ରମରୁ ଫେରାଇ ଅଣାଗଲା ।

<u>ଦ୍ୱିତୀୟ ବ୍ୟକ୍ତିଗତ ଆନ୍ଦୋଳନ</u> :-ଗାନ୍ଧିଜୀ ୧୯୪୦ ଅକ୍ଟୋବର ୧୭ ତାରିଖରେ ପୁଣି ଏକ ବ୍ୟକ୍ତିଗତ ଆନ୍ଦୋଳନ ଆରମ୍ଭ କଲେ । ସରକାରଙ୍କୁ ଆନ୍ଦୋଳନରେ ଯୋଗଦାନର ନୋଟିସ ଦେଇ ଏବଂ ଯୁଦ୍ଧ ବିରୋଧୀ ଧ୍ୱନି ମାନ ଦେଇ କାରାବରଣ କରିବା ସକାଶେ ସେ ସତ୍ୟାଗ୍ରହୀମାନଙ୍କୁ ଆହ୍ୱାନ ଦେଲେ । ଏଥିପାଇଁ ଗାନ୍ଧିଜୀ ସର୍ବପ୍ରଥମେ ବିନୋବା ଭାବେଙ୍କୁ ମନୋନୀତ କଲେ । ବିନୋବା ସେସମୟରେ ଏତେ ଜଣାଶୁଣା ନଥିଲେ ମଧ୍ୟ ତାଙ୍କ ଧର୍ମପ୍ରାଣତା ଓ ଆନ୍ତରିକତା ପାଇଁ ଗାନ୍ଧିଜୀ ତାଙ୍କୁ ଭଲ ପାଉଥିଲେ । ସେ ସରକାରଙ୍କୁ ନୋଟିସ ଦେଇ ଚାରିଦିନ ପ୍ରଚାର କଲା ପରେ ଗିରଫ ହେଲେ । ତାଙ୍କ ପରେ ଜବାହାରଲାଲଙ୍କ ପାଳି ପଡ଼ିଲା ଏବଂ ସେ ପ୍ରଚାର ପୂର୍ବରୁ ଗିରଫ ହେଲେ ।





କ୍ରମେ ଗାନ୍ଧିଜୀଙ୍କ ଦ୍ୱାରା ମନୋନୀତ ହୋଇ ଶହଶହ ନେତା ଜେଲ ବରଣ କଲେ । ଓଡ଼ିଶାରେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହେଲା ୧୯୪୦ ଡିସେମ୍ବର ୧ ତାରିଖରେ ଏବଂ ପ୍ରଥମ ସତ୍ୟାଗ୍ରହୀ ଥିଲେ ହରେକୃଷ୍ଣ ମହତାବ । ସମ୍ବଲପୁରର ପ୍ରଥମ ସତ୍ୟାଗ୍ରହୀ ବୋଧରାମ ଦୁବେ ଡିସେମ୍ବର ୨ ତାରିଖରେ ତାଙ୍କର ନନ୍ଦପଡ଼ା ବାସଭବନରୁ ବୃଦ୍ଧା ମାତାଙ୍କ ଠାରୁ ଆଶୀର୍ବାଦ ନେଇ ବାହାରିଲେ । ବାହାରେ ଏସ.ଡି.ଓ. ସାହେବ ତାଙ୍କୁ ଗିରଫ କରିବା ପାଇଁ ଅପେକ୍ଷା କରି ରହିଥିଲେ । ବରଗଡ଼ରେ ଆନ୍ଦୋଳନ ଆରମ୍ଭ ହୋଇଥିଲା ୩ ତାରିଖରେ । ସେହି ସମୟରୁ ଅଗଣିତ ସତ୍ୟାଗ୍ରହୀ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ଧ୍ୱନୀ ଦେଇ ଜେଲ ବରଣ କଲେ । କ୍ରମେ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାକୁ ଲାଗିଲା । ପ୍ରଥମେ ସରକାର ଗାନ୍ଧିଜୀଙ୍କ ଏହି ଆନ୍ଦୋଳନ ପ୍ରତି ବିଦ୍ରୁପ କରୁଥିଲେ । ମାତ୍ର ଯେତେବେଳେ ଆନ୍ଦୋଳନ ତୀବ୍ର ଆକାର ଧାରଣ କଲା, ଆନ୍ତର୍ଜାତୀୟ ସମାଲୋଚନାକୁ ଏଡି ଦେବା ପାଇଁ ସରକାର କେତେକ ଆଖିବୁଜିଆ ପଦକ୍ଷେପ ନେବା ପାଇଁ ବାଧ ହେଲେ । ଫଳରେ ଶାସନ ପରିଷଦରେ ଭାରତୀୟ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରାଗଲା ଏବଂ ଆଇନ ଅମାନ୍ୟ ଆନ୍ଦୋଳନରେ ଗିରଫ ହୋଇଥିବା ସବୁ ରାଜନୈତିକ ବନ୍ଦୀଙ୍କୁ ଜେଲରୁ ମୁକ୍ତ କରାଗଲା । ଏହାର ପ୍ରଭାବ କଂଗ୍ରେସ ଉପରେ ପଡ଼ିଲା ଏବଂ କେତେକ ନେତା ଆନ୍ଦୋଳନକୁ ସ୍ଥଗିତ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ୧୯୪୧ ଡିସେମ୍ବର ୭ ତାରିଖରେ ଜାପାନ ପାର୍ଲହାରବର୍ ଉପରେ ଅତାନକ ଆକ୍ରମଣ କରି ନାଟକୀୟ ଭାବରେ ଯୁଦ୍ଧରେ ଯୋଗଦାନ କଲା, ଏବଂ ଇଣ୍ଡୋଚୀନ୍, ଇଣ୍ଡୋନେସିଆ, ମାଳୟ ପ୍ରଭୃତି ଅଧିକାର କରିନେଲା । ଭାରତ ଉପରେ ଜାପାନର ଆକ୍ରମଣ ଆଶଙ୍କା ଘନୀଭୂତ ହେଲା । ଏହି ପରିସ୍ଥିତିରେ ଗାନ୍ଧିଜୀ ୧୯୪୧ ଡିସେମ୍ବର ୩୧ ରେ ସତ୍ୟାଗ୍ରହ ଆନ୍ଦୋଳନରୁ ଓହରି ଆସିଲେ ।

<u>ସ୍ୱରାଜ ଦଳ</u> :- ଇତି ମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସରେ ନୀଳକଣ୍ଠ ଗୋଷ୍ଠୀ ଉପଲବ୍ଧି କଲେ ଯେ ମହତାବ ଗୋଷ୍ଠୀ ସହ ସେମାନଙ୍କ ବୁଝାମଣାର କୌଣସି ଆଶା ନାହିଁ । ତେଣୁ ସେମାନେ କଂଗ୍ରେସରୁ ଅଲଗା ହୋଇଗଲେ ଏବଂ ସ୍ୱରାଜ ଦଳ ନାମରେ ଏକ ନୂତନ ଦଳ ଗଠନ କଲେ । ଏହି ଦଳରେ ଗୋଦାବରୀଶ ମିଶ୍ର ସଭାପତି ଓ ଦିବାକର ପଟ୍ଟନାୟକ ସଂପାଦକ ହୋଇ ରହିଲେ । ନୀଳକଣ୍ଠ ଥିଲେ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ । ଏମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଯାଇ ସଭ୍ୟ ସଂଗ୍ରହ କରୁଥିଲେ । ଗୋଦାବରୀଶ ମିଶ୍ର ବରଗଡ଼ ଆସି ଫକୀର ବେହେରା ଓ ବିଶି ବିଭାରଙ୍କୁ ଏଥିପାଇଁ ପ୍ରଲୋଭିତ କରୁଥିଲେ ବୋଲି ଭରତ ଚନ୍ଦ୍ର ନାୟକ ତାଙ୍କ ଆତ୍ମ ଜୀବନୀରେ ଉଲ୍ଲେଖ କରିଛନ୍ତି । (ମୋ ପୂର୍ବ ସ୍ମୃତି କଥା - ପୃଷ୍ଠା ୩୦୨) ଏଥିରେ ସେମାନେ ବିଫଳ ହେଲେ ମଧ୍ୟ ଏଅଞ୍ଚଳର କେତେକ କଂଗ୍ରେସ କର୍ମୀ ସ୍ୱରାଜ ଦଳରେ ଯୋଗଦେଇଥିଲେ ବୋଲି ଜଣାଯାଏ । ସ୍ୱରାଜ ଦଳ

ସରକାରଙ୍କ ଯୁଦ୍ଧ ନୀତିର ସମର୍ଥନ କରି କଂଗ୍ରେସକୁ ସମାଲୋଚନା କରୁଥିଲେ ।
ସରକାରଙ୍କ ଯୁଦ୍ଧ ନୀତିର ସମର୍ଥନ କରି କଂଗ୍ରେସକୁ ସମାଲୋଚନା କରୁଥିଲେ । ଭାରତୀୟ

<u>କ୍ରିପ୍‌ସ ମିଶନ</u> :- ଏହି ସମୟରେ ମିତ୍ରଶକ୍ତି ରାଜ୍ୟମାନେ ଭାରତୀୟ ନେତାମାନଙ୍କର ଦାବି ମାନିନେବା ପାଇଁ ଇଂଲଣ୍ଡ ଉପରେ ପ୍ରବଳ ଚାପ ଦେଉଥିଲେ । ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ତାଙ୍କ ମନ୍ତ୍ରୀମଣ୍ଡଳର ଅନ୍ୟତମ ସଦସ୍ୟ ସାର ଷ୍ଟାଫୋର୍ଡ୍ କ୍ରିପ୍‌ସଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇ ଭାରତୀୟ ମାନଙ୍କ ସହିତ ଆଲୋଚନା କରିବା ସକାଶେ ପଠାଇଲେ । ଏହା କ୍ରିପ୍‌ସ ମିଶନ ନାମରେ ପ୍ରଖ୍ୟାତ ।

କ୍ରିପ୍‌ସ ୧୯୪୨ ମାର୍ଚ୍ଚ ୨୨ ତାରିଖରେ ଦିଲ୍ଲୀ ପହଞ୍ଚି ବଡ଼ଲାଟଙ୍କ ସହିତ କଥାବାର୍ତ୍ତା ଆରମ୍ଭ କଲେ । ଏହି ସମୟରେ ଶ୍ରୀ ଅରବିନ୍ଦ ପଣ୍ଡିଚେରୀ ଆଶ୍ରମରେ ଏକାନ୍ତବାସରେ ଥିଲେ ମଧ୍ୟ ଭାରତକୁ ଏକ ସ୍ୱତନ୍ତ୍ର ଦୂତ ପଠାଇ କ୍ରିପ୍‌ସଙ୍କ ପ୍ରସ୍ତାବ ମାନିନେବା ପାଇଁ ନେତାମାନଙ୍କୁ ଅନୁରୋଧ କରିଥିଲେ । ମାତ୍ର କଂଗ୍ରେସର ନେତାମାନେ ଆଲୋଚନା ଓ ଅନୁଧ୍ୟାନ ପରେ କ୍ରିପ୍‌ସ ମିଶନ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ମନେ କଲେ । କ୍ରିପ୍‌ସ ମିସନ ଚର୍ଚ୍ଚିଲଙ୍କ ଚାଲବାଜି ବୋଲି ଗାନ୍ଧିଜୀ ଉପଲବ୍ଧି କଲେ ।

<u>ଭାରତ ଛାଡ଼ ଆନ୍ଦୋଳନ</u> :- କ୍ରିପ୍‌ସ ମିଶନ ବିଫଳ ହେବା ପରେ କଂଗ୍ରେସ ନେତାମାନେ ଅସ୍ଥିର ହୋଇ ଉଠୁଥିଲେ । ଭାରତର ପୂର୍ଣ୍ଣ ସ୍ୱାଧୀନତା ପାଇଁ ଇଂରେଜ ସରକାରଙ୍କ ଉପରେ ଚାପ ପକାଇବା ଏହାହିଁ ପ୍ରକୃଷ୍ଟ ସମୟ ବୋଲି ଗାନ୍ଧିଜୀ ଭାବି ନେଲେ । ଏହି ପରିପ୍ରେକ୍ଷୀରେ ସେ ୧୯୪୨ ଅଗଷ୍ଟ ମାସରେ ତାଙ୍କର ସବୁଠାରୁ ଭୟାବହ ଆନ୍ଦୋଳନ ଆରମ୍ଭ କଲେ । ଏହା ଅଗଷ୍ଟ ବିପ୍ଳବ ବା ଭାରତଛାଡ଼ ଆନ୍ଦୋଳନ ନାମରେ ଅଭିହିତ ହୋଇଥାଏ । ଗାନ୍ଧିଜୀଙ୍କ ପ୍ରସ୍ତାବ ୧୯୪୨ ଜୁଲାଇ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟୀରେ ଏବଂ ଅଗଷ୍ଟ ୮ ତାରିଖରେ ମୁମ୍ବାଇ(ବମ୍ବେ)ଠାରେ କଂଗ୍ରେସର ସାଧାରଣ ଅଧିବେଶନରେ ଉତ୍ସାହ ଓ ଉନ୍ମାଦନାର ସହିତ ଗୃହୀତ ହେଲା । ଭାରତ ପୁଣିଥରେ ଏକ ଭୟାଭହ ବିପ୍ଳବରେ ଝାସ ଦେଲା । ଏଥିପାଇଁ ସମ୍ବଲପୁର ଆଗରୁ ପ୍ରସ୍ତୁତ ହୋଇ ରହିଥିଲା । ସମ୍ବଲପୁରର ବିଶିଷ୍ଟ ନେତା ଲକ୍ଷ୍ମୀନାରାୟଣ ମିଶ୍ର ଓ ପ୍ରହଲ୍ଲାଦ ରାୟ ଲାଠ ଐତିହାସିକ ବମ୍ବେ ଅଧିବେଶନରେ ଯୋଗଦେଇଥିଲେ । ଗାନ୍ଧିଜୀ ଅଳ୍ପ କିଛି ଦିନର ପ୍ରସ୍ତୁତି ପରେ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଯୋଜନା କରିଥିଲେ । କିନ୍ତୁ ତା ପୂର୍ବରୁ ସରକାର କଂଗ୍ରେସର ସବୁ ବଡ଼ ବଡ଼ ନେତାଙ୍କୁ ଗିରଫ କରିନେଲେ ଏବଂ କଂଗ୍ରେସ ଅନୁଷ୍ଠାନକୁ ବେଆଇନ୍ ଘୋଷଣା କରାଗଲା । ସରକାର ଆଶା କଲେ ଯେ ଏହାଦ୍ୱାରା କଂଗ୍ରେସ କର୍ମୀମାନେ ନେତୃତ୍ୱ ବିହୀନ ହୋଇ ପଡ଼ିବେ ଏବଂ ଆନ୍ଦୋଳନ ଦବିଯିବ । ଲକ୍ଷ୍ମୀନାରାୟଣ ମିଶ୍ର ବମ୍ବେରେ କଂଗ୍ରେସ ଅଧିବେଶନରେ ଯୋଗଦାନ କରି ସମ୍ବଲପୁର ଫେରିବା ବାଟରେ ପୋଲିସ ତାଙ୍କୁ ଗିରଫ କରିବା ପାଇଁ ଝାରସୁଗୁଡ଼ାରେ ଅପେକ୍ଷା କରି





ରହିଥିଲା । ବୋଧରାମ ଦୁବେ, ପ୍ରହଲ୍ଲାଦ ରାୟ ଲାଠ୍ ପ୍ରମୁଖ ସମ୍ବଲପୁରର ଅନେକ ନେତାଙ୍କୁ ସେମାନଙ୍କ ବାସଭବନରୁ ଗିରଫ କରି ନିଆଗଲା । ସମ୍ବଲପୁରର ଡେପୁଟୀ କମିଶନର ନିଜେ ହରିଜନ ଛାତ୍ରାବାସକୁ ଯାଇ ବିଶିଷ୍ଟ କଂଗ୍ରେସ ନେତା ଛାତ୍ରାବାସର ପରିଚାଳକ ନୃସିଂହ ଗୁରୁଙ୍କୁ ଗିରଫ କଲେ । ନୃସିଂହ ଗୁରୁ ୧୯୪୨ ର ବ୍ୟକ୍ତିଗତ ସତ୍ୟାଗ୍ରହରେ ଅଂଶଗ୍ରହଣ ନକରି ହରିଜନ ସେବାରେ ବ୍ରତୀ ରହିଥିଲେ । ଏଥର ତାଙ୍କୁ ଭାରତ ରକ୍ଷା ଆଇନ ବଳରେ ଗିରଫ କରାଗଲା । ତାଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହୋଇ ପାରିଲା ନାହିଁ; ତଥାପି ତାଙ୍କୁ ସମ୍ବଲପୁର ଜେଲରେ ପ୍ରାୟ ଦୁଇବର୍ଷ ଅଟକ ବନ୍ଦୀ ରୂପେ ରଖାଗଲା । ଭାରତ ଛାଡ଼ ଆନ୍ଦୋଳନର ଅବ୍ୟବହିତ ପୂର୍ବରୁ ପଞ୍ଚପଡ଼ାର ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ପୂଜାରୀଙ୍କର ୧୯୪୨ ଜୁନ୍ ୩ ତାରିଖରେ ଦେହାନ୍ତ ହୋଇଯାଇଥିଲା । ସେ ଲବଣ ସତ୍ୟାଗ୍ରହ ସମୟରୁ ଅସୁସ୍ଥ ହୋଇ ପଡ଼ିଥିଲେ । ତଥାପି ଦୁର୍ବଳ ସ୍ୱାସ୍ଥ୍ୟ ସତ୍ତ୍ୱେ ସେ ଯଥାଶକ୍ତି ଆନ୍ଦୋଳନ ମାନଙ୍କରେ ଯୋଗଦାନ କରୁଥିଲେ । ୧୯୪୨ ଆନ୍ଦୋଳନ ସମୟର ତାଙ୍କ ପଞ୍ଚପଡ଼ା ବାସଭବନ କଂଗ୍ରେସ କର୍ମୀମାନଙ୍କ ପାଇଁ ଏକ କେନ୍ଦ୍ରସ୍ଥଳୀ ଥିଲା । ଆନ୍ଦୋଳନର ଏକ ସଙ୍କଟସନ୍ଧି ମୁହୂର୍ତ୍ତରେ ସେ ଚାଲିଗଲେ । ତାଙ୍କର ମୃତ୍ୟୁ ସମ୍ବଲପୁରର କଂଗ୍ରେସ ନେତାମାନଙ୍କ ପାଇଁ ଏକ ଦାରୁଣ ଆଘାତ ଥିଲା । ସରକାରଙ୍କ ଅଯଥା ଗିରଫଦାରୀ ମନୋବୃତ୍ତି ଯୋଗୁଁ ଆନ୍ଦୋଳନ ପୁରପଲ୍ଲୀକୁ ସଂକ୍ରମିତ ହୋଇ ବ୍ୟାପକ ଓ ଭୟଙ୍କର ହୋଇଉଠିଲା । ସଂଗ୍ରାମୀମାନେ ଲୁଚିଛପି ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିଲେ । ସେମାନେ ଅନେକ ସରକାରୀ ଘର ପୋଡ଼ି ଦେଲେ, ରାସ୍ତାର ପୋଲଗୁଡ଼ିକ ଭାଙ୍ଗି ଦେଲେ ଏବଂ ସରକାରୀ ସଂପତ୍ତି ଓ ସରକାରୀ ଦଲିଲ ପତ୍ର ନଷ୍ଟ କରିଦେଲେ । ଝାରସୁଗୁଡ଼ାର ବିଜୟ ପାଣିଙ୍କ ନେତୃତ୍ୱରେ ଦଳେ କଂଗ୍ରେସ କର୍ମୀ ବିମାନ ଘାଟୀରେ ନିଆଁ ଲଗାଇ ଦେଇଥିଲେ ବୋଲି କୁହାଯାଏ । ଏହି ସମୟରେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ହିଂସାକାଣ୍ଡ ଘଟି ଯାଇଥିଲା । ସେ ସବୁ ଏବେ ବି ଲୋକଶ୍ରୁତିରେ ରହିଯାଇଅଛି । ସରକାର ମଧ୍ୟ ତାଙ୍କର ଦମନ ଲୀଳା ପୁରା ଦମରେ ଚଳାଇ ଶହଶହ ଲୋକଙ୍କୁ ଗିରଫ କରି ନେଲେ । ଏ ଅଞ୍ଚଳର ଅନ୍ୟତମ ନେତା ଭାଗୀରଥୀ ପ୍ରାଦେଶିକ ନେତାମାନଙ୍କ ସହ ପରାମର୍ଶ କରିବା ପାଇଁ ସୋନପୁର - ବଉଦ ବାଟେ ଲୁଚିଛପି କଟକ ଗଲେ । ସେଠାରୁ ଫେରିବା ପରେ ପରେ ସେ ଜଣେ ନିଜ ଲୋକର ଭୁଲ ଯୋଗୁଁ ଧରାପଡ଼ି ଅଗଷ୍ଟ ୨୫ ରେ ଜେଲ ଗଲେ । ସେହିପରି ଝାରସୁଗୁଡ଼ାର ଭାନୁଶଙ୍କର ଯୋଶୀ ମଧ୍ୟ ଅନେକ ଦିନ ଲୁଚି ରହିବା ପରେ ପୋଲିସ ହାତରେ ଧରା ପଡ଼ିଲେ । ଏହି ଅଞ୍ଚଳର ଏତେ ସଂଖ୍ୟକ କଂଗ୍ରେସ ସଦସ୍ୟ ଗିରଫ ହୋଇ ଜେଲ ଯାଇଥିଲେ ଯେ ସେମାନଙ୍କ ବିଷୟ ଏଠାରେ ଉଲ୍ଲେଖ କରିବା ଆଦୌ ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ ଏକ ଛୋଟ ଗାଁ ଡେମଣ୍ଡାରୁ ଜେଲ ଯାଇଥିଲେ ମଙ୍ଗଳୁ ପ୍ରଧାନ, ଯୋଗିନ୍ଦ୍ର ଦୋରା, ମହେଶ୍ୱର ନାୟକ,

ଲକ୍ଷ୍ମଣଲାଲ ଜୟସ୍ୱାଲ, ରାମଚରିତ ଜୟସ୍ୱାଲ, ରାମଚନ୍ଦ୍ର ନନ୍ଦ, ଭୀମସେନ ମେହେର, ବାବାଜୀ ମେହେର ଭୀମସେନ ସାହୁ, ଅନିରୁଦ୍ଧ ସାହୁ ଇତ୍ୟାଦି । ଏହିପରି ଅନେକ ଗ୍ରାମର ଉଦାହରଣ ରହିଛି । ଏହି ସମୟରେ ବରଗଡ଼ର ସୋହେଲା ନିକଟସ୍ଥ ଏକ ଛୋଟିଆ ଗ୍ରାମ ପାଣିମୋରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ୧୯୩୮ ରେ ଏହି ଗ୍ରାମର ଦଳେ ଉତ୍ସାହୀ ଯୁବକ ବରଗଡ଼ ବାଲିଟିକିରାରେ ଫକୀର ବେହେରାଙ୍କ ଘରେ ଏକ କଂଗ୍ରେସ ସମାବେଶରେ ଯୋଗ ଦେଇଥିଲେ । ସେମାନେ ସେଠାରୁ ନୂତନ ପ୍ରେରଣାରେ ଉଦବୁଦ୍ଧ ହୋଇ ଗାଁକୁ ଫେରିବା ପରେ ଏକ କଂଗ୍ରେସ କମିଟୀ ଗଠନ କଲେ । ସେହି ଦିନରୁ ସମସ୍ତେ କଂଗ୍ରେସର ନୀତି ମାନି ଚଳିବାକୁ ବାଧ ହେଲେ । ମଦ ନିଶା ଗାଁକୁ ପଶି ପାରିଲା ନାହିଁ । ନିଶା ସେବନ କରୁଥିବା ବ୍ୟକ୍ତି ଅଳ୍ପଦିନ ମଧ୍ୟରେ ନିଶା ଛାଡ଼ିବାକୁ ବାଧ ହେଲେ । ଗାଁର ସମସ୍ତେ ଏକ ପରିବାରରେ ଅନ୍ତର୍ଭୁକ୍ତ ହେଲେ । ସବର୍ଣ୍ଣ ଅସବର୍ଣ୍ଣ ବୋଲି କିଛି ରହିଲା ନାହିଁ । ସମସ୍ତେ ସୂତା କାଟିଲେ ଓ ଖଦୀ ପିନ୍ଧିଲେ । ଲକ୍ଷ୍ମୀନାରାୟଣ ମିଶ୍ର, ଭାଗୀରଥୀ ପଟ୍ଟନାୟକ, ନୃସିଂହ ଗୁରୁ , ଦୟାନନ୍ଦ ଶତପଥୀ, ପ୍ରହଲ୍ଲାଦ ରାୟ ଲାଠ ଓ ଫକୀର ବେହେରା ପ୍ରମୁଖ ନେତା ବାରମ୍ବାର ପାଣିମୋରା ଆସୁଥିଲେ । ପ୍ରାଦେଶିକ ସ୍ତରର ଅନେକ ନେତା ମଧ ଯଥା -ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ, ଆଚାର୍ଯ୍ୟ ହରିହର, ମାଳତୀ ଚୌଧୁରୀ ଆଦି ପାଣିମୋରା ଗସ୍ତରେ ଆସୁଥିଲେ । ବ୍ୟକ୍ତିଗତ ଆନ୍ଦୋଳନ ସମୟରେ ପାଣିମୋରାର ନଅଜଣ କଂଗ୍ରେସ କର୍ମୀଙ୍କୁ ସତ୍ୟାଗ୍ରହ ପାଇଁ ବଛା ଯାଇଥିଲା ଏବଂ ସେମାନେ ସମସ୍ତେ ଜେଲ ଗଲେ । ୧୯୪୨ ର ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବା ପାଇଁ ଗ୍ରାମବାସୀ ୪୨ ଜଣଙ୍କୁ ପଠାଇଲେ ଏବଂ ସେମାନଙ୍କ ମଧ୍ୟରୁ ୩୨ ଜଣ ଜେଲ ଗଲେ । ୧୯୪୭ ଅଗଷ୍ଟ ୧୫ ଭାରତ ସ୍ୱାଧୀନତା ଦିବସରେ ପାଣିମୋରାର ଜଗନ୍ନାଥ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇ ଠାକୁରମାନଙ୍କ ଉପାସନା ପାଇଁ ସେମାନଙ୍କୁ ସୁଯୋଗ ଦିଆଗଲା । ଏହାଫଳରେ ଗାଁର ଗୌନ୍ତିଆ ଚିରଦିନ ପାଇଁ ଗାଁ ଛାଡ଼ି ନିକଟସ୍ଥ ଜନାପାଲିରେ ଶେଷ ଜୀବନ କଟାଇଲେ । ପାଣିମୋରା ଆଜି ବି ଏକ ଆଦର୍ଶ ଗାନ୍ଧିବାଦୀ ଗାଁ ହୋଇ ରହିଛି । ଏମିତି ଏକ ଗାଁ ସାରା ଭାରତର ଅନ୍ୟତ୍ର ଥିବ କି ନା ସନ୍ଦେହ ।

ପାଣିମୋରାର ପଡୋଶୀ ଗାଁ ସମଲାଇ ପଦରର ବାଳିକା-ସଂଗ୍ରାମୀ ପାର୍ବତୀ ଗିରି ବରୀ ଆଶ୍ରମରୁ ଫେରି ଭାରତ ଛାଡ଼ ଆନ୍ଦୋଳନ ସମୟରେ ଗାଁରେ ଥିଲେ । ସେତେବେଳେ ତାଙ୍କୁ ମାତ୍ର ୧୬ ବର୍ଷ । ଆନ୍ଦୋଳନ ଅଭିଯୋଗରେ ପୋଲିସ ପାର୍ବତୀଙ୍କର ସହକର୍ମୀ ଓ ଆତ୍ମୀୟମାନଙ୍କୁ ଗିରଫ କରିନେଲେ, ସେମାନଙ୍କ ମଧ୍ୟରେ ଥିଲେ ରାମଚନ୍ଦ୍ର ପୁରୀ, ଉଜ୍ଜ୍ୱଳ ପୁରୀ, ଦ୍ୱିତୀୟା ଗିରି, ମଙ୍ଗଳା ଗିରି, ତୁଳସୀ ଗିରି ଓ ଦ୍ୱାଦଶୀ ରଣା । ମାତ୍ର ଷୋଡ଼ଶ ବର୍ଷ ବୟସ୍କା ସେହି ବାଳିକାକୁ ସ୍ପର୍ଶ କରିବା ପାଇଁ ପୋଲିସର ସାହସ ହେଲା ନାହିଁ । ତା' ପରଦିନ ପାର୍ବତୀ ତ୍ରିରଙ୍ଗା ପତାକା ଧରି ଚାଲିଲେ ବରଗଡ । ସେ





ଏସ :ଡ଼ି :ଓ :ଙ୍କ କୋର୍ଟ ଭିତରେ ପଶି ମାଜିଷ୍ଟ୍ରେଟ ଚଉକି ଅଧିକାର କଲେ । ଏସ :ଡ଼ି :ଓ :ତାଙ୍କୁ ବାହାରକୁ ଆଣି ଗାଡ଼ିରେ ପଠାଇ ଦେଲେ ସମଲାଇପଦର । ତା'ପରଦିନ ସେ ପୁଣି ଆସି କଂଗ୍ରେସ ସ୍ଲୋଗାନ୍ ଦେଇ ଚାଲିଲେ । ତାଙ୍କୁ ଅଗତ୍ୟା ପଠାଇ ଦିଆଗଲା ସମ୍ବଲପୁର ଜେଲକୁ । ଆଗରୁ ପ୍ରଭାବତୀ ଦେବୀଙ୍କୁ ଗିରଫକରି ସମ୍ବଲପୁର ଜେଲରେ ରଖାଯାଇଥିଲା । ତେଣୁ ଉଭୟେ ପୁଣିଥରେ ଏକତ୍ରିତ ହେଲେ ଜେଲରେ । ବର୍ଷକ ପରେ ପ୍ରଭାବତୀଙ୍କୁ କଟକ ଜେଲକୁ ସ୍ଥାନାନ୍ତରିତ କରାଗଲା ଏବଂ ପାର୍ବତୀଙ୍କୁ ଖଲାସ୍ କରି ଦିଆଗଲା । ସ୍ୱାଧୀନତା ପରେ ସମ୍ବଲପୁରର ଉଭୟ ନାରୀ ନେତ୍ରୀ ଆଜୀବନ ସେବାବ୍ରତ ଗ୍ରହଣ କଲେ । ପାର୍ବତୀ ଗିରି ପାଇକମାଳରେ ନୃସିଂହ ମନ୍ଦିର ନିକଟରେ 'କସ୍ତୁରବା ମାତୃ ନିକେତନ'ର ପ୍ରତିଷ୍ଠା କଲେ । ପ୍ରଭାବତୀ ସମ୍ବଲପୁର ନିକଟ ବରଗାଁ ଠାରେ "ମାତୃମଙ୍ଗଳ କେନ୍ଦ୍ର" ଓ "ରୁକ୍ମିଣୀ ଲାଠ ବାଳ ନିକେତନ"ସ୍ଥାପନ କଲେ । ଆନ୍ଦୋଳନ ସମୟରେ ସଂଗ୍ରାମୀର ଭୂମିକା ଓ ଶାନ୍ତି ସମୟରେ ମାଆର ଭୂମିକା ଗ୍ରହଣ କରି ଉଭୟେ ଆଜି ସମ୍ବଲପୁର ଇତିହାସରେ ସ୍ମରଣୀୟା ହୋଇ ରହିଛନ୍ତି ।

ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ସମ୍ବଲପୁର ଛାତ୍ରମାନଙ୍କର ଭୂମିକା ଉଲ୍ଲେଖନୀୟ ଥିଲା । ୧୯୨୧ର ଅସହଯୋଗ ଆନ୍ଦୋଳନ ବସ୍ତୁତଃ ଜିଲ୍ଲା ସ୍କୁଲ ଛାତ୍ରଙ୍କ ଦ୍ୱାରା ପରିଚାଳିତ ଥିଲା । ମାତ୍ର ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ବରଗଡ଼ ଜର୍ଜ ହାଇସ୍କୁଲର ଛାତ୍ରମାନେ ଅଗ୍ରଣୀ ଥିଲେ । ଏହି ସ୍କୁଲର ଛାତ୍ରନେତା ଗଣନାଥ ପ୍ରଧାନଙ୍କ ସଂଗଠନ ଓ ନେତୃତ୍ୱ ବଳିଷ୍ଠ ଓ ଶକ୍ତିଶାଳୀ ଥିଲା ଏବଂ ସବୁ ଶ୍ରେଣୀର ଛାତ୍ରଙ୍କ ଦୃଢ଼ ସମର୍ଥନ ସେ ପାଇପାରିଥିଲେ । ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେଉଥିବା ସୂଚନା ପାଇ ବରଗଡ଼ର ଏସ.ଡି.ଓ.ସୂର୍ଯ୍ୟଜ୍ୟୋତି ମଜୁମଦାର ଅଚାନକ ହାଇସ୍କୁଲ ପରିଦର୍ଶନରେ ଯାଇ ଗଣନାଥଙ୍କୁ ଭେଟିବା ପାଇଁ ଉଦ୍ୟମ କଲେ । ଗଣନାଥ ସାହେବଙ୍କୁ ସାକ୍ଷାତ କରିବା ପାଇଁ ଏଡଓ୍ୱାର୍ଡ଼ ମେମୋରିଆଲ ହଷ୍ଟେଲରୁ ବାହାରି ଆସିଲେ । ସେଦିନ ସ୍କୁଲ ପ୍ରାଙ୍ଗଣରେ ଉଭୟଙ୍କ ମଧ୍ୟରେ ନାଟକୀୟ ସାକ୍ଷାତ ଛାତ୍ର ଓ ଜନତାଙ୍କ ପାଇଁ ଉପଭୋଗ୍ୟ ଥିଲା । ଗଣନାଥ ଉତକ୍ଷିପ୍ତ ଓ ଉତ୍ତେଜିତ ଥିବାବେଳେ ଏସ.ଡି.ଓ. ଧୀର ଓ ଗମ୍ଭୀର ଥିଲେ । ସେ ତାଙ୍କୁ ବୁଝାଉଥିଲେ ଛାତ୍ରର ପବିତ୍ର କର୍ତ୍ତବ୍ୟ । ଗଣନାଥ ତାଙ୍କୁ କହୁଥିଲେ ଇଂରେଜ ସରକାରଙ୍କ ଗୋଲାମଗିରିରୁ ଇସ୍ତଫା ଦେଇ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ । ଗଣନାଥଙ୍କର ସେଦିନର ଭୂମିକା ତାଙ୍କୁ ବରଗଡ଼ ଅଞ୍ଚଳରେ ଲୋକପ୍ରିୟ କରିଦେଲା । ଅନେକ ବର୍ଷ ପରେ ସେ ଯେତେବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରୁ ଲୋକ ସଭା ପାଇଁ ସମାଜବାଦୀ ପାର୍ଟିରେ ପ୍ରାର୍ଥୀ ହେଲେ । ଏହି ଘଟଣା, ଏହି ଲୋକପ୍ରିୟତା, ତାଙ୍କୁ ଜୟଯୁକ୍ତ ହେବା ପାଇଁ ସହାୟକ ହେଲା । ଅନ୍ୟ ପକ୍ଷରେ ଏସ.ଡି.ଓ. ସୂର୍ଯ୍ୟଜ୍ୟୋତି ସେଦିନ ଗଣନାଥଙ୍କ ବିରୁଦ୍ଧରେ ହଠାତ୍ ପଦକ୍ଷେପ ନନେଇ ଦୂରଦର୍ଶୀତାର ପରିଚୟ

ଦେଲେ । ତାଙ୍କୁ ଗିରଫ କରିଥିଲେ ଘଟଣା ହୁଏତ ଭିନ୍ନରୂପ ନେଇଥାନ୍ତା । ସୂର୍ଯ୍ୟଜ୍ୟୋତି ଛାତ୍ର ପ୍ରିୟ ଥିଲେ । ବରଗଡ଼ର ଗୀତା ହଷ୍ଟେଲ ଏବଂ ଜର୍ଜ ହାଇସ୍କୁଲ ସମ୍ମୁଖରେ ଗୀତା ଭବନ ଟାଉନହଲ୍ ତାଙ୍କର ଅବଦାନ ଅଟେ । ଉଭୟ ଅନୁଷ୍ଠାନ ତାଙ୍କର ଧର୍ମପତ୍ନୀ ଗୀତା ମଜୁମଦାରଙ୍କ ନାମରେ ନାମିତ ହୋଇଅଛି ।

ଭାରତ ଛାଡ଼ ଆନ୍ଦୋଳନ ସମୟରେ ପଶ୍ଚିମ ଓଡ଼ିଶାର ଅନେକ ନୂତନ ସଂଗ୍ରାମୀ ମାନଙ୍କର ଅଭ୍ୟୁଦୟ ହୋଇଥିଲା । ସେମାନଙ୍କର ଜୀବନୀ ଓ ସାଧନା ରୋମାଞ୍ଚକର ଥିଲା । ମାତ୍ର ସେମାନେ ଇତିହାସର ଆଲୋକକୁ ଆସି ପାରିଲେ ନାହିଁ ।

୧୯୪୩ ଏପ୍ରିଲରୁ ସମ୍ବଲପୁର ଜେଲରୁ ରାଜବନ୍ଦୀମାନଙ୍କୁ ପର୍ଯ୍ୟାୟ କ୍ରମେ ଖଲାସ କରାଗଲା । ମୁକ୍ତ ହେଲା ପରେ ସେମାନେ ଗଠନ ମୂଳକ କାର୍ଯ୍ୟରେ ଲାଗିଲେ । ଭାଗୀରଥୀ ପଟ୍ଟନାୟକ ୧୯୪୩ ଅକ୍ଟୋବର ୧ ରେ ମୁକ୍ତ ହେଲା ପରେ ଶୁଣିଲେ ଯେ ଅଢ଼ାଇ ମାସ ତଳେ ୧୫.୭.୧୯୪୩ ରେ ତାଙ୍କର ପତ୍ନୀ ଜ୍ୟୋତ୍ସ୍ନାବତୀ ଦେବୀଙ୍କର ଦେହାନ୍ତ ହୋଇଯାଇଛି ବିହାର ପ୍ରଦେଶରେ । ସେ ଜେଲରୁ ଫେରିଥିବା ଦୁଃସ୍ଥ କର୍ମୀମାନଙ୍କ ସହିତ ସାକ୍ଷାତ କରି ସେମାନଙ୍କ ସୁଖ ଦୁଃଖ ବୁଝିଲା ପରେ ବିହାର ଯାତ୍ରା କଲେ ।

୧୯୪୪ ଫେବୃୟାରୀ ମାସରେ ମା କସ୍ତୁରବା ଜେଲରେ ମୃତ୍ୟୁବରଣ କଲେ । ସେ ପୀଡ଼ିତା ଥିଲେ ଏବଂ ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ହେଲା ବୋଲି ଅଭିଯୋଗ ହେଲା । ଏହି ଦୁଃସମ୍ବାଦ ପାଇଲା ମାତ୍ରେ ସମ୍ବଲପୁରରେ ଶୋକସଭାମାନ ଅନୁଷ୍ଠିତ ହେଲା ଓ ବାର ଦିନ ପର୍ଯ୍ୟନ୍ତ ଶୋକ ପାଳିତ ହେଲା । ୧୯୪୪ ଜୁଲାଇ ମାସରୁ ସରକାର ସମ୍ବଲପୁରର ବଡ଼ବଡ଼ ନେତା ମାନଙ୍କୁ ଖଲାସ କରିବା ଆରମ୍ଭ କଲେ । ପ୍ରଥମ ପର୍ଯ୍ୟାୟରେ ନୃସିଂହ ଗୁରୁ ଓ ଦୁର୍ଗା ପ୍ରସାଦ ଗୁରୁ ମୁକ୍ତ ହେଲେ । ମାତ୍ର ଦୁର୍ଗା ଗୁରୁଙ୍କୁ ସର୍ତ୍ତ ରଖାଗଲା ଯେ ସେ ଏହାପରେ ଝାରସୁଗୁଡ଼ା ଅଞ୍ଚଳରେ ପ୍ରବେଶ କରି ପାରିବେ ନାହିଁ । ମାତ୍ର ଦୁର୍ଗା ଗୁରୁ ଏହା ମାନିବା ପାଇଁ ପ୍ରସ୍ତୁତ ନଥିଲେ । ତେଣୁ ତାଙ୍କୁ ପୁଣି ଜେଲରେ ରଖାଗଲା ଏବଂ ସ୍ୱାସ୍ଥ୍ୟ ହଠାତ ଖରାପ ହେବାରୁ ପୁଣି ଖଲାସ କରାଗଲା । ଏହା ପରେ ସେ ଚିକିତ୍ସା ପାଇଁ କଲିକତା ଯାତ୍ରା କଲେ । କଲିକତାରେ ଡାକ୍ତର ବି. ସି. ରାୟଙ୍କ ପ୍ରଗାଢ଼ ଚେଷ୍ଟା ସତ୍ତ୍ୱେ ତାଙ୍କର ଜୀବନ ରକ୍ଷା କରାଯାଇ ପାରିଲା ନାହିଁ । ସେତେବେଳେ ତାଙ୍କ ସ୍ତ୍ରୀ ଶୈଳସୁତା ଓ୍ୟାର୍ଦ୍ଧାରେ ଥିଲେ । ଗାନ୍ଧିଜୀ ସୁବନ୍ଦୋବସ୍ତ କରି ତାଙ୍କୁ ସମ୍ବଲପୁର ପଠାଇ ଦେଲେ । ଗାନ୍ଧିଜୀ ୧୯୪୪ ମେ ୬ ତାରିଖରୁ କାରାମୁକ୍ତ ହୋଇ ସାରିଥିଲେ । ମାତ୍ର କାର୍ଯ୍ୟକାରୀ କମିଟିର ସଦସ୍ୟଗଣ ଓ କେତେକ ପ୍ରସିଦ୍ଧ ନେତା ୧୯୪୫ ପର୍ଯ୍ୟନ୍ତ ଜେଲରେ ରହିଥିଲେ ।

୧୯୪୪ ରେ ସମ୍ବଲପୁରର କେତେକ ନେତା ଓ କର୍ମୀ କଂଗ୍ରେସ ନୀତି ପରିତ୍ୟାଗ କରି କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଲେ । ଏମାନଙ୍କ ନେତୃତ୍ୱ ନେଲେ ଦୟାନନ୍ଦ ଶତପଥୀ । ଫକୀର ବେହେରା, ମଙ୍ଗଳୁ ପ୍ରଧାନ, ମାୟାଧର ପୁରୋହିତ, ନଟବର





ବନଛୋର, ଅଗ୍ନି ମଲ୍ଲିକ, ଲକ୍ଷ୍ମଣ ପୂଜାରୀ ପ୍ରମୁଖ ବ୍ୟକ୍ତି ଯେଉଁ ମାନେ ଅଳ୍ପ ଦିନ ତଳେ କଂଗ୍ରେସର ନିଷ୍ଠାପର କର୍ମୀ ଥିଲେ, ସେମାନେ ବର୍ତ୍ତମାନ କମ୍ୟୁନିଷ୍ଟ ପାର୍ଟିରେ ଲାଲ ପତାକା ତଳେ ଠିଆ ହେଲେ । ପରେ ପରେ ପ୍ରସନ୍ନ ପଣ୍ଡା ମଧ ସେମାନଙ୍କ ସହିତ ଯୋଗଦେଲେ । ୧୯୪୭ ରେ ଭାରତର ସ୍ୱାଧୀନତା ଲାଭ ପରେ ଭାଗୀରଥୀ ପଟ୍ଟନାୟକ କଂଗ୍ରେସ ଛାଡ଼ି ଲାଲ ପତାକା ଧରିଲେ ।

୧୯୪୫ ରେ ବିଶ୍ୱଯୁଦ୍ଧର ଅବସାନ ଘଟିଲା ଏବଂ ଭାରତର ସ୍ୱାଧୀନତା ଅବଶ୍ୟମ୍ଭାବୀ ହୋଇ ଉଠିଲା । ଏହି ସମୟରେ ମଧ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ମୁସଲିମ୍‌ଲିଗ୍‌ର ନେତା ଜିନ୍ନାଙ୍କୁ ହାତ ମୁଠାରେ ରଖି ଓ ତାଙ୍କୁ ପ୍ରଲୋଭିତ କରି ପରିସ୍ଥିତିକୁ ଗୋଳମାଳିଆ କରୁଥିଲେ । ୧୯୪୫ ଜୁଲାଇରେ ଇଂଲଣ୍ଡର ସାଧାରଣ ନିର୍ବାଚନରେ ଚର୍ଚ୍ଚିଲଙ୍କ ଦଳ ହାରିଗଲା ଏବଂ ଶ୍ରମିକ ଦଳର କ୍ଲିମେଣ୍ଟ ଅଟଲି ପ୍ରଧାନ ମନ୍ତ୍ରୀ ହେଲେ । ଅଟଲି ଭାରତକୁ ସ୍ୱାଧୀନତା ଦେବା ପାଇଁ ବଦ୍ଧପରିକର ଥିଲେ ଏବଂ ସେଥିପାଇଁ ସଂଖ୍ୟାନ୍ୟୂନ ଗୋଷ୍ଠୀକୁ ପ୍ରତିବନ୍ଧକ ସୃଷ୍ଟି କରିବା ପାଇଁ ଦିଆଯିବ ନାହିଁ ବୋଲି ଘୋଷଣା କଲେ । ସେ ଏଥିପାଇଁ ଉପାୟ ସ୍ଥିର କରିବା ସକାଶେ ମନ୍ତ୍ରୀ ମଣ୍ଡଳର ତିନି ଜଣ ସଦସ୍ୟଙ୍କୁ ୧୯୪୬ ମାର୍ଚ୍ଚ ମାସରେ ଭାରତ ପଠାଇଲେ । ଏହାକୁ କେବିନେଟ ମିଶନ କୁହାଗଲା ।

୧୯୪୬ ମାର୍ଚ୍ଚମାସରେ ପ୍ରାଦେଶିକ ଆସେମ୍ବ୍ଲି ମାନଙ୍କର ପୁନର୍ଗଠନ ପାଇଁ ନିର୍ବାଚନ ହେଲା । ଓଡ଼ିଶା ଆସେମ୍ବ୍ଲିର ୬୦ଟି ସ୍ଥାନରୁ ଚାରିଜଣ ସଦସ୍ୟ ଛୋଟଲାଟଙ୍କ ଦ୍ୱାରା ମନୋନୀତ ଥିଲେ । ଅବଶିଷ୍ଟ ୫୬ଟି ସ୍ଥାନ ମଧ୍ୟରୁ କଂଗ୍ରେସ ଏଥର ୪୭ ଟି ଆସନ ଲାଭ କଲେ । ମୁସଲିମ ଲିଗ ୪ଟି, କମ୍ୟୁନିଷ୍ଟ ଦଳ ମାତ୍ର ଗୋଟିଏ ଏବଂ ସ୍ୱାଧୀନପ୍ରାର୍ଥୀ ମାନେ ୪ଟି ଆସନ ପାଇଲେ । ସମ୍ବଲପୁର ଜିଲ୍ଲାରୁ ପାଞ୍ଚଜଣ କଂଗ୍ରେସ ସଦସ୍ୟ ନିର୍ବାଚିତ ହେଲେ । ସେମାନେ ହେଲେ -ବୋଧରାମ ଦୁବେ, ଲକ୍ଷ୍ମୀନାରାୟଣ ମିଶ୍ର, ଲାଲ ରଣଜିତ ସିଂହ, ମୋହନ ସିଂହ ଓ ବିଶି ବିଭାର । ୧୯୪୬ ଏପ୍ରିଲ ୨୩ ତାରିଖ ଦିନ ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ରୂପେ ଶପଥ ନେଲେ । ନବକୃଷ୍ଣ ଚୌଧୁରୀ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ନିତ୍ୟାନନ୍ଦ କାନୁନଗୋ ଓ ରାଧାକୃଷ୍ଣ ବିଶ୍ୱାସରାୟ ମନ୍ତ୍ରୀ ମଣ୍ଡଳର ଅନ୍ତର୍ଭୁକ୍ତ ହେଲେ । ଏଥର ସମ୍ବଲପୁରର କାହାକୁ ବି ମନ୍ତ୍ରୀ ମଣ୍ଡଳରେ ସ୍ଥାନ ଦିଆଗଲା ନାହିଁ ।

ଇତି ମଧ୍ୟରେ କେବିନେଟ ମିଶନର ରିପୋର୍ଟ ଅନୁଯାୟୀ କେନ୍ଦ୍ରରେ ମଧ୍ୟବର୍ତ୍ତୀ କାଳୀନ ସରକାର ଗଠନ ପାଇଁ ଉଦ୍ୟମ ହେଉଥିଲା । ଏଥିପାଇଁ ବଡ଼ଲାଟ ଦୋମୁହାଁ ନୀତି ଅବଲମ୍ବନକରି କଂଗ୍ରେସ ନେତାମାନଙ୍କ ସହିତ ଆଲୋଚନା କରୁଥାନ୍ତି ଏବଂ ଅନ୍ୟପକ୍ଷରେ ଜିନ୍ନାଙ୍କୁ ପୃଷ୍ଠପୋଷକତା ଦେଇ ଉତ୍ସାହିତ କରୁଥାନ୍ତି । ତେଣୁ ଜିନ୍ନା କଂଗ୍ରେସ ସହିତ ସହଯୋଗ କରିବାକୁ ମନା କରି ୧୯୪୬ ଅଗଷ୍ଟ ୧୬ ତାରିଖ ଦିନ ପ୍ରତ୍ୟକ୍ଷ

କାର୍ଯ୍ୟ (Direct Action) ପାଇଁ ମୁସଲମାନମାନଙ୍କୁ ଆହ୍ୱାନ ଦେଲେ । ଏହା ଫଳରେ ହିନ୍ଦୁ ମୁସଲିମ ଦଙ୍ଗା ଆରମ୍ଭ ହେଲା । ଅଗଷ୍ଟ ୧୬ ତାରିଖରେ ମୁସଲମାନମାନେ କଲିକତା ନଗରୀର ଶହ ଶହ ହିନ୍ଦୁଙ୍କୁ ନିର୍ମମ ଭାବରେ ହତ୍ୟାକରି ଧ୍ୱଂସର ତାଣ୍ଡବଲୀଳା ଆରମ୍ଭ କଲେ । ବଙ୍ଗର ପ୍ରଧାନ ମନ୍ତ୍ରୀ ସୁରାବର୍ଦ୍ଦି ହତ୍ୟାକାଣ୍ଡ ବନ୍ଦ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଲେ ନାହିଁ । ସେ ଦେଖାଇ ଦେବାକୁ ଚାହିଁଲେ ଯେ ମୁସଲମାନ ମାନଙ୍କ ଦାବି ପୂରଣ ନହେଲେ ପରିସ୍ଥିତି କଣ ହୋଇପାରେ । ଏହି ସମୟରେ ପୂର୍ବବଙ୍ଗର ନୁଆଁଖାଲିଠାରେ ଧର୍ମାନ୍ଧ ମୁସଲିମ ନେତାମାନେ ଯେଉଁ ବିଭୀଷିକା ସୃଷ୍ଟି କଲେ ତାହା ଚିନ୍ତାଶୀଳ ଲୋକଙ୍କୁ ସ୍ତବ୍ଧ କରିଦେଇଥିଲା । ମହାତ୍ମା ଗାନ୍ଧୀ ଜୀବନକୁ ପାଣି ଛଡ଼ାଇ ନୁଆଁଖାଲି ଭିତରେ ପ୍ରବେଶ କଲେ । ହିଂସାକାଣ୍ଡ କ୍ରମେ ଅନ୍ୟ ଆଡ଼କୁ ବ୍ୟାପିଗଲା । କଂଗ୍ରେସର ନେତାମାନେ ଏହାର ଦୃଢ଼ ମୁକାବିଲା କଲେ । ଏସବୁ ସତ୍ତ୍ୱେ ଜବାହାରଲାଲ ନେହେରୁ କେନ୍ଦ୍ର ମନ୍ତ୍ରୀମଣ୍ଡଳ ଗଠନ କରି ଲିଗକୁ ୫ଟି ସ୍ଥାନ ଦେଲେ । ଲିଗ ମନ୍ତ୍ରୀମଣ୍ଡଳରେ ଅଚଳ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଚେଷ୍ଟା କଲା । ଲିଗର ଦୌରାତ୍ମ୍ୟ ଦିନୁଦିନ ବୃଦ୍ଧି ପାଉଥିଲା ।

ଏହି ପରିସ୍ଥିତିରେ ୧୯୪୭ ମାର୍ଚ୍ଚ ମାସରେ ଲର୍ଡ଼ ମାଉଣ୍ଟ ବେଟେନ୍ ଭାରତର ବଡ଼ଲାଟ ଦାୟିତ୍ୱ ଗ୍ରହଣ କଲେ । ତାଙ୍କର ହୃଦ୍‌ବୋଧ ହେଲା ଯେ ମୁସଲିମ ଲିଗ କୌଣସି ପରିସ୍ଥିତିରେ କଂଗ୍ରେସ ସହିତ ସହଯୋଗ କରିବ ନାହିଁ ଏବଂ ସ୍ୱତନ୍ତ୍ର ରାଜ୍ୟ ରୂପେ ପାକିସ୍ତାନର ଗଠନ ଛଡ଼ା ଆଉ ଅନ୍ୟ ଉପାୟ ନାହିଁ । ସେ ଏକ ସଂକୁଚିତ ପାକିସ୍ତାନର ଯୋଜନା ପ୍ରସ୍ତୁତ କରି ଉଭୟ କଂଗ୍ରେସ ଓ ମୁସଲିମ ଲିଗର ନେତାମାନଙ୍କୁ ତାହା ଗ୍ରହଣ କରିନେବା ପାଇଁ କୌଣସି ମତେ ରାଜି କରାଇ ନେଲେ । ତଦନନ୍ତର ସେ ତାଙ୍କର ସେହି ଯୋଜନା ଇଂଲଣ୍ଡ ସରକାରଙ୍କୁ ଅର୍ପଣ କଲା ପରେ ପାର୍ଲିଆମେଣ୍ଟରେ "ଭାରତ ସ୍ୱାଧୀନତା ଆଇନ" ଉପସ୍ଥାପିତ ହୋଇ ଗୃହୀତ ହେଲା । ଫଳରେ ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ଓ ପାକିସ୍ତାନ ଦୁଇଟି ସାର୍ବଭୌମ ରାଜ୍ୟ ରୂପେ ପ୍ରତିଷ୍ଠିତ ହୋଇ ଏ ଦେଶରେ ଏକ ନୂତନ ଯୁଗର ଆରମ୍ଭ ହେଲା ।

<u>ଉପସଂହାର</u> :- ଭାରତର ସ୍ୱାଧୀନତା ସଂଗ୍ରାମରେ ସମଗ୍ର ସମ୍ବଲପୁର ଜିଲ୍ଲା ଉତ୍ସାହ ଓ ଆନ୍ତରିକତାର ସହ ଅଂଶ ଗ୍ରହଣ କରିଥିଲା । ଯେଉଁ ଅଜ୍ଞାତ ଅଞ୍ଚଳକୁ ରାସ୍ତା ମଧ୍ୟ ନଥିଲା, ଶିକ୍ଷାର ଆଲୋକ ପ୍ରବେଶ କରି ନଥିଲା, ସେଠାରେ ମଧ କଂଗ୍ରେସର ତିରଙ୍ଗା ପତାକା ଉଡ଼ିଲା ଏବଂ କଂଗ୍ରେସ ଧ୍ୱନୀମାନ ଶୁଣାଗଲା । ଶିକ୍ଷିତ, ଅଶିକ୍ଷିତ, ଧନୀ, ଦରିଦ୍ର, ସବର୍ଣ୍ଣ ଅସବର୍ଣ୍ଣ ସମସ୍ତେ ହାତକୁ ହାତ ମିଳାଇ ଏକ ପ୍ରାଣରେ ଆନ୍ଦୋଳନକୁ ଆଗେଇ ନେଲେ । ଅଖ୍ୟାତ ପଲ୍ଲୀ ପାଣିମୋରାର ସବୁ ପରିବାର ଆନ୍ଦୋଳନରେ ଉତ୍ସର୍ଗୀକୃତ ହୋଇ ଏକୀଭୂତ ହୋଇଥିଲେ । ସମଲାଇପଦରର ୧୨ ବର୍ଷର ଝିଅ ପାର୍ବତୀ ଗିରି ଘରଦ୍ୱାର, ବାପା ମାଙ୍କୁ ଛାଡ଼ି କଂଗ୍ରେସରେ ମିଶିଲେ । ବାଲିଚିହୁାର ଫକୀର ବେହେରା ତାଙ୍କର ବରଗଡ଼



ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଓ ନୃସିଂହ ଗୁରୁଙ୍କ ଭୂମିକା

ବାସଭବନକୁ କଂଗ୍ରେସ ଅଫିସ ପାଇଁ ଦାନ କଲେ ଏବଂ ସେ ଜେଲରେ ଥିବାବେଳେ ସରକାର ତାଙ୍କ ଗାଁ ବାସଭବନର ଦୁଆରବନ୍ଧ ଝରକାଠୁଁ ଆରମ୍ଭ କରି ସବୁ ଜିନିଷ ନିଲାମରେ ବିକି ଦେଲେ । ଫକୀର ଜେଲରୁ ଫେରି ଦୁଆର ବନ୍ଧଟିଏ ବି ଲଗାଇଲେ ନାହିଁ । ତାଙ୍କର ଘର ଦୁର୍ବୃତ୍ତଙ୍କଠୁଁ ଆରମ୍ଭ କରି ଦୁଷ୍ଟ ବୁଲା କୁକୁର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିଲା । ସେ ପ୍ରକୃତ ଫକୀର ହୋଇ ରହିଲେ । ରେମଣ୍ଡାର ମଙ୍ଗଳୁ ପ୍ରଧାନ ଜେଲରେ ଥିବା ବେଳେ ତାଙ୍କର ଧର୍ମପତ୍ନୀ ଆଉଜଣଙ୍କ ସାଂଗରେ ବାହା ହୋଇ ଚାଲିଗଲା । ଏହା ପରେ ମଙ୍ଗଳୁ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ଏକ ଟ୍ରଷ୍ଟ ହାତରେ ରେମଣ୍ଡା ଗ୍ରାମର ଉନ୍ନତି ପାଇଁ ଦାନ କରି ନିଜେ ଦାଣ୍ଡର ଭିକାରୀ ହେଲେ । ବରପାଲୀର ଭାଗୀରଥୀ ପଟ୍ଟନାୟକ, ସ୍ତ୍ରୀ ଜ୍ୟୋତିର୍ମୟୀ ଓ ପୁତ୍ର ପ୍ରଫୁଲ୍ଲ ତିନି ଜଣଙ୍କୁ ନେଇ ଛୋଟ ପରିବାର । ଏହି ତିନି ଜଣଯାକ ଆନ୍ଦୋଳନରେ ଯୋଗଦେଇ ନିଜ ଭାବରେ ଦିନ ରାତି ଗାଁ ଗାଁ ବୁଲିଲେ । କାହିଁ ଘର, କାହିଁ ଜ୍ଞାତି କୁଟୁମ୍ବ, କାହିଁ ଧନ ସଂପତ୍ତି , ଯେଉଁଠି ଯାହା ମିଳିଲା ଖାଇଦେଇ ରହିଗଲେ । ଅଜ୍ଞାତ ଅଖ୍ୟାତ ଏକ ଅତି ଛୋଟ ଗାଁ ଗୁରୁ ପାଲିର ନୈଷ୍ଠିକ ବ୍ରାହ୍ମଣ ପୁତ୍ର ନୃସିଂହ ଗୁରୁ ମେଟ୍ରିକ ପଢୁଥିବାବେଳେ ସ୍କୁଲ ବର୍ଜନ କରି ଓ ପିତାମାତାଙ୍କର ଆଶାର ସୌଧକୁ ଚୂର୍ଣ୍ଣକରି ଆନ୍ଦୋଳନରେ ଯୋଗ ଦେଲେ ଏବଂ ଅସ୍ପୃଶ୍ୟ ହରିଜନ ମାନଙ୍କ ସେବାରେ ଜୀବନ ଉତ୍ସର୍ଗ କଲେ ।

ସମ୍ବଲପୁରର ଅଗ୍ରଗଣ୍ୟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀନାରାୟଣ ମିଶ୍ର ୧୫ ବର୍ଷରୁ ଉର୍ଦ୍ଧ୍ୱ ଜେଲରେ କଟାଇଥିଲେ । ସେ ଗାନ୍ଧିଜୀଙ୍କୁ ସାକ୍ଷାତ କରିବା ପାଇଁ ତେଲାଙ୍ଗ ଯିବା ପାଇଁ ବାହାରୁ ଥିଲେ, ରୁଗ୍ଣା ଝିଅ କହିଲା "ବାପା ଏଥର ଯାଅନି", ଝିଅକୁ ସ୍ନେହରେ ଆଉଁସି ଦେଇ ସେ କହିଲେ, " ମା'ରେ: ଶୀଘ୍ର ମୁଁ ଫେରି ଆସିବି ।" ଫେରିଆସିଲା ବେଳେ ଝିଅ ଆଉ ନଥିଲା । ବଡ଼ପୁଅକୁ ହରାଇଲା ପରେ ଆଖିର ଲୁହ ପୋଛିବାକୁ ତାଙ୍କର ସମୟ ନଥିଲା । ସେ ଜେଲ ଗଲେ । ତାଙ୍କର ପତ୍ନୀ କମଳା ମିଶ୍ର ହୃଦ ରୋଗରେ ଆକ୍ରାନ୍ତ ହେଲେ । ପତ୍ନୀର ସେବା ବା ଚିକିତ୍ସା ସେ କରି ପାରିନଥିଲେ । ସମ୍ବଲପୁର ଅଞ୍ଚଳରେ ଏହି ପରି ଅନେକ ସ୍ୱାଧୀନତା ସଂଗ୍ରାମୀ ରହିଛନ୍ତି ଯେଉଁମାନଙ୍କର ତ୍ୟାଗ ଓ ସାଧନା କଳ୍ପନା ବି କରିହେବ ନାହିଁ । ସ୍ୱାଧୀନତାର ଫଳ ଭୋଗ କରି ଆମେ ସେମାନଙ୍କୁ ଭୁଲି ଯାଉଛୁଁ । କେବଳ ଯେଉଁମାନେ ପରବର୍ତ୍ତୀ କାଳରେ ବଡ଼ ବଡ଼ ପଦପଦବୀରେ ରହିଲେ, ସେମାନେ ଇତିହାସର ଆଲୋକରେ ଉଦଭାସିତ ହେଲେ, ସର୍ବତ୍ର ପୂଜା ପାଇଲେ । ମାତ୍ର ନୀରବ ନିଷ୍କାପର ସଂଗ୍ରାମୀଙ୍କର ସାଧନା କ୍ରମେ ସମାଧି ଲାଭ କଲା ।

# କର୍ମଯୋଗୀ ନୃସିଂହ ଗୁରୁ

କୌଣସି ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଆଲୋଚନା କରିବା ପାଇଁ ସେମାନଙ୍କର ଦୁଇ ପ୍ରକାର ଜୀବନ ବିଚାର ପରିସରକୁ ଆସିଥାଏ । ଗୋଟିଏ ବ୍ୟକ୍ତିଗତ ଜୀବନ ଓ ଅନ୍ୟଟି ବ୍ୟଷ୍ଟିଗତ ଜୀବନ । ବ୍ୟଷ୍ଟିର ଅର୍ଥ ସମଷ୍ଟି । ୧୯୨୧ ରୁ ୧୯୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନୃସିଂହ ଗୁରୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେହି ସମୟରେ ତାଙ୍କ ଜୀବନ ବ୍ୟକ୍ତିଗତ ନୁହେଁ ବ୍ୟଷ୍ଟିଗତ ଥିଲା । ସେ ଥିଲେ ଅନେକ ସମଭାବାପନ୍ନ ବ୍ୟକ୍ତି ମଧ୍ୟରୁ ଜଣେ, ଅନେକ ସଂଗ୍ରାମୀଙ୍କ ମଧ୍ୟରେ ଜଣେ ସଂଗ୍ରାମୀ । ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମକୁ ଏକ ପୁଷ୍ପମାଳ ବୋଲି ଧରାଗଲେ, ତହିଁରେ ନୃସିଂହ ଗୁରୁ ଏକ ସୁନ୍ଦର ପୁଷ୍ପ ହେବେ । ତେଣୁ ଗୁରୁଙ୍କର ସଂଗ୍ରାମୀ ଜୀବନର ମୂଲ୍ୟାଙ୍କନ ପାଇଁ ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମର ବର୍ଣ୍ଣନା ଆବଶ୍ୟକ ଅଟେ । ତା ନ ହେଲେ ମୂଲ୍ୟାଙ୍କନ ବ୍ୟକ୍ତିଗତ ହୋଇ ଅପୂର୍ଣ୍ଣ ଓ ଅଣଐତିହାସିକ ହୋଇଯାଇପାରେ । ଏହି କାରଣରୁ ଏଠାରେ ନୃସିଂହ ଗୁରୁଙ୍କ ସଂଗ୍ରାମୀ ଜୀବନର ସ୍ୱତନ୍ତ୍ର ବର୍ଣ୍ଣନା ନକରି ସମ୍ବଲପୁର ସ୍ୱାଧୀନତା ସଂଗ୍ରାମର ଇତିହାସ ପାଞ୍ଚୋଟି ଅଧ୍ୟାୟରୁ ଆଲୋଚନା କରାଯାଇଛି ଏବଂ ତାଙ୍କ ଅନ୍ତିମ ଜୀବନର ବ୍ୟକ୍ତିଗତ ବର୍ଣ୍ଣନା ଦିଆଯାଇଛି ।

ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମ ଦ୍ୱାରା ନୃସିଂହ ଗୁରୁଙ୍କ ବ୍ୟକ୍ତିଗତ ଜୀବନ ଗଭୀର ଭାବେ ପ୍ରଭାବିତ ହୋଇଥିଲା । ଏହା ଫଳରେ ସେ ଜୀବନକୁ ଏକ ସଂଗ୍ରାମ ଓ ନିଜକୁ ଭଗବାନଙ୍କର ଜଣେ ସୈନିକ ବୋଲି ମନେ କଲେ । ସେ କହୁଥିଲେ ଯେ ଭଗବାନ ଆମକୁ ଏକ ପରିବାର ଦେଇଛନ୍ତି,ସମାଜ ଦେଇଛନ୍ତି , ଦେଶ ଓ ଜାତି ଦେଇଛନ୍ତି । ଏହି ସମସ୍ତଙ୍କ ପ୍ରତି ଆମର କର୍ତ୍ତବ୍ୟ ପାଳନ କରିବା ହିଁ ଜୀବନ ସଂଗ୍ରାମ । କର୍ତ୍ତବ୍ୟକୁ ଭଗବାନଙ୍କର ପୂଜା ବୋଲି ମନେକରି ତାହା ତାଙ୍କର ଜଣେ ସୈନିକ ରୂପେ ପାଳନ କରିଯିବା ଉଚିତ । କର୍ତ୍ତବ୍ୟ କର୍ମରୁ ଓହରିଯାଇ ସନ୍ୟାସୀ ହେଲେ ବା କେବଳ ପୂଜା ପାଠରେ ଦିନ କଟାଇଲେ, ତାହା ପଳାୟନବାଦ ହେବ ଏବଂ ଜୀବନ ସଂଗ୍ରାମରେ ପରାଜୟ ସଦୃଶ ହେବ । ନୃସିଂହ ଗୁରୁ ଜୀବନ ସଂଗ୍ରାମକୁ କର୍ମଯୋଗ ରୂପେ ଗ୍ରହଣ କରିଥିଲେ । ସୁତରାଂ ବ୍ୟଷ୍ଟିଗତ ଜୀବନରେ ସେ ଥିଲେ ସଂଗ୍ରାମୀ ଓ ବ୍ୟକ୍ତିଗତ ଜୀବନରେ ସେ ଜଣେ କର୍ମଯୋଗୀ । ଅତି ପରିଣତ ବୟସରେ ମଧ୍ୟ ସେ ଦିନରାତି କାମକରିବାରେ ଅଭ୍ୟସ୍ତ ଥିଲେ ।

ଦ୍ୱିତୀୟତଃ ସ୍ୱାଧୀନତା ସଂଗ୍ରାମର ପ୍ରଭାବ ଫଳରେ ନୃସିଂହ ଗୁରୁ ବ୍ୟକ୍ତିଗତ ଜୀବନରେ ସାହସୀ, ନିର୍ଭୟ ଓ ସ୍ପଷ୍ଟବାଦୀ ପୁରୁଷ ହୋଇପାରିଲେ । ସେ ସ୍ୱଳ୍ପଭାଷୀ ଥିଲେ । ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଭଳି ଓଜସ୍ୱିନୀ ଭାଷଣ ଦେବା ପାଇଁ ତାଙ୍କର ସାମର୍ଥ୍ୟ ନଥିଲା,ଆଗ୍ରହ





ବି ନଥିଲା । ସ୍ପଷ୍ଟବାଦୀ ହୋଇ ମଧ୍ୟ ସେ ଥିଲେ ମିଷ୍ଟଭାଷୀ । ଭାଗୀରଥୀ ପଟ୍ଟନାୟକଙ୍କ ଭଳି କଟୁ ମନ୍ତବ୍ୟ ପ୍ରଦାନ କରି ସାହସିକତା ଓ ନିର୍ଭୀକତା ଦେଖାଇବା ତାଙ୍କ ସ୍ୱଭାବରେ ନଥିଲା । ସେ ଛୋଟ ବଡ଼ ସମସ୍ତଙ୍କୁ ପ୍ରେମ ଓ ମୈତ୍ରୀର ବନ୍ଧନରେ ଆବଦ୍ଧ କରି ରଖିବାକୁ ଚାହୁଁଥିଲେ । ୧୯୩୮ ରେ ସମ୍ବଲପୁରରେ ଆୟୋଜିତ ସେବାଦଳ ଟ୍ରେନିଂରେ ପାଣିମୋରାର ପାଞ୍ଚଜଣ କର୍ମୀ ଯୋଗ ଦେଇଥିଲେ । ଚମରୁ ପରିଡ଼ା ସେମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ । ସେହି ସମୟର କଥାକୁ ସ୍ମରଣ କରି ଚମରୁ ଲେଖିଛନ୍ତି, "ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଯଦିଓ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ, ତଥାପି ଆମପରି ଗାଁ ଗହଳିର ଲୋକଙ୍କଠାରୁ ସେ ଥିଲେ ବହୁ ଉଚ୍ଚରେ । ଆମେ ନୃସିଂହ ଗୁରୁଙ୍କ ଠାରେ ହିଁ ମନର ନିଃସଙ୍କୋଚ ଭାବନା ବ୍ୟକ୍ତ କରିବା ପାଇଁ ସାହସ ପାଉଥିଲୁଁ ।"

ଜଣେ ରାଜନୈତିକ ନେତା ହେବାପାଇଁ ଯେଉଁସବୁ ଗୁଣ ଦରକାର, ନୃସିଂହ ଗୁରୁଙ୍କ ଠାରେ ତହିଁରୁ ଅନେକଟା ନଥିଲା । ପ୍ରକୃତରେ ସେ ନେତା ନୁହନ୍ତି, ବରଂ ଜଣେ କର୍ମୀଥିଲେ । ଅନ୍ୟମାନଙ୍କୁ କାମରେ ଲଗାଇବା ଅପେକ୍ଷା ସେମାନଙ୍କ ସହିତ ମିଳିମିଶି କାମ କରିବାରେ ସେ ଆନନ୍ଦ ଲାଭ କରୁଥିଲେ । ମାତ୍ର ତାଙ୍କର ଆନ୍ତରିକତା ଓ ଆଧ୍ୟାତ୍ମିକତା ଗୁଣ ଯୋଗୁଁ ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ । ସୁତରାଂ ତାଙ୍କୁ କଂଗ୍ରେସ ଦଳର ରାଜନୈତିକ ନେତା ନକହି ଭାରତୀୟ ସମାଜର ଗୁରୁ ବୋଲି କହିଲେ ତାଙ୍କର ଯଥେଷ୍ଟ ସମ୍ମାନ ହେବ ।

ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ପରେ ପରେ ନୃସିଂହ ଗୁରୁ ତାଙ୍କର ବିଦେଶୀ ବସ୍ତ୍ରର ପୋଷାକ ସବୁକୁ ଜାଳି ଦେଲେ ଏବଂ ଖଦୀଲୁଗା ପରିଧାନ କଲେ । ଏହା ପରେ ସେ ଘରେ ଏକ ଚରଖା ରଖି ନିଜ ହାତରେ ସୂତା କାଟିଲେ । ସୂତା କଟାକୁ ଦୈନନ୍ଦିନ କର୍ମ ରୂପେ ଗ୍ରହଣ କରି ପ୍ରତିଦିନ କିଛି ନା କିଛି ସମୟ ସେ ଏଥିରେ ଅତିବାହିତ କଲେ । ଏହି ଅଭ୍ୟାସ ସେ ବୃଦ୍ଧ ହେବା ପର୍ଯ୍ୟନ୍ତ ରଖିପାରିଥିଲେ । ଏହି କାମ ପାଇଁ ତାଙ୍କୁ ବିଭିନ୍ନ ସ୍ଥାନରୁ କପାର "ଶିରୀ" ସଂଗ୍ରହ କରିବାକୁ ପଡୁଥିଲା । ପାଣିମୋରା ଗାଁର ଖଦୀ ମଣ୍ଡଳ ତାଙ୍କୁ ଅନେକ ବର୍ଷ ପର୍ଯ୍ୟନ୍ତ ଶିରୀ ଯୋଗାଉଥିଲା ।

ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନର ପ୍ରତ୍ୟାହାର ପରେ ପରେ ୧୯୨୨ ଏପ୍ରିଲରୁ ନୃସିଂହ ଗୁରୁ ଖଦୀର ପ୍ରଚାର ଓ ପ୍ରସାର ପାଇଁ ଆତ୍ମ ନିୟୋଗ କଲେ । ତାଙ୍କର ଉଦ୍ୟମରେ ଶାସନ ନିକଟସ୍ଥ ଷଣ୍ଢସିଂହା ଗ୍ରାମରେ ଏକ ଖଦୀକେନ୍ଦ୍ର ସ୍ଥାପିତ ହେଲା ଏବଂ ସେ ଏହାର ଦାୟିତ୍ୱରେ ରହିଲେ । ୧୯୨୫ ରେ ଗାନ୍ଧିଜୀ ଖଦୀ ଆନ୍ଦୋଳନ ଆରମ୍ଭ କରିବା ଆଗରୁ ସମ୍ବଲପୁରରେ ଏହି ଆନ୍ଦୋଳନ ଆରମ୍ଭ ହୋଇସାରିଥିଲା । ନୃସିଂହ ଗୁରୁ ଏହାର ଅନ୍ୟତମ ପ୍ରବକ୍ତା ଥିଲେ ।

୧୯୨୮ ଡିସେମ୍ବର ୨୩ ତାରିଖରେ ଗାନ୍ଧିଜୀ ଖଦୀ ଗସ୍ତରେ ସମ୍ବଲପୁର ଆସିଥିଲେ । ଏହି ଅବସରରେ ନୃସିଂହ ଗୁରୁ ଚିନ୍ତାମଣି ପୂଜାରୀଙ୍କ ସହିତ ସମ୍ମିଳିତ ହୋଇ ପଞ୍ଚପଡ଼ାରେ ଏକ ଖଦୀ ପ୍ରଦର୍ଶନୀ ଆୟୋଜନ କରିଥିଲେ । ରେମଣ୍ଡାରେ ମଧ ଏହିପରି ଏକ ଖଦୀ ପ୍ରଦର୍ଶନୀ ହୋଇଥିଲା, ସମୟ ଅଭାବରୁ ଗାନ୍ଧିଜୀଙ୍କୁ ଖଦୀ ପ୍ରଦର୍ଶନୀକୁ ନିଆଯାଇ ପାରିଲା ନାହିଁ ବୋଲି ଜିଲ୍ଲା କଂଗ୍ରେସ କମିଟୀ ତରଫରୁ ସଫେଇ ଦିଆଗଲା । ଏଥିରେ ନୃସିଂହ ଗୁରୁ ଓ ତାଙ୍କର ବନ୍ଧୁମାନେ କ୍ଷୁବ୍ଧ ହେଲେ ଏବଂ ପରେ ଏହା ଗାନ୍ଧିଜୀଙ୍କୁ ଜଣାଇ ଦିଆଯାଇଥିଲା । ଗାନ୍ଧିଜୀଙ୍କ ଏହି ଗସ୍ତ ସମୟରେ ଚନ୍ଦ୍ରଶେଖର ବେହେରା ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିଗତ ଚର୍ଚ୍ଚାପାଇଁ ନୃସିଂହ ଗୁରୁଙ୍କୁ ଦାୟିତ୍ୱରେ ରଖିଥିଲେ ଏବଂ ଗୁରୁଜୀ ଏହା ତାଙ୍କର ପରମ ସୌଭାଗ୍ୟ ବୋଲି ମନେ କରିଥିଲେ । ଏହି ଅବସରରେ ସେ ଅତି ନିକଟରେ ଗାନ୍ଧିଜୀଙ୍କ ଦର୍ଶନ ଲାଭ କଲେ । ମା କସ୍ତୁରବାଙ୍କ ସହିତ କଥାବାର୍ତ୍ତା କଲେ । ଉଭୟଙ୍କର ପଦସ୍ପର୍ଶ କରି ସେ ନିଜକୁ ଧନ୍ୟ ମନେ କଲେ ।

ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେବାପରେ ନୃସିଂହ ଗୁରୁ ହରିଜନ ସେବାକୁ ଜୀବନର ଏକ ବ୍ରତ ରୂପେ ଗ୍ରହଣ କଲେ । ଗାନ୍ଧିଜୀଙ୍କର ପ୍ରକାଶିତ ଲେଖାମାନ ତାଙ୍କୁ ଏ ଦିଗରେ ପ୍ରେରଣା ଦେଉଥିଲା । ଗାନ୍ଧିଜୀ ଅତି ଦୃଢ଼ତାର ସହ ଘୋଷଣା କଲେ ଯେ କୌଣସି ହିନ୍ଦୁ ଶାସ୍ତ୍ରରେ ଅସ୍ପୃଶ୍ୟତାର ଆଭାସ ନାହିଁ; ପରବର୍ତ୍ତୀ କାଳରେ ପୁରୋହିତ ଗୋଷ୍ଠୀଙ୍କର ସ୍ୱାର୍ଥସାଧନ ପାଇଁ ଏହାର ସୃଷ୍ଟି ହୋଇଛି । ସବୁ ଧର୍ମ ଶାସ୍ତ୍ରରେ କୁହାଯାଇଛି ଯେ ସମସ୍ତେ ଭଗବାନଙ୍କ ସନ୍ତାନ । ତାଙ୍କଠାରେ ସମସ୍ତେ ସମାନ, କେହି ବେଶି ପ୍ରିୟ ବା କମ୍ ପ୍ରିୟ ନୁହନ୍ତି । ଭଗବାନଙ୍କ ପବିତ୍ର ପରିବାରରେ ସମସ୍ତେ ଭାଇ ଭଉଣୀ । ତେଣୁ ଅସ୍ପୃଶ୍ୟତାର ପ୍ରଶ୍ନ ଉଠୁଛି କାହିଁକି ? ହିନ୍ଦୁଧର୍ମରେ ଏହି କଳଙ୍କ ବୋଲି ଦେଇ ହିନ୍ଦୁ ସମାଜକୁ ମ୍ଳାନ କରିଦିଆଯାଇଛି । ଏହି କଳଙ୍କରୁ ମୁକ୍ତ ନହେଲା ଯାଏ ହିନ୍ଦୁ ସମାଜର ପ୍ରଗତି ସମ୍ଭବ ନୁହେଁ । ନୃସିଂହ ଗୁରୁ ଓ ତାଙ୍କର ସତ୍ୟାଗ୍ରହୀ ବନ୍ଧୁମାନଙ୍କ ହୃଦବୋଧ ହେଲା ଯେ ଗାନ୍ଧିଜୀଙ୍କର ଅନ୍ତର୍ଦ୍ଦେଶରେ ଉଦ୍‌ବେଳିତ ଏହି ଆହ୍ୱାନ ସତ୍ୟ ଉପରେ ପ୍ରତିଷ୍ଠିତ । ସେମାନେ ଶପଥ ନେଲେ ଯେ ହିନ୍ଦୁ ସମାଜକୁ ଏହି କଳଙ୍କରୁ ମୁକ୍ତ କରିବା ପାଇଁ ସେମାନେ ଆପ୍ରାଣ ଉଦ୍ୟମ କରିବେ ।

ଏହାପରେ ସମ୍ବଲପୁରରେ ଆରମ୍ଭ ହେଲା ହରିଜନ ଆନ୍ଦୋଳନ । ନୃସିଂହ ଗୁରୁ ଏଥିରେ ଅଗ୍ରଣୀ ଭୂମିକା ନେଲେ । ୧୯୩୩ ର ପ୍ରାରମ୍ଭରେ କଟକରେ ପ୍ରାଦେଶିକ ହରିଜନ ସଂଘର ପ୍ରତିଷ୍ଠା ହେଲା ଏବଂ ସମ୍ବଲପୁର ଜିଲ୍ଲା ହରିଜନ ସଂଘର ଦାୟିତ୍ୱ ନୃସିଂହ ଗୁରୁଙ୍କୁ ଅର୍ପଣ କରାଗଲା । ସେହି ଦିନରୁ ସେ ସମ୍ବଲପୁର ଜିଲ୍ଲାର ହରିଜନ ସେବାସଂଘର ଚିରଦିନ ପାଇଁ ସଂପାଦକ ହୋଇ ରହିଲେ । ୧୯୩୪ ମେ ମାସରେ ଗାନ୍ଧିଜୀ ହରିଜନ ଗସ୍ତରେ ସମ୍ବଲପୁର ଆସିଲେ । ହରିଜନ ସଂଘର ସଂପାଦକ ରୂପେ ଏହା ନୃସିଂହ



ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଓ ନୃସିଂହ ଗୁରୁଙ୍କ ଭୂମିକା

ଗୁରୁଙ୍କ ପାଇଁ ପରୀକ୍ଷାର ସମୟ ଥିଲା । ସେ ଗାନ୍ଧିଜୀଙ୍କ ପାଖେ ପାଖେ ରହୁଥିଲେ ; ତାଙ୍କୁ ସମ୍ବଲପୁରର ହରିଜନ ବସ୍ତିର ଠେଲକୋ ପଡ଼ାର ପରିଦର୍ଶନ ପାଇଁ ନେଲେ ;ବାଟରେ କୁଷ୍ଠ ରୋଗୀମାନଙ୍କର ବସ୍ତି ବୁଲାଇ ଦେଖାଇଲେ । ଗାନ୍ଧିଜୀ କୁଷ୍ଠରୋଗୀ ମାନଙ୍କ ସହିତ କିଛି ସମୟ କଟାଇଲେ । ସେ ହରିଜନ ବସ୍ତିର ପରିଷ୍କାର ପରିଚ୍ଛନ୍ନତା ଓ ହରିଜନମାନଙ୍କ ଉନ୍ନତ ଜୀବନ ଦେଖି ଆନନ୍ଦିତ ହେଲେ ଏବଂ ନୃସିଂହ ଗୁରୁଙ୍କ ଉଚ୍ଚ ପ୍ରଶଂସା କଲେ । ଏହାପରେ ଯେତେବେଳେ ଗାନ୍ଧିଜୀ ସମ୍ବଲପୁର ଫାଟକ ନିକଟ ଜନାର୍ଦ୍ଦନ ସୁପକାରଙ୍କ ଖମାର ଘରେ ହରିଜନ ଛାତ୍ରାବାସର ଉଦ୍‌ଘାଟନ କଲେ । ତାଙ୍କର ଆଖି ପଡ଼ିଲା ନୃସିଂହ ଗୁରୁଙ୍କ ଉପରେ । ଏହି ସମୟରେ ଗାନ୍ଧିଜୀଙ୍କୁ କୁହାଗଲା ଯେ ନୃସିଂହ ବାବୁ ସେହି ଛାତ୍ରାବାସର ପରିଚାଳକ ହେବେ । ଗାନ୍ଧିଜୀ ଟିକିଏ ହସିଲେ । ସେ ନୃସିଂହ ଗୁରୁଙ୍କୁ ପରାମର୍ଶ ଦେଇ କହିଲେ ; "ତୁମେ ବାକି ସବୁ ଆନ୍ଦୋଳନ ଛାଡ଼ି ଏକମାତ୍ର ଏହି ହରିଜନ ଆନ୍ଦୋଳନରେ ଆତ୍ମ ନିୟୋଗ କର । ଭଗବାନ ତୁମର ମଙ୍ଗଳ କରିବେ ।" ନୃସିଂହ ଗୁରୁଙ୍କ ଆଖିରୁ ଦୁଇଧାର ଆନନ୍ଦାଶ୍ରୁ ଗଡ଼ିଗଲା । ସେହିଦିନରୁ ସେ ହରିଜନ ସେବାରେ ସମର୍ପିତ ଜୀବନ ହୋଇ ରହିଲେ ।

ନୃସିଂହ ଗୁରୁ ୧୯୩୪ ରୁ ୧୯୪୨ ପର୍ଯ୍ୟନ୍ତ ହରିଜନ ଛାତ୍ରାବାସର ପରିଚାଳକ ଥିଲେ । ବସ୍ତୁତଃ ସେ ପରିଚାଳକ ନୁହେଁ, ହରିଜନମାନଙ୍କର ପିତା ତୁଲ୍ୟ ଥିଲେ । ଗୁରୁଜୀ ନିଜେ ଛାତ୍ରାବାସରେ ରହୁଥିଲେ । ପିଲାଙ୍କର ସୁଖ ଦୁଃଖ ବୁଝୁଥିଲେ, ସେମାନଙ୍କ ପାଇଁ ପ୍ରତିଦିନ ଜଳଖିଆ ଯୋଗାଡ଼ କରୁଥିଲେ, ରାନ୍ଧିବା ପାଇଁ ଚାଉଳ ଡାଲି ଆଣୁଥିଲେ, ପିଲାଙ୍କ ପାଠ ପାଇଁ ବହିପତ୍ରରୁ ଆରମ୍ଭ କରି ଦୁଆତ କଲମ ପର୍ଯ୍ୟନ୍ତ ସବୁକିଛି ତାଙ୍କୁ ଯୋଗାଡ଼ କରିବାକୁ ପଡୁଥିଲା । ପିତୃଶ୍ରାଦ୍ଧ ଦିନ ହରିଜନ ଛାତ୍ରମାନଙ୍କୁ ଭୋଜନ କରିବାକୁ ସେ ତାଙ୍କ ଘରକୁ ନିମନ୍ତ୍ରଣ କରୁଥିଲେ । ବାସ୍ତବରେ ଛାତ୍ରାବାସ ଏକ ପରିବାର ତୁଲ୍ୟ ଥିଲା । ୧୯୪୨ ରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହେବାପରେ ସମ୍ବଲପୁରର ଡେପୁଟୀ କମିଶନର ଏହି ଛାତ୍ରାବାସକୁ ଆସି ଗୁରୁଜୀଙ୍କୁ ଗିରଫ କରି ନେଇଥିଲେ । ସେ ଜେଲ ଯିବା ପରେ ଶ୍ରୀନାରାୟଣ ପାଢୀ ଛାତ୍ରାବାସର ଦାୟିତ୍ୱ ନେଲେ । ମାତ୍ର ଅଳ୍ପଦିନ ପରେ ଏହା ପୁରାପୁରି ବନ୍ଦ ହୋଇଗଲା ।

ସେହି ସମୟରେ ବରଗଡ଼ରେ ବିଶ୍ୱ ବିଭାରଙ୍କ ଉଦ୍ୟମରେ ଏକ ଛୋଟ ହରିଜନ ଛାତ୍ରାବାସ ସ୍ଥାପିତ ହୋଇଥିଲା । ନୃସିଂହ ଗୁରୁ ସମୟ ସମୟରେ ସେହି ଛାତ୍ରାବାସର ପରିଦର୍ଶନରେ ଯାଇ ପିଲାଙ୍କ ପାଇଁ ଚାଉଳ, ଡାଲି, ବହିପତ୍ର ଆଦି ଯୋଗାଇ ଦେଉଥିଲେ । ବରଗଡ଼ର କୃତାର୍ଥ ଆଚାର୍ଯ୍ୟ ସେହି ସମୟରେ ଅନ୍ଧାପାଲିରେ ହରିଜନ ସେବାକେନ୍ଦ୍ର ଖୋଲିଥିଲେ । ନୃସିଂହ ଗୁରୁ ବରଗଡ଼ ଗଲେ ବନ୍ଧୁଙ୍କୁ ଭେଟୁଥିଲେ ଏବଂ ତାଙ୍କ ସହିତ ଅନ୍ଧାପାଲି ହରିଜନ ବସ୍ତିକୁ ଯାଇ ସେମାନଙ୍କର କଥା ବୁଝୁଥିଲେ । କେବଳ ବରଗଡ଼

ନୁହେଁ, ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହରିଜନ ପଡ଼ାମାନ ପରିଦର୍ଶନ କରି ସେ ହରିଜନ ଭାଇମାନଙ୍କର ସୁଖ ଦୁଃଖରେ ଅଂଶଗ୍ରହଣ କରୁଥିଲେ । ଗୋପବନ୍ଧୁଙ୍କୁ ଉତ୍କଳମଣି କହିବା ଭଳି ନୃସିଂହ ଗୁରୁଙ୍କୁ ହରିଜନ ବନ୍ଧୁ କହିଲେ ଯଥାର୍ଥ ହୁଅନ୍ତା ।

ଦୟାନନ୍ଦ ଶତପଥି ହରିଜନ ଆନ୍ଦୋଳନରେ ସାମିଲ ହେଲାବେଳେ ହିନ୍ଦୁ ସଂସ୍କୃତି ପ୍ରତି ବିରକ୍ତି ପ୍ରକାଶ କରି ନିଜର ଉପବୀତ ଫିଙ୍ଗି ଦେଲେ, ଏବଂ ସେହିଦିନରୁ ସେ ଆଉ ଉପବୀତ ଗ୍ରହଣ କଲେନାହିଁ । ଶତପଥିଙ୍କ ଏହିପରି ଉଗ୍ର ସ୍ୱଭାବ ଯୋଗୁଁ ଅନେକ କଂଗ୍ରେସ କର୍ମୀ ତାଙ୍କୁ ବିଶ୍ୱାମିତ୍ର ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ନୃସିଂହ ଗୁରୁଙ୍କ ଚିନ୍ତାଧାରା ଭିନ୍ନ ଥିଲା । ସେ ହରିଜନ ଆନ୍ଦୋଳନକୁ ହିନ୍ଦୁ ଧର୍ମର ଲେଖା ବୋଲି ମନେକଲେ । ଏହାଦ୍ୱାରା ହିନ୍ଦୁ ଧର୍ମ ପ୍ରତି ତାଙ୍କର ଆସକ୍ତି ବରଂ ବୃଦ୍ଧି ପାଇଲା । ସେ ପ୍ରତିଦିନ ସକାଳ ୪ଟାରୁ ଉଠୁଥିଲେ, ବ୍ରାହ୍ମ ମୁହୂର୍ତ୍ତରେ ଭଜନଗାନ ପୂର୍ବକ ପୂଜାପାଠ ସାରି ଦେଉଥିଲେ, ସନ୍ଧ୍ୟାରେ ସନ୍ଧ୍ୟା ଉପାସନା କରୁଥିଲେ, ପିତୃଶ୍ରାଦ୍ଧ ଓ ତର୍ପଣ କରୁଥିଲେ,ଚଣ୍ଡୀପାଠ କରୁଥିଲେ, ବ୍ରତ ଉପବାସ କରୁଥିଲେ, ଉପବୀତ ଅଶୁଦ୍ଧ ହେଲେ ଶୁଦ୍ଧ କରୁଥିଲେ । ଜଣେ ବ୍ରାହ୍ମଣ ରୂପେ ସେ ବର୍ଣ୍ଣାଶ୍ରମ ଧର୍ମ ପାଳନ କରୁଥିଲେ ।

ବହୁମୁଖୀ ଦେଶସେବା କାର୍ଯ୍ୟରେ ଲିପ୍ତ ରହି ମଧ୍ୟ ନୃସିଂହ ଗୁରୁ ସାମ୍ବାଦିକତାକୁ ଜୀବନରେ ପେଷାରୂପେ ଗ୍ରହଣ କରିଥିଲେ ଏବଂ ସେଥିପାଇଁ କିଛି କିଛି ସମୟ ନିୟୋଗ କରିଥିଲେ । ପିଲାଦିନରୁ ପତ୍ର ପତ୍ରିକା ପ୍ରତି ତାଙ୍କର ଆସକ୍ତି ରହିଥିଲା । ସରଣ୍ଡାରେ ମାମୁଁଘରେ ରହି ପ୍ରାଇମେରୀ ସ୍କୁଲରେ ପଢିବା ସମୟରେ ମାମୁଁ ପାଖକୁ "ସମ୍ବଲପୁର ହିତୈଷିଣୀ" ପତ୍ରିକା ନିୟମିତ ଆସୁଥିଲା ଏବଂ ତହିଁରୁ ସେ କିଛି କିଛି ପଢୁଥିଲେ । ସମ୍ବଲପୁରରେ ମି.ଇ. ସ୍କୁଲରେ ନାମ ଲେଖାଇଲେ ପରେ ସେ ଅନେକ ପତ୍ରପତ୍ରିକାର ସଂସର୍ଗରେ ଆସିଲେ ଏବଂ ହାଇସ୍କୁଲରେ ପଢିଲା ବେଳକୁ ପତ୍ରପତ୍ରିକା ପଢିବା ତାଙ୍କର ଏକ ଅଭ୍ୟାସ ହୋଇଯାଇଥିଲା । ୧୯୨୧ ରୁ ସେ ଗାନ୍ଧିଜୀଙ୍କ 'ୟଙ୍ଗ ଇଣ୍ଡିଆ' ପତ୍ରିକା ପଢିବା ଆରମ୍ଭ କଲେ । ମାତ୍ର ଇତି ମଧ୍ୟରେ ସମାଜ ପତ୍ରିକା ପ୍ରତି ତାଙ୍କର ଆକର୍ଷଣ ବୃଦ୍ଧି ପାଇଥିଲା । 'ସମାଜ' ୧୯୧୯ର ଦଶହରା ଦିନ ଗୋପବନ୍ଧୁ ଦାସଙ୍କ ସଂପାଦନାରେ ସାପ୍ତାହିକ ପତ୍ରିକା ରୂପେ ଆରମ୍ଭ ହେଲା । ୧୯୨୮ ମସିହାରୁ ନୃସିଂହ ଗୁରୁ ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ 'ସମାଜ'ପତ୍ରିକାକୁ ସମୟ ସମୟରେ ସମ୍ବାଦ ପଠାଉଥିଲେ । ୧୯୩୦ ଏପ୍ରିଲ ମାସରେ ଅକ୍ଷୟ ତୃତୀୟା ଦିନ ଏହା ଦୈନିକ ହେଲା । ମାତ୍ର ୧୯୩୨ ରୁ ସେ ବିଧିବଦ୍ଧ ଭାବରେ 'ସମାଜ' ର ଏଜେଣ୍ଟ ହେଲେ ଏବଂ ପରେ ସମ୍ବାଦ ଦାତା ହେଲେ ।

'ସମାଜ' ପତ୍ରିକା ପ୍ରତି ଗୁରୁଜୀଙ୍କ ଆକର୍ଷଣର ଦୁଇଟି କାରଣ ଥିଲା । ପ୍ରଥମଟି ହେଲା 'ସମାଜ' ର ପ୍ରତିଷ୍ଠାତା ଗୋପବନ୍ଧୁ ଦାସଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ । ୧୯୨୮ ଜୁନ ମାସରେ ଗୋପବନ୍ଧୁଙ୍କର ଅକାଳ ଦେହାନ୍ତ ପରେ ଗୁରୁଜୀ ମନେ କଲେ ଯେ 'ସମାଜ'





ପତ୍ରିକାର ଲୋକପ୍ରିୟତା ପାଇଁ କିଛି କରିପାରିଲେ ତାହା ଗୋପବନ୍ଧୁଙ୍କ ପ୍ରତି ତାଙ୍କର ଯଥାର୍ଥ ଶ୍ରଦ୍ଧାଞ୍ଜଳି ହୋଇପାରିବ । ଦ୍ୱିତୀୟତଃ 'ସମାଜ' ଥିଲା ଓଡ଼ିଶାରେ କଂଗ୍ରେସ ଆନ୍ଦୋଳନର ମୁଖପତ୍ର । କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମ ଏବଂ ଗାନ୍ଧିଜୀଙ୍କ ଦେଶବାସୀଙ୍କୁ ବାର୍ତ୍ତା ଉପରେ ଏହା ଗୁରୁତ୍ୱ ଦେଉଥିଲା । ଜଣେ କଂଗ୍ରେସ କର୍ମୀ ରୂପେ ଏହାର ପ୍ରଚାର ଓ ପ୍ରସାର ଏକ ପବିତ୍ର କର୍ତ୍ତବ୍ୟ ବୋଲି ଗୁରୁଜୀ ମନେ କଲେ । ଏପରିକି କାଖରେ 'ସମାଜ' ଚିଡ଼ାଧରି ଘର ଘର ବୁଲି କାଗଜ ଦେଇ ଆସୁଥିଲେ । ତାଙ୍କର ନିଷ୍ଠାପର ଉଦ୍ୟମରେ ସମାଜର ଗ୍ରାହକ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଲା । ବିଶେଷ କରି ପଶ୍ଚିମ ଓଡିଶାରେ 'ସମାଜ'କୁ ଘରେ ଘରେ ପହଞ୍ଚାଇବା ପାଇଁ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଏପରିକି ବହୁ ଲୋକ 'ସମାଜ' କହିଲେ ନୃସିଂହ ଗୁରୁଙ୍କୁ ବୁଝୁଥିଲେ ଏବଂ ତାଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସ୍ୱତଃସ୍ଫୂର୍ତ୍ତ ଭାବରେ ତାର ଗ୍ରାହକ ହୋଇ ଯାଉଥିଲେ । ସେତେବେଳେ ସେ କେତେଜଣ ହକର୍ ନିଯୁକ୍ତ କଲେ । ମାତ୍ର ଏହାପରେ ମଧ୍ୟ ସେ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କାଗଜ ବାଣ୍ଟୁଥିଲେ ଏବଂ ଦୂର ଅଞ୍ଚଳକୁ ସାଇକେଲରେ କାଗଜ ପହଞ୍ଚାଉଥିଲେ । ସମ୍ବାଦଦାତା ହିସାବରେ ତାଙ୍କର ମାସିକ ପ୍ରାପ୍ୟ ପାଞ୍ଚଟଙ୍କାରୁ ଆରମ୍ଭ ହୋଇ ମୃତ୍ୟୁର ପାଞ୍ଚ ବର୍ଷ ଆଗରୁ ତାହା ୨୫୦ ଟଙ୍କାରେ ପହଞ୍ଚିଲା ।

୧୯୩୭ ରେ ବୋଧରାମ ଦୁବେ ଓଡ଼ିଶାର ମନ୍ତ୍ରୀ ହେଲାପରେ ତାଙ୍କର ଉଦ୍ୟମରେ ନୃସିଂହ ଗୁରୁ Associated Press of India ର ସମ୍ବାଦଦାତା ରୂପେ ନିଯୁକ୍ତି ପାଇଲେ । ଭାରତର ସ୍ୱାଧୀନତା ପରେ ଏହି ସଂସ୍ଥାର ନାମ Press Trust of India ବା PTI ହୋଇ ରହିଲା ଏବଂ ନୃସିଂହ ଗୁରୁ ପିଟିଆଇର ପ୍ରତିନିଧି ରୂପେ ଦାୟିତ୍ୱ ତୁଲାଇଲେ ।

୧୯୩୭ ରେ ଗୁରୁଜୀ 'ଜାଗରଣ' ପତ୍ରିକାର ସଂପାଦକ ଥିଲେ । ଏହି ପତ୍ରିକା କଂଗ୍ରେସ ଯୁବ ସମ୍ପ୍ରଦାୟର ମୁଖପତ୍ର ରୂପେ ୧୯୩୬ ରେ ନିତ୍ୟାନନ୍ଦ ବହିଦାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ସାମ୍ବାଦିକତା ଗ୍ରହଣ କଲାପରେ ନୃସିଂହ ଗୁରୁଙ୍କ କାର୍ଯ୍ୟଭାର ବହୁତ ବଢିଗଲା । ସେ ପ୍ରତିଦିନ ସକାଳ ୪ଟାରୁ ଉଠି ନିତ୍ୟକର୍ମ ପୂଜା ପାଠ ସାରି କାମରେ ବାହାରି ପଡ଼ନ୍ତି । ରାତିରେ ଶୋଇଲା ବେଳକୁ ବାରଟା ହୋଇଯାଏ । ତାଙ୍କର ବହୁମୁଖୀ କାର୍ଯ୍ୟକ୍ରମରେ ସେ ଅନବରତ ବ୍ୟସ୍ତ ରହନ୍ତି ।

ଭୋଜନରେ ତାଙ୍କର କଟକଣା ବେଶୀ । ବିଦେଶୀ କଳରେ ତିଆରି ବୋଲି ଚିନି ଖାଆନ୍ତି ନାହିଁ । ଭୋଜିକୁ ଖାଇଯିବେ, ଚିନି ପଡ଼ିଥାଏ ବୋଲି କ୍ଷୀରୀ ଖାଇବେ ନାହିଁ । ସେ ଥିଲେ ନିରାମିଷାଶି । ଥରେ ସେ ରିଲିଫ ବାଣ୍ଟିବାକୁ ଗଲାବେଳେ ଗୋଟିଏ ଗାଆଁରେ ଭୁଲବଶତଃ ଛତୁଭାବି ମାଂସ ତରକାରୀ ଖାଇଥିଲେ । ଏହା ଜାଣିଲା ପରେ ସେ ଅନୁତାପ କଲେ ଏବଂ ପ୍ରାୟଶ୍ଚିତ ସ୍ୱରୂପ ୨୪ ଘଣ୍ଟା ଅନଶନ କଲେ । ବିଡ଼ି

ସିଗାରେଟର ସେ ଧାର ଧାରୁ ନଥିଲେ ଚା, କଫି ଓ କୋକାକୋଲା ଆଦି ବି ସ୍ପର୍ଶ କରୁ ନଥିଲେ । ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପକ୍ଷରେ ଏତେ କଟକଣା ଚିନ୍ତା କରି ହୁଏ ନାହିଁ ।

ତାଙ୍କର ନିତିଦିନିଆ ପୋଷାକ ଥିଲା, ଆଣ୍ଠୁ ପର୍ଯ୍ୟନ୍ତ ଖଣ୍ଡିଏ ଖଦଡ଼ ଧୋତି, କାନ୍ଧରେ ଖଣ୍ଡିଏ ଖଦଡ଼ ଗାମୁଛା । ଦେହ ପୁଙ୍ଗୁଳା । କାନ୍ଧରେ ଝୁଲୁଥାଏ ଝୁଲା ମୁଣିଟିଏ, ତହିଁରେ ଥାଏ କେତେ ପ୍ରକାର କାଗଜ ପତ୍ର ଓ ଦୁଆତ କଲମ ଆଦି ଉପକରଣ । ମୁକୁଳା ପାଦ, ଯୋତା କି ଚପଲ କେବେ ବ୍ୟବହାର କରନ୍ତି ନାହିଁ । ଖରା ବର୍ଷା ପାଇଁ ତାଳପତ୍ର ଛତାଟିଏ ଧରନ୍ତି । ସେ ଥିଲେ ବାଙ୍ଗରା, ପ୍ରାୟ ୫ଫୁଟ ଉଚ୍ଚ ହେବେ । ଚନ୍ଦନ ଚର୍ଚ୍ଚିତ କପାଳରେ ଚନ୍ଦ୍ରରେଖା ସ୍ପଷ୍ଟ ଦିଶୁଥାଏ । ତେଣୁ ତାଙ୍କୁ ବନ୍ଧୁମାନେ ବାମନ ଅବତାର ବୋଲି କହନ୍ତି । ଅଫିସର ମାନଙ୍କ ସାଙ୍ଗରେ, ଚାଷି ମୁଲିଆଙ୍କ ସଙ୍ଗରେ, ସଭାସମିତିରେ ବା ଯେ କୌଣସି ଠାରେ ଥିଲେ ବି ତାଙ୍କର ସେହି ଗୋଟିଏ ପୋଷାକ । ଏଥିପାଇଁ ତାଙ୍କୁ କେତେକ ଗାନ୍ଧୀ ବୋଲି କହନ୍ତି ତ କେତେକ ଗାଉଁଲିଆ ବୋଲି କହନ୍ତି । କେତେକ ପ୍ରଶଂସା କରନ୍ତି ତ କେତେକ ସମାଲୋଚନା କରନ୍ତି । ମାତ୍ର ତାଙ୍କ ଠାରେ ମାନ ଅଭିମାନ ନଥିଲା, ନିନ୍ଦାସ୍ତୁତିରେ ସେ ବିଚଳିତ ନଥିଲେ । ଏ ସଂପର୍କରେ ତାଙ୍କ ଜୀବନରେ ଅନେକ ଦୃଷ୍ଟାନ୍ତ ଉଲ୍ଲେଖ କରାଯାଇପାରେ ।

'ସମାଜ' ର ତତ୍ତ୍ୱାବଧାରକ ରାଧାନାଥ ରଥ ମନ୍ତ୍ରୀ ଥିଲା ବେଳେ ଭୁବନେଶ୍ୱରରେ ରହୁଥିଲେ । ଥରେ ରାଧାନାଥ ବାବୁଙ୍କ ସହିତ ଜରୁରୀ କାର୍ଯ୍ୟ ଥିବାରୁ ନୃସିଂହ ଗୁରୁ ବାର୍ତ୍ତା ସଂପାଦକ ଉଦୟନାଥ ଷଡ଼ଙ୍ଗୀଙ୍କ ସହିତ ଭୁବନେଶ୍ୱରରେ ପହଞ୍ଚିଲେ । ସେତେବେଳେ ମନ୍ତ୍ରୀ ରାଧାନାଥ ବାବୁ ଅଫିସରେ ଥିଲେ । ନୃସିଂହ ଗୁରୁ ଚପରାସୀ ହାତରେ ପରିଚୟ କାର୍ଡ଼ ପଠାଇଲେ "ନୃସିଂହ ଗୁରୁ,ସମାଜ ପ୍ରତିନିଧି ସମ୍ବଲପୁର" । ଅଳ୍ପ ସମୟ ପରେ ଡାକରା ପାଇ ଦୁହେଁ ଗଲେ ଭିତରକୁ । ନୃସିଂହ ଗୁରୁଙ୍କ ବେଶଭୂଷା ଦେଖି ରାଧାନାଥ ବାବୁ ଭୀଷଣ ରାଗିଗଲେ ଏବଂ ବିଦ୍ରୂପ କରି କହିଲେ;"ତୁମେ 'ସମାଜ'ର ଜିଲ୍ଲା ପ୍ରତିନିଧି ! ଖଣ୍ଡେ ଆଣ୍ଠୁଲୁଚା କରିଆ ପିନ୍ଧି, ଦେଢ଼ ହାତର ଗାମୁଛା କାନ୍ଧରେ ପକାଇ ଭିକାରୀଟିଏ ସମାଜର ପ୍ରତିନିଧି ହୋଇ ପାରିବ ନାହିଁ । ଏହି କାଙ୍ଗାଳ ବେଶରେ 'ସମାଜ'ର ପ୍ରତିନିଧି ଦେଶର ବିଶିଷ୍ଟ ନେତା ଓ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କୁ ସାକ୍ଷାତ କରିବ । ତୁମପାଇଁ "ସମାଜ"ପତ୍ରିକାର ମାନସମ୍ମାନ ମାଟିରେ ମିଶିଯିବ । ଆମେ ତୁମକୁ 'ସମାଜ' ପ୍ରତିନିଧି ରୂପେ ରଖିପାରିବୁ ନାହିଁ ।"

ରାଧନାଥ ବାବୁ ପ୍ରାୟ ୬,୭ ମିନିଟ ଗାଳି ବର୍ଷଣ କଲେ ଏବଂ ନୃସିଂହ ଗୁରୁ ଧୈର୍ଯ୍ୟର ସହ ଶୁଣିଯାଉଥିଲେ । ଅଫିସର ସମସ୍ତେ ଗୁରୁଜୀଙ୍କ ମୁହଁକୁ ଅନାଉଥିଲେ; ମାତ୍ର ତହିଁରେ ଉଦ୍‌ବେଗ ବା ଦୁଃଖର ଚିହ୍ନ ନଥିଲା । ରାଧାନାଥ ବାବୁ ତୁନୀ ହେଲାପରେ ଗୁରୁଜୀ ଶାନ୍ତ ଓ ଧୀର ଭାବରେ କହିଲେ; " 'ସମାଜ'ର ମର୍ଯ୍ୟାଦାରେ ଯଦି ହାନି ଘଟୁଛି,





ତେବେ ମୋତେ ପ୍ରତିନିଧି ରଖିନପାରନ୍ତି । ମାତ୍ର ମୁଁ ମୋର ପୋଷାକ ବଦଳାଇ ପାରିବି ନାହିଁ ।"

ତଳକୁ ମୁହଁ ପୋତି ରାଧାନାଥ ବାବୁ କିଛି ସମୟ ମୌନ ରହି ରହିଲେ । ତା ପରେ ନିର୍ଦ୍ଦେଶ ଦେଲେ "ଭିତରକୁ ଯାଆନ୍ତୁ । ଆଜି ଏଠାରେ ଖାଇବା । ସେହି ସମୟରେ କଥାବାର୍ତ୍ତା ହେବା" । ନୃସିଂହ ଗୁରୁଙ୍କ ଧୈର୍ଯ୍ୟ ଓ ନୀରଭିମାନତା ସେଦିନ ରାଧାନାଥ ବାବୁଙ୍କ ହୃଦୟକୁ ଜୟ କରିନେଲା ।"

ଅନ୍ୟ ଏକ ବିଶିଷ୍ଟ ଘଟଣା ଘଟିଥିଲା । ଝାରସୁଗୁଡ଼ାର ବିମାନ ଘାଟିରେ ଯେତେବେଳେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିର୍ବାଚନ ପ୍ରଚାରରେ ଆସିଥିଲେ, ତାଙ୍କର ଅଭ୍ୟର୍ଥନା ପାଇଁ ସେଠାରେ ବିରାଟ ଜନସମାବେଶ ହୋଇଥିଲା । ନୃସିଂହ ଗୁରୁ ଜଣେ ସାମ୍ବାଦିକ ରୂପେ ଏକ ସୁବିଧାଜନକ ସ୍ଥାନରେ ଠିଆ ହୋଇ ରହିଥିଲେ । ଇନ୍ଦିରାଜୀ ବିମାନରୁ ଓହ୍ଲାଇ ଚାଲି ଆସୁଥିବା ବେଳେ ହଠାତ ଆଖି ପଡ଼ିଲା ଋଷି ପ୍ରତିମ ନୃସିଂହ ଗୁରୁଙ୍କ ଉପରେ । ମୁହଁର ଚେହେରା ଠିକ ଗାନ୍ଧିଜୀଙ୍କ ଭଳି; ପୋଷାକ ପରିଚ୍ଛଦ ମଧ ଠିକ ତଦନୁରୂପ । ଇନ୍ଦିରାଜୀଙ୍କ ମନେ ହେଲା ସତେ ଯେପରି ବାପୁ ଠିଆ ହୋଇ ତାଙ୍କୁ ଅନାଇ ରହିଛନ୍ତି । ସେ ଅଥୟ ହୋଇ ଉଠିଲେ । ଯନ୍ତ୍ର ଚାଳିତ ଭଳି ସେ ନୃସିଂହଙ୍କ ପାଖକୁ ଚାଲି ଆସିଲେ ଏବଂ ତାଙ୍କର ପଦସ୍ପର୍ଶ କରି ପ୍ରଣତି ଜଣାଇଲେ ।

ନୃସିଂହ ଗୁରୁଙ୍କ ମୁଖମଣ୍ଡଳର ଗୁରୁତ୍ୱ, ତାଙ୍କର ବେଶଭୂଷା, ତାଙ୍କର ଆନ୍ତରିକତା, ଆଧାତ୍ମିକତା, ଓ ଦେଶ ପ୍ରାଣତା ଏବଂ ହରିଜନମାନଙ୍କ ସେବାରେ ତାଙ୍କର ସମର୍ପିତ ଜୀବନ ଯୋଗୁଁ ଲୋକେ ତାଙ୍କୁ ଗାନ୍ଧିଜୀଙ୍କ ସହିତ ତୁଳନା କରି "ପଶ୍ଚିମ ଓଡ଼ିଶାର ଗାନ୍ଧୀ" ବୋଲି ଅଭିହିତ କରୁଥିଲେ । ତାଙ୍କ ସଂପର୍କରେ ଆସିଥିବା ଲୋକମାନେ କହନ୍ତି ଯେ ଗାନ୍ଧିଜୀ ଗୁରୁଜୀଙ୍କ ଅନ୍ତରରେ ବଞ୍ଚିରହିଥିଲେ । ତେଣୁ ଇନ୍ଦିରା ଗାନ୍ଧୀ ସେଦିନ ଯେ ଗୁରୁଜୀଙ୍କ ଠାରେ ବାପୁଜୀଙ୍କୁ ଦେଖି ପାରିଲେ ଏହା ଜନସାଧାରଣଙ୍କୁ ବିସ୍ମିତ କରିଥିଲେ ମଧ ଅସାଧାରଣ ନଥିଲା ।

ନୃସିଂହ ଗୁରୁ ଏହିପରି ଆଉଥରେ ଅପ୍ରତ୍ୟାଶିତ ଭାବେ ଶ୍ରଦ୍ଧା ଓ ସମ୍ମାନ ଲାଭ କରିଥିଲେ ୧୯୮୩ ଡିସେମ୍ବର ୧୬ ତାରିଖ ଦିନ ହୀରାକୁଦରେ ଅଶୋକ ନିବାସ ଠାରେ । ସେଦିନ ଓଡ଼ିଶାର ଗଭର୍ଣ୍ଣର ବିଶ୍ୱମ୍ଭରନାଥ ପାଣ୍ଡେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ପାଇଁ ଅଶୋକ ନିବାସ ଆସିଥିଲେ । ବୟୋବୃଦ୍ଧ ସାମ୍ବାଦିକ ରୂପେ ନୃସିଂହ ଗୁରୁଙ୍କୁ ସବା ଆଗଧାଡ଼ିରେ ସ୍ଥାନ ଦିଆଯାଇଥିଲା । ଗଭର୍ଣ୍ଣର ପାଣ୍ଡେ ଦିନେ ଉଚ୍ଚକୋଟିର ସ୍ୱାଧୀନତା ସଂଗ୍ରାମୀ ଥିଲେ ଏବଂ ସେତେବେଳେ ନୃସିଂହ ଗୁରୁଙ୍କ ସହିତ ତାଙ୍କର ସାଧାରଣ ପରିଚୟ ଥିଲା । ଗୁରୁଜୀ ଭାବିଥିଲେ ଯେ ଗଭର୍ଣ୍ଣର ସେ କଥା ଆଉ ମନେ ରଖି ନଥିବେ । ସେହି ସମୟରେ ତାଙ୍କ ଭୂକୁଣୀ ବିଶି ଆଙ୍ଗୁଠିରେ କଣିନଖା ହୋଇ ରହିଥା ଲସା

ବାହାରୁଥିଲା । ଗୁରୁଜୀ ଚିନ୍ତା କରୁଥିଲେ କାଳେ ଯଦି ଗଭର୍ଣ୍ଣର ତାଙ୍କୁ ଚିହ୍ନିପାରି ହାତ ମିଳାଇ ଦିଅନ୍ତି, ତାଙ୍କ ହାତରେ ପୁଜ ଲାଗିଯିବ । ବିବ୍ରତ ହୋଇ ସେ ରୁମାଲରେ ପୁଜ ପୋଛୁଥିଲେ । ଏତିକି ବେଳେ ଗଭର୍ଣ୍ଣର ଗୁରୁଜୀଙ୍କ ପାଖକୁ ଆସି ତାଙ୍କୁ କୁଣ୍ଢାଇ ଧରିଲେ ଏବଂ ପୂର୍ବର ପରିଚୟ କଥା ମନେ ପକାଇଦେଲେ । ଗୁରୁଜୀଙ୍କ ଆଖି ଛଳଛଳ ହୋଇ କଣ୍ଠରୁଦ୍ଧ ହୋଇଗଲା । ସେ ନିର୍ବାକ ହୋଇ ଚାହିଁଲେ ଗଭର୍ଣ୍ଣରଙ୍କ ମୁହଁକୁ ।

ନୃସିଂହ ଗୁରୁ ନିଜର ସୁଖ ପାଇଁ ଅନ୍ୟକୁ ହଇରାଣ କରିବା ପାଇଁ ଆଦୌ ଚାହୁଁନଥିଲେ । ଏ ସଂପର୍କରେ ଏକ ଚିତ୍ତାକର୍ଷକ ଘଟଣା 'ସମାଜ'ର ବାର୍ତ୍ତା ସଂପାଦକ ଉଦୟନାଥ ବାବୁ ଲେଖିଛନ୍ତି । ଗୁରୁଜୀ ଦୂର ସ୍ଥାନକୁ ଗଲେ ରାତିରେ ଶୋଇବା ପାଇଁ କମ୍ବଳଟିଏ ଓ ଗୋଟିଏ ଛୋଟ ତକିଆ ନେଇଥାନ୍ତି । ତଳେ ପକାଇ ଦେଇ ସେ ଗଡ଼ିଯାନ୍ତି । କାହାରି ସାହାଯ୍ୟ ନେବା ଦରକାର ପଡ଼େ ନାହିଁ । ଥରେ ସନ୍ଧ୍ୟାରେ କଟକରେ ପହଞ୍ଚିବା ପରେ ଅଫିସରେ ବେଡ଼ିଙ୍ଗ ଗାମୁଛା ରଖି ବଜାର ଚାଲିଗଲେ । ଗଲାବେଳେ ମେନେଜରଙ୍କୁ କହଗଲେ, ଫେରିଲା ବେଳେ ଡେରୀ ହେବ, ଜଗୁଆଳିକୁ କହିଦେଇଥିବେ । ମେନେଜର ଭୁଲିଗଲେ କହିବାକୁ । ଜଗୁଆଳୀ ତାଙ୍କୁ ଚିହ୍ନିନାହିଁ । ତେଣୁ ସେ କବାଟ ଖୋଲିଲା ନାହିଁ । ମେନେଜରଙ୍କୁ ସହଜରେ ଖବର ଦେଇ ହୋଇଥାନ୍ତା । ମାତ୍ର ଗୁରୁଜୀ ଏତେ ରାତିରେ କାହାକୁ ହଇରାଣ କରିବାକୁ ଚାହିଁଲେ ନାହିଁ । 'ସମାଜ' ଅଫିସ ଆଗରେ ଗୋପବନ୍ଧୁ ବାଗ୍ । ସେଠାରେ ଗୋପବନ୍ଧୁ ମଣ୍ଡପରେ ତଳେ ଶୋଇ ରାତିଟା କଟାଇଦେବି ବୋଲି ସ୍ଥିର କଲେ । ଜଗୁଆଳି ଭାବିଲେ ସେ ଜଣେ ଅସାମାଜିକ ଲୋକ । ପହରା ଦେଇ ଆସୁଥିବା ପୋଲିସକୁ କହି ସେ ତାଙ୍କୁ ପଠାଇଦେଲା ଲାଲ୍‌ବାଗ ଥାନା । ସେ ଥାନା ବାବୁଙ୍କୁ ବି କିଛି କହିଲେ ନାହିଁ । ହାଜତ ଭିତରେ ରାତିଟା ଆରାମରେ କଟାଇ ଦେଲେ । ଉଦୟନାଥ ବାବୁ ତା'ପର ଦିନ ସକାଳେ ଥାନାରୁ ଫୋନ ପାଇ ତାଙ୍କୁ ନେଇ ଆସିଲେ । ଉଦୟନାଥ ବାବୁ ପଚାରିଲେ, "ଏତେ କଷ୍ଟ ପାଇଲେ ମେନେଜରଙ୍କୁ ଖବର କାହିଁକି ଦେଲେ ନାହିଁ" । ଗୁରୁଜୀ ହସିଦେଇ କହିଲେ, "ଏତେ ରାତିରେ କାହିଁକି କାହାକୁ ହଇରାଣ କରନ୍ତି । ହାଜତରେ ରାତିଟା ଆରାମରେ କଟିଗଲା ।"

କେହି କୌଣସି ସମ୍ବାଦ ଲେଖି ଗୁରୁଜୀଙ୍କୁ ଦେଇଦେଲେ ସେ ତାହା ସେମିତି ପଠାଇଦେଉନଥିଲେ । ଘଟଣାର ସତ୍ୟାସତ୍ୟ ପରୀକ୍ଷା କଲାପରେ ସେ ନିଜେ ତାହା ଲେଖୁଥିଲେ ଏବଂ ପ୍ରକାଶ ପାଇଁ ପଠାଉଥିଲେ । ଘଟଣା ସ୍ଥଳକୁ ସେ ଚାଲି ଚାଲି ବା ସାଇକେଲରେ ଯାଉଥିଲେ । ତାଙ୍କ ଦ୍ୱାରା ପ୍ରେରିତ ସମ୍ବାଦରେ ସଂପାଦକଙ୍କୁ ସଂଶୋଧନ କରିବାକୁ ପଡୁନଥିଲା ଏବଂ ତାହା ସିଧାସଳଖ କଂପୋଜିସନ ପାଇଁ ପଠାଇ ଦିଆଯାଉଥିଲା । ସାମ୍ବାଦିକତା କ୍ଷେତ୍ରରେ ଗୁରୁଜୀ ଯେଉଁ ପ୍ରତିଷ୍ଠା ଲାଭ କରିଥିଲେ, ତାହା ସମ୍ବଲପୁର ପାଇଁ ଗୌରବର ବିଷୟହୋଇ ରହିଛି ।





ଘଟଣା ସ୍ଥଳରେ ଚଞ୍ଚଳ ପହଞ୍ଚି ସଂବାଦ ତଥ୍ୟ ସଂଗ୍ରହ କରିବାର ଅନେକ ଦୃଷ୍ଟାନ୍ତ ନୃସିଂହ ଗୁରୁଙ୍କ ସଂବାଦିକ ଜୀବନରୁ ମିଳିଥାଏ । ହୀରାକୁଦ ବନ୍ଧର ନିର୍ମାଣ ସମୟରେ ସେଠାରେ ଏକ ଆକସ୍ମିକ ଦୁର୍ଘଟଣା ଘଟି ୧୦ ଜଣ ଶ୍ରମିକ ମୃତ୍ୟୁବରଣ କଲେ ଏବଂ ଶତାଧିକ ଆହତ ହେଲେ । ସେତେବେଳେ ନୃସିଂହ ଗୁରୁ ଥିଲେ ସମ୍ବଲପୁରରେ । ଏହା ଶୁଣିବା ପରେ ନିଜର ପୁରୁଣା ସାଇକେଲରେ ହଠାତ୍ ଚାହାଲିଲେ ହୀରାକୁଦ । ଦୁର୍ଘଟଣା ସ୍ଥାନର ତଥ୍ୟ ସଂଗ୍ରହ କରି ଆହତ ମାନଙ୍କୁ ଦେଖା କରିବା ପାଇଁ ଡାକ୍ତର ଖାନା ଗଲେ । ସବିଶେଷ ତଥ୍ୟ ସଂଗ୍ରହ କରି ସେହିଦିନ ସେ ପି.ଟି.ଆଇ.ର ମେନେଜର ଏନ୍.ଆର୍.ସ୍ୱାମୀଙ୍କ ପାଖକୁ ଖବର ପହଞ୍ଚାଇଦେଲେ । ତାହା ସେହି ରାତିରେ ଆକାଶ ବାଣୀରେ ପ୍ରଚାରିତ ହେଲା । ସମ୍ବାଦ ପହଞ୍ଚାଇବାରେ ତତ୍ପରତା ଯୋଗୁଁ ପି. ଟି.ଆଇ ନୃସିଂହ ଗୁରୁଙ୍କୁ ଧନ୍ୟବାଦ ଜଣାଇଲେ ।

ଆଉ ଏକ ଘଟଣାରେ ହୀରାକୁଦର ଜଣେ ବିଶିଷ୍ଟ ଅଫିସର ସୂର୍ଯ୍ୟ କୁମାର ପୂଜାରୀ ଓ ପୋଲିସ ଡେପୁଟୀ ଏସ୍ ପି ଶ୍ୟାମସୁନ୍ଦର ପାଢ଼ୀ ଇବ୍ ନଦୀରେ ଲଞ୍ଚ ଯାତ୍ରା କରୁଥିବା ବେଳେ ନଦୀ ମଧ୍ୟରେ ଏକ ଉଚ୍ଚସ୍ଥାନରେ ଅଟକି ରହିଥିଲେ । ସେଠାରେ ଗୋଟିଏ ରାତି କଟାଇବା ପରେ ସକାଳେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ନୃସିଂହ ଗୁରୁ ସେହି ସକାଳରେ ସେମାନଙ୍କୁ ଭେଟି ପି.ଟି.ଆଇ. କୁ ସମ୍ବାଦ ପରିବେଷଣ ପୂର୍ବକ ପ୍ରଶଂସିତ ହୋଇଥିଲେ । ମାତ୍ର ସବୁଦିନ ସମାନ ଯାଏ ନାହିଁ । ତେବେ କେତେକ ନ୍ୟସ୍ତସ୍ୱାର୍ଥ ଓ ନୀଚପ୍ରକୃତିର ଲୋକଙ୍କ ଷଡ଼ଯନ୍ତ୍ର ଫଳରେ ସେ ପି ଟି ଆଇ ର ସେବା କାର୍ଯ୍ୟରୁ ଅବ୍ୟାହତି ନେଲେ ।

ନୃସିଂହ ଗୁରୁ କ୍ରମେ ଉପଲବ୍ଧି କରୁଥିଲେ ଯେ ଯେଉଁ ଉଦ୍ଦେଶ୍ୟରେ ଦେଶର ସ୍ୱାଧୀନତା ହାସଲ କରାଗଲା, ତାହା ବିଫଳ ହୋଇ ପଡ଼ିଛି । ସ୍ୱାଧୀନତା ପରେ କଂଗ୍ରେସ ଦଳ ଗାନ୍ଧୀଙ୍କର ପଥରୁ ଦୂରେଇ ଯାଇଛି ଏବଂ ଅନେକ କର୍ମୀ ଓ ନେତା ବିରକ୍ତ ହୋଇ କଂଗ୍ରେସକୁ ପରିତ୍ୟାଗ କରୁଛନ୍ତି ଓ ନୂଆଁ ନୂଆଁ ଦଳ ଗଠନ କରୁଛନ୍ତି । ଦେଶରେ ଅର୍ଥ ଓ କ୍ଷମତା ପାଇଁ କୁତ୍ସିତ ପ୍ରତିଯୋଗିତା ଚାଲିଛି । ସବୁ କ୍ଷେତ୍ରରେ ଦୁର୍ନୀତି ବ୍ୟାପିଯାଉଛି । ଗଣତନ୍ତ୍ର ଶାସନ ପାଇଁ ନିର୍ବାଚନ ଏକ ପ୍ରହସନରେ ପରିଣତ ହୋଇଛି ।

ଏ ସଂପର୍କରେ ନୃସିଂହ ଗୁରୁଙ୍କ ଜୀବନରେ ଏକ କୌତୁହଳପ୍ରଦ ଦୁର୍ଘଟଣା ଉଲ୍ଲେଖ ଯୋଗ୍ୟ । ସେ ଥରେ ଆସେମ୍ବ୍ଲି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଭାବେ ଦରଖାସ୍ତ କଲେ, ପାଞ୍ଚଶହ ଟଙ୍କା ଅମାନତ ଜମା କଲେ । ମାତ୍ର ପ୍ରଚାର ପତ୍ର ଛାପିଲେ ନାହିଁ; ଜିପ୍ ମଟର ବ୍ୟବହାର କଲେନାହିଁ । କେବଳ ତାଙ୍କର ପୁରୁଣା ସାଇକେଲରେ ଗାଁ ଗାଁ ବୁଲି ପ୍ରଚାର କଲେ । ଦୁର୍ନୀତିରୁ ଦୂରେଇ ରହିଲେ । ଫଳରେ ତାଙ୍କୁ ତାଙ୍କର ଅମାନତ ଟଙ୍କା ମଧ ହରାଇବାକୁ ହେଲା । ଅନେକ ଏହା ତାଙ୍କର ପାଗଳାମି ବୋଲି କହିଲେ । ମାତ୍ର ଗୁରୁଜୀଙ୍କ

ଭଳି ଜଣେ ପ୍ରାଜ୍ଞ ବ୍ୟକ୍ତି କୌଣସି ଉଦ୍ଦେଶ୍ୟ ନରଖି ଏହିପରି ଏକ ସାହସିକ ପଦକ୍ଷେପ ନେଇଥିବେ ବୋଲି ଭାବିବା ଉଚିତ ନୁହେଁ । ଯେଉଁ ବ୍ୟକ୍ତି ୧୯୨୧ ରୁ ୧୯୪୭ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ଦଳିତ ଓ ହରିଜନମାନଙ୍କ ସେବାରେ ଜୀବନକୁ ଉତ୍ସର୍ଗ କରିଥିଲେ, ଗାନ୍ଧୀଙ୍କର ନୀତି ଓ ପଥରୁ କେବେହେଲେ ବିଚ୍ୟୁତ ନଥିଲେ ,"ପଶ୍ଚିମ ଓଡ଼ିଶାର ଗାନ୍ଧୀ" ନାମରେ ପରିଚିତ ଏହିପରି ଜଣେ ବ୍ୟକ୍ତି ମଧ ଯଦି ନିର୍ବାଚନରେ ପ୍ରାର୍ଥୀ ହୋଇ ଦୁର୍ନୀତିର ଆଶ୍ରୟ ନ ନିଅନ୍ତି, ଅର୍ଥ ଓ କ୍ଷମତାର ବ୍ୟବହାର ନ କରନ୍ତି ତେବେ ତାଙ୍କର ଶୋଚନୀୟ ପରାଜୟ ଯେ ସୁନିଶ୍ଚିତ ଅଟେ ଏହା ସେ କଥାରେ ନୁହେଁ କାର୍ଯ୍ୟରେ ଦେଖାଇଦେଲେ, ରେକର୍ଡ଼ରେ ରଖିଦେଲେ ।

୧୯୬୧ ମେ ମାସର ୩୦ ତାରିଖରେ ସମ୍ବଲପୁର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ଦେହାନ୍ତ ହେଲା । ସେତେବେଳର ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ପାଇଁ ପ୍ରଚାର କାର୍ଯ୍ୟ ଶେଷ କରିବା ପରେ ସେ କବିଗୁରୁ ରବିନ୍ଦ୍ର ନାଥଙ୍କର ଶତବାର୍ଷିକୀ ଜୟନ୍ତୀରେ ମୁଖ୍ୟ ଅତିଥି ରୂପେ ଯୋଗ ଦେବାପାଇଁ ଝାରସୁଗୁଡ଼ାରୁ ଟ୍ରେନ ଚଢ଼ି ଭିଲାଇ ଯାଉଥିଲେ । ଟ୍ରେନ ଭିତରେ ତାଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଏହା ନିଃସନ୍ଦେହରେ ଏକ ରାଜନୈତିକ ହତ୍ୟାକାଣ୍ଡ ଥିଲା । ଲକ୍ଷ୍ମୀନାରାୟଣଙ୍କ ମୃତ୍ୟୁରେ ନୃସିଂହ ଗୁରୁ ଜଣେ ଅତି ଅନ୍ତରଙ୍ଗ ବନ୍ଧୁଙ୍କୁ ହରାଇଲେ । ୧୯୩୦ ରେ ସମ୍ବଲପୁରରେ ପାଞ୍ଚଜଣ ନିଷ୍ଠାପର କଂଗ୍ରେସ କର୍ମୀ ପଞ୍ଚସଖା ନାମରେ ଅଭିହିତ ଥିଲେ । ସେମାନଙ୍କ ମଧ୍ୟରୁ ଚିନ୍ତାମଣି ପୂଜାରୀ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ମୃତ୍ୟୁବରଣ କରିଥିଲେ । ୧୯୫୦ ବେଳକୁ ଦୟାନନ୍ଦ ଶତପଥି ଓ ଭାଗୀରଥୀ ପଟ୍ଟନାୟକ କଂଗ୍ରେସ ଛାଡ଼ି କମ୍ୟୁନିଷ୍ଟ ଦଳରେ ଯୋଗ ଦେଇଥିଲେ ଏବଂ ନୃସିଂହ ଗୁରୁ କଂଗ୍ରେସ ରାଜନୀତିରୁ ନିଜକୁ ସ୍ୱତନ୍ତ୍ର ରଖିଥିଲେ । ଏକ ମାତ୍ର ଲକ୍ଷ୍ମୀନାରାୟଣ ମିଶ୍ର ଜୀବନର ଶେଷ ପର୍ଯ୍ୟନ୍ତ ଜଣେ ନିଷ୍ଠାପର କଂଗ୍ରେସ କର୍ମୀ ରୂପେ ସମ୍ବଲପୁର କଂଗ୍ରେସ ଦଳକୁ ନେତୃତ୍ୱ ଦେଇ ଆସୁଥିଲେ । ଗୁରୁଜୀଙ୍କ ମତରେ ଏହି ହତ୍ୟାକାଣ୍ଡ ନିର୍ବାଚନୀ ରାଜନୀତିର ଭୟାବହତାର ଅୟମାରମ୍ଭ ଥିଲା ।

ନୃସିଂହ ଗୁରୁ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗୀତ କରି ପରିବାରର ସୁଖ ଦୁଃଖ, ବିପଦ ଆପଦରେ ଭାଗନେଇ ପାରିନଥିଲେ । ୧୯୪୨ ଆନ୍ଦୋଳନ ସମୟରେ ତାଙ୍କର ସବାସାନ ଛଅବର୍ଷର କନ୍ୟା ଦିନେଶ୍ୱରୀର ଅସୁସ୍ଥତା ସତ୍ତ୍ୱେ ସେ ଜେଲକୁ ଗଲେ । ତିନି ଦିନ ପରେ ତା'ର ହଠାତ୍ ମୃତ୍ୟୁ ହେଲା । ଜେଲ କର୍ତ୍ତୃପକ୍ଷ ଝିଅର ଶେଷ ଦର୍ଶନ ପାଇଁ ନୃସିଂହ ଗୁରୁଙ୍କୁ ଅନୁମତି ଦେଲେ । ଗୁରୁଜୀ ପୋଲିସ ସହିତ ଆସି ଅଳିଅଳ କନ୍ୟାର ଶବ ଉପରେ ପୁଷ୍ପାଞ୍ଜଳି ଅର୍ପଣ କଲେ ଏବଂ ସେଠାରେ ଉପସ୍ଥିତ ଆତ୍ମୀୟମାନଙ୍କୁ ଅଶ୍ରୁଭରା ନୟନରେ ଅନାଇ ଦେଇ ପୋଲିସ ସହିତ ଜେଲକୁ





ଫେରିଗଲେ । ଶୋକ ସନ୍ତପ୍ତା ସ୍ତ୍ରୀ ବା ପରିବାରର ଅନ୍ୟମାନଙ୍କୁ ଟିକିଏ ସାନ୍ତ୍ୱନା ବି ଦେଇପାରିଲେ ନାହିଁ । ଭାରତର ସ୍ୱାଧୀନତା ଲାଭପରେ ମଧ ନୃସିଂହ ଗୁରୁ ନିଜ ପାଇଁ ବା ପରିବାର ପାଇଁ କିଛି ସୁବିଧା ପାଇ ପାରିଲେ ନାହିଁ । ସେ ନେବା ପାଇଁ ନେତା ନଥିଲେ । ଦେଶ ପାଇଁ ଦେବାରେ ସେ ଆନନ୍ଦ ପାଉଥିଲେ ।

ଜୀବନର ଶେଷ ପର୍ଯ୍ୟାୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ ନୃସିଂହ ଗୁରୁ ତାଙ୍କର ଦ୍ୱିତୀୟ ପୁତ୍ର ତାରାକାନ୍ତଙ୍କୁ 'ସମାଜ' କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ସମ୍ବାଦ ଦାତା ରୂପେ ନିଯୁକ୍ତ କରିଥିଲେ । ତାରାକାନ୍ତ ବାବୁ ଦୀର୍ଘ ଦଶବର୍ଷ କାଳ ସୁଚାରୁ ରୂପେ ଦାୟିତ୍ୱ ପାଳନ କଲା ପରେ ତାଙ୍କୁ ବିନା କାରଣରେ କାର୍ଯ୍ୟରୁ ଅନ୍ତର କରି କର୍ତ୍ତୃପକ୍ଷ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେଲେ । ନୃସିଂହ ଗୁରୁ ଏଥିରେ କ୍ଷୁବ୍ଧ ହୋଇଥିଲେ ମଧ କିଛି ପ୍ରତିବାଦ କଲେ ନାହିଁ ଏବଂ ନବନିଯୁକ୍ତ ସମ୍ବାଦ ଦାତାଙ୍କୁ ଆଦରରେ ଗ୍ରହଣ କରିନେଲେ ।

ଏହି ସମୟରେ ବୋଡ଼ାସମ୍ବର - ପଦ୍ମପୁରର ଜଣେ ବ୍ୟବସାୟୀଙ୍କର ଆୟ ବହିର୍ଭୂତ ସଂପତ୍ତିର ସନ୍ଧାନ ପାଇଁ ଆୟକର ବିଭାଗର ଅଧିକାରୀ ମାନେ ତାଙ୍କ ଘର ଉପରେ ଅଚାନକ ଚଢ଼ାଉ କଲେ ଏବଂ ଅନୁସନ୍ଧାନ ଶେଷ ନହେବା ଯାଏ ତାଙ୍କୁ ନିଜ ପାଖରେ ଅଟକ ରଖିଲେ । ଏହିପରି ଭାବରେ ଅଟକ ଥିବାବେଳେ ବ୍ୟବସାୟୀଙ୍କର ଅଚାନକ ମୃତ୍ୟୁ ହୋଇଗଲା । ଏହାପରେ ବ୍ୟବସାୟୀଙ୍କ ପୁତ୍ର ଅଭିଯୋଗ କଲେ ଯେ ଆୟକର ଅଧିକାରୀମାନଙ୍କର ଅସଦାଚରଣ ଫଳରେ ତାଙ୍କର ପିତାଙ୍କର ମୃତ୍ୟୁ ହେଲା । ଏହିପରି ଏକ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ନୃସିଂହ ଗୁରୁ ସେହି ପରିଣତ ବୟସରେ ପଦ୍ମପୁର ଦୌଡ଼ିଲେ । ସେ ସବୁ ବିଷୟରେ ଅନୁସନ୍ଧାନ କରି 'ସମାଜ' ପତ୍ରିକାକୁ ସମ୍ବାଦ ପଠାଇଲେ ତାଙ୍କର ପ୍ରେରିତ ସମ୍ବାଦ ସତ୍ୟ ଉପରେ ଆଧାରିତ ଥିଲା । ଉକ୍ତ ସମ୍ବାଦ ମଧ ଅନ୍ୟ କେତେକ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା । ମାତ୍ର ଆୟକର ବିଭାଗ ଏହି ସମ୍ବାଦର ପରିବେଷଣରେ ସନ୍ତୁଷ୍ଟ ନହୋଇ ଅଭିଯୋଗ କଲେ । ଏ ବାବଦରେ ସମ୍ବାଦ ପ୍ରକାଶ କରିଥିବା ଅନ୍ୟ ସମ୍ବାଦପତ୍ରମାନେ ଭୁଲ ସ୍ୱୀକାର କରିନଥିବା ବେଳେ 'ସମାଜ' ସଂପାଦକ ଡକ୍ଟର ରାଧାନାଥ ରଥ କେତେକ କୁଚକ୍ରୀ ବ୍ୟକ୍ତିଙ୍କ ପ୍ରରୋଚନାରେ ଏଥି ପାଇଁ କ୍ଷମା ପ୍ରାର୍ଥନା କଲେ । ଏହା ଗୁରୁଜୀଙ୍କର ସାଧୁତା ଓ ସୁନାମରେ ଆଞ୍ଚ ଆଣିଲା ଏବଂ ତାଙ୍କୁ ତାହା ଶକ୍ତ ଧକ୍କା ଦେଇଥିଲା । ସମଗ୍ର ଜୀବନ ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ କରି ଆସିଥିବା ନୃସିଂହ ଗୁରୁଙ୍କୁ ଏହି ଘଟଣା ମୃତ୍ୟୁର ନିକଟବର୍ତ୍ତୀ କରି ନେଇଥିଲା । ଯେଉଁ 'ସମାଜ'କୁ ଶ୍ରୀ ଗୁରୁ ଜୀବନ ଠାରୁ ବଳି ଭଲ ପାଉଥିଲେ ଶେଷରେ ତାହା ତାଙ୍କର ମୃତ୍ୟୁର ଅନ୍ୟତମ କାରଣ ହୋଇଥିଲା ।

ପ୍ରାୟ ଏହି ସମୟରେ ୧୯୮୩ ମେ ମାସ ୩୧ ତାରିଖରେ ଦୟାନନ୍ଦ ଶତପଥିଙ୍କର ସମ୍ବଲପୁର ସଦର ଡାକ୍ତରଖାନାରେ ମୃତ୍ୟୁ ହେଲା । ଲବଣ ସତ୍ୟାଗ୍ରହରୁ

ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ନୃସିଂହ ଗୁରୁ ଦୟାନନ୍ଦଙ୍କ ସହିତ ଏକତ୍ର ସଂଗ୍ରାମ କରି ଆସୁଥିଲେ । ଉଭୟଙ୍କ ମଧ୍ୟରେ ପାରିବାରିକ ସଂପର୍କ ରହିଥିଲା । ଗୁରୁଜୀ ଦୟାନନ୍ଦଙ୍କ ଶେଷ ଦର୍ଶନ ପାଇଁ ଡାକ୍ତରଖାନା ଯାଇଥିଲେ । ସେଦିନ ସେ ଅନୁଭବ କଲେ ଯେ ସେ ମଧ୍ୟ ଏହାପରେ ଆଉ ବେଶୀ ଦିନ ବଞ୍ଚି ପାରିବେ ନାହିଁ । ସେ ନିରାଶ ହୋଇ ପଡୁଥିବା ବେଳେ ୧.୧.୧୯୮୪ ରେ ନବବର୍ଷ ଉତ୍ସବର ପାଳନ ପାଇଁ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ଆୟୋଜନ କରୁଥିଲେ ଏବଂ ସେହି ଅବସରରେ ନୃସିଂହ ଗୁରୁଙ୍କୁ ବିଶିଷ୍ଟ ଅତିଥି ରୂପେ ନିମନ୍ତ୍ରଣ କରିଥିଲେ । ଏହି ଅବସରରେ ତାଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରି ଏକ ମାନପତ୍ର ପ୍ରଦାନ ପାଇଁ ସ୍ଥିର ହୋଇଥିଲା । ଗୁରୁଜୀ ଅନିଚ୍ଛା ସତ୍ତ୍ୱେ ଏହି ଉତ୍ସବରେ ଯୋଗଦାନ କରିଥିଲେ । ସେ ହିଁ ଏହି ସଂଘର ପ୍ରତିଷ୍ଠାତା ଥିଲେ ଏବଂ ଅନେକ ଦିନଯାଏ ଏହାର ସଭାପତି ରୂପେ ରହିଥିଲେ । ସେଦିନ ସେହି 'କୋଶଳ' ଭବନରେ ମାନପତ୍ର ଗ୍ରହଣ ବେଳେ ସେ ଉପଲବ୍ଧି କଲେ ଯେ ତାଙ୍କ କର୍ମଯୋଗର ଅବସାନ ହୋଇଛି ଏବଂ ସେ ଜୀବନ- ସଂଗ୍ରାମରୁ ବିଦାୟ ନେଉଛନ୍ତି । ସେଠାରେ ଉପସ୍ଥିତ ତାଙ୍କର ଅନେକ ବନ୍ଧୁ ତାଙ୍କର ମୁଖ ମଣ୍ଡଳରେ ବିଷାଦ ଛାୟା ଦେଖିବାକୁ ପାଇଥିଲେ ।

ତା'ପରଦିନ ଜାନୁୟାରୀ ୨ ତାରିଖ ସକାଳେ ନୃସିଂହ ଗୁରୁ ତାଙ୍କର ଶଳାଙ୍କ ପୁଅଙ୍କର ସ୍ତ୍ରୀଙ୍କ ମୃତାହ କାର୍ଯ୍ୟରେ ଯୋଗଦେବା ପାଇଁ ଏକ କାର୍‌ରେ ତାଙ୍କର ବଡଝିଅ କୁମୁଦିନୀ ଓ ନାତି ଯୁଧିଷ୍ଠିରଙ୍କ ସହ ମଧ୍ୟପ୍ରଦେଶର ସାରଙ୍ଗଡ଼ ଗଲେ । ସାରଙ୍ଗଡ଼ ଶ୍ୱଶୁରାଳୟରେ ପହଞ୍ଚିବା ରାତିରେ ହୃଦ୍‌ରୋଗର ଆଭାସ ପାଇ ସେ ଜାଣିଗଲେ ଯେ ତାଙ୍କର ଶେଷ ସମୟ ଆସିଯାଇଛି । ସେ ଠାକୁରଙ୍କ ପୂଜା ଘରକୁ ଚାଲିଗଲେ । ତାଙ୍କ ସହିତ ସମ୍ବଲପୁରରୁ ଯାଇଥିବା ଜ୍ୟେଷ୍ଠାକନ୍ୟା କୁମୁଦିନୀଙ୍କୁ ଗୁରୁଜୀ ମା ରୂପରେ ଦେଖୁଥିଲେ । ସେ ମା କୁମୁଦିନୀଙ୍କୁ ଡାକି ତାଙ୍କୁ ଅସୁସ୍ଥତା କଥା କହିଲେ ଏବଂ ମାଙ୍କ କୋଳରେ ମୁଣ୍ଡ ରଖି ଠାକୁରଙ୍କୁ ଅନାଇ ରହିଲେ । ଠିକ ସେହି ସମୟରେ ତାଙ୍କର ଜୀବନ ଦୀପ ଲିଭିଗଲା । ଶ୍ରୀ ଅରବିନ୍ଦ କହୁଥିଲେ, "ତୁମେ ମାଙ୍କ ଠାରେ ନିଜକୁ ସମର୍ପଣ କରିଦିଅ, ମାଙ୍କ ମାଧ୍ୟମରେ ହିଁ ପରମ ପିତା ପରମାତ୍ମାଙ୍କୁ ଲାଭ କରିପାରିବ ।" ନୃସିଂହ ଗୁରୁ ବଡ଼ ଝିଅ କୁମୁଦିନୀଙ୍କ ଠାରେ ଦିବ୍ୟ ଜନନୀଙ୍କୁ ଦର୍ଶନ କଲେ ଏବଂ ତାଙ୍କ ଠାରେ ନିଜକୁ ସମର୍ପଣ କରିଦେଇ ପରମାତ୍ମାଙ୍କର ପରମଧାମ ଅଭିମୁଖେ ମହାପ୍ରୟାଣ କଲେ ।

ଯେଉଁ କାର୍‌ରେ ସେ ସାରଙ୍ଗଗଡ ଯାଇଥିଲେ ସେଥିରେ ତାଙ୍କର ମୃତ ଦେହକୁ ୩ ତାରିଖ ସକାଳେ ତାଙ୍କ ସମ୍ବଲପୁର ସହରର ମୁଦିପଡାସ୍ଥିତ ଲେବର କଲୋନୀର ବାସଗୃହକୁ ଅଣାଗଲା । ଦଳମତ ନିର୍ବିଶେଷରେ ହଜାର ହଜାର ଲୋକ ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କଲେ । ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟାରେ ରାଜଘାଟଠାରେ ଏତେ ଲୋକଙ୍କ ସମାଗମ ହୋଇଥିଲା ଯେ,ସେଇଥିରୁ ତାଙ୍କ ପ୍ରତି ସାଧାରଣ ଲୋକଙ୍କର ଅଶେଷ ଶ୍ରଦ୍ଧା





ଥିଲା ତାହା ପ୍ରମାଣିତ ହୋଇଥିଲା । ତାଙ୍କ ବିୟୋଗରେ ଦେଶ ଜଣେ ସଚ୍ଚୋଟ ଗାନ୍ଧିବାଦୀ,ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ବାଦିକଙ୍କୁ ହରାଇଲା ।

## ସହାୟକ ଗ୍ରନ୍ଥ :-


୧. ଓଡ଼ିଶା ଇତିହାସ (ଦ୍ୱିତୀୟ ଭାଗ) ଯଜ୍ଞକୁମାର ସାହୁ, ନାଳନ୍ଦା, କଟକ, ୧୯୮୯

୨. ସମ୍ବଲପୁର ଇତିହାସ - ଶିବପ୍ରସାଦ ଦାସ, ସମ୍ବଲପୁର, ୧୯୬୨

୩. ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ - ସୁରେନ୍ଦ୍ର ପଟ୍ଟନାୟକ, କଟକ, ୧୯୭୨

୪. ଅକ୍ଷୟ ତାରକା, ଚନ୍ଦ୍ର ଶେଖର - ଶଙ୍କର ପ୍ରସାଦ ପାଢୀ, ସମ୍ବଲପୁର

୫. ଶିମଲା ଯାତ୍ରା - ଶ୍ରୀପତି ମିଶ୍ର, ସମ୍ବଲପୁର

୬. ବୀର ସୁରେନ୍ଦ୍ର ସାଏ- ଯଜ୍ଞକୁମାର ସାହୁ, ଗ୍ରନ୍ଥ ମନ୍ଦିର, କଟକ, ୧୯୯୮

୭. ମୁକ୍ତି ପଥର ଯାତ୍ରୀ - ରବୀନ୍ଦ୍ର କୁମାର ଗଡ଼ତିଆ, ବରପାଲି

୮. ଅଗ୍ନିପଥ - ଅଗ୍ନିପଥ - କୁମାର ହସନ

୯. ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ - କୁମାର ହସନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ୨୦୦୧

୧୦. ସମ୍ବଲପୁରରେ ଭାଷା ଆନ୍ଦୋଳନ - ଶଙ୍କର ପ୍ରସାଦ ପାଢୀ

୧୧. ଶ୍ରଦ୍ଧାର୍ପଣ - ନବୀନ କିଶୋର ପରଡ଼ିଆ, ପାଣିମୋରା, ୧୯୮୫

୧୨. ଆମର ଗର୍ବ ଓ ଗୌରବ - ନବୀନ କିଶୋର ପରଡ଼ିଆ, ପାଣିମୋରା, ୧୯୯୭-୯୮

୧୩. ମଧ୍ୟମ ପୁରୁଷ - ଶ୍ରଦ୍ଧାକର ସୁପକାର, ୧୯୮୨

୧୪. ମୋ ପୂର୍ବସ୍ମୃତି କଥା - ଭରତ ଚନ୍ଦ୍ର ନାଏକ

୧୫. ସମ୍ବାଦ ପତ୍ରରୁ ଓଡ଼ିଶାର କଥା - ସୁଧାକର ପଟ୍ଟନାୟକ, କଟକ, ୧୯୭୨

୧୬. ଦୟାନନ୍ଦ ଶତପଥୀ, "ସ୍ମରଣିକା" ୧୯୯୩

୧୭. ନୃସିଂହ ଗୁରୁ, "ସ୍ମରଣିକା", ୧୯୯୫

୧୮. ମୁକ୍ତିଶିଖା, "ସ୍ମରଣିକା", ସମ୍ବଲପୁର ୧୯୭୩

୧୯. ମୁକ୍ତି ସଂଗ୍ରାମୀ - ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମ୍ମିଳନ. ୧୯୭୪

୨୦. ଉପେକ୍ଷିତ ବରପୁତ୍ର - ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର, ୧୯୯୨


## ଇଂରାଜୀ


1. History of Freedom Movement in India. (Vol III toV) Ed. H.K.Mahatab( 1957)
2. Freedom Movement in Sambalpur - C.R. Mishra, New Delhi,1986
3. Sambalpur District Gazetteers. Ed. N. Senapati, 1971
4. Nrusingha Guru - The Freedom Fighter , C.R.Mishra, S.U. 2002
5. New Aspects of History of Orissa, 1985.



୧୯୩୨ ମାର୍ଚ୍ଚ ୨୦ ଫାଲ୍‌ଗୁନ ପୂର୍ଣ୍ଣମୀ ତିଥିରେ ବରପାଲିରେ ଜନ୍ମ ଗ୍ରହଣ କରିଥିବା ଡ଼କ୍ଟର ଯଜ୍ଞ କୁମାର ସାହୁ ୧୯୫୫ ରୁ ୧୯୬୦ ପର୍ଯ୍ୟନ୍ତ ଗାଁ ହାଇସ୍କୁଲ ରେ ତାଲିମ ପ୍ରାପ୍ତ ଶିକ୍ଷକ ରୂପେ ଏବଂ ୧୯୬୦ ରୁ ୧୯୯୧ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ କଲେଜରେ ଅଧ୍ୟାପକ ରୁପେ କାର୍ଯ୍ୟ କରି ସେ ଜଣେ ଶିକ୍ଷାବିତ୍ ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ୧୯୬୮ ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି. ଏଚ.ଡ଼ି. ପାଇବା ପର ଠାରୁ ସେ ଗବେଷଣା କ୍ଷେତ୍ରରେ ଦ୍ରୁତଗତିରେ ଆଗେଇଛନ୍ତି । ତାଙ୍କର ବହୁ ଗବେଷଣାତ୍ମକ ପ୍ରବନ୍ଧ ଭାରତୀୟ ତଥା ଓଡ଼ିଶାର ବିଭିନ୍ନ ଗବେଷଣା ପତ୍ରିକାରେ ସ୍ଥାନୀତ ହୋଇ ଉଚ୍ଚପ୍ରଶଂସିତ ହୋଇଛି । ତାଙ୍କର ତତ୍ତ୍ୱାବଧାନରେ ବାରଜଣ ଅଧାପକ ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ଡ଼କ୍ଟରେଟ୍ ଡ଼ିଗ୍ରୀ ଲାଭ କରିଛନ୍ତି । ଅବସ୍ ଗ୍ରହଣପରେ ତାଙ୍କୁ ଭାରତୀୟ ଇତିହାସ ଗବେଷଣାପରିଷଦ (I.C.H.R) ସିନିଅର ଫେଲୋସିପ୍ ପ୍ରଦାନ କରି ଗବେଷଣା କାମ ଆଗେଇ ନେବା ପାଇଁ ପ୍ରରଣା ଦେଇଛନ୍ତି । ସେ ଅନେକ ଗବେଷଣାତ୍ମକ ପୁସ୍ତକ ଲେଖିଛନ୍ତି । ତନ୍ମଧ୍ୟରେ ନାଳନ୍ଦା ଦ୍ୱାରା ପ୍ରକାଶିତ " ଓଡ଼ିଶା ଇତିହାସ" ପ୍ରଥମ ଓ ଦ୍ୱିତୀୟ ଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ''ଓଡ଼ିଶାର ସାଂସ୍କୃତିକ ଇତିହାସ'' ର ଦ୍ୱିତୀୟ ଭାଗ, ନୂଆଦିଲ୍ଲୀ ଡିସେଣ୍ଟ ବୁକ୍‌ସ ଦ୍ୱାରା ପ୍ରକାଶିତ ''Historical Geography of Orissa'' ଓ ଗ୍ରନ୍ଥମନ୍ଦିର ଦ୍ୱାରା ପ୍ରକାଶିତ "ସୁରେନ୍ଦ୍ର ସାଏ" ଅନ୍ୟତମ । ଅଳ୍ପଦିନ ତଳେ ଆମ୍ଭ ପ୍ରକାଶ କରିଥିବା ତାଙ୍କର ଛୋଟ ପୁସ୍ତିକା "ଜଗନ୍ନାଥ ଙ୍କ ଆଦିପୀଠ ପଶ୍ଚିମ ଓଡ଼ିଶାରେ" ତାଙ୍କର କ୍ରାନ୍ତିକାରୀ ଗବେଷଣାରେ ସୁଚନା ଦିଏ । ଡ଼ : ସାହୁଙ୍କ ଅନେକ ପାଠ୍ୟ ପୁସ୍ତକ ଏମ୍. ବି. ଡ଼ି ଓ ନାଳନ୍ଦା ଦ୍ୱାରା ପ୍ରକାଶିତ ହୋଇଛି । ଓଡ଼ିଶା ପାଠ୍ୟ ପୁସ୍ତକ ପ୍ରକାଶନ ସଂସ୍ଥା ମଧ୍ୟ ତାଙ୍କର "ହର୍ଷବର୍ଦ୍ଧନ", ''ଦ୍ୱିତୀୟ ଚନ୍ଦ୍ରଗୁପ୍ତ'' , ''ବିକ୍ରମାଦିତ୍ୟ'',''ଆଧୁନିକ ଭାରତ ଇତିହାସ'' ପ୍ରଭୃତି କେତେକ ପୁସ୍ତକ ପ୍ରକାଶ କରିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଅଧ୍ୟାପକ ଡ଼କ୍ଟର ଦେବାନନ୍ଦ ଚୋପଦାରଙ୍କ ସହିତ ସେ ସଂସ୍କୃତ କାବ୍ୟ " କୋଶଳାନନ୍ଦମ୍" ର ଗବେଷଣାତ୍ମକ ସଂପାଦନା କରିଛନ୍ତି । ପରିଣତ ବୟସରେ ଡ଼ : ସାହୁ ଆଧ୍ୟାତ୍ମିକତା ପ୍ରତି ଆକୃଷ୍ଟ ହୋଇଛନ୍ତି । ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରକାଶିତ ତାଙ୍କର ପୁସ୍ତକ 'ଆତ୍ମା ଓ ପରମାତ୍ମା', 'ମା ଗାୟତ୍ରୀ', 'ଶ୍ରୀ ଅରବିନ୍ଦ ଓ ଶ୍ରୀମା' ପ୍ରଭୃତିରେ ତାଙ୍କର ଆଧ୍ୟାତ୍ମିକତାର ସ୍ୱରୁପ ପ୍ରକାଶ ପାଇଛି ।